ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮

ସମ୍ବଲପୁର, ଶନିବାର, ଡିସେମ୍ବର ୪/୨୦୨୧ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, December 4/2021 ★★

୧୭ଶ ଭାଗ ୩୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





**ଗୋଲ୍ଡେନ ଗ୍ଲୋବ ଆୱାର୍ଡ ପାଇଁ 'ଜୟ ଭୀମ' ମନୋନୀତ**
ସୂରିୟାଙ୍କ ଅଭିନୀତ ଫିଲ୍ମ 'ଜୟ ଭୀମ' ଗୋଲ୍ଡେନ ଗ୍ଲୋବ୍ସ ୨୦୨୨ରେ ସର୍ବଶ୍ରେଷ୍ଠ ଅଣ-ଇଂଲିଶ ଫିଲ୍ମ ବର୍ଗରେ ମନୋନୀତ ହୋଇଛି। ୦୭

୦୮ **ନ୍ୟୁଜିଲାଣ୍ଡ ବିପକ୍ଷରେ ମୟଙ୍କଙ୍କ ଶତକ**
ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ଭାରତର ମୟଙ୍କ ଅଗ୍ରୱାଲ ଶତକ ହାସଲ କରିଛନ୍ତି।




# ପୁରୀ ଉପକୂଳ ଛୁଇଁବ 'ଜୱାଦ'

## ରବିବାର ମଧ୍ୟାହ୍ନରେ ମାଡ଼ ହେବ

*କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ବାତ୍ୟା(ଜୱାଦ)ରେ ପରିଣତ ହୋଇଛି। ଏହି ସାମୁଦ୍ରିକ ଝଡ଼ ଉତ୍ତର-ଉତ୍ତର ପଶ୍ଚିମ ଦିଗ ଦେଇ ଘଣ୍ଟା ପ୍ରତି ୨୦ କି.ମି. ବେଗରେ ସ୍ଥଳଭାଗ ଆଡ଼କୁ ମାଡ଼ିଆସୁଛି। ରବିବାର ମଧ୍ୟାହ୍ନରେ ପୁରୀ ଉପକୂଳ ଛୁଇଁବ। ଏହା ପୂର୍ବରୁ ବାତ୍ୟାର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କି.ମି. ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।*





- **ଘଣ୍ଟାକୁ ୭୦ରୁ ୯୦ କି.ମି. ବେଗରେ ବହିବ**
- **ଉପକୂଳ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା**
- **୩ ରାଜ୍ୟରେ ୪୬ ଏନ୍‌ଡିଆରଏଫ୍ ଟିମ୍ ମୁତୟନ**

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ବାତ୍ୟା ଜୱାଦ ବିଶାଖାପାଟଣାଠାରୁ ୩୮୦ କି.ମି., ଗୋପାଳପୁରଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୪୨୦ କି.ମି. ଏବଂ ପାରାଦୀପଠାରୁ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ଦିଗରେ ୫୫୦ କି.ମି. ଦୂରରେ ରହିଛି। ଏହା ଉତ୍ତର- ଉତ୍ତର ପୂର୍ବ ଦିଗକୁ ଗତି କରୁଛି। ପୁରୀ ଉପକୂଳ ଛୁଇଁବା ବେଳକୁ ବାତ୍ୟାର ବେଗ ୬୦ରୁ ୮୦ ଏବଂ ବେଳେ ବେଳେ ଏହା ୧୦୦ କି.ମି.କୁ ଛୁଇଁବ। ଏହାପରେ ବାତ୍ୟା ଉତ୍ତର-ଉତ୍ତର ପୂର୍ବ ଦିଗ ଦେଇ ସମୁଦ୍ର କୂଳେ କୂଳେ ପଶ୍ଚିମବଙ୍ଗ ଆଡ଼କୁ ମୁହାଁଇ ଦୁର୍ବଳ ହୋଇଯିବ ବୋଲି ଅନୁମାନ କରାଯାଇଛି।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ବାତ୍ୟାର ପ୍ରକୋପ ଦୁଇଦିନ ରହିବ। ପବନ ପରିମାଣ କମ୍ ହେଲେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୪ ତାରିଖରେ ଗଜପତି, ଗଞ୍ଜାମ, ପୁରୀ ଏବଂ ଜଗତ୍‌ସିଂହପୁର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସବୁ ଜିଲା ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ ଓ ରାୟଗଡ଼ା ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ବାତ୍ୟା ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ ଏବଂ ମାଲକାନଗିରିରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ୫ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ ଓ ପୁରୀ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ ଏବଂ ଗଜପତି ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବ। ଏଥିଯୋଗୁ ଖାଲୁଆ ☞ପୃଷ୍ଠା-୪

## ରବିବାର ଛୁଟି ବାତିଲ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ବାତ୍ୟା 'ଜୱାଦ'ର ମୁକାବିଲା ପାଇଁ ରାଜ୍ୟ ସରକାର ଜୋରସୋର ପ୍ରସ୍ତୁତି ଚଳାଇଛନ୍ତି। ଉପକୂଳ ଅଞ୍ଚଳରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲାରେ ରବିବାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଆଗୁଆ ପଦକ୍ଷେପ ସ୍ୱରୂପ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୧୯ ଜିଲାର ସମସ୍ତ ସରକାରୀ ଓ ଘରୋଇ ସ୍କୁଲକୁ ଶନିବାର ବନ୍ଦ ରଖାଯାଇଛି।

**୧୯ ଜିଲାରେ ଶନିବାର ସ୍କୁଲ ବନ୍ଦ**

ସେହି ଜିଲାଗୁଡ଼ିକ ହେଲା ଗଞ୍ଜାମ, ଗଜପତି, ପୁରୀ, ନୟାଗଡ଼, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କୋରାପୁଟ, ରାୟଗଡ଼ା, କଟକ, ଖୋର୍ଦ୍ଧା, କନ୍ଧମାଳ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମାଲକାନଗିରି ଏବଂ ମୟୂରଭଞ୍ଜ। କିନ୍ତୁ ଶିକ୍ଷକ ଓ ଅନ୍ୟ କର୍ମଚାରୀ ସ୍କୁଲ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାକୁ ନେଇ ଏସ୍‌ଆରସି ପ୍ରଦୀପ ଜେନା ଜିଲାପାଳଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ କରିବା ସହ ଯୋଗାଯୋଗରେ ରହିଛନ୍ତି। ଭଦ୍ରକ ଜିଲାରେ ଗୋଟିଏ ଏନ୍‌ଡିଆରଏଫ୍ ଟିମ୍‌କୁ ଧାମରା ଅଞ୍ଚଳକୁ ପଠାଯାଇ ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗଜପତି ଜିଲାରେ ଏନ୍‌ଡିଆରଏଫ୍‌ର ୨୦ ଜଣିଆ ଟିମ୍ ଏବଂ ଓଡ୍ରାଫ୍‌ର ୩୬ ଜଣିଆ ଟିମ୍ ପହଞ୍ଚିଛି। ଅଗ୍ନିଶମ ବିଭାଗର ୧୦ ଟିମ୍‌କୁ ମଧ୍ୟ ପ୍ରସ୍ତୁତ କରାଯାଇଛି। ଜଗତ୍‌ସିଂହପୁର ଜିଲାରେ ୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି। ଜିଲାର ୮ ବ୍ଲକରେ ଅଗ୍ନିଶମ ବାହିନୀ ମୁତୟନ ଅଛନ୍ତି। ଗଞ୍ଜାମ ଜିଲାର ତଳିଆ ଅଞ୍ଚଳରେ ସ୍ଥିତି ସମୀକ୍ଷା କରାଯାଇ ଅଧିକାରୀ ଓ କର୍ମଚାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ☞ପୃଷ୍ଠା-୪

## ୪ ତାରିଖ ଡିଇଏଲ୍‌ଇଡି ପରୀକ୍ଷା ବାତିଲ

**କଟକ ଅଫିସ,୩।୧୨**

ବାତ୍ୟା 'ଜୱାଦ' ପାଇଁ ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେଶନ(ଡିଇଏଲ୍‌ଇଡି) ପରୀକ୍ଷା ବାତିଲ ହୋଇଛି। ୪ ତାରିଖରେ ପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ ଏହାକୁ ବାତିଲ କରାଯାଇ ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ କରାଯିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉ କି, ଗତ ୧ରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ☞ପୃଷ୍ଠା-୪

# ମମିତା ଝଡ଼ରେ ଗଲା ତୃତୀୟ ଦିନ

- **ଶନିବାର ଯାଏ ବିଧାନସଭା ମୁଲତବୀ**
- **ଗଙ୍ଗାଜଳ ଛିଞ୍ଚି ପ୍ରତିବାଦ କଲା ଭାଜପା**

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟାକାଣ୍ଡ ମାମଲାକୁ ନେଇ ବିଧାନସଭା ହୁଲସ୍ଥୂଲ ହେଉଛି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଇସ୍ତଫା ଦାବିରେ ବିରୋଧୀ ଅଡ଼ି ବସିଥିବାବେଳେ ପ୍ରବଳ ହଟ୍ଟଗୋଳକୁ ନେଇ ବିଧାନସଭା ତୃତୀୟ ଦିନ ପାଇଁ ଅଚଳ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ୨ ପର୍ଯ୍ୟାୟରେ ଅପରାହ୍ନ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବିରୋଧୀଙ୍କୁ ଶାନ୍ତ କରିବା ପାଇଁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମମିତା ହତ୍ୟାକାଣ୍ଡକୁ ନେଇ ବିଧାନସଭାରେ ବିବୃତି ମଧ୍ୟ ରଖିଥିଲେ। ହେଲେ ତାହା ଫଳପ୍ରଦ ହୋଇନାହିଁ। ବିରୋଧୀ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ନ କରି ହଟ୍ଟଗୋଳ ଜାରି ରଖିବାରୁ ଅପରାହ୍ନରେ ମାତ୍ର ୮ ମିନିଟ୍ ପରେ ବାଚସ୍ପତି ବିଧାନସଭାକୁ ଶନିବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଛନ୍ତି। ଅନ୍ୟପଟେ ଭାଜପା ସଦସ୍ୟମାନେ ବିଧାନସଭା ଚାରିପାଖରେ ଗୋବର ପାଣି, ଗଙ୍ଗାଜଳ ପକାଇ ଝାଡୁମାରି, ଝୁଣାଧୂଆଁ ଦେଇ ଶୁଦ୍ଧ କରିବା ଦୃଶ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ଗୃହକୁ ପ୍ରବେଶ କରିବା ମାତ୍ରେ ଆରମ୍ଭ ହୋଇଯାଇଥିଲା ହୋହଲ୍ଲା, ନାରାବାଜି। ଭାଜପା ସଦସ୍ୟ ମୋହନ ଚରଣ ମାଝି, ମୁକେଶ ମହାଲିଙ୍ଗ, ବିଷ୍ଣୁଚରଣ ସେଠୀଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଭାଜପା ସହିତ ତାଳ ଦେଇ କଂଗ୍ରେସ



ସଦସ୍ୟ ସନ୍ତୋଷ ସିଂ ସାଲୁଜା, ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସୁରେଶ କୁମାର ରାଉତରାୟଙ୍କ ସମେତ ଦଳର ଅନ୍ୟ ସଦସ୍ୟ ହାତରେ ପୋଷ୍ଟର, ବ୍ୟାନର ଧରି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ସଦସ୍ୟଙ୍କୁ ବୁଝାଇବା ଯଥାସାଧ୍ୟ ଉଦ୍ୟମ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ବାଚସ୍ପତି ଦୁଇଟି ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ବିଧାନସଭାକୁ ମୁଲତବୀ ଘୋଷଣା କରିଦେଇଥିଲେ। ଗୃହ ମୁଲତବୀ ଘୋଷଣା ହେବା ପରେ ଭାଜପା ସଦସ୍ୟମାନେ ବିଧାନସଭା ଚତୁଃପାର୍ଶ୍ୱରେ ଗୋବର ପାଣି, ☞ପୃଷ୍ଠା-୪

## 'ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ'

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ମମିତା ମେହେର ମୃତ୍ୟୁ ଦୁଃଖଦାୟକ ଓ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା। ଏହା ଏକ ଭୟଙ୍କର ଓ ଅପୂରଣୀୟ କ୍ଷତି। ଏହି ଜଘନ୍ୟକାଣ୍ଡ ଆମ ସମସ୍ତଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। ଘଟଣାର ନିରପେକ୍ଷ ତଦନ୍ତ ହେବ। ଦୋଷୀ

**ବିଧାନସଭାରେ ବିବୃତି ରଖିଲେ ମୁଖ୍ୟମନ୍ତ୍ରୀ**

ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶୁକ୍ରବାର ବିଧାନସଭାରେ ଏଭଳି ବିବୃତି ରଖିଛନ୍ତି ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଧାନସଭା ଲଗାତର ଅଚଳ ରହୁଥିବା ନେଇ ମୁଖ୍ୟମନ୍ତ୍ରୀ କ୍ଷୋଭବ୍ୟକ୍ତ କରିବା ସହିତ ଏଭଳି ସମ୍ବେଦନଶୀଳ ଘଟଣାରେ ବିରୋଧୀ ରାଜନୀତି କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି



ନବୀନ ପଟ୍ଟନାୟକ

କହିଛନ୍ତି। ନିଜ ବିବୃତିରେ ନବୀନ କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ସବୁବେଳେ ମହିଳା ଓ ଦୁର୍ବଳ ବର୍ଗଙ୍କୁ ନ୍ୟାୟ ଦେବାକୁ ସେ ସଂକଳ୍ପବଦ୍ଧ। ମମିତା ମେହେର ଘଟଣାରେ ନିରପେକ୍ଷ ତଦନ୍ତର ଅନୁଧାନ ପାଇଁ ଅବସରପ୍ରାପ୍ତ ଜିଲାଜଜ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ଜଣେ ବିଚାରପତିଙ୍କୁ ତଦନ୍ତ ପ୍ରକ୍ରିୟା ଅନୁଧ୍ୟାନ କରିବା ପାଇଁ ନିଯୁକ୍ତ କରିବାକୁ ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଏହା ସତ୍ତ୍ୱେ ବିରୋଧୀ ଜଣେ ସଦସ୍ୟଙ୍କୁ ଗୃହକୁ ପ୍ରବେଶ ନ କରାଇ ଦେବା ସମ୍ପୃକ୍ତ ସଦସ୍ୟଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଛି। ମହିଳା ଅପରାଧ କ୍ଷେତ୍ରରେ ଦୋଷୀ ଯେତେ ପ୍ରଭାବଶାଳୀ ହେଲେ ମଧ୍ୟ ଚାପମୁକ୍ତ ହୋଇ ପକ୍ଷପାତିତା ନ କରି ☞ପୃଷ୍ଠା-୪

**ବିତରକଙ୍କଠାରୁ ୮ ପୃଷ୍ଠାର 'ପିଲାଙ୍କ ଧରିତ୍ରୀ' ସଂଗ୍ରହ କରିବାକୁ ପାଠିକା, ପାଠକ ବନ୍ଧୁମାନଙ୍କୁ ଅନୁରୋଧ।**





**ଧରିତ୍ରୀର ୭ ଟଙ୍କା ମୂଲ୍ୟ ଅପରିବର୍ତ୍ତିତ।**


**ଆଜିର ସମ୍ପାଦକୀୟ**
**ନିଯୁକ୍ତି ଦ୍ୱନ୍ଦ୍ୱ**












ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବିରୋଧ କରି ଭାଜପା ବିଧାୟକମାନେ ଶୁକ୍ରବାର ବିଧାନସଭା ପରିସରକୁ ଗୋବରପାଣି ଓ ଗଙ୍ଗାଜଳ ପକାଇ ସଫେଇ କରୁଛନ୍ତି ଏବଂ ମମିତାଙ୍କ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ନୀରବତା ପାଇଁ ଭାଜପା ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଘଣ୍ଟ ବାଡ଼େଇ ପ୍ରତିବାଦ କରାଯାଉଛି।



ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବିରୋଧ କରି ବିଧାନସଭା ଗୃହ ମଧ୍ୟରେ କଂଗ୍ରେସ ସଦସ୍ୟମାନେ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

# ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଗର୍ଜିଲା ମହିଳା ବିଜେଡି

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ମହିଳା ବିଜେଡି ରଣହୁଙ୍କାର ଦେଇଛି। ଗ୍ୟାସ୍ ଦର ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ହେବା ବିରୋଧରେ ମହିଳା ବିଜେଡି କର୍ମୀ ରାସ୍ତାକୁ ଓହ୍ଲାଇଥିଲେ। କେନ୍ଦ୍ର ସରକାରଙ୍କ ବିରୋଧରେ ନାରା ଦେବା ସହ ଦରଦାମ ବୃଦ୍ଧିର ଜବାବ ମଧ୍ୟ ମାଗିଥିଲେ। ବିଧାୟିକା ତଥା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସହିତ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ବିଧାୟିକା ମଞ୍ଜୁଲା ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ, ଭୁବନେଶ୍ୱର ଏକାମ୍ର, ମଧ୍ୟ, ଉତ୍ତର, କଟକ-ଚୌଦ୍ୱାର, ସାଲେପୁର, ସଦର ନିର୍ବାଚନମଣ୍ଡଳୀର ଶତାଧିକ ମହିଳା ଶୁକ୍ରବାର ରାଜଭବନ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଗତ ନଭେମ୍ବର ୧, ୨୨,୨୩ ଏବଂ ୨୪ ତାରିଖରେ ବିଜୁ ମହିଳା ଜନତା ଦଳ ସମଗ୍ର ଓଡ଼ିଶାର ବିଭିନ୍ନ ସମୁଦାୟ ପକ୍ଷରୁ ଅକୁଣ୍ଠ ସମର୍ଥନ ପ୍ରାପ୍ତ କରି କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀଗୁଡିକର ଅହେତୁକ ଦରବୃଦ୍ଧି ବିରୋଧରେ ବିପୁଳ ଭାବେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଯଥାଶୀଘ୍ର ଦର ହ୍ରାସ କରିବା ନିମନ୍ତେ ଦେଇଥିବା ଚେତାବନୀ ସତ୍ତ୍ୱେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା କେନ୍ଦ୍ର ଅଧିକାରୀ ଜନସାଧାରଣଙ୍କ କୌଣସି ବିଶାଦ ସମ୍ବନ୍ଧରେ ଭ୍ରୂକ୍ଷେପ ନ କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ନାରୀନେତ୍ରୀମାନେ କହିଛନ୍ତି।



ରାଜଭବନ ସମ୍ମୁଖରେ ଶୁକ୍ରବାର ଗ୍ୟାସ୍ ଟାଙ୍କି ଧରି ମହିଳା ବିଜେଡି କର୍ମୀ ପ୍ରତିବାଦ କରୁଛନ୍ତି।

# ‘ମିଛ କହୁଛନ୍ତି ମୋଦି ସରକାର’

## ମୃତ କୃଷକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଚାହୁଁନି କେନ୍ଦ୍ର: ରାହୁଲ

ନୂଆଦିଲ୍ଲୀ,୩।୧୨

କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ ଆନ୍ଦୋଳନ ବେଳେ ୭୦୦ କୃଷକ ପ୍ରାଣ ହରାଇଛନ୍ତି। କେନ୍ଦ୍ରର ମୋଦି ସରକାର ସେମାନଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଚାହୁଁ ନ ଥିବାରୁ ମୃତକଙ୍କ ରେକର୍ଡ ନାହିଁ ବୋଲି କହୁଛନ୍ତି। ଏହା କେନ୍ଦ୍ରର ସମ୍ବେଦନହୀନତା ଓ ଅହଂକାରକୁ ଦର୍ଶାଉଛି ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ୱାୟନାଡ୍ ଏମ୍ପି ରାହୁଲ କହିଛନ୍ତି, ଆନ୍ଦୋଳନରତ ଚାଷୀଙ୍କ ମୃତ୍ୟୁ ପାଇଁ ପଞ୍ଜାବ ସରକାର ଦାୟୀ ନୁହନ୍ତି। ତଥାପି ରାଜ୍ୟର ୪୦୩ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦେଇଛନ୍ତି। କଂଗ୍ରେସ ପାଖରେ ପଞ୍ଜାବ ବାହାର ୧୦୦ ଜଣ ମୃତ ଚାଷୀଙ୍କ ତାଲିକା ରହିଛି। ଏହାବାଦ୍ ଲୋକଙ୍କଠାରୁ ସଂଗୃହୀତ ତଥ୍ୟ ଅନୁସାରେ ଅନ୍ୟ ୨୦୦ ମୃତ ଚାଷୀଙ୍କ ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହି ଦୁଇ ତାଲିକାକୁ ସୋମବାର ପାର୍ଲାମେଣ୍ଟରେ ଉପସ୍ଥାପନ କରିବେ ବୋଲି ରାହୁଲ କହିଛନ୍ତି। କୃଷି ଆଇନକୁ ଉଚ୍ଛେଦ କରାଯିବା ପରେ କୃଷକଙ୍କ ଅବଶିଷ୍ଟ ଦାବି ସମ୍ପର୍କରେ ପ୍ରଶ୍ନ କରାଯିବାରୁ ରାହୁଲ କହିଥିଲେ, କେନ୍ଦ୍ରର ଉଦ୍ଦେଶ୍ୟ ଠିକ୍ ନାହିଁ। ସରକାର ସେମାନଙ୍କ ଦାବି ଗ୍ରହଣ କରିବା ସନ୍ଦେହ। ଉକ୍ତ ଆଇନକୁ ଉଚ୍ଛେଦ କରିବା ନେଇ ଘୋଷଣା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କୁ କ୍ଷମା ମାଗିଥିଲେ। କାରଣ ତାଙ୍କ ଭୁଲ୍ ଯୋଗୁ ଏତେ କୃଷକଙ୍କ ମୃତ୍ୟୁ ଘଟିଥିବା ସେ ଜାଣିଛନ୍ତି। ଯଦି ସର୍ବସାଧାରଣରେ କ୍ଷମା ମାଗିପାରୁଛନ୍ତି ତେବେ କ୍ଷତିପୂରଣ ଦେବାରେ ଅସୁବିଧା କେଉଁଠି? ପୁଞ୍ଜିପତି ବନ୍ଧୁଙ୍କ ପାଇଁ ଟଙ୍କା ଅଛି ଅଥଚ ଚାଷୀଙ୍କ ପରିବାରକୁ ଦେଇପାରୁନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ମୃତ ଚାଷୀଙ୍କ ସଂଖ୍ୟା ଜାଣିନାହୁଁ, କ୍ଷତିପୂରଣ କେମିତି ଦେବୁ ବୋଲି ସରକାର କହିବା ପରେ ଏହାକୁ ଗୁରୁବାର ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜନ ଖାର୍ଗେ ଏକ ଅପମାନ ବୋଲି ଅଭିହିତ କରିଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ଘଣ୍ଟି ବାଡ଼େଇ ଭାଜପାର ପ୍ରତିବାଦ

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

## ମମିତାଙ୍କୁ ନ୍ୟାୟ ଦାବି

ବିଜେଡି ଶାସନରେ ମହିଳା ବିପଦରେ। ଓଡ଼ିଶାରେ ଏବେ ମହିଳା ଅସୁରକ୍ଷିତ। ଆଉ କେତେଜଣ ମହିଳାଙ୍କ ଜୀବନ ଯିବ ବୋଲି ଭାଜପା ପ୍ରଶ୍ନ ଉଠାଇଛି। ଓଡ଼ିଶାରେ କ'ଣ ହେଉଛି, ମୁଖ୍ୟମନ୍ତ୍ରୀ ଜାଣନ୍ତି ତ ବୋଲି ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଭାଜପା ଜିଲା ସଙ୍ଗଠନ ପକ୍ଷରୁ ଏକ ବିଶାଳ ରାଲି ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଞ୍ଚି ଘଣ୍ଟ ବଜାଇ ମମିତା ମେହେର ହତ୍ୟା ଘଟଣାରେ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏବେ ମଧ୍ୟ ଯଦି ମୁଖ୍ୟମନ୍ତ୍ରୀଙ୍କ ନିଦ ଭାଙ୍ଗୁ ନାହିଁ ତେବେ ଭାଜପା ଆଉ ନୀରବଦ୍ରଷ୍ଟା ସାଜିବ ନାହିଁ ବୋଲି ଭାଜପା ଯୁକ୍ତି ବାଢ଼ିଛି।

ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଉଠାଇବା ପାଇଁ ଭୁବନେଶ୍ୱର ସାଙ୍ଗଠନିକ ଜିଲାର ଶତାଧିକ କାର୍ଯ୍ୟକର୍ତ୍ତା ଘଣ୍ଟ ବଜାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମମିତା ମେହେର ଘଟଣାରେ ସମ୍ପୃକ୍ତ ଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଘଟଣାର ସିବିଆଇ ତଦନ୍ତ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଦଳୀୟ ନେତା ମତ ରଖିଛନ୍ତି। ଭାଜପା ଏହି ଅବସରରେ ଅଭିଯୋଗ କରିଛି, ବହୁଚର୍ଚ୍ଚିତ ମମିତା ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିବା ସହ ଯିଏ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତାକୁ ଘଣ୍ଟ ଘୋଡାଇ ପାଖରେ ବସାଉଛନ୍ତି। ଓଡ଼ିଶାର ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୁଗୁଳିପଡିଛି। ମୁଖିଆଙ୍କ ନିଦ୍ରା ଭାଙ୍ଗିବା ପାଇଁ ଘଣ୍ଟ, ମାର୍ଦ୍ଦଳ, ଗିନି ବଜାଇ ସଂକୀର୍ତ୍ତନ କରାଯାଇଛି ବୋଲି ବାବୁ ସିଂ କହିଛନ୍ତି। ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ରହି ଅପରାଧକୁ ପ୍ରୋତ୍ସାହନ ଦେଉଥିବା କାରଣରୁ ରାଜ୍ୟରେ ଚରମ ଆଇନ ଶୃଙ୍ଖଳା ସୃଷ୍ଟି ହୋଇଛି। ରାଜ୍ୟରେ ମା' ଓ ଭଉଣୀମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ବାବୁ କହିଛନ୍ତି।

# ‘ଆର୍‌ଜେଡି କଥା ମାନିଥିଲେ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ’

ନୂଆଦିଲ୍ଲୀ,୩।୧୨

ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ଶୁକ୍ରବାର କହିଛନ୍ତି, ଯଦି ଲାଲୁ ଯାଦବଙ୍କ ପରିବାର ତାଙ୍କ କଥା ମାନିଥାଆନ୍ତେ ତେବେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ବିହାର ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ। ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ରାଜନୀତି ସରଗରମ ହେବାରେ ଲାଗିଥିବାବେଳେ ହାଇଦ୍ରାବାଦ ଏମ୍ପି ଓୱାଇସିଙ୍କ ଦଳ ମଇଦାନକୁ ଓହ୍ଲାଇବାକୁ ସ୍ଥିର କରିଛି। ରାଜ୍ୟର ଅନ୍ୟୂନ ୧୦୦ ଆସନରେ ଏଆଇଏମ୍‌ଆଇଏମ୍ ପକ୍ଷରୁ ଟିକେଟ ଦିଆଯିବ। ବିହାର ଭଳି ୟୁପିରେ ମଧ୍ୟ ଭାଜପାକୁ ଫାଇଦା ଦେବା ପାଇଁ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଭାଙ୍ଗିବାକୁ ଓୱାଇସି ଯୋଜନା କରୁଥିବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଛି। ଏକ ଜାତୀୟ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଭାଗନେଇଥିବା ହାଇଦ୍ରାବାଦ ଏମ୍ପି ଓୱାଇସିଙ୍କୁ ଏନେଇ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସେ କହିଥିଲେ, ଭାଜପାକୁ ଫାଇଦା ମିଳିବ ନାହିଁ, ଓଲଟା ଗୈରିକ ଦଳର କ୍ଷତି ହେବ। ଏହି ଅବସରରେ ଓୱାଇସି ବିହାରର ଉଦାହରଣ ଦେଇ କହିଥିଲେ, ଆର୍‌ଜେଡିକୁ ମନାଇବା ପାଇଁ ସେ ଅନେକ ଥର ଉଦ୍ୟମ କରିଥିଲେ। ସେହି ଦଳର ନେତାମାନେ ତାଙ୍କ କଥା ଶୁଣି ନ ଥିଲେ। ଆର୍‌ଜେଡି ଯଦି ତାଙ୍କ କଥା ମାନିଥାଆନ୍ତା ତେବେ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ।



ଅସାଦୁଦ୍ଦିନ ଓୱାଇସି

# ଆତ୍ମଘାତୀ ଆକ୍ରମଣ ମନ୍ତବ୍ୟ: ଭାଜପା ନେତା ଗିରଫ

**ଆରିୟାଲୁର,୩।୧୨:** ପେଟ୍ରୋଲ, ଡିଜେଲ ଉପରୁ ତାମିଲନାଡୁ ସରକାର ଟିକସ ହ୍ରାସ କରୁ ନ ଥିବାରୁ ବୁଧବାର ଆରିୟାଲୁର ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଜିଲା ଭାଜପା ସଭାପତି କେ. ଆୟାପ୍ପନ ଏହାର ନେତୃତ୍ୱ ନେଇ କହିଥିଲେ, ରାଜ୍ୟ ସରକାର ଯଦି ତେଲଦର ଉପରୁ ଟିକସ ହ୍ରାସ କରିପାରୁ ନାହାନ୍ତି ତେବେ ଆମ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଆତ୍ମଘାତୀ ଆକ୍ରମଣ କରିବାକୁ ଆମେ ପ୍ରସ୍ତୁତ। ଏହି ଉତ୍ତେଜକ ଭାଷଣ ଭାଇରାଲ ହେବା ପରେ ଶୁକ୍ରବାର ପୋଲିସ ତାଙ୍କୁ ଗିରଫ କରିଛି।



ଜଣାଶୁଣା ପଞ୍ଜାବୀ ଗାୟକ ଶୁଭଦୀପ ସିଂ ସିଦ୍ଧୁ ଓରଫ ସିଧୁ ମୁସେୱାଲା ଚଣ୍ଡିଗଡ଼ରେ ଶୁକ୍ରବାର କଂଗ୍ରେସରେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଓ ପଞ୍ଜାବ କଂଗ୍ରେସ ମୁଖ୍ୟ ନବଜୋତ୍ ସିଂ ସିଦ୍ଧୁ ତାଙ୍କୁ ସ୍ୱାଗତ କରୁଛନ୍ତି।

# ‘ମମିତାଙ୍କ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଦରଦ ନାହିଁ’

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

ବିଧାନସଭାରେ ମମିତା ମେହେର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଛଳନାପୂର୍ଣ୍ଣ ଭିଡିଓ ବିବୃତି ଦେଇଛନ୍ତି। ମମିତାଙ୍କ ପରିବାରକୁ ନ୍ୟାୟ ନୁହେଁ ବରଂ ଦିବ୍ୟଶଙ୍କର ମିଶ୍ରଙ୍କୁ ବଞ୍ଚାଇବା ପାଇଁ ହୋଇଥିବା ଅପଚେଷ୍ଟା ରାଜ୍ୟବାସୀଙ୍କୁ ଗଭୀର ଆଘାତ ପହଞ୍ଚାଇଛି ବୋଲି ଖବରଦାତା ସମ୍ମିଳନୀ ଜରିଆରେ ଭାଜପା ପକ୍ଷରୁ କୁହାଯାଇଛି। ମମିତା ହତ୍ୟା ଘଟଣାରେ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଲଜ୍ଜାଜନକ ଓ ଅତ୍ୟନ୍ତ ନିନ୍ଦନୀୟ। ମୁଖ୍ୟମନ୍ତ୍ରୀଙ୍କ ଏହି ବିବୃତିକୁ ଭାଜପା ବିଧାୟକ ଦଳ ପକ୍ଷରୁ ପ୍ରତ୍ୟାଖ୍ୟାନ କରାଯାଉଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି।

ମୋହନ କହିଛନ୍ତି, ମମିତା ମେହେର ହତ୍ୟା ଅକ୍ଟୋବର ୮ ତାରିଖରେ ହୋଇଥିବା ବେଳେ ୨ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ନୀରବତା ରାଜ୍ୟବାସୀଙ୍କୁ ଦୁଃଖିତ ଓ ବିଚଳିତ କରିଛି। ଆଜିର ବିଧାନସଭା ବିବୃତିରୁ ସ୍ପଷ୍ଟ ଜଣାପଡୁଛି ଯେ ମୁଖ୍ୟମନ୍ତ୍ରୀଙ୍କ ମମିତା ପ୍ରତି ଦରଦ ନାହିଁ। ମମିତା ମେହେର ବୀଭତ୍ସ ହତ୍ୟାକାଣ୍ଡକୁ ଅଘଟଣ କହି ମୁଖ୍ୟମନ୍ତ୍ରୀ ତାଙ୍କ ଦଳର କର୍ମୀ ଓ ମନ୍ତ୍ରୀଙ୍କ ଦ୍ୱାରା ସୁପରିକଳ୍ପିତ ଏହି ଘଟଣାକୁ ହାଲୁକା ଭାବେ ଦର୍ଶାଇବା ପାଇଁ ଅପଚେଷ୍ଟା କରିଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି, ବରଗଡ଼ ଓ ଝାରସୁଗୁଡ଼ା ଗସ୍ତ କରିଥିଲେ ମଧ୍ୟ ମମିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ନ୍ୟାୟର ପ୍ରତିଶ୍ରୁତି ନ ଦେଇପାରିବା ପ୍ରମାଣିତ କରୁଛି ଯେ ତାଙ୍କର ଏଥିପ୍ରତି ଆନ୍ତରିକତା ନାହିଁ। ମମିତାଙ୍କ ପରିବାର ସେତେବେଳେ ଶାନ୍ତିରେ ରହିବେ ଯେତେବେଳେ ଅସଲି ଅପରାଧୀ ଓ ଷଡ଼ଯନ୍ତ୍ରକାରୀମାନେ ଦଣ୍ଡିତ ହେବେ। ଆମର ନ୍ୟାୟିକ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲେ ମଧ୍ୟ ଯେଉଁଭଳି ପ୍ରଥମରୁ ପୋଲିସ ତଦନ୍ତକୁ ବାଟବଣା କରିଛି ଏବଂ ତଥ୍ୟପ୍ରମାଣ ନଷ୍ଟ କରିଛି। ଯାହାଙ୍କ ନାମରେ ଅଭିଯୋଗ ଆସିଛି ସେ ନିଜେ ତଦନ୍ତ ବିଭାଗର ମୁଖିଆ ହୋଇ ରହିଲେ ନିରପେକ୍ଷ ବିନା ଚାପରେ ତଦନ୍ତ ଅସମ୍ଭବ ଏହା ସମସ୍ତେ ଜାଣନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ବହିଷ୍କାରରୁ ତଦନ୍ତ ଆରମ୍ଭ ହେବା ଉଚିତ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

# ଦୁର୍ବଳ ହେବାରେ ଲାଗିଛି ବେଗୁନିଆ କଂଗ୍ରେସ

ଖୋର୍ଦ୍ଧା ଅଫିସ,୩।୧୨

ଆଗକୁ ଆସୁଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ନିର୍ବାଚନ ପୂର୍ବରୁ ଦଳ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। କଂଗ୍ରେସ ଓ ଭାଜପା ଛାଡ଼ି ଅନେକ କର୍ମୀ ବିଜେଡିରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ଗୋଟିକ ପରେ ଗୋଟିଏ ବ୍ଲକରୁ ବିରୋଧୀଙ୍କ ସଂଖ୍ୟା କମୁଥିବାବେଳେ ଶାସକ ଦଳ ମଜଭୁତ ହେବାରେ ଲାଗିଛି। ନିକଟରେ ବେଗୁନିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଜିଲା ଉପସଭାପତି ପ୍ରଦୀପ ସାହୁ ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି। ଫଳରେ କଂଗ୍ରେସର ଦୁର୍ଗ କୁହାଯାଉଥିବା ବେଗୁନିଆ ନିର୍ବାଚନମଣ୍ଡଳୀ ଏବେ ଦୁର୍ବଳରୁ ଦୁର୍ବଳ ହେବାରେ ଲାଗିଛି।

ଅତୀତରେ ଏହି ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମେତ ବହୁ ତୁଙ୍ଗ ନେତା ଜିତି ଦଳର ନେତୃତ୍ୱ ବହନ କରିଥିଲେ। ଏବେ ବେଗୁନିଆ ଓ ବୋଲଗଡ଼ ବ୍ଲକରେ କଂଗ୍ରେସର ସ୍ଥିତି ଭଲ ଥିଲେ ମଧ୍ୟ ଆଗାମୀ ପଞ୍ଚାୟତ ନିର୍ବାଚନରେ ଆଶାଜନକ ସଫଳତା ପାଇବା ସହଜ ହେବା ଭଳି ମନେ ହେଉ ନାହିଁ। ଏ ନେଇ ପୂର୍ବତନ ବିଧାୟକ କୈଳାସ ମହାପାତ୍ର କହିଛନ୍ତି, ବେଗୁନିଆ ନିର୍ବାଚନମଣ୍ଡଳୀର ରକ୍ତରେ କଂଗ୍ରେସ ରହିଛି। ଅତୀତରେ ବହୁ ନେତା ଅନ୍ୟ ଦଳରୁ ଆସି କଂଗ୍ରେସରେ ଯୋଗଦାନ କରିଛନ୍ତି। ପ୍ରଦୀପ ମଧ୍ୟ କଂଗ୍ରେସରୁ ଟିକେଟ ନ ପାଇ ‘ଆମ ଓଡ଼ିଶା’ ଦଳରୁ ଲଢ଼ି ପରାଜିତ ହେବା ପରେ ପୁଣି କଂଗ୍ରେସମୁହାଁ ହୋଇଥିଲେ। ସେହିପରି ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ନିର୍ବାଚନ ଆସିଲେ ଦଳ ଅଦଳବଦଳ ଚାଲେ। ଏଥିରେ କିଛି ବିଚଳିତ ହେବାର ନାହିଁ। କଂଗ୍ରେସ ହେଉଛି ଲୋକଙ୍କ ଦଳ। ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ତୃଣମୂଳସ୍ତରକୁ ଯିବ ଏବଂ ଲୋକଙ୍କ ସହ ମିଶି ନିର୍ବାଚନ ଲଢ଼ିବ ବୋଲି ରାଉତରାୟ ପ୍ରକାଶ କରିଛନ୍ତି। ବେଗୁନିଆ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଋଷଭ ନନ୍ଦ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ ଯୋଜନା ଉପରେ ଲୋକଙ୍କ ଆସ୍ଥା ରହିଛି। ଆଗ ଅପେକ୍ଷା ଦଳ ଆହୁରି ମଜଭୁତ ହେବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରହିଛି। ଅନ୍ୟପକ୍ଷରେ ବେଗୁନିଆ ବିଧାୟକ ତଥା ବିଜେଡି ନେତା ରାଜେନ୍ଦ୍ର ସାହୁ କହିଛନ୍ତି, ଜନହିତକାରୀ ଯୋଜନା, ସ୍ୱଚ୍ଛ ଶାସନ, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟବୀମା ଏବଂ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଉପରେ ନବୀନ ସରକାର ଗୁରୁତ୍ୱ ଦେଉଛନ୍ତି। ତୃଣମୂଳ ସ୍ତରରେ ଲୋକେ ବିଜେଡିକୁ ଭଲ ପାଉଛନ୍ତି ବୋଲି ସେ କହିଛନ୍ତି। ଏହି ଆସନରୁ ପ୍ରଦୀପ କଂଗ୍ରେସରୁ ଲଢିଥିଲେ ଓ ଦଳରେ ଭୋଟ ହାର ବୃଦ୍ଧି ପାଇଥିଲା। ସେ ଦଳ ଛାଡ଼ିବା ପରେ କଂଗ୍ରେସର ସ୍ଥିତି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଞ୍ଚାୟତ ନିର୍ବାଚନ ଲାଗି ଏବେଠୁ ବିଜେଡି ଓ ଭାଜପା ପକ୍ଷରୁ ରଣନୀତି ପ୍ରସ୍ତୁତି ଆରମ୍ଭ କରିଥିବାବେଳେ କଂଗ୍ରେସ ପଛରେ ପଡ଼ିଥିବା ଆଲୋଚନା ହେଉଛି। ବେଗୁନିଆ ଓ ବୋଲଗଡ଼ ବ୍ଲକରେ କାହା ନେତୃତ୍ୱରେ ଦଳ ପ୍ରାର୍ଥୀ ଦେବ ତାହାକୁ ନେଇ ଛକାପଞ୍ଝା ଲାଗିରହିଛି। କଂଗ୍ରେସରୁ ଟାଣୁଆ ନେତା ଦଳ ଛାଡ଼ିବା କାରଣ ବୁଝାପଡୁ ନାହିଁ। ତେବେ ଏବେଠୁ ଦଳକୁ ମଜଭୁତ କରା ନ ଗଲେ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ମୂଳପୋଛ ହେବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ବୋଲି ରାଜନୈତିକ ବିଶେଷଜ୍ଞ ମତ ଦେଇଛନ୍ତି।

# ବାତ୍ୟା ପୂର୍ବରୁ ସତର୍କ ସୂଚନା ମାନିବାକୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

ଭୁବନେଶ୍ୱର, ୩।୧୨(ବ୍ୟୁରୋ)



ସମ୍ଭାବ୍ୟ ବାତ୍ୟା ‘ଜୱାଦ୍’ ପାଇଁ ପ୍ରଶାସନ ଦ୍ୱାରା ଜାରି ହୋଇଥିବା ସତର୍କ ସୂଚନା ପାଳନ କରିବା ସହ ଧୈର୍ଯ୍ୟ ଓ ସାହସର ସହ ବାତ୍ୟାର ମୁକାବିଲା କରିବା ପାଇଁ ପ୍ରଭାବିତ ଜିଲାବାସୀଙ୍କୁ ଟୁଇଟ୍ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଟୁଇଟ୍ କରି ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ସମ୍ଭାବ୍ୟ ବାତ୍ୟା ‘ଜୱାଦ’ର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ସମୀକ୍ଷା ବୈଠକରେ ଓଡ଼ିଶା ସମେତ ପ୍ରଭାବିତ ଅଞ୍ଚଳର ନାଗରିକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ସମସ୍ତ ମନ୍ତ୍ରଣାଳୟ ଏବଂ ସଂସ୍ଥାଗୁଡ଼ିକ ମିଳିତ ଭାବେ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ‘ଜୱାଦ୍’ ପ୍ରଭାବରେ କାହାର କୌଣସି କ୍ଷତି ନ ହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ବୋଲି ଧର୍ମେନ୍ଦ୍ର କହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୪୭,୮୦,୮୭୯ | ୫୨,୫୪,୨୭୮ | ୨୩,୮୭,୦୧,୭୬୯ |
| ଭାରତ | ୩,୪୬,୧୫,୭୫୭ | ୪,୭୦,୧୧୫ | ୩,୪୦,୪୫,୬୬୬ |
| ଓଡ଼ିଶା | ୧୦,୪୯,୮୬୭ | ୮୪୧୮(+୫୩) | ୧୦,୩୯,୨୦୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନିର୍ମାଣ କାର୍ଯ୍ୟ ଯୋଗୁ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩।୧୨**

ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥର ବେଲପାହାଡ଼ ଏବଂ ହିମଗିର ରେଳ ସେକ୍ସନ ମଧ୍ୟରେ ଚତୁର୍ଥ ଲାଇନ ସଂଯୋଗ ନିର୍ମାଣ କାର୍ଯ୍ୟ ଯୋଗୁ ୬ ଯୋଡ଼ା ଟ୍ରେନ୍‌ର ଚଳାଚଳକୁ ବାତିଲ କରାଯାଇଛି। ରେଳଲାଇନର ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଟ୍ରେନ୍ ବାତିଲ କରାଯାଇଛି ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟ୍ରେନ୍ ମଧ୍ୟରେ ରହିଛି ଇନ୍ଦୋର- ପୁରୀ- ଇନ୍ଦୋର ଏକ୍ସପ୍ରେସ ଟ୍ରେନ୍। ଏହା ୭ ଡିସେମ୍ବରରେ ଇନ୍ଦୋରରୁ ଏବଂ ୯ ଡିସେମ୍ବରରେ ପୁରୀରୁ ବାତିଲ ରହିବ। ସେହିଭଳି ଭାଲ୍‌ସାଡ-ପୁରୀ- ଭାଲ୍‌ସାଡ ସୁପରଫାଷ୍ଟ ଟ୍ରେନ୍ ଭାଲ୍‌ସାଡରୁ ୯ ଡିସେମ୍ବରରେ ଏବଂ ୧୨ ଡିସେମ୍ବରରେ ପୁରୀରୁ ବାତିଲ ରହିବ। ବିକାନେର – ପୁରୀ – ବିକାନେର ଏକ୍ସପ୍ରେସ୍ ଟ୍ରେନ ୫ ଡିସେମ୍ବରରେ ବିକାନେର ଜଙ୍କସନରୁ ଏବଂ ୮ ଡିସେମ୍ବରରେ ପୁରୀରୁ ବାତିଲ ରହିବ। ପୁରୀ- ଲୋକମାନ୍ୟ ତିଳକ- ପୁରୀ ସୁପରଫାଷ୍ଟ ଟ୍ରେନ୍ ୭ ଡିସେମ୍ବରରେ ପୁରୀରୁ ଏବଂ ୯ ଡିସେମ୍ବରରେ ଲୋକମାନ୍ୟତିଳକରୁ ବାତିଲ ରହିବ। ଭୁବନେଶ୍ୱର – ଲୋକମାନ୍ୟ ତିଳକ – ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ ଭୁବନେଶ୍ୱରଠାରୁ ୬ ଓ ୯ ଡିସେମ୍ବର ଏବଂ ଲୋକମାନ୍ୟ ତିଳକରୁ ୮ ଓ ୧୧ ଡିସେମ୍ବରରେ ବାତିଲ ରହିବ। ବିଶାଖାପାଟଣା – ଅମୃତସର – ବିଶାଖାପାଟଣା ସୁପରଫାଷ୍ଟ ଟ୍ରେନ୍ ବିଶାଖାପାଟଣାରୁ ୬ ଏବଂ ୯ ଡିସେମ୍ବରରେ ଏବଂ ଅମୃତସରରୁ ୮ ଏବଂ ୧୧ ଡିସେମ୍ବରରେ ବାତିଲ ରହିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।







# ଦୂରନ୍ତୋ ଏକ୍ସପ୍ରେସ୍ ଲାଇନଚ୍ୟୁତ

■ ବଡ଼ଧରଣ ଦୁର୍ଘଟଣାରୁ ବର୍ତ୍ତିଲେ ଯାତ୍ରୀ, ୩ ନିଲମ୍ବିତ

■ କର୍ମଚାରୀଙ୍କ ଅବହେଳାକୁ ଦାୟୀ

**ଧର୍ମଶାଳା/ଚଣ୍ଡିଖୋଲ, ୩।୧୨(ଡି.ଏନ.ଏ.)**

ଯଶୋବନ୍ତପୁର-ହାୱଡ଼ା ଦୂରନ୍ତୋ ଏକ୍ସପ୍ରେସର ଏକ ବଗି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ହରିଦାସପୁର ରେଳଷ୍ଟେଶନ ନିକଟରେ ଲାଇନଚ୍ୟୁତ ହୋଇଛି। ଏହି ଦୁର୍ଘଟଣାରେ କୌଣସି ଯାତ୍ରୀଙ୍କ କ୍ଷତି ହୋଇନାହିଁ। ତେବେ ରେଳଧାରଣା କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଅବହେଳା ପାଇଁ ଦୁର୍ଘଟଣା ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ୩ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।


ଦୁର୍ଘଟଣାଗ୍ରସ୍ତ ବଗିର ମରାମତି କରାଯାଉଛି।

ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନ ୧୧ଟା୧୫ରେ ହରିଦାସପୁରଠାରେ ହଠାତ ଏକ୍ସପ୍ରେସ୍‌ର ଗୋଟିଏ ବଗି ଲାଇନଚ୍ୟୁତ ହୋଇଥିଲା। ଏହି ସମୟରେ ଜୋରରେ ଶବ୍ଦ ହୋଇଥିଲା। ତେବେ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ଟ୍ରେନ୍‌ଟି ବର୍ତ୍ତିଯାଇଥିଲା। ଟ୍ରେନ୍ ରହିବା ପରେ ଯାତ୍ରୀ ଭୟଭୀତ ହୋଇ ବାହାରକୁ ଚାଲିଆସିଥିଲେ। ପରେ ଜଣାପଡ଼ିଥିଲାକି ଟ୍ରେନର ଗୋଟିଏ ବଗି ଲାଇନଚ୍ୟୁତ ହୋଇଛି। ଖବର ପାଇ ଦମକଳବାହିନୀ ଓ ସ୍ଥାନୀୟ ପୋଲିସ ପହଞ୍ଚିଥିଲେ। ଏହାପରେ ରେଳୱେ ପୋଲିସ ପହଞ୍ଚିଥିଲା। ଦୁର୍ଘଟଣାଗ୍ରସ୍ତ ବଗିଟି ପାର୍ସଲ ବଗି ହୋଇଥିବାରୁ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ଦୁର୍ଘଟଣାରେ ରେଳଧାରଣର ଆଂଶିକ କ୍ଷତି ଘଟିଥିବା ଦେଖିବାକୁ ମିଳିଛି। ଖବର ପାଇ ପୂର୍ବତଟ ରେଳୱେ ଖୋର୍ଦ୍ଧା ଡିଭିଜନର ଡିଜିଏମ୍ ରିଙ୍କେଶ ରାୟ, ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ସରୋଜ ଦାସଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଥିଲେ। ଏଠାରେ ରେଳ ଲାଇନ କାର୍ଯ୍ୟ ଚାଲିଥିବା ଯୋଗୁ ଏଭଳି ଅଘଟଣ ଘଟିଥିବା ସେମାନେ ଜାଣିବାକୁ ପାଇଥିଲେ। ନିୟମ ମୁତାବକ ରେଳ ଲାଇନ କାର୍ଯ୍ୟ କରିବା ସମୟରେ ଉପରିସ୍ଥ ଅଧିକାରୀଙ୍କଠାରୁ ବ୍ଲକ ନିଆଯାଇଥାଏ। ହେଲେ ଏଠାରେ ୩ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ନ ଜଣାଇ କାମ କରୁଥିବା ଜଣାପଡ଼ିଥିଲା। ପ୍ରାରମ୍ଭିକ ଭାବେ କର୍ତ୍ତବ୍ୟରେ ଅବହେଳା ପାଇଁ ଧାନମଣ୍ଡଳ ବରିଷ୍ଠ ସେକ୍ସନ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଦାସ, ହରିଦାସପୁର ଷ୍ଟେଶନ କନିଷ୍ଠ ଯନ୍ତ୍ରୀ ଆୱାର ଦେଶ କୁମାର ଓ କର୍ମଚାରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ନିଲମ୍ବିତ କରାଯାଇଛି। ଦୁର୍ଘଟଣାର କିଛି ସମୟ ମଧ୍ୟରେ ଖୋର୍ଦ୍ଧା ଡିଭିଜନର ଯନ୍ତ୍ରୀମାନେ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଦୁର୍ଘଟଣାଗ୍ରସ୍ତ ବଗିକୁ ବାଦ ଦିଆଯାଇ ଅପରାହ୍ନ ୨ଟା ୩୫ରେ ଟ୍ରେନ୍ ହାୱଡ଼ା ଅଭିମୁଖେ ଯାଇଥିଲା। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଡିଜିଏମ ସୂଚନା ଦେଇଛନ୍ତି। ତେବେ ଦୁର୍ଘଟଣା ପାଇଁ ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗିଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପାଇଁ ଏହି ରୁଟ୍‌ରେ ରେଳ ଚଳାଚଳ ବନ୍ଦ କରାଯାଇଥିଲା।

# ଚିନିଶିଳ୍ପ ଅତିଥି ଭବନରେ ତପସ୍ୱିନୀ, ସୁମିତ

**ଆସିକା,୩।୧୨(ଡି.ଏନ୍.ଏ.)**

### ପୋଲିସ ସୁରକ୍ଷାରେ ରହିବେ ୭ ଦିନ

ବ୍ରହ୍ମପୁର ବ୍ରହ୍ମାନଗରଠାରେ ଶାଶୁଘରେ ରହିବା ଲାଗି ଧାରଣା ଦେଇଥିବା ତପସ୍ୱିନୀ ଦାସ ଗୁରୁବାର ରାତିରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସ୍ୱାମୀ ସୁମିତ ସାହୁଙ୍କ ସହ ଆସିକା ଯାଇଥିଲେ। ସେମାନେ ଆସିକାରେ ୭ ଦିନ ଏକାଠି ରହିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସିକା ଥାନାରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଚିନିଶିଳ୍ପସ୍ଥିତ ଅତିଥି ଭବନରେ ରଖିଛି। ସେଠାରେ ୭ଦିନ ରହିବା ସମୟ ମଧ୍ୟରେ ତପସ୍ୱିନୀ କିମ୍ବା ସୁମିତଙ୍କ ପରିବାର କିମ୍ବା ଅନ୍ୟ କେହି ସାମାଜିକ କର୍ମୀ ସେମାନଙ୍କୁ ଭେଟିବାକୁ ବାରଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବା ଲାଗି ପଦକ୍ଷେପ ନିଆଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଶୁକ୍ରବାର ଜିଲା ମହିଳା ସୁରକ୍ଷା ଅଧିକାରୀ ଚିନିଶିଳ୍ପ ଅତିଥି ଭବନକୁ ଯାଇ ଦମ୍ପତିଙ୍କ ମଧ୍ୟରେ ବୁଝାମଣା ଲାଗି ଆଲୋଚନା କରି ଫେରିଛନ୍ତି। ତପସ୍ୱିନୀଙ୍କ ଡାକ୍ତର ସ୍ୱାମୀ ସୁମିତ ଶୁକ୍ରବାର ଆସିକା ବ୍ଲକ ବାଲିସିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଫେରିଛନ୍ତି। ୭ଦିନ ପରେ ଉଭୟେ କୋର୍ଟରେ ନିଜ ନିଜର ପକ୍ଷ ରଖିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ତପସ୍ୱିନୀ ଓ ସୁମିତ ଗତବର୍ଷ କୋର୍ଟରେ ବିବାହ କରିଥିଲେ। ଶାଶୁଘର ଲୋକେ ନିର୍ଯାତନା ଦେଇଥିବା ତପସ୍ୱିନୀ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ସୁମିତଙ୍କ ପରିବାର ଲୋକେ ମାମଲା ଉଠାଇବାକୁ ତପସ୍ୱିନୀଙ୍କୁ ମନାଇ ବାହାଘର କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବାହାଘର ନ ହେବାରୁ ତପସ୍ୱିନୀ ଧାରଣା ଦେଇଥିଲେ। ସୁଫଳ ନ ମିଳିବାରୁ ସ୍ୱାମୀଙ୍କ ସହ ରହିବା ପାଇଁ ବ୍ରହ୍ମପୁର ଏସଡିଜେଏମ କୋର୍ଟଙ୍କ ଆଶ୍ରୟ ନେଇଥିଲେ।

# ଆର୍ଣ୍ଟାର୍କଟିକା ଯିବେ ରାଉରକେଲା ଝିଅ ନିବେଦିତା

**ରାଉରକେଲା ଅଫିସ,୩।୧୨**

### ଜଳବାୟୁ ଉପରେ କରିବେ ଗବେଷଣା

ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା ପାଇଁ ଆର୍ଣ୍ଟାର୍କଟିକା ଯିବେ ରାଉରକେଲା ଝିଅ ନିବେଦିତା ବିଶ୍ୱାଳ। ଗ୍ଲେସିୟର ତରଳିବା ବିଶ୍ୱବାସୀଙ୍କ ପାଇଁ କେତେ ବିପଦପୂର୍ଣ୍ଣ ତାହା ଉପରେ ପ୍ରଶିକ୍ଷଣ ନେବା ସହ ସେଠାକାର ଜୀବଜନ୍ତୁ ଓ ପରିବେଶ ଉପରେ ସେ ଗବେଷଣା କରିବେ। ରାଉରକେଲା ଶକ୍ତି ନଗରର ବ୍ରଜସୁନ୍ଦର ବିଶ୍ୱାଳ ଓ କବିତାଙ୍କ ଝିଅ ନିବେଦିତା ଏହି ସଫଳତା ହାସଲ ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଚାଲିଛି। ନିବେଦିତା ରାଉରକେଲା କାର୍ମେଲ ସ୍କୁଲରୁ ପାଠପଢ଼ା ଆରମ୍ଭ କରି ଭୁବନେଶ୍ୱରରେ ବିଟେକ୍ ଓ ରାଉରକେଲା ଏନ୍‌ଆଇଟିରୁ ଏମ୍‌ବିଏ ସାରି ସମ୍ବଲପୁର ଏମ୍‌ସିଏଲ୍‌ରେ କାମ କରୁଛନ୍ତି। ଚାକିରି କରୁଥିଲେ ମଧ୍ୟ ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରିବା


ନିବେଦିତା ବିଶ୍ୱାଳ

ତାଙ୍କର ଲକ୍ଷ୍ୟ ଥିଲା ବୋଲି ସେ କହିଛନ୍ତି। ଏହି ପ୍ରକ୍ରିୟା ପାଇଁ ସାରା ବିଶ୍ୱରୁ ୯୦ ଜଣଙ୍କୁ ଚୟନ କରାଯାଇଛି। ଯେଉଁଥିରେ ଏକମାତ୍ର ଭାରତୀୟ ଭାବେ ନିବେଦିତା ଅଂଶଗ୍ରହଣ କରିବେ। ଏଥିପାଇଁ ୬୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ତେଣୁ ସହାୟତା ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟ୍ୱିଟ ଯୋଗେ ନିବେଦନ କରିଛନ୍ତି।

# ୨ ଅଭିଯୁକ୍ତଙ୍କୁ ଆଜୀବନ ଜେଲ, ୧.୬୫ ଲକ୍ଷ ଜରିମାନା

### ଅପ୍ରାକୃତିକ ଯୌନ ସମ୍ପର୍କ ପରେ ନାବାଳକଙ୍କୁ ହତ୍ୟା ମାମଲା

**ଫୁଲବାଣୀ ଅଫିସ, ୩।୧୨:** ଜଣେ ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ କରିବା ଏବଂ ପରେ ତାଙ୍କୁ ମାରି ପୋତିଦେବା ଭଳି ଜଘନ୍ୟକାଣ୍ଡର ବିଚାର ପରେ ଶୁକ୍ରବାର ଫୁଲବାଣୀ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ୨ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ଉଭୟଙ୍କୁ ୧ ଲକ୍ଷ ୬୫ ହଜାର ଟଙ୍କା ଜରିମାନା କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ମାସାପଦର ଗ୍ରାମର ପୃଥୀରାଜ ପ୍ରଧାନ ଏବଂ ରାଜନାରାୟଣ ପ୍ରଧାନ। ଫୁଲବାଣୀ ସଦର ଥାନା ଅଞ୍ଚଳର ଜଣେ ନାବାଳକ (୯) ନିଖୋଜ ହେବାରୁ ତାଙ୍କ ବାପା ୨୦୧୬ ମାର୍ଚ୍ଚ ୧୪ରେ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୩୨/୧୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୃଥୀରାଜ ଓ ରାଜନାରାୟଣ ଦୁଇ ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୧୨ ତାରିଖ ଅପରାହ୍ନରେ ନାବାଳକଙ୍କୁ କୌଶଳକ୍ରମେ ଡାକି ନେଇ ଏକ ନିକାଞ୍ଚନ ସ୍ଥାନରେ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ କରିଥିଲେ। ନାବାଳକ ଜଣକ ସେମାନଙ୍କୁ ଚିହ୍ନିଥିବା ଏବଂ ଘରେ ଏ ବିଷୟରେ ଜଣାଇବେ ବୋଲି କହିବାରୁ ଅଭିଯୁକ୍ତଦ୍ୱୟ ତାଙ୍କ ମୁହଁରେ ଗାମୁଛା ଚିପି ହତ୍ୟା କରିଥିଲେ। ପରେ ସେମାନେ ନାବାଳକଙ୍କ ପ୍ୟାଣ୍ଟ ଶାର୍ଟ ପୋଡିଦେଇ ମୃତଦେହକୁ ନଦୀ ବାଲିରେ ପୋତି ଦେଇଥିଲେ। ଏହି ଘଟଣାରେ ୧୫ ଜଣଙ୍କର ସାକ୍ଷ୍ୟ ପ୍ରମାଣ ଏବଂ ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।



**ଆଜିର ମନ୍ତବ୍ୟ**

"କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା କୃଷକଙ୍କ ରେକର୍ଡ ନାହିଁ ବୋଲି କହିବା ମୋଦି ସରକାରଙ୍କ ସମ୍ବେଦନହୀନତା ଓ ଅହଂକାରକୁ ଦର୍ଶାଉଛି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**"


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ସାଗ୍ନିକ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଥାନା ଅଧିକାରୀ ହାଜର ହେଲେନି

**ମାହାଙ୍ଗା ଡବଲ ମର୍ଡର ଘଟଣା**

ନିଶ୍ଚିନ୍ତକୋଇଲି/ସାଲେପୁର, ୩।୧୨(ସ୍ୱ.ପ୍ର/ଡି.ଏନ୍.ଏ.)

ଡବଲ ମର୍ଡର ଘଟଣାରେ କଟକ ଜିଲା ମାହାଙ୍ଗା ଥାନା ଅଧିକାରୀଙ୍କୁ ସାଲେପୁର ଜେଏମ୍ଏଫ୍‌ସିରେ ଶନିବାର ବ୍ୟକ୍ତିଗତଭାବେ ହାଜର ହେବାକୁ ବିଚାରପତି ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଥାନା ଅଧିକାରୀ କୋର୍ଟରେ ହାଜର ନ ହୋଇ ଅଧିକ ୩ ସପ୍ତାହ ସମୟ ମାଗିଛନ୍ତି। ଏଥିସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମିଳିଲେ କଲ୍ ଡିଟେଲ ରେକର୍ଡ(ସିଡିଆର)ଦାଖଲ କରିବେ ବୋଲି କୋର୍ଟକୁ ଲିଖିତଭାବେ ଜଣାଇଛନ୍ତି। ଏହି ମାମଲାର ଶୁଣାଣି ହୋଇଥିଲେ ମଧ୍ୟ ସନ୍ଧ୍ୟା ୫.୩୦ ସୁଦ୍ଧା କୋର୍ଟରୁ କୌଣସି ଆଦେଶନାମା ପ୍ରକାଶ ପାଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି କୁହନ୍ତି,ତଦନ୍ତ ଚାଲିଛି ରିପୋର୍ଟ ଦାଖଲ ହେବ। ଅନ୍ୟ ମାମଲାରେ ବ୍ୟସ୍ତଥିବାରୁ କୋର୍ଟରେ ହାଜର ହୋଇପାରିନାହିଁ। ସରକାରୀ ଓକିଲଙ୍କ ମାଧ୍ୟମରେ ମୋର ଆଭିମୁଖ୍ୟ କୋର୍ଟକୁ ଜଣାଇଛି।

ଏହି ଥାନା ଅଧୀନ ନୃଗାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ଗତ ଜାନୁୟାରୀ ୨ରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ପୋଲିସ ରୁଜୁ କରିଥିବା ମାମଲାରେ ଅଭିଯୁକ୍ତଙ୍କ ତାଲିକାର ୧୩ ନମ୍ବର ସ୍ଥାନରେ ମନ୍ତ୍ରୀ ଜେନାଙ୍କ ନାମ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜସିଟରୁ କାଟିଦେଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଏହାକୁ (ନଂ.୨୧୭/୨୦୨୧)ରେ ପଞ୍ଜୀକୃତ କରାଯାଇଥିଲା। ଉକ୍ତ ମାମଲାର ଶୁଣାଣି କରି ଗତ ଅଗଷ୍ଟ ୨୬ରେ ଘଟଣାର ସାନି ତଦନ୍ତ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଳମ୍ବ ହେବାରୁ ବିଚାରପତି ଅସନ୍ତୋଷବ୍ୟକ୍ତ କରିବା ସହ ପ୍ରଥମେ ନଭେମ୍ବର ୨୦ ଓ ପରେ ନଭେମ୍ବର ୨୯ ସୁଦ୍ଧା ସିଡିଆର ଓ କେସ୍ ଡାଏରୀ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଁ ଫଁ ବଳଦ ମାରେ ନାହିଁ,**
**ଭୁକିଲା କୁକୁର କାମୁଡ଼େ ନାହିଁ,**
**ଗରଜିଲା ମେଘ ବରଷେ ନାହିଁ।**

ସାମାନ୍ୟତମ ଭୁଲ୍ ପାଇଁ ଅନେକ ବ୍ୟକ୍ତି ରାଗି ଯାଇଥାନ୍ତି ବା ରାଗରେ ଟାଣ କଥା କହିଥାନ୍ତି। ନିଜର ଉପସ୍ଥିତି ଜାହିର କରିବା ନେଇ ତୁଚ୍ଛାଟାରେ ଭଡ଼ଭଡ଼ ହୋଇଥାନ୍ତି। ତେବେ ଟାଣ କରି କଥା କହୁଥିବା ବ୍ୟକ୍ତି କେବେ କାହାରି ଅନିଷ୍ଟ କରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଫଟା ମୃଦଙ୍ଗକୁ ଜଡ଼ା ବାଇଦ**
**କାଣୀ ଦାରୀ ସେଠି ନାଚୁଛି**
**ଅବୁଝା ରଜାକୁ କେମ୍ପା ମୁଖ୍ୟମନ୍ତ୍ରୀ**
**ଯାହା ଇଚ୍ଛା ତାହା କରୁଛି ।**

ଅଯୋଗ୍ୟଙ୍କ ସମାହାର। କିଏ କାହା କଥା ବୁଝିବାକୁ ନାହିଁ। ରାଜ୍ୟ ଦୁଃଖ ସାଗରରେ ଭାସୁଛି। ପ୍ରଶାସନ ଅବ୍ୟବସ୍ଥିତ ଢଙ୍ଗରେ ଚାଲିଲେ ଏହାର ପରିଣତି ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ମାନଚିତ୍ରରେ ନ ଥିବା ଗାଁ ଚିହ୍ନଟ କଲେ ତହସିଲଦାର

ମାଲକାନଗିରି,୩।୧୨(ଡି.ଏନ୍.ଏ.)-ମାଲକାନଗିରି ଜିଲା ମାନଚିତ୍ରରେ ନ ଥିବା ଗାଁ ଚିହ୍ନଟ କରିଛନ୍ତି ତହସିଲଦାର। ଏହି ନୂତନ ଗ୍ରାମ ହେଲା ଖଇରପୁଟ ବ୍ଲକ ରାସବେଡ଼ା ପଞ୍ଚାୟତ ଅନ୍ତର୍ଗତ ଘାସିଙ୍ଗବେଡ଼ା। ଗାଁରେ ୭୦ରୁ ଊର୍ଦ୍ଧ୍ୱ ଡିଡାଇ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ହେଲେ ଜିଲା ପ୍ରଶାସନର ନଜରରୁ ବହୁ ଦୂରରେ ଥିଲା। କିଛିଦିନ ପୂର୍ବେ ଖାଇରପୁଟ ତହସିଲଦାର ରାମକୃଷ୍ଣ ନାୟକ ଉକ୍ତ ଗ୍ରାମ ବିଷୟରେ ସୂଚନା ପାଇଥିଲେ। ଶୁକ୍ରବାର ତହସିଲ କର୍ମଚାରୀଙ୍କୁ ନେଇ ସେ ନିଜେ ୧୪ କି.ମି. ଘାଟିରାସ୍ତା ଚଢ଼ି ଘାସିଙ୍ଗବେଡ଼ାରେ ପହଞ୍ଚିଥିଲେ। ପ୍ରଥମ ଥର ପାଇଁ ସରକାରୀ ଅଧିକାରୀଙ୍କୁ ଦେଖି ପାରମ୍ପରିକ ଶୈଳୀରେ ଗ୍ରାମବାସୀ ସ୍ୱାଗତ କରିଥିଲେ। ତେବେ ଉକ୍ତ ଗାଁକୁ ରାସ୍ତା ନ ଥିବାବେଳେ କୌଣସି ସରକାରୀ ସୁବିଧା ମଧ୍ୟ ପାଉ ନ ଥିବା ଗ୍ରାମବାସୀ ତହସିଲଦାରଙ୍କୁ ଜଣାଇଥିଲେ। ରାଜ୍ୟ ସରକାର ଡିଡାଇ ଓ ବଣ୍ଡା ସମ୍ପ୍ରଦାୟର ଲୋକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଜିଲା ମାନଚିତ୍ରରେ ନ ଥିବା ଏହି ଗାଁକୁ ବିକାଶ ଅପହଞ୍ଚ ହୋଇଛି। ତହସିଲଦାର ପହଞ୍ଚିବା ପରେ ଏବେ ଗ୍ରାମବାସୀ ବିକାଶର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ରାଶ୍ୟାଧିପ ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ନିରାମୟ ରହିବ। କିନ୍ତୁ ଅଷ୍ଟମଭାବରେ ନୀଚସ୍ଥ ଚନ୍ଦ୍ର ମାନସିକ ସ୍ଥିତିକୁ ବିଗାଡ଼ି ଦେଇପାରନ୍ତି। ଦୂରଯାତ୍ରାର ସୁଯୋଗ ପାଇବେ, ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ବୃଷ** - ଦୁଃସ୍ଥାନରେ ରାଶ୍ୟାଧିପ ଶୁକ୍ର ରହିଥିବାରୁ ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଶୁକ୍ରଙ୍କ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି କାମ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ସୁଯୋଗ ପାଇବା ସଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବାଣିଜ୍ୟ, ପରିବହନ ବ୍ୟବସାୟ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** - ଏକାଧିକ ଗ୍ରହଙ୍କ ପ୍ରଭାବରୁ ସମସ୍ୟାର ସମାଧାନ ସଙ୍ଗକୁ ରୋଗ, ଋଣ, ଶତ୍ରୁତା ପ୍ରଭୃତିରେ ନିୟନ୍ତ୍ରଣ ରହିପାରିବ। କିନ୍ତୁ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ଅନ୍ୟଥା ତାହା ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇ ପଡ଼ିବ। ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢ଼ି ପାରେ।

**କର୍କଟ** - ଆଜି କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ ଏବଂ ସହକର୍ମୀଙ୍କ ସୌହାର୍ଦ୍ଦ୍ୟତା ମଧ୍ୟ ପାଇବେ। ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ରଚନାତ୍ମକ କାର୍ଯ୍ୟ ତଥା ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ସିଂହ** - ଗ୍ରହବୈଗୁଣ୍ୟର କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ସଙ୍ଗକୁ କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହେବେ। କୌଣସି ଅସୁବିଧା ନ ଥାଇ ମଧ୍ୟ ମନଟି ଭଲ ଲାଗିବ ନାହିଁ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ,ବ୍ୟବସାୟରେ ଉନ୍ନତି ଘଟିବ।

**କନ୍ୟା** - କର୍ମଭାବସ୍ଥ ରାହୁ ଏବଂ ଚତୁର୍ଥକେନ୍ଦ୍ରସ୍ଥ ଗ୍ରହମାନେ ପାରିବାରିକ ଓ କର୍ମକ୍ଷେତ୍ରକୁ ବିଗାଡ଼ି ଦେଇପାରନ୍ତି। ଭାବୁଥିବା କାମଟି କରିପାରିବେ ନାହିଁ ଫଳରେ ସୁଯୋଗ ହାତଛଡ଼ା ହୋଇପାରେ। ଅବଶ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଖୁସୀ ରହିବେ। କ୍ରୀଡ଼ା, କଳା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ଥିବା ସମସ୍ୟାସୁଧୁରି ଯିବ।

**ତୁଳା** - ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଙ୍କ ଯୋଗୁଁ ସମ୍ପର୍କୀୟ ଶତ୍ରୁତା ଆଚରଣ କରିପାରନ୍ତି। ଆଜି ମୁଖଭାବରେ ଏକାଧିକଗ୍ରହ ଆପଣଙ୍କ ଭାଷା ଓ ବ୍ୟବହାରକୁ କଠୋର କରିଦେଇପାରନ୍ତି। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ସହଯୋଗ କରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଟଙ୍କା, ପଇସାର ଘୋର ଅଭାବ ପରିଲକ୍ଷିତ ହେବ।

**ବିଛା** - ରାଶିରେ ଚତୁଃଗ୍ରହ ସଂଯୋଗ ଆପଣଙ୍କ ସ୍ୱାସ୍ଥ୍ୟହାନି ଓ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକ ପ୍ରତିବନ୍ଧକ ସୃଷ୍ଟି କରିବେ। ଅପରାହ୍ନରେ ବନ୍ଧୁମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ମାତ୍ର କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ଧନୁ** - ସଚ୍ଚୋଟତା ଓ ନିର୍ଭୀକତା ହେତୁ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରନ୍ତି। ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି। ରାଜନୀତି, ପ୍ରକାଶନ, ପ୍ରଶାସନ, ଗବେଷଣା ଓ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଦିନଟି ବହୁତ ଭଲ। ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ସଭା ସମିତିରେ ମଧ୍ୟ ସୁନାମ ଅର୍ଜନ କରିବେ।

**ମକର** - ସ୍ୱଗୃହୀ ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହିବେ। ଆଶା ପୂରଣ ହେବାରେ ଜଣେ ବାଲ୍ୟ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ସଭାସମିତିରେ, ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** - ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। କିନ୍ତୁ ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ପରିବାରରେ ବିଶୃଙ୍ଖଳା ଦେଖା ଦେଇପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ଅଦଳ ବଦଳ ହୋଇଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଆଶା ଅନୁସାରେ କାମ ହୋଇ ଯିବାରୁ ଖୁସି ରହିବେ।

**ମୀନ** - ବିଷମ ପରିସ୍ଥିତିରେ ମଧ୍ୟ ସାହସିକତାର ପରିଚୟ ଦେଇ ପ୍ରଶଂସିତ ହେବେ। ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ୍ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। କଳା,ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।


# classifieds

**Everyday 0674-2580101, 2549302**



## SALE

**2400sqft. GA plot immediately sale at Bharatpur & 3500sft. BDA plot sale at Patrapada (near DN Regalia Mall), Bhubaneswar, please contact- DEEPAK - 9937329999.** D-71606

3BHK flat 1658sqft., 3Toilet, 2nd Floor, near Jharapada Jail Square main road side resale @ 95Lac. Including all. 9439716901. D-71915

**Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117.** D-71741

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

**Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668.** D-71747

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22395

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

**3BHK flats and independent houses for resale in Jayadev Vihar, Kalyani Market (Unit-8) Bapujinagar, Patia Square. Contact: 8658095476, 8639726868 brokers excuse.** D-22429

**ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542.** D-71742

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

**1500sft. plot immediately sale at Jharapada & 12000sft. IDCO plot for immediate sale at Mancheswar, Bhubaneswar, please contact- DEEPAK - 9937329999.** D-71607

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22388



Single & double rooms at sisupalgad & Tankapani road. Bhubaneswar. 9437764734. D-70760

**To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040.** D-22211

Furnished Office space at Twincity Tower NH-5, Opposite Bharat Motors, Pahala. 675sqft. @ 27,000/-, broker excuse. Conatct: 9040337729, 7978066274. D-71448



Newly open SPA Offer Price @ 599/-, positively health benefits. 8455987557. D-71445

Refreshing your mind and body with the best therapy. 7873794731. D-71913

Newly open SPA positively health benefit with expert. Contact: 7749976301. D-71914

Newly open SPA Offer Price @ 699/-, positively health benefits. 7846814019. D-71444

Newly open full body massage ladies and gents. 8327740003. D-71824

## AFFIDAVIT

I, Rima Kri Mishra, have changed my name to 'Rima Trivedi' vide affidavit no. 1180 dated 02.12.21,after my marriage to Vinod Kumar, which also reflects in my Aadhaar Card bearing no. 5159 3865 3953. Henceforth, I shall be known as 'Rima Trivedi, for all purposes. D-22455

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ମମିତା ଝଡ଼ରେ ...

ଗଙ୍ଗାଜଳ ଛିଞ୍ଚି ଝାଡୁମାରିଥିଲେ। ଝୁଣାଧୂଆଁ ଦେଇ ଶୁଦ୍ଧିକରଣ କରିଥିଲେ। ଅପରାହ୍ନରେ ହୋହଲ୍ଲା ମଧ୍ୟରେ ମୁଖ୍ୟମନ୍ତ୍ରୀ ମମିତା ହତ୍ୟା ଘଟଣାରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ବିଷୟରେ ଗୃହରେ ୮ ମିନିଟ ଧରି ବିବୃତି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିବୃତି ମଧ୍ୟ ବିରୋଧୀଙ୍କୁ ଶାନ୍ତ କରିପାରି ନ ଥିଲା। ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ମୁଖ୍ୟମନ୍ତ୍ରୀଙ୍କ ବିବୃତି ପରେ ଗୃହକୁ ଅପରାହ୍ନ ୪ଟା ୮ରୁ ଶନିବାର ୧୦ଟା ୩୦ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ନାମରେ ହତ୍ୟା ଅଭିଯୋଗ ଥିବାବେଳେ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ବିଧାନସଭାକୁ ମନ୍ତ୍ରୀ ଅପବିତ୍ର କରିଛନ୍ତି। ତେଣୁ ବିଧାନସଭା ପରିସରକୁ ଗୋବର ଓ ଗଙ୍ଗାଜଳରେ ପବିତ୍ର କରାଯାଇଥିବା ଭାଜପା ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଭାଜପାର ଏଭଳି କାର୍ଯ୍ୟକୁ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିନ୍ଦା କରିଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ଭାଜପା ଏଭଳି ନାଟକ କରୁଛି। ଉତ୍ତରପ୍ରଦେଶ ଏବଂ ଲୋକ ସଭାରେ ଅନେକ ହତ୍ୟାକାରୀ ଅଛନ୍ତି। ତେଣୁ ପ୍ରଥମେ ଭାଜପା ଲୋକସଭା ଓ ଉତ୍ତରପ୍ରଦେଶ ବିଧାନସଭାକୁ ଶୁଦ୍ଧି କରୁ। କେନ୍ଦ୍ରମନ୍ତ୍ରୀଙ୍କ ନାମରେ ଅଭିଯୋଗ ଥାଇ ଯଦି ସେ ପାର୍ଲାମେଣ୍ଟ ଆସୁଛନ୍ତି, ତା'ହେଲେ ଏଠି ମନ୍ତ୍ରୀ ବିଧାନସଭା ଆସିଲେ ଅସୁବିଧା କେଉଁଠି ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ କଂଗ୍ରେସ ଖୁବ୍‌ଶୀଘ୍ର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ସେହିପରି ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ଗଠନ ପାଇଁ ଦଳ ଦାବି କରିଛି। ରାଜ୍ୟ ସରକାର ପଦକ୍ଷେପ ନ ନେଲେ ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନ ଜାରି ରହିବ ବୋଲି ନରସିଂହ ପ୍ରତିକ୍ରିୟାରେ କହିଛନ୍ତି।

### 'ଦୋଷୀ ବିରୋଧରେ ...

ତଥ୍ୟ ଓ ପ୍ରମାଣ ଆଧାରରେ ନିର୍ଭୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଯେ କୌଣସି ମାମଲାରେ ପୋଲିସ ଯଦି ତଦନ୍ତରେ ଅବହେଳା କରିଛି, ସରକାର ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅତୀତରେ ମହିଳା ହିଂସା ସମ୍ପର୍କିତ ସମ୍ବେଦନଶୀଳ ମାମଲାର ତଦନ୍ତ ସିବିଆଇ କିମ୍ବା ହାଇକୋର୍ଟଙ୍କ ଅନୁଧ୍ୟାନରେ କରାଯାଇଛି। ରାଜ୍ୟ ପୋଲିସର ତଦନ୍ତରେ କାହାରିକୁ ଅନୁକମ୍ପା ଦେଖାଯାଇ ନାହିଁ ବୋଲି ସମ୍ପୃକ୍ତ ସଂସ୍ଥା ନିଜ ତଦନ୍ତ ରିପୋର୍ଟରେ ପ୍ରକାଶ କରିଛି। ଗୃହରେ ବିରୋଧୀ ବିଧାୟକମାନେ ଯେଉଁଭଳି ଢଙ୍ଗରେ ଏହି ଘଟଣାକୁ ରାଜନୀତିର ରଙ୍ଗ ଦେଉଛନ୍ତି, ତାହା ମର୍ମାହତ କରିଛି। ରାଜ୍ୟ ସରକାର ସମ୍ଭାବ୍ୟ ବାତ୍ୟା, କରୋନା ମୁକାବିଲା ନେଇ ଚାପରେ ଅଛନ୍ତି। ଏହା ଛଡ଼ା ଚାଷୀ ପ୍ରସଙ୍ଗ, ଚାଉଳ ଉଠାଣରେ ଏଫ୍‌ସିଆଇର ମନମାନି, କେବିକେ ଓ ଆଦିବାସୀବହୁଳ ଜିଲାକୁ କେନ୍ଦ୍ର ଘର ଯୋଗାଣରେ ବାଧା ଦେଉଛି । ସେପଟେ ଦରଦାମ ବୃଦ୍ଧି, ରନ୍ଧନ ଗ୍ୟାସ୍‌ର ଦୁଇଗୁଣା ଦର ସହ ରାଜ୍ୟକୁ କେନ୍ଦ୍ରୀୟ ପାଣ୍ଠି ହ୍ରାସ ସାଧାରଣ ଲୋକଙ୍କୁ ବେଶ୍ ପ୍ରଭାବିତ କରୁଛି । ଏସବୁ ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା କରିବା ବଦଳରେ ବିରୋଧୀ ଶସ୍ତା ରାଜନୀତିରେ ମାତିଛନ୍ତି। ମୋ ସରକାରକୁ ଓଡ଼ିଶାବାସୀ ସର୍ବଦା ଭରସା, ସମର୍ଥନ ଓ ଆଶୀର୍ବାଦ ଦେଇ ଆସିଛନ୍ତି। ମମିତାଙ୍କ ପରିବାରକୁ ସରକାର ନ୍ୟାୟ ଦେବେ, ଏନେଇ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମମିତାଙ୍କ ମା'ବାପା ମଧ୍ୟ ଏହି ଘଟଣାକୁ ନେଇ ରାଜନୀତି ନ କରିବାକୁ ଅନୁରୋଧ କରିଛନ୍ତି। ସରକାରଙ୍କ ଠିକ୍ ତଦନ୍ତ ଏବଂ ପରିବାରର ଅନୁରୋଧ ସତ୍ତ୍ୱେ ବିରୋଧୀ ଦଳ ମମିତାଙ୍କ ମୃତ୍ୟୁ ଘଟଣାକୁ ରାଜନୈତିକ ରଙ୍ଗ ଦେବାରେ ଅବହେଳା କରୁନାହାନ୍ତି, ଯାହା ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଉପରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ମମିତାଙ୍କ ଚରିତ୍ର ସଂହାର ବିରୋଧୀ ନୁହନ୍ତି; ରାଜ୍ୟ ସରକାର କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଯାହା ପଢୁଛନ୍ତି ତାହା ବୁଝିନାହାନ୍ତି ବା ମିଥ୍ୟା କହୁଛନ୍ତି। ଚକ୍ରାନ୍ତକାରୀଙ୍କୁ ସୁରକ୍ଷା ଦେବାକୁ ସେ ଉଦ୍ୟମ କରୁଥିବା ତାଙ୍କ ବକ୍ତବ୍ୟରୁ ପ୍ରମାଣିତ ହେଉଛି। ପରୀ ଘଟଣାରେ ଏସ୍ଆଇଟି ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଚିଠି କରିଥିଲେ। ଏବେ ପଛଘୁଞ୍ଚା କାହିଁକି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି।

### ପୁରୀ ଉପକୂଳ ...

ଅଞ୍ଚଳରେ ପାଣି ଭର୍ତ୍ତି ହୋଇ ରହିବା ସହ କେତେକ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବ। ଏପରିକି ଧାନ, ରବି ଫସଲ ଏବଂ ପନିପରିବା ନଷ୍ଟ ହେବା ଆଶଙ୍କା ରହିଛି। ବାତ୍ୟା ପ୍ରଭାବରେ ୫ ଡିସେମ୍ବର ମଧ୍ୟାହ୍ନରେ ସ୍ୱାଭାବିକ ଜୁଆରଠାରୁ ପ୍ରାୟ ୦.୫ ମିଟର ଅଧିକ ଉଚ୍ଚର ଜୁଆର ଆସିବ। ଏହଦ୍ୱାରା ଉପକୂଳ ଜିଲାଗୁଡ଼ିକର ନିମ୍ନ ଅଞ୍ଚଳ ଜଳମଗ୍ନ ହେବା ଆଶଙ୍କା ରହିଛି। ହେଲେ ୪ ଡିସେମ୍ବର ଅମାବାସ୍ୟା ହୋଇଥିବାରୁ ଓଡ଼ିଶା ଉପକୂଳରେ ପ୍ରାୟ ୨ରୁ ୪ ମିଟର ଉଚ୍ଚର ଜୁଆର ଆସିପାରେ। ବାତ୍ୟାକୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁର, ଧାମରା, ଚାନ୍ଦବାଲି ବନ୍ଦରରେ ୪ ନମ୍ବର ବିପଦ ସଙ୍କେତ ଦିଆଯାଇଥିବା ବେଳେ ଆସନ୍ତା ୫ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ସମୁଦ୍ରକୂଳରେ ଥିବା ଲୋକମାନେ ନିରାପଦ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା, ଆନ୍ଧ୍ର ଏବଂ ପଶ୍ଚିମବଙ୍ଗରେ ୪୬ଟି ଏନ୍‌ଡିଆରଏଫ୍ ଟିମ୍ ମୁତୟନ କରାଯାଇଛି। ଏଥିସହିତ ଆହୁରି ୧୮ଟିମ୍‌କୁ ଜରୁରୀ ଆବଶ୍ୟକତା ପାଇଁ ସଜାଗ ରଖାଯାଇଛି। ଦରକାର ପଡ଼ିଲେ ଲୋକମାନଙ୍କୁ ଏୟାରଲିଫ୍ଟ କରାଯିବ ବୋଲି ଏନ୍‌ଡିଆରଏଫ୍ ଡିଜି ଅତୁଲ କରୱାଲ ସୂଚନା ଦେଇଛନ୍ତି ।

### ରବିବାର ଛୁଟି ...

କେନ୍ଦ୍ରାପଡ଼ା ଜିଲାରେ ଗୋଟିଏ ଲେଖାଏ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚିଥିବା ବେଳେ ଜିଲାର ସମସ୍ତ ଅଗ୍ନିଶମ କର୍ମଚାରୀ ସଜାଗ ଥିବା ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଲୋକଙ୍କ ଜୀବନ ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ

ସମ୍ଭାବ୍ୟ ବାତ୍ୟାର ମୁକାବିଲା ଦିଗରେ ପ୍ରସ୍ତୁତ ରହିବାକୁ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମ, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଆଦି ୬ ଜିଲାର ଜିଲାପାଳଙ୍କ ସହ ଆଲୋଚନା ସମୟରେ ମାରାଣ୍ଡି ଜନସାଧାରଣଙ୍କ ଜୀବନ ଆମ ପାଇଁ ମୂଲ୍ୟବାନ୍ ବୋଲି କହିଛନ୍ତି। ଏହାସହ ଉପକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ, ପାନୀୟ, ପରିମଳ ଓ ସ୍ୱଚ୍ଛତା ରକ୍ଷା କରିବା ସହ ବୟସ୍କ ଲୋକ, ଗର୍ଭବତୀ, ଛୋଟ ପିଲାଙ୍କ ନିରାପତ୍ତା କ୍ଷେତ୍ରରେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ପ୍ରାଥମିକ ଚିକିତ୍ସା ଓ ଆବଶ୍ୟକ ଔଷଧର ବ୍ୟବସ୍ଥା କରିବାକୁ ମନ୍ତ୍ରୀ କହିଛନ୍ତି।

### ୪ ତାରିଖ ଡିଇଏଲ୍ଇଡି ...

ଏହି ପରୀକ୍ଷା ହେବାର ଥିଲା। ହେଲେ ବାତ୍ୟା ଯୋଗୁ କେବଳ ୪ ତାରିଖରେ ହେବାକୁ ଥିବା ପରୀକ୍ଷା ୧୦ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏଥିସହ ଜାତୀୟ ଗ୍ରାମୀଣ ମେଧାବୃତ୍ତି (ଏନ୍ଆର୍‌ଟିଏସ୍) ପରୀକ୍ଷା ପାଇଁ ପ୍ରଶ୍ନପତ୍ର ବୋର୍ଡ କାର୍ଯ୍ୟାଳୟରୁ ବିଭିନ୍ନ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ଉକ୍ତ ପ୍ରଶ୍ନପତ୍ର ପ୍ୟାକେଟ୍ ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗୋପନୀୟତା ବଜାୟରଖି ଗ୍ରହଣ କରାଯିବ ଓ ବର୍ଷା ଦାଉରୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଡିଇଓଙ୍କୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଶକ୍ତି ବିଭାଗର ବାତ୍ୟା ପ୍ରସ୍ତୁତି

ଭୁବନେଶ୍ୱର,୩।୧୨: ବାତ୍ୟା ଜୱାଦ୍‌କୁ ନେଇ ଶକ୍ତି ବିଭାଗର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର। ପୁନରୁଦ୍ଧାର ବେଳେ କର୍ମଚାରୀ ନିଜକୁ ସୁରକ୍ଷିତ ରଖି କାର୍ଯ୍ୟ କରିବା, ସୁରକ୍ଷା ପ୍ରବନ୍ଧନ ପ୍ରତି ସଚେତନ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀର ପ୍ରସ୍ତୁତି ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ସେ ପାଣିପାଗ ବିଭାଗର ତଥ୍ୟ ଉପରେ ସର୍ବଦା ନଜର ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ପୁରୀ ନିକଟରେ ବାତ୍ୟା ଅତିକ୍ରମ କରିବାକୁ ଅନୁମାନ କରାଯାଉଥିବାରୁ ପୁରୀରେ ବିଦ୍ୟୁତ୍ ସେବା ବ୍ୟାହତ ହେବା ଆଶଙ୍କା ରହିଛି। ଗତ 'ୟାସ୍' ବାତ୍ୟା ପରେ ବିଦ୍ୟୁତ୍ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଥିବା ଯୋଗୁ ଅତି କମ୍ କ୍ଷତି ହେବାର ଅନୁମାନ କରାଯାଉଥିବା ସେ ଦର୍ଶାଇଥିଲେ। ଖାଲୁଆ ଅଞ୍ଚଳ ପାଇଁ ଆଗୁଆ ଭାବେ ପାଣିପମ୍ପ ବ୍ୟବସ୍ଥା କରିବା, ଡିଜି ସେଟ୍ ଏବଂ ଆସ୍କା ଲାଇଟ୍ ଉପଲବ୍ଧ କରିବା ସହିତ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜନ ସକାଶେ ଟିମ୍ ଗଠନ, ସାଟେଲାଇଟ୍ ଫୋନ୍ ଭଳି ବ୍ୟବସ୍ଥା ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଗ୍ରୀଡ୍‌କୋଠାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି । ବାତ୍ୟା ଦୃଷ୍ଟିରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ।

## ସଡ଼କ ଦୁର୍ଘଟଣାରେ ଦୁଇ ମୃତ

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କଟଙ୍ଗ ପ୍ରେମନଗର ନିକଟରେ ଗୁରୁବାର ରାତିରେ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ଗୋମାରଡି ଗ୍ରାମର ଆକାଶ କେରକେଟା(୧୮)ଓ ବଡ଼ଗାଁ ବ୍ଲକ ଡିକଲିପଡା ଗ୍ରାମର ପ୍ରବୀଣ କେରକେଟା(୨୨)। ଆକାଶ ଓ ପ୍ରବୀଣ ଏକ ବାଇକ୍‌ରେ ଗମ୍ଭାରଡିହିରୁ ଲାଞ୍ଜିବେର୍ଣ୍ଣା ଯାଉଥିବାବେଳେ ପ୍ରେମନଗର ନିକଟରେ ଗୋଟେ ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ଜଣେ ଗୁରୁତରଙ୍କୁ କୁତ୍ରା ଡାକ୍ତରଖାନା ନିଆଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି।

## ସଂକ୍ଷେପରେ

### ଖଳାରୁ ଧାନ ଖାଇଲା ଦନ୍ତା

କୁତ୍ରା,୩।୧୨ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ଅଞ୍ଚଳରେ ହାତୀ ଆତଙ୍କ ଥମିବା ନାଁ ଧରୁନାହିଁ। ସନ୍ଧ୍ୟା ହେଲେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଦନ୍ତା ହାତୀ ଆତଙ୍କ ସୃଷ୍ଟି କରୁଛି। ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ଦନ୍ତା ଆସି ପଞ୍ଚରା କୁଲସର ଗ୍ରାମର ଖ୍ରିଲାପୀ ଲାକଡାଙ୍କ ଖଳାରେ ଧାନ ଖାଇଥିଲା। ପରେ ପଞ୍ଚରା ପତ୍ରାପଡାକୁ ଯାଇ ନେଲସନ ମୋଣ୍ଡାଙ୍କ ଖଳାରେ ପଶି ଧାନ ଖାଇଥିଲା। ସକାଳୁ କରୁଣାକର ନାଏକ ସାଇକେଲରେ ଯାଉଥିବା ବେଳେ ଦନ୍ତା ହାବୁଡରେ ପଡିଯାଇଥିଲେ। ସେ ଦୌଡି ପଳାଇବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ।

### ବସ୍‌ରେ ଜିଏସ୍‌ଟି ଚଢ଼ାଉ

ପଦ୍ମପୁର,୩।୧୨(ଡି.ଏନ.ଏ): ରାୟପୁରରୁ ବଲାଙ୍ଗୀର ଯାଉଥିବା ମହେନ୍ଦ୍ରା ନାମକ ଏକ ଘରୋଇ ବସ୍ ଉପରେ ଜିଏସ୍‌ଟି ଅଧିକାରୀମାନେ ଚଢାଉ କରିଛନ୍ତି। ପଦ୍ମପୁରଠାରେ ଜିଏସ୍‌ଟି ବିଭାଗର ସ୍ୱତନ୍ତ୍ର ଟିମ୍ ବସ୍‌ରେ ଥିବା ସାମଗ୍ରୀର କାଗଜପତ୍ର ଯାଞ୍ଚ କରୁଛନ୍ତି । ବସରେ ଯାତ୍ରୀମାନଙ୍କର ବସିବା ସିଟ୍‌ରେ ସାମଗ୍ରୀ ରଖାଯାଇଥିବା ଦେଖିବାକୁ ମିଳିଛି।

### ଫିଜିଓଥେରାପି ଚିକିତ୍ସା ଶିବିର

ଜାମଟିକ୍ରା,୩।୧୨(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଗୋଡଭଗା ସମଲେଇ ମନ୍ଦିରରେ ଶୁକ୍ରବାର ଲାୟନ୍ସ କ୍ଲବ ଓ ଲିଓ କ୍ଲବ ଗୋଡଭଗା ରୟାଲ ତରଫରୁ ମାଗଣା ଯୋଗ, ସୁଜୋକ, କମ୍ପନ ଓ ଫିଜିଓଥେରାପି ଚିକିତ୍ସା ଶିବିର ଆରମ୍ଭ ହୋଇଛି। ଏହି ଶିବିର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ ପଞ୍ଜାବର ଡଃ ଇନ୍ଦ୍ରପାଲ କାସୁରିଆ, ରାଜସ୍ଥାନର ଡଃ ଜଳବିନ୍ଦୁ ସିଂ, ହରିଶ ନାୟକ ଯୋଗଦେଇ ଚିକିତ୍ସା କରିଥିଲେ। ଲାୟନ୍ସ କ୍ଲବ ସଭାପତି ସତୀଶ ଦାସ, ସମ୍ପାଦକ ଆନନ୍ଦ ବିଶ୍ୱାଳ, ଲିଓ କ୍ଲବ ସଭାପତି ରୋନକ ଅଗ୍ରୱାଲ, ସମ୍ପାଦକ ବାଦଲ ପ୍ରକାଶ ଛନ୍ଦଙ୍କ ସମେତ ଦେବବ୍ରତ ରଥ, ମନୋଜ ଶର୍ମା, ନରେନ୍ଦ୍ର ପଧାନ, ସୁମନ ମେହେର, ଚିନ୍ମୟ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

### ରିଆମାଳ ବ୍ଲକକୁ ସବ୍‌ଡିଭିଜନ ମାନ୍ୟତା ଦାବି

ରିଆମାଳ,୩।୧୨(ଡି.ଏନ.ଏ.): ଦେବଗଡ଼ ଜିଲାର ସବୁଠାରୁ ବଡ ଏବଂ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ବ୍ଲକ ଭାବେ ପରିଚିତ ରିଆମାଳ ବ୍ଲକକୁ ସବଡିଭିଜନର ମାନ୍ୟତା ପ୍ରଦାନ ପାଇଁ ବିଭିନ୍ନ ଅନୁଷ୍ଠାନ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଆସୁଛି । ଗୁରୁବାର ଲିଗାଲ ରାଇଟ୍‌ସ କାଉନଶିଲ ଇଣ୍ଡିଆର ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରାଯାଇଛି। ଲିଗାଲ ରାଇଟ୍‌ସ କାଉନଶିଲ, ଇଣ୍ଡିଆର ଓଡିଶା ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ ଏମର୍ମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ସହ ଅଞ୍ଚଳବାସୀଙ୍କ ଉନ୍ନତି ଏବଂ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରିଆମାଳ ବ୍ଲକକୁ ଏକ ସ୍ୱତନ୍ତ୍ର ସବଡିଭିଜନର ମାନ୍ୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ଉକ୍ତ ବ୍ଲକକୁ ସବଡିଭିଜନ ମାନ୍ୟତା ପ୍ରଦାନ କରାଗଲେ ଅଞ୍ଚଳବାସୀଙ୍କ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ।

# ନାଁକୁ ସୌନ୍ଦର୍ଯ୍ୟକରଣ, ଲିଭିଗଲାଣି ଚିହ୍ନବର୍ଣ୍ଣ

ବିବେକ ମହାନ୍ତି
ରାଉରକେଲା ଅଫିସ,୩।୧୨



ରାସ୍ତାକଡରେ ଲଗାଯାଇଥିବା ଫୁଲଗଛଗୁଡିକ ମରିଯାଇଛି।

**ଏମିତି ହେଉଛି ରାଉରକେଲା ସ୍ମାର୍ଟସିଟି ବିକାଶ**
- ନିମ୍ନମାନର କାମର ଯାଞ୍ଚ ହେବ
- ଦୋଷ ଛଡାଇଲା ବନ ଉନ୍ନୟନ ନିଗମ
- ପ୍ରଶାସନିକ ଉଦାସୀନତା ବିକାଶରେ ବାଧକ

ରାଉରକେଲା ସ୍ମାର୍ଟସିଟି ଘୋଷଣାକୁ ୪ବର୍ଷ ପୂରିଲା। କିନ୍ତୁ ସହରବାସୀ ସ୍ମାର୍ଟସିଟି ବିକାଶର ଚିହ୍ନ ଦେଖି ପାରିଲେନି। ସହରରେ କୋଟି କୋଟି ଟଙ୍କାର ମାଳ ମାଳ ପ୍ରକଳ୍ପ କାମ କରାଯାଉଛି। ମାତ୍ର ସେଗୁଡିକ କେବେ ସରିବ ସେ ନେଇ କୌଣସି ସରକାରୀ ଅଧିକାରୀ ଉତ୍ତର ଦେଇପାରୁନାହାନ୍ତି। ଯେଉଁ କାମ କରାଯାଇଛି ବର୍ତ୍ତମାନ ତାହାର ଚିହ୍ନବର୍ଣ୍ଣ ନାହିଁ। ଠିକ୍ ଭାବେ କାମ କିଭଳି ହେବ ସେ ଦିଗରେ ଧ୍ୟାନ ଦିଆଯାଉନାହିଁ। ଏସବୁକୁ ଦେଖିଲେ ସ୍ମାର୍ଟସିଟି ବିକାଶ କାମରେ ଦୁର୍ନୀତି ଚାଲିଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ସ୍ମାର୍ଟସିଟି ରାସ୍ତା ସୌନ୍ଦର୍ଯ୍ୟକରଣ ପାଇଁ ପାଖାପାଖି ୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହାର ଦାୟିତ୍ୱ ରାଉରକେଲା ବନ ଉନ୍ନୟନ ନିଗମକୁ ଦିଆଯାଇଛି। ସରକାରଙ୍କ ନିୟମ ଅନୁସାରେ ୫ଲକ୍ଷରୁ ଅଧିକ ଟଙ୍କାର କାମ ହେଲେ ଇ-ଟେଣ୍ଡର ହେବା ବାଧ୍ୟତାମୂଳକ। କିନ୍ତୁ ରାଉରକେଲା ବନ ଉନ୍ନୟନ ନିଗମ ଏହି ନିୟମକୁ ଅବମାନନା କରିଥିବା ଅଭିଯୋଗ ହୋଇଛି। ହନୁମାନ ବାଟିକାରୁ ଆରଏସ୍‌ପି ମୁଖ୍ୟ ଗେଟ୍ ପର୍ଯ୍ୟନ୍ତ ରିଂରୋଡ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ୧୩ କୋଟି ୯୦ ଲକ୍ଷ ଟଙ୍କା, ବେଦବ୍ୟାସ ଛକରୁ ବେଦବ୍ୟାସ ମନ୍ଦିର ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ କାମ ପାଇଁ ପ୍ରାୟ ୭ କୋଟି ଟଙ୍କା ଏଭଳି ମୋଟ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଟଙ୍କାରେ ଫୁଟ୍‌ପାଥ୍ ୱେ, ବିଭିନ୍ନ ପ୍ରକାର ଗଛ, ସିଟିଂ ଚେୟାର ସହ ଅନ୍ୟାନ୍ୟ କାମ ହୋଇଛି। କିନ୍ତୁ କାମର ମାନକୁ ଦେଖିଲେ ଏତେ ଟଙ୍କା ଖର୍ଚ୍ଚ ହେଲା ଭଳି ଜଣାପଡୁନି। ବେଦବ୍ୟାସ ରୋଡ୍‌ର ଅଧିକାଂଶ ସ୍ଥାନରେ ମୂଲ୍ୟବାନ ଫୁଲଗଛ ଲଗାଇବାର ମାତ୍ର କିଛିଦିନ ପରେ ସେସବୁ ମରିଯାଇଛି। ଫୁଟ୍‌ପାଥ୍‌ରେ ବ୍ୟବହୃତ ଟାଇଲଗୁଡିକର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସ୍ମାର୍ଟସିଟିର ବିକାଶ ପାଇଁ କୋଟି କୋଟି ଟଙ୍କାକୁ ଏଭଳି ଢଙ୍ଗରେ ଖର୍ଚ୍ଚ କରାଯାଉଥିବା ଯୋଗୁ ଏହି ପ୍ରକଳ୍ପରେ ଦୁର୍ନୀତିର ଗନ୍ଧ ବାରି ହେଉଛି। ସବୁଠୁ ଆଶ୍ଚର୍ଯ୍ୟର କଥା ବିଭାଗର ଯେଉଁ ଅଧିକାରୀଙ୍କ ଦ୍ୱାରା ଏସବୁ ସୌନ୍ଦର୍ଯ୍ୟକରଣ କାମ ହେଉଛି, ତାଙ୍କ ନାଁରେ ପୂର୍ବରୁ ଦୁର୍ନୀତି ମାମଲା ରହିଛି। ଏଭଳି ଅଧିକାରୀଙ୍କ ହାତରେ କିଭଳି ବିକାଶ ହେବ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ଆରଏମ୍‌ସି କମିଶନର ଦିବ୍ୟଜ୍ୟୋତି ପରିଡାଙ୍କୁ ପଚାରିବାରୁ ଏସବୁ ଅଭିଯୋଗ ଉପରେ ସ୍ମାର୍ଟସିଟି ଅଧିକାରୀ ଉତ୍ତର ଦେଇପାରିବେ ବୋଲି କହିଥିଲେ। ବେଦବ୍ୟାସ ଓ ରାଉରକେଲାରେ ଚାଲିଥିବା ସୌନ୍ଦର୍ଯ୍ୟକରଣ କାମ ସଂକ୍ରାନ୍ତରେ ସ୍ମାର୍ଟସିଟିର ଅଧିକାରୀ ସଞ୍ଜୟ କୁମାର ନନ୍ଦଙ୍କୁ ପଚାରିବାରୁ ସେ କହିଥିଲେ, ଯଦି ନିମ୍ନମାନର କାମ ହେଉଥିବ ତେବେ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଉରକେଲା ବନ ଉନ୍ନୟନ ନିଗମର ଡିଭିଜନାଲ ମ୍ୟାନେଜର ବିଶ୍ୱଜିତ ରାଉତଙ୍କୁ ଏ ନେଇ ପଚାରିବାରୁ ଯେଉଁ ବିଭାଗ ଟଙ୍କା ଦେଇଛନ୍ତି ସେମାନଙ୍କୁ ପଚାରନ୍ତୁ। ଆମେ କିଛି କହିପାରିବୁ ନାହିଁ ବୋଲି ସେ କହିଥିଲେ। ତେବେ ଉଭୟ ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ନେତୃତ୍ୱଙ୍କ ଉଦାସୀନତା ଯୋଗୁ ରାଉରକେଲାର ବିକାଶ ଆଗେଇ ପାରୁ ନ ଥିବା ଆଲୋଚନା ହେଉଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

ଖପ୍ରାଖୋଲ,୩।୧୨(ଡି.ଏନ.ଏ.)

ଖପ୍ରାଖୋଲ ଥାନା ବେଲପଡା ବ୍ଲକ କନ୍ଧେନ ଝୁଲା ଗାଁରେ ଜଣେ ବିବାହିତା ମହିଳାଙ୍କୁ ଶାଶୁଘର ଲୋକେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଅର୍ଜ୍ଜୁନ ରାଏଙ୍କୁ ପୋଲିସ ଗିରଫ କରିଛି । ତେବେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବାପ ଘର ଲୋକେ ଶୁକ୍ରବାର ଥାନା ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିବା ଖବର ମିଳିଛି। ସୂଚନା ଅନୁସାରେ,ବେଲପଡା ଗାଁର କାଳିଆ ବାରିକଙ୍କ ଝିଅ ଚନ୍ଦ୍ରକାନ୍ତି (୨୬)ଙ୍କୁ ଗତ ୯ ବର୍ଷ ତଳେ କନ୍ଧେନଝୁଲା ଗାଁର ଗପ ରାଏଙ୍କ ପୁଅ ଅର୍ଜ୍ଜୁନ ବିବାହ କରିଥିଲେ। ହେଲେ ଅନେକ ସମୟରେ ପାରିବାରିକ ଅଶାନ୍ତି ଲାଗି ରହୁଥିବାରୁ ଚନ୍ଦ୍ରକାନ୍ତିଙ୍କୁ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ମୃତା ମହିଳାଙ୍କ ଭାଇ କେଶବ ବାରିକ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ସ୍ୱାମୀ ଅର୍ଜ୍ଜୁନ ,ଶଶୁର ,ଶାଶୁ ଓ ସମ୍ପର୍କୀୟ ଦିଅରଙ୍କ ନାମରେ ଅଭିଯୋଗ ହୋଇଛି। ପୋଲିସ ନଂ ୨୦୭/୨୧ରେ ଏକ ମାମଲା ରୁଜୁ କରି ଅର୍ଜ୍ଜୁନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏଲଡିଏ ନେତା ଲବ ସୁନାଙ୍କ ନେତୃତ୍ୱରେ ପରିବାର ଲୋକ ସନ୍ଧ୍ୟାରେ ଅଧଘଣ୍ଟା ଧରି ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ମିଳିବା ପରେ ବାପଘର ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ । ମୃତା ମହିଳାଙ୍କ ଦୁଇ ପୁଅ ଏବଂ ଏକ ଝିଅ ଥିବା ଜଣାଯାଇଛି।

## ପୁଣି ୬୦ ପଞ୍ଚାୟତ, ୧୪ ଗାଁ ବାଲ୍ୟବିବାହ ମୁକ୍ତ ଘୋଷଣା

ସୋନପୁର, ୩।୧୨(ନି. ପ୍ର. )

ସୁବର୍ଣ୍ଣପୁର ଜିଲା ପ୍ରଶାସନ ତଥା ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହକୁ ବନ୍ଦ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଉଛି।ଏହି ପରିପ୍ରେକ୍ଷୀରେ ଜିଲାର ପ୍ରତ୍ୟେକ ଗ୍ରାମରେ ବାଲ୍ୟ ବିବାହ ଓ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଶିଶୁ ସୁରକ୍ଷା ବିଭାଗ ତରଫରୁ ଜିଲା ସମାଜ ମଙ୍ଗଳ ବିଭାଗ ସହଯୋଗରେ ଚାଲୁ ରହିଛି। ଶୁକ୍ରବାର ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରୱଣେ ଶିଶୁ ବିକାଶ ପ୍ରକଳ୍ପ ସୋନପୁର ପକ୍ଷରୁ କଳାପଥର ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାର ୬୦ ଗ୍ରାମ ପଞ୍ଚାୟତ ଏବଂ ୧୪ ଗୋଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଓ ଗ୍ରାମ ଘୋଷଣା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାର ୭୬୭ ଗୋଟି ଗ୍ରାମ ଓ ଜିଲାର ୬୦ ଟି ଗ୍ରାମ ପଞ୍ଚାୟତକୁ ଜିଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଦ୍ୱାରା ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ତଥା ଲୋକାଭିମୁଖୀ କରିବା ନିମନ୍ତେ ଜିଲାପାଳ ନରୱଣେ ଉପସ୍ଥିତ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଜନସାଧାରଣଙ୍କୁ ପରାମର୍ଶ ଦେବା ସହ ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରୁଥିବା ଅଥବା ପ୍ରଲୋଭିତ କିମ୍ବା ବାଧ୍ୟ ବାଧକତା କରୁଥିବା ବ୍ୟକ୍ତି ବିଶେଷଙ୍କୁ ଆଇନ ଅନୁସାରେ ଦଣ୍ଡିତ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲାପାଳ ଜିଲାର ସମସ୍ତ କିଶୋରୀ କିଶୋର ମାନଙ୍କୁ ବାଲ୍ୟ ବିବାହ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ଉପଯୁକ୍ତ ଶିକ୍ଷା ଗ୍ରହଣ କରି ଜିଲାର ଗୌରବ ଆଣିବାକୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ସୋନପୁର ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରୀମଣି ହାଁସଦା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲା ବାଲ୍ୟ ବିବାହ ପ୍ରତିରୋଧ ପରାମର୍ଶଦାତା ରାକେଶ ପଧାନ, ସୋନପୁର ସିଡିପିଓ ନିବେଦିତା ସରାଫ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କଳାପଥର ସରପଞ୍ଚ ସନ୍ଧ୍ୟାରାଣୀ ପଧାନ, ସୁଶୀଲ କୁମାର ମହାପାତ୍ର, ପିଇଓ ମଞ୍ଜୁଲତା ସ୍ୱାଇଁ, ଚାଇଲଡ ଲାଇନ ସଂଯୋଜକ ଆଶିଷ କୁମାର ନାଏକ, ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ଜିଲାପାଳ କଳାପଥର ପଞ୍ଚାୟତକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରୁଛନ୍ତି।

## ନାହାନ୍ତି ଅସ୍ତ୍ରୋପଚାର ବିଶେଷଜ୍ଞ ଡାକ୍ତର

ନୂଆପଡ଼ା ଅଫିସ,୩।୧୨

**ଜିଲା ମୁଖ୍ୟ ଚିକିତ୍ସାଳୟ**




- ୩୨ ଡାକ୍ତର ପଦବୀ ଖାଲି
- ସୋନୋଗ୍ରାଫି, ସିଟି ସ୍କାନ, ଏମ୍‌ଆର୍‌ଆଇ ନାହିଁ

ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତରଙ୍କ ସହିତ ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ପଡୁଛି। ପ୍ରାପ୍ତ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ମଞ୍ଜୁରୀପ୍ରାପ୍ତ ୬୪ ଡାକ୍ତର ପଦବୀ ରହିବା କଥା। ହେଲେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଅନ୍ୟାନ୍ୟ ଅଧିକାରୀମାନଙ୍କୁ ମିଶାଇ ମୋଟ ୩୨ଜଣ ଡାକ୍ତର ଅଛନ୍ତି। ସେଥି ମଧ୍ୟରୁ ରୋଗୀ ସେବା ପାଇଁ ମାତ୍ର ୨୦ଜଣ ଡାକ୍ତର ହିଁ କାର୍ଯ୍ୟ କରୁଛନ୍ତି। ଅନ୍ୟମାନେ ବିଭିନ୍ନ ପଦପଦବୀରେ ରହିଛନ୍ତି। ସମ୍ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ୪ଜଣ ଭେଷଜ ବିଶେଷଜ୍ଞ, ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞ, କାନ ନାକ ଗଳା ବିଶେଷଜ୍ଞ ଜଣେ, ୨ଜଣ ନଶ୍ଚେତକ ବିଶେଷଜ୍ଞ, ୨ ଜଣ ଆଖି ବିଶେଷଜ୍ଞ, ୨ଜଣ ଶିଶୁ ରୋଗ ବିଶେଷଜ୍ଞ, ୩ଜଣ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଜଣେ ରୋଗ ନିଦାନ ବିଶେଷଜ୍ଞ ଏପରି ୧୬ଜଣ ବିଶେଷଜ୍ଞଙ୍କ ସହିତ ୨୦ଜଣ ଡାକ୍ତର ହିଁ ରୋଗୀ ସେବାରେ ନିୟୋଜିତ ଅଛନ୍ତି। ସବୁଠାରୁ ବଡ ଦୁଃଖ ବିଷୟ ହେଉଛି, ଜିଲାରେ ଅସ୍ତ୍ରୋପଚାର ବିଶେଷଜ୍ଞ ଡାକ୍ତର ନାହାନ୍ତି। କୋଭିଡ୍ ପରିଚାଳନା ପାଇଁ ରାଜ୍ୟ ସରକାର ଜିଲାକୁ ଦେଇଥିବା ୯ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ଫେରାଇ ନେଇଛନ୍ତି। ବର୍ତ୍ତମାନ ଥିବା ଜଣେ ଅସ୍ତ୍ରୋପଚାର ବିଶେଷଜ୍ଞ ଡାକ୍ତରଙ୍କୁ ବଦଳି କରାଯାଇଛି। ଏହା ବ୍ୟତିତ ଜିଲା କିମ୍ବା ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁରୁଷମାନଙ୍କ ପାଇଁ ସୋନୋଗ୍ରାଫି, ସିଟି ସ୍କାନ, ଏମଆରଆଇ ଭଳି ଅତ୍ୟାଧୁନିକ ରୋଗ ନିଦାନ ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ଏଠାରୁ ପ୍ରାୟ ରୋଗୀଙ୍କୁ ଅନ୍ୟତ୍ର ପଠାଯାଉଛି। ଏପରିକି ସାଧାରଣରୁ ଅତିସାଧାରଣ ଅସ୍ତ୍ରୋପଚାର ପାଇଁ ରୋଗୀ ଅନ୍ୟତ୍ର ସ୍ଥାନାନ୍ତର ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଠାରେ ବରିଷ୍ଠ ନାଗରିକମାନଙ୍କ ପାଇଁ କୌଣସି ସୁବିଧା ନାହିଁ। ବରିଷ୍ଠ ନାଗରିକମାନେ ମଧ୍ୟ ଧାଡିରେ ଛିଡାହୋଇ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କାଳିପ୍ରସାଦ ବେହେରାଙ୍କୁ ପଚାରିବାରୁ ଜିଲାରେ କୋଭିଡ୍ ପରିଚାଳନା ସମୟରେ ସରକାର ଯୋଗାଇ ଦେଇଥିବା ବିଶେଷଜ୍ଞ ଡାକ୍ତରଙ୍କୁ ଫେରାଇ ନିଆଯାଇଛି। ବର୍ତ୍ତମାନ ଏଠାରେ ଥିବା ଜଣେମାତ୍ର ଅସ୍ତ୍ରୋପଚାର ବିଶେଷଜ୍ଞ ଡାକ୍ତରଙ୍କ ବଦଳି ହୋଇଯାଇଛି। ଏହା ବ୍ୟତିତ ୨ଜଣ ଡାକ୍ତର ସୋନୋଗ୍ରାଫି ତାଲିମ ନେବା ପାଇଁ ଯାଇଛନ୍ତି। ସେମାନଙ୍କ ତାଲିମ ଶେଷ ହୋଇ ନ ଥିବାରୁ ଆମେ ପୁରୁଷ ସୋନୋଗ୍ରାଫି ଆରମ୍ଭ କରିପାରୁନାହୁଁ। ଜିଲା ମୁଖ୍ୟ ଚିକିତ୍ସାଳୟର ବୈଷୟିକ ସମସ୍ୟା ନେଇ ବାରମ୍ବାର ରାଜ୍ୟ ସରକାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

## ମାଣ୍ଡୋସିଲ ଜୁନିୟର କଲେଜରେ ସ୍ୱାସ୍ଥ୍ୟ ସଚେତନତା

ପାଇକମାଳ,୩।୧୨(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଜୁନିୟର କଲେଜରେ ଶୁକ୍ରବାର ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଅର୍ଥନୀତି ପ୍ରାଧ୍ୟାପକ ରବିନ୍ଦ୍ର କୁମାର ଶତପଥୀ ମୁଖ୍ୟଅତିଥି, କଲେଜର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମହାପାତ୍ର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ଡଃ ଶାନ୍ତିଲତା ଆଚାର୍ଯ୍ୟ, ପ୍ରଫେସର ଡ଼ଃ ଜଗବନ୍ଧୁ ମିଶ୍ର, ଡଃ ବିଭୂଦତ୍ତ ଶର୍ମା ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଉପରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ଯୋଗ ପ୍ରଶିକ୍ଷଣ ସହିତ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୬ରେ ଅଙ୍ଗନୱାଡି କର୍ମୀଙ୍କ ବିଧାନସଭା ଘେରାଉ

ରୁପ୍ରାରୋଡ/ନର୍ଲା,୩।୧୨(ଡି.ଏନ.ଏ.)

ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏଶନ ରାଜ୍ୟ ସଂଘ ଆହ୍ୱାନକ୍ରମେ ୧୫ଦଫା ଦାବିନେଇ ଆସନ୍ତା ୬ ତାରିଖରେ ବିଧାନ ସଭା ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏ ନେଇ ନର୍ଲା ବ୍ଲକ ଅଙ୍ଗନୱାଡି କର୍ମୀ ସମୂହ ସଭାନେତ୍ରୀ ସନ୍ଧ୍ୟାରାଣୀ ସାହୁ ଓ ସମ୍ପାଦିକା ଜୟନ୍ତୀ କୁମାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଜିଲା ସଭାନେତ୍ରୀ ସଞ୍ଜିବିନୀ ପାଢୀଙ୍କ ନେତୃତ୍ୱରେ ଏକ ଟିମ ଭୁବନେଶ୍ୱରର ଯାଇ ବିଧାନ ସଭା ଘେରାଉ ସହ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏଶନ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି। ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ସହିତ ଯେଉଁ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ ଅଙ୍ଗନୱାଡି କର୍ମୀମାନଙ୍କୁ ମାସିକ ୨୧ ହଜାର ଟଙ୍କା ଓ ସହାୟିକାମାନଙ୍କୁ ଦଶ ହଜାର ପାଞ୍ଚ ଶହ ଟଙ୍କା ପ୍ରଦାନ କରାଯିବା ସହ ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ପ୍ରଦାନ ଆଦି ୧୫ ଦଫା ଦାବି ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜଣାପଡ଼ିଛି।

## ଗର୍ତ୍ତ ମରାମତି କଲା ଆରଡି ବିଭାଗ

କୋକସରା,୩।୧୨(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କୋକସରା ବ୍ଲକ ୨୬ ନଂ. ଜାତୀୟ ରାଜପଥ ବଙ୍ଗୋମୁଣ୍ଡା, ଟେମରା ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତାର ବଙ୍ଗୋମୁଣ୍ଡା ଗାଁ ନିକଟରେ ଥିବା ଏକ ପୋଲରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଫଳରେ ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ ସହ ସାଧାରଣ ଲୋକେ ମଧ୍ୟ ପ୍ରଭାବିତ ହେଉଥିଲେ। ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଧରିତ୍ରୀ ଖବରକାଗଜରେ ନଭେମ୍ବର ୨୭ ତାରିଖରେ ଏକ ଖବର ପ୍ରକାଶିତ ହେବା ପରେ ବିଭାଗୀୟ ତତ୍ପରତା ଦେଖିବାକୁ ମିଳିଛି। ଇତିମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଗର୍ତ୍ତ ମରାମତି କାମ ଆରମ୍ଭ କରିଛି। ସହକାରୀ ଯନ୍ତ୍ରୀ ଦିଲୀପ ବିଶୋଇଙ୍କୁ ମତାମତ ପାଇଁ ପୂର୍ବରୁ ପଚାରିବାରୁ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଏବେ ନିଜେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଥିବା ଦେଖିବାକୁ ମିଳିଛି। ଖବର ପ୍ରକାଶ ପରେ ପୋଲ ଉପରେ ହୋଇଥିବା ଗର୍ତ୍ତ ମରାମତି ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।



ଗ୍ରାମ୍ୟ ଉନ୍ନୟନ ବିଭାଗ ଗର୍ତ୍ତ ମରାମତି ଆରମ୍ଭ କରିଛି।

## ସୀମାନ୍ତରେ ଧାନମଣ୍ଡି, ବଢୁଛି ଅସନ୍ତୋଷ

ବରଗଡ଼ ଅଫିସ୍/ଅମ୍ବାଭୋନା, ୩।୧୨(ଡି.ଏନ.ଏ)



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

- ଛତିଶଗଡ଼ ଧାନ ଆସିବା ସମ୍ଭାବନା
- ଜିଲାପାଳଙ୍କୁ ୩ ଗ୍ରାମର ଚାଷୀଙ୍କ ଫେରାଦ

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ଆରମ୍ଭରୁ ଧାନ ସଂଗ୍ରହ ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇ ପଡ଼ିଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ହେଡ଼କ୍ୱାର୍ଟର ନିକଟରେ ଥିବା ଧାନମଣ୍ଡିରୁ ବାଦ୍ ଦିଆଯାଇ ଛତିଶଗଡ଼ ସୀମାନ୍ତ ବରା ଗ୍ରାମରେ ନୂତନ ଧାନ ମଣ୍ଡି ଖୋଲାଯାଇଛି। ଏହାଦ୍ୱାରା ଜିଲାର ଚାଷୀମାନେ ଧାନ ବିକ୍ରିରେ ହଇରାଣ ହେବେ ଏବଂ ପଡ଼ୋଶୀ ଛତିଶଗଡ଼ର ଧାନ ଜିଲାକୁ ପଶି ଆସିବା ଆଶଙ୍କା ରହିଛି। ଏହି କ୍ରମରେ ଶୁକ୍ରବାର ଅଞ୍ଚଳର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ଅମ୍ବାଭୋନା ବ୍ଲକ ରୁଚିଦା ପଞ୍ଚାୟତକୁ କଣ୍ଡପଲା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ବାଦ୍ ଦିଆଯାଇ ଭୁକ୍ତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପଟେ ଖରିଫ ଧାନ ସଂଗ୍ରହ ବେଳକୁ ରୁଚିଦା ପଞ୍ଚାୟତକୁ ଭୁକ୍ତା ମାର୍କେଟ୍ ୟାର୍ଡ଼ରୁ ବାଦ୍ ଦିଆଯାଇଛି। ପ୍ରଶାସନର ଏଭଳି ଦୋମୁହାଁ ନୀତିକୁ ବଡ଼ଧରା, ରୁଚିଦା, ନାରଙ୍ଗପୁର ଗ୍ରାମର ଚାଷୀମାନେ ବିରୋଧ କରିଛନ୍ତି। ଉକ୍ତ ୩ ଗ୍ରାମର ଚାଷୀଙ୍କୁ ଅଣଦେଖା କରି ସୀମାନ୍ତ ଅସୁରକ୍ଷିତ ବରା ଗ୍ରାମର ତ୍ରିନାଥ ଛକରେ ନୂତନ ଧାନ ମଣ୍ଡି ଖୋଲାଯାଇଛି। ସେଠାରେ ଧାନ ସଂଗ୍ରହ ପାଇଁ ଆବଶ୍ୟକ ଭିତ୍ତିଭୂମି ନ ଥିବାବେଳେ ରୁଚିଦାରୁ ବରା ଗ୍ରାମକୁ ଯିବା ପାଇଁ ସ୍ଥାୟୀ ଯାତାୟାତ ବ୍ୟବସ୍ଥା ନାହିଁ। ଅନ୍ୟପଟେ ସୀମାନ୍ତରେ ପଡ଼ୋଶୀ ଛତିଶଗଡ଼ର ବଡ଼େ ନୂଆପରା, ଖଏରଗଡ଼ି, ବୋରୋ, ଅମୁର୍ରା, କଞ୍ଚନପୁର ଆଦି ଗ୍ରାମ ରହିଛି। ଫଳରେ ଅବାଧରେ ଛତିଶଗଡ଼ ଧାନ ପ୍ରବେଶ କରିବାର ଯଥେଷ୍ଟ ଆଶଙ୍କା ରହିଛି। ବରା ମଣ୍ଡିରୁ ବାଦ୍ ଦେଇ ପୂର୍ବଭଳି ଭୁକ୍ତା ମାର୍କେଟ ୟାର୍ଡ଼ ଜରିଆରେ ଧାନ କିଣାବିକା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏହି ଦାବି ନେଇ ଉକ୍ତ ଗ୍ରାମର ଘନଶ୍ୟାମ ପ୍ରଧାନ, ସୁବାଷ ପ୍ରଧାନ, ଦୟାସାଗର ପ୍ରଧାନ, ଶ୍ୟାମସୁନ୍ଦର ସାହୁ, ରାଜକିଶୋର ପୁରେହିତ, ସୌରୀ ପ୍ରଧାନ, ହର ନାରାୟଣ ଭୋଇ, ଶ୍ୟାମଲାଲ ନାଏକ, ଜାଗେଶ୍ୱର ନାଏକ, ରତ୍ନାକର ନାଏକ, ଚଉନିଆ ଚୌଧୁରୀ, ଦୁବରାଜ ମେହେର, ସତ୍ରାଜିତ ପ୍ରଧାନ ପ୍ରମୁଖ ସ୍ମାରକପତ୍ର ଦେବା ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ବୃଦ୍ଧଙ୍କୁ ଆକ୍ରମଣ କରି ଯୁବକ ଗିରଫ

ନାକଟିଦେଉଳ,୩।୧୨(ଡ଼ି.ଏନ.ଏ.)

ନାକଟିଦେଉଳ ଥାନା ତିଳେଇପଶି ଗ୍ରାମରେ ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ନାକଟିଦେଉଳ ପୋଲିସ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ଗିରଫ କରି ଶୁକ୍ରବାର ରେଢାଖୋଲ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ତିଳେଇପଶି ଗ୍ରାମର ନଗେନ ଦେହୁରି। ପୋଲିସ ସୂତ୍ରରୁ ପ୍ରକାଶ ଗ୍ରାମର ବିଶ୍ୱନାଥ ସାହୁ ନିଜ ଧାନକ୍ଷେତରେ ମାଛ ମାରିବା ପାଇଁ ଜାଲ ବସାଇଥିଲେ। ହେଲେ ବିଶ୍ୱନାଥଙ୍କ ଅନୁପସ୍ଥିତିରେ ନଗେନ ଜାଲ ସହିତ ମାଛ ନେଇଯାଇଥିଲେ। ବିଶ୍ୱନାଥ ଏହା ଜାଣିବା ପରେ ନଗେନଙ୍କ ପାଖକୁ ଯାଇ ଜାଲ ଫେରାଇଦେବାକୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏପରିସ୍ଥଳେ ନଭେମ୍ବର ୧୭ ରାତ୍ରିରେ ବିଶ୍ୱନାଥ କ୍ଷେତରେ ଧାନ ଜଗିଥିବା ବେଳେ ନଗେନ ପହଞ୍ଚି ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ୧୮ତାରିଖରେ ବିଶ୍ୱନାଥ ନାକଟିଦେଉଳ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଭୂତି ଭୂଷଣ ଦଳାଇ ଘଟଣାର ତଦନ୍ତ କରି ନଗେନଙ୍କୁ ଗିରଫ କରିଥିଲେ।

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡ଼ିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। –ଶ୍ରୀଅରବିନ୍ଦ



# ନିଯୁକ୍ତି ଦ୍ୱନ୍ଦ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ପ୍ରତିରକ୍ଷା ଉତ୍ପାଦନ ସଚିବ ରାଜ କୁମାରଙ୍କ ମୂଳ ଗୁଜରାଟ କ୍ୟାଡର୍‌କୁ ପ୍ରତ୍ୟାବର୍ତ୍ତନ ଏକ ସମ୍ପୂର୍ଣ୍ଣ ଅଜବ ଘଟଣା ବୋଲି ପୂର୍ବରୁ ଉକ୍ତ ସ୍ତମ୍ଭରେ ସୂଚିତ କରାଯାଇଥିଲା । ଏବେ ସାଧାରଣରେ ମତ ପ୍ରକାଶ ପାଉଛି ଯେ, ଗୁଜରାଟର ମୁଖ୍ୟ ଶାସନ ସଚିବ ପଙ୍କଜ କୁମାରଙ୍କ କାର୍ଯ୍ୟକାଳ ୨୦୨୨ ମେ'ରେ ଶେଷ ହେବା ପରେ ତାଙ୍କ ସ୍ଥାନରେ କୁମାର ଅବସ୍ଥାପିତ ହେବେ । ତେବେ କୁମାରଙ୍କୁ ଏଭଳି ନିଯୁକ୍ତି ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଏବଂ ଏହି ସମୟରେ ସେ ରାଜ୍ୟର ସ୍ଥିତି ସହ ଅଭ୍ୟସ୍ତ ହୋଇପାରିବେ ବୋଲି କୁହାଯାଉଛି। ବିଚିତ୍ର କଥା ହେଉଛି, ଘୋଷଣାର ୧୦ ଦିନ ବିତିଯାଇଥିଲେ ମଧ୍ୟ କେନ୍ଦ୍ର କୁମାରଙ୍କୁ ଛାଡ଼ିବାର ସଂକେତ ଦେଖାଯାଉନାହିଁ କିମ୍ବା ରାଜ୍ୟ ତାଙ୍କୁ ଫେରାଇ ଆଣିବାରେ କୌଣସି ଆବଶ୍ୟକତା ଥିବା ଭଳି ମନୋଭାବ ପ୍ରକାଶ କରୁନାହିଁ। ନିଯୁକ୍ତିକୁ ନେଇ ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ହେଲେ କୁମାରଙ୍କ ସପକ୍ଷରେ ଉଭୟ ସରକାର ରହିଥିବା ସ୍ପଷ୍ଟ ହେଉଛି। ୨୦୨୪ ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ରାଜ୍ୟକୁ ମାର୍ଗଦର୍ଶନ କରିବା ଲାଗି ତାଙ୍କୁ ଗୁଜରାଟ ପଠାଇବାକୁ ସମ୍ଭବତଃ ଉଭୟ ସରକାରଙ୍କର ଏକ ଯୋଜନା ଥିଲା ବୋଲି ମଧ୍ୟ ଜଣାପଡୁଛି। କୁମାରଙ୍କୁ ମୁଖ୍ୟ ଶାସନ ପଦବୀରେ ସିଧାସଳଖ ନିଯୁକ୍ତି ଦେଲେ  ସେହି ପଦବୀ ପାଇଁ ଯୋଗ୍ୟ ୧୯୮୬ ବ୍ୟାଚ୍ ତିନି ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସେ ଟପିଯିବେ ଓ ଏହାର ସମାଧାନ ପାଇଁ ସେହି ୩ ଅଧିକାରୀଙ୍କୁ ସେମାନଙ୍କ ପସନ୍ଦ ପଦବୀରେ ଅବସ୍ଥାପିତ କରିବାକୁ ହେବ। କୁମାରଙ୍କ ନିଯୁକ୍ତିକୁ ରୋକିବା ପଛରେ ଏହା ଏକ କାରଣ ହୋଇପାରେ। ସରକାର କୁମାରଙ୍କୁ ନିଯୁକ୍ତି ଦେବା ପୂର୍ବରୁ ପ୍ରଥମେ ଏହି ସମସ୍ୟା ସମାଧାନ କରିବାର ସମ୍ଭାବନା ରହିଛି।

### ସଂରକ୍ଷଣ ସାହାରା ମନା

ସୁପ୍ରିମକୋର୍ଟ ରାୟରେ କହିଛନ୍ତି ଯେ, ୟୁପିଏସ୍‌ସିରେ କୃତକାର୍ଯ୍ୟ ହେଉଥିବା ପ୍ରାର୍ଥୀମାନଙ୍କର କ୍ୟାଡର୍ ପସନ୍ଦ ଅଧିକାର ନାହିଁ କି ସେମାନଙ୍କ ପସନ୍ଦ ମୁତାବକ କ୍ୟାଡର୍ ଆବଣ୍ଟନ କରାଯାଇପାରିବ ନାହିଁ। କେରଳ ହାଇକୋର୍ଟ ହିମାଚଳପ୍ରଦେଶରେ ନିଯୁକ୍ତ ମହିଳା ଆଇଏଏସ୍ ଅଧିକାରୀ ଏ.ଶାଇନାମୋଲ୍‌ଙ୍କୁ ତାଙ୍କ ମୂଳ କ୍ୟାଡର୍ ଦେବାକୁ କେନ୍ଦ୍ରକୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତା'ବିରୋଧରେ କେନ୍ଦ୍ର ସୁପ୍ରିମକୋର୍ଟରେ ଏହାର ପୁନର୍ବିଚାର ପାଇଁ ଅନୁରୋଧ କରିଥିଲେ। ଏହା ଉପରେ ବିଚାର କରି ସୁପ୍ରିମକୋର୍ଟ ଏଭଳି ନିଷ୍ପତ୍ତି ନେଇଛନ୍ତି। ସର୍ବୋଚ୍ଚ ଅଦାଲତ ପୁଣି କହିଛନ୍ତି, କେବଳ ନିଯୁକ୍ତି ନିୟମ ବ୍ୟତୀତ ଆଇଏଏସ୍‌ଙ୍କ କ୍ୟାଡର୍ ଆବଣ୍ଟନ ଭଳି ସ୍ୱୟଂକ୍ରିୟା ପଦ୍ଧତିର ନିୟମ ବିଚ୍ୟୁତି କେବେ ଗ୍ରହଣୀୟ ନୁହେଁ। ଶାଇନାମୋଲ୍ ୨୦୦୬ରେ ୟୁପିଏସ୍‌ସି ପରୀକ୍ଷାରେ ସଫଳ ହୋଇଥିଲେ। ସେ ମୁସଲିମ୍ ଓବିସି ବର୍ଗର ହେଲେ ମଧ୍ୟ ତାଙ୍କୁ ସାଧାରଣ ବର୍ଗରେ  ଚୟନ କରାଯାଇଥିଲା ଏବଂ ୨୦୦୭ରେ ସେ ହିମାଚଳ କ୍ୟାଡର୍‌ରେ ନିଯୁକ୍ତ ହୋଇଥିଲେ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ,ଶାଇନାମୋଲ୍ ସଂରକ୍ଷଣ କୋଟାର ସୁବିଧା ନ ନେଇ ସାଧାରଣ ବର୍ଗରେ ନିଯୁକ୍ତ ହୋଇଥିବାରୁ ସେ ତାଙ୍କ ରାଜ୍ୟରେ ଓବିସି କୋଟାରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ନୁହନ୍ତି ଓ ଉକ୍ତ ଘଟଣାରେ କେରଳ ସରକାରଙ୍କ ସହ ଆଲୋଚନା କରିବା ଆବଶ୍ୟକ ନ ଥିଲା । ଆଇଏଏସ୍ ପାଇଁ ଏସ୍‌ସ/ଏସ୍‌ଟି କିମ୍ବା ଓବିସି ବର୍ଗର ଯେଉଁ ପ୍ରାର୍ଥୀମାନେ କୋଟାର ସୁବିଧା ନ ନେଇ ସାଧାରଣ ବର୍ଗରେ ନିଯୁକ୍ତି ଲାଗି ଚୟନ ହେଉଛନ୍ତି ସେମାନଙ୍କ ପାଇଁ ସ୍ପଷ୍ଟତଃ କୋର୍ଟର ଉକ୍ତ ନିର୍ଦ୍ଦେଶର ତାତ୍ପର୍ଯ୍ୟ ରହିଛି। ନିଯୁକ୍ତି ଚୟନ ଏବଂ କ୍ୟାଡର୍ ଆବଣ୍ଟନ ପରେ ଏମାନେ ଆଉ ସଂରକ୍ଷଣର ସାହାରା ନେଇପାରିବେ ନାହିଁ।

### ପୋଲିସକୁ ସବୁଜ ସଂକେତ

ପୋଲିସ କମିଶନରେଟ୍‌ରେ 'ଡୁଆଲ କଣ୍ଟ୍ରୋଲ' ସିଷ୍ଟମ ଲାଗୁ କରିବାରେ ମହାରାଷ୍ଟ୍ର, ଦିଲ୍ଲୀ ଏବଂ ରାଜସ୍ଥାନ ଭଳି ରାଜ୍ୟଗୁଡ଼ିକ ମଧ୍ୟରେ ଏବେ ମଧ୍ୟପ୍ରଦେଶ ସ୍ଥାନ ପାଇବ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ନୂଆ ବ୍ୟବସ୍ଥା ଲାଗୁ କରିବା ପାଇଁ ନିର୍ଦ୍ଦିଷ୍ଟ ତାରିଖ ସ୍ପଷ୍ଟ କରି ନ ଥିଲେ ବି  ଏହା ଏପ୍ରିଲ ୨୦୨୨ରୁ କାର୍ଯ୍ୟକାରୀ ହେବା ସମ୍ଭାବନା ରହିଛି ବୋଲି ପୋଲିସ ମହାନିର୍ଦ୍ଦେଶକ ଭି. କେ.ଜୋହରି ସୂଚନା ଦେଇଛନ୍ତି। ଅନେକ ବର୍ଷ ପୂର୍ବେ ପ୍ରଥମେ ପୋଲିସ କମିଶନରେଟ୍‌ର ନୂଆ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ବ୍ୟବସ୍ଥାକୁ ୧୬ଟି ରାଜ୍ୟ ଗ୍ରହଣ କରିଥିଲେ ଏବଂ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇପିଏସ୍ ପ୍ରୋବେଶନର୍‌ଙ୍କ ସହ ଆଲୋଚନା ଅବସରରେ ରାଜ୍ୟଗୁଡ଼ିକର ଏଭଳି ପଦକ୍ଷେପକୁ ପ୍ରଶଂସା କରି କହିଥିଲେ , ଏହାକୁ ଅନ୍ୟମାନେ ଗ୍ରହଣ କରିବା ଉଚିତ । ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ପରେ ଏହି ଅଭିଯାନ ଜୋର ଧରିଛି। ଏବେ ପ୍ରଚଳିତ ବ୍ୟବସ୍ଥାରେ  କୌଣସି କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ପୋଲିସକୁ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କ ଅନୁମତି ନେବାକୁ ପଡୁଛି। କିନ୍ତୁ ନୂଆ ବ୍ୟବସ୍ଥାରେ ପୋଲିସକୁ ମାଜିଷ୍ଟ୍ରେରିଆଲ କ୍ଷମତା ପ୍ରଦାନ କରାଯିବ। ଅପରାଧ ରୋକିବା ଲାଗି ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିବାକୁ ଏହା ସାହାଯ୍ୟ କରିବ। ପୋଲିସ ବିଭାଗକୁ ଅଧିକ କ୍ଷମତା ଦେବା ପାଇଁ ଦୃଢ ଆଇଏଏସ୍ ଲବିର ବିରୋଧ ଯୋଗୁ ଏହି ପ୍ରସ୍ତାବ କାର୍ଯ୍ୟକାରୀରେ ବିଳମ୍ବ ହେଉଥିଲା। ହେଲେ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପୋଲିସ କମିଶନରେଟ ବ୍ୟବସ୍ଥା ସବୁଜ ସଂକେତ ପାଇବା ପରେ ଆଇଏଏସ୍ ଲବି ପାଖରେ ଆଉ କୌଣସି ବିକଳ୍ପ ନାହିଁ।

Email: dilipcherian@gmail.com

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | | 4 | | |
| 5 | 1 | | | | 3 | | | |
| 7 | | | 8 | | | | 2 | |
| | | | | | | | | 9 |
| | | 6 | | | | | | |
| | | | | 9 | 2 | | | 1 |
| | | | | | 9 | 7 | | |
| | 2 | | | | | 8 | | |
| | 9 | | | 3 | | | | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 9 | 7 | 6 | 8 | 2 | 4 | 1 |
| 8 | 7 | 4 | 5 | 2 | 1 | 6 | 3 | 9 |
| 1 | 2 | 6 | 9 | 3 | 4 | 8 | 5 | 7 |
| 9 | 4 | 8 | 3 | 7 | 2 | 5 | 1 | 6 |
| 2 | 6 | 1 | 4 | 9 | 5 | 3 | 7 | 8 |
| 7 | 5 | 3 | 8 | 1 | 6 | 9 | 2 | 4 |
| 6 | 1 | 7 | 2 | 5 | 9 | 4 | 8 | 3 |
| 4 | 9 | 2 | 1 | 8 | 3 | 7 | 6 | 5 |
| 3 | 8 | 5 | 6 | 4 | 7 | 1 | 9 | 2 |

ଗତକାଲିର ଉତ୍ତର

# ଜ୍ଞାନର ପରିଭାଷା



ଛାୟାକାନ୍ତ ଷଡ଼ଙ୍ଗୀ

ଯେତେବେଳେ ଶିଶୁଟିଏ ପ୍ରଥମେ ବିଦ୍ୟାଳୟକୁ ଯାଏ, ସେ ଥାଏ ଅଜ୍ଞାନ ଓ ଅବୋଧ। ଜୀବନରେ ଭଲ କ'ଣ, ମନ୍ଦ କ'ଣ, ପାପ କ'ଣ, ପୁଣ୍ୟ କ'ଣ ଏ ସମ୍ପର୍କରେ ତା'ର ଧାରଣା ନ ଥାଏ। ଶିକ୍ଷକ ତାକୁ ସେ ସମ୍ପର୍କରେ ଧାରଣା ଦିଅନ୍ତି। ଗଳ୍ପ, କବିତା, ଧର୍ମଶାସ୍ତ୍ର ଆଦିରୁ ଅନେକ ଉଦାହରଣ ଦେଇ ଶିକ୍ଷକ ଶିଶୁକୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦିଅନ୍ତି। ଶିଶୁ ସେସବୁ ଶୁଣେ, ସେ ବିଷୟକ ବହି ପଢ଼େ ଓ ଅନେକ କଥା ଶିଖେ। ସାଧୁତା ଅବଲମ୍ବନ କରିବା, ଅହିଂସା ପାଳନ କରିବା, ସତ୍ୟ କହିବା, ଦୟା କରିବା ଆଦି ମଣିଷୋଚିତ ଗୁଣ ବୋଲି ସେ ଜ୍ଞାନ ଅର୍ଜନ କରେ। ଶିକ୍ଷା ସମାପ୍ତ କଲା ପରେ ସେମାନଙ୍କ ମଧ୍ୟରୁ ଅନେକ ହୁଅନ୍ତି ଉଚ୍ଚପଦାଧିକାରୀ। ମାତ୍ର ଅନେକ ସମୟରେ ଦେଖାଯାଏ ବହୁ ଜ୍ଞାନର ଅଧିକାରୀ ହେବା ସତ୍ତ୍ୱେ କେହି କେହି ହୋଇଥାନ୍ତି ମିଥ୍ୟାଚାରୀ, ଅସାଧୁ ଓ ଦୁର୍ନୀତିଗ୍ରସ୍ତ। "ଯାହାର ଜ୍ଞାନ ଥାଏ ସେ ଜ୍ଞାନୀ" ନ୍ୟାୟରେ ଏଭଳି ବ୍ୟକ୍ତିକୁ ଜ୍ଞାନୀ କୁହାଯାଇପାରିବ ନାହିଁ, କାରଣ ସେ ସାଧୁତା, ଅହିଂସା, ସତ୍ୟକଥନ ଭଳି ମୂଲ୍ୟବୋଧ ଶିକ୍ଷକଙ୍କ ନିକଟରୁ ଶିକ୍ଷା କରି ବା ବହି ପଢ଼ି ତାକୁ ଜ୍ଞାନ ବୋଲି ମନେ କରୁଥିଲେ, ମାତ୍ରା ତାହା ଜ୍ଞାନ ନ ଥିଲା, ତାହା ଥିଲା ଜ୍ଞାନର ଏକ ଧାରଣା। ଜ୍ଞାନୀ ସିଏ, ଯିଏ ଜ୍ଞାନକୁ ଉପଲବ୍ଧି କରିଥାଏ, ଅର୍ଥାତ୍ ଯିଏ ଜ୍ଞାନକୁ ନିଜ ଆଚରଣରେ ପ୍ରତିଫଳିତ କରିଥାଏ। ଦୁର୍ନୀତି, ହିଂସା, ମିଥ୍ୟାଚରଣ ଏସବୁ ଦୁର୍ଗୁଣ ବୋଲି ଜ୍ଞାନ ସମସ୍ତଙ୍କ ଅଛି। ଏସବୁର ପଥ ଅନୁସରଣ କଲେ ମଣିଷର ଅଧଃପତନ ହୁଏ ବୋଲି ସମସ୍ତେ ଜାଣନ୍ତି। ତା'ସତ୍ତ୍ୱେ ଯେଉଁମାନେ ଅର୍ଜିତ ଜ୍ଞାନକୁ ନିଜ ଆଚରଣରେ ପ୍ରତିଫଳିତ କରନ୍ତି ନାହିଁ ସେମାନେ ଜ୍ଞାନୀ ପଦବାଚ୍ୟ ନୁହନ୍ତି। ଆଚାର୍ଯ୍ୟ ଦୀପଙ୍କର ଥାନ୍ତି ନାଳନ୍ଦା ବିଶ୍ୱବିଦ୍ୟାଳୟର ଜଣେ ଜ୍ଞାନପିପାସୁ ଶିକ୍ଷକ। ଥରେ ସେ ଗୋଟିଏ ପୁସ୍ତକ ପଢୁ ପଢୁ ଅର୍ଦ୍ଧଚେତନ ଅବସ୍ଥାକୁ ପ୍ରାପ୍ତ ହୋଇଥାନ୍ତି। ସେହି ସମୟରେ ଆବିର୍ଭୂତ ହେଲେ ବୁଦ୍ଧ। ସେ ଦୀପଙ୍କରଙ୍କୁ ପଚାରିଲେ, "ତୁମେ କ'ଣ କରୁଛ ?" ଦୀପଙ୍କର ଉତ୍ତର ଦେଲେ, "ମୁଁ ଏହି ବହିରେ ଥିବା ଧର୍ମତତ୍ତ୍ୱ ଓ ଦର୍ଶନତତ୍ତ୍ୱ ଅଧ୍ୟୟନ କରୁଛି।" ବୁଦ୍ଧ କହିଲେ, "ତୁମେ କେବଳ କିଛି ଶବ୍ଦାର୍ଥ ଅଧ୍ୟୟନ କରୁଛ ଓ ସେଥିରେ ସନ୍ତୁଷ୍ଟ ରହୁଛ। ମାତ୍ର ଏହି ଶବ୍ଦାର୍ଥ ପ୍ରକୃତ ଜ୍ଞାନ ନୁହେଁ। ତାକୁ ଜୀବନରେ ଉପଲବ୍ଧି କରିବା ହେଉଛି ପ୍ରକୃତ ଜ୍ଞାନ। ସେହିଦିନଠାରୁ ଦୀପଙ୍କରଙ୍କ ଜ୍ଞାନାର୍ଜନ ପଦ୍ଧତି ବଦଳିଗଲା।

ଆମେ ଯାହାକୁ ଜ୍ଞାନ କହୁଛୁ ତାହା ପ୍ରକୃତରେ ଜ୍ଞାନ ନୁହେଁ, ତଥ୍ୟ। ଇଂରେଜ କବି ଟି.ଏସ୍. ଏଲିଅଟଙ୍କ ଭାଷାରେ Where Is the knowl-edge that we have lost In Information. ଏହି ପ୍ରସଙ୍ଗରେ ଫରାସୀ ଲେଖକ ଆନାତୋଲ ଫ୍ରାନ୍ସଙ୍କ ଏକ କାହାଣୀ ଉଲ୍ଲେଖ କରାଯାଇପାରେ। ଜଣେ ରାଜା ଥିଲେ । ସେ ଚାହିଁଲେ ଉପଯୁକ୍ତ ଜ୍ଞାନକୁ ଭିତ୍ତିକରି ଦେଶର ଶାସନ ବିଧି ପ୍ରଣୀତ ହେଉ। ତେଣୁ ସେ ଦେଶର ବିଶିଷ୍ଟ ଜ୍ଞାନୀମାନଙ୍କୁ ଆମନ୍ତ୍ରଣ କଲେ ଓ ବିଭିନ୍ନ ବିଷୟକୁ ଜ୍ଞାନ ଲିପିବଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଲେ। ସେହି ଜ୍ଞାନୀମାନଙ୍କୁ ଏକ ପ୍ରାସାଦରେ ରଖାଗଲା। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଅନେକ କର୍ମଚାରୀ ନିଯୁକ୍ତ ହେଲେ। ଜ୍ଞାନ ସଂଗ୍ରହ କରି ଲିପିବଦ୍ଧ କରିବାରେ ତିରିଶ ବର୍ଷ ଅତିକ୍ରାନ୍ତ ହେଲା। ଶେଷରେ ସମସ୍ତ ଜ୍ଞାନସମ୍ଭାର ତିନିଶହ ଗ୍ରନ୍ଥରେ ଲିପିବଦ୍ଧ କରି ରାଜାଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା। ରାଜା କହିଲେ, ଏତେ ପାଠ ପଢ଼ିବା ପାଇଁ ମୋ ପାଖରେ ସମୟ ନାହିଁ। ଏହାକୁ ସଂକ୍ଷିପ୍ତ କରି ଆଣ।" ଦଶବର୍ଷ ପରେ ସେହି ଜ୍ଞାନୀମାନେ ତିନିଶହ ଗ୍ରନ୍ଥକୁ ସଂକ୍ଷିପ୍ତ କରି ପଚାଶ ଖଣ୍ଡ କରିଦେଲେ। ତଥାପି ରାଜା, ତାକୁ ଆହୁରି ସଂକ୍ଷିପ୍ତ କରି ଗୋଟିଏ ଗ୍ରନ୍ଥରେ ସ୍ଥାନ ଦେବା ପାଇଁ ନିର୍ଦ୍ଦେଶ ଦେଲେ। ଏହି ସଂକ୍ଷିପ୍ତୀକରଣ ପ୍ରକ୍ରିୟା ମଧ୍ୟରେ ଅନେକ ଜ୍ଞାନୀ ଲୋକଙ୍କର ମୃତ୍ୟୁ ହୋଇଯାଇଥାଏ। ଯେତେଜଣ ବଞ୍ଚି ରହିଲେ ସେମାନେ ବହୁକଷ୍ଟରେ ପୁଣି ପାଞ୍ଚବର୍ଷର ଉଦ୍ୟମରେ ଗୋଟିଏ ଜ୍ଞାନଗ୍ରନ୍ଥ ପ୍ରସ୍ତୁତ କଲେ। ମାତ୍ର ସେମାନେ ସେହି ଗ୍ରନ୍ଥକୁ ରାଜାଙ୍କ ପାଖକୁ ଆଣିବାବେଳକୁ ବୃଦ୍ଧ ରାଜା ଶେଷ ନିଃଶ୍ୱାସ ତ୍ୟାଗ କରୁଥିଲେ। ଏହି କାହାଣୀର ପଣ୍ଡିତମାନେ ଯାହା ସବୁ ସଂକଳନ କରୁଥିଲେ, ତାହା ଥିଲା ତଥ୍ୟ, ଜ୍ଞାନ ନୁହେଁ। ସେସବୁ ପଢ଼ି ଜଣେ ପଣ୍ଡିତ ହୋଇପାରେ, ମାତ୍ର ତଦ୍ଦ୍ୱାରା ଯଦି ତା'ର ଚେତନାର ବିକାଶ ନ ହେଲା ସେ ଜ୍ଞାନୀ ନୁହେଁ।

ବହୁ ତଥ୍ୟ ସଂଗ୍ରହ କରି ଜଣେ ଦକ୍ଷ ତାର୍କିକ ହୋଇପାରେ, ମାତ୍ର ତାର୍କିକ ମାତ୍ରକେ ଜ୍ଞାନୀ ନୁହନ୍ତି। ଥିଲେ ଜଣେ ବହୁ ଅଧ୍ୟୟନ କରିଥିବା ହେତୁବାଦୀ। ସେ ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରୁ ନ ଥିଲେ। ଥରେ ସେ ତାଙ୍କର ଜଣେ ଦାର୍ଶନିକ ବନ୍ଧୁଙ୍କୁ ପଚାରିଲେ, 'ମଣିଷ ଭିତରେ ଆତ୍ମା ଥାଏ ବୋଲି ତୁମେ କ'ଣ ବିଶ୍ୱାସ କର ?' ଦାର୍ଶନିକ ଉତ୍ତର ଦେଲେ 'ନିଶ୍ଚୟ କରେ।' ହେତୁବାଦୀ ବନ୍ଧୁ ତାଙ୍କୁ ନେଇଗଲେ ଏକ ସଂଗ୍ରହାଳୟକୁ। ସେଠାରେ ଥିବା ଶରୀରତତ୍ତ୍ୱ ବିଭାଗର ଏକ କାଚ ଆଲମିରାରେ ଥାଏ ଅନେକ ପାତ୍ର। ଯେଉଁ ଯେଉଁ ଉପାଦାନରେ ମଣିଷ ଶରୀର ଗଢ଼ା ସେହି ଉପାଦାନ ସବୁ ଭିନ୍ନ ଭିନ୍ନ ପାତ୍ରରେ ରଖାଯାଇଥାଏ ଓ ସେଗୁଡ଼ିକର ନାମ ଲେଖାଯାଇଥାଏ। ଗୋଟିକରେ ଥାଏ କାର୍ବନ, ଗୋଟିକରେ ଥାଏ ଜଳ, ଗୋଟିକରେ ମାଟି ଓ ଆଉ ଗୋଟିକରେ ଫସ୍‌ଫରସ୍। ହେତୁବାଦୀ ବନ୍ଧୁ ଦାର୍ଶନିକଙ୍କୁ ବିଦ୍ରୂପ କରି କହିଲେ, 'ଦେଖ, ମଣିଷ ଶରୀର ଯେଉଁ ଯେଉଁ ଉପାଦାନରେ ଗଢ଼ା ସେସବୁ ଏଠାରେ ଦେଖାଇ ଦିଆଯାଇଛି। ମାତ୍ର ଏଠାରେ କୌଣସି ଆଧାର ନାହିଁ ଯେଉଁଠି ଆତ୍ମା ଅଛି।' ଦାର୍ଶନିକ ବନ୍ଧୁ କହିଲେ, 'ମୁଁ ତୁମ ସହ ଯୁକ୍ତି କରିବାକୁ ଚାହେଁ ନାହିଁ।' ହେତୁବାଦୀ କହିଲେ, "ତୁମର ଯୁକ୍ତି ନାହିଁ, ଯୁକ୍ତି କରିବ କିପରି ?" ଦାର୍ଶନିକ କହିଲେ, 'ମୁଁ ମୁଠାଏ ମାଟି, କେଇ ଚାମଚ କାର୍ବନ, ଫସ୍‌ଫରସ୍ ଓ ଆଞ୍ଜୁଳାଏ ଜଳ ଭଳି ଜଡ଼ ପଦାର୍ଥ ସହ କାହିଁକି ଯୁକ୍ତି କରିବି ? 'ତୁମେ ତ ଏସବୁର ସମାହାର ମାତ୍ର' । ହେତୁବାଦୀ ଚମକିପଡ଼ିଲେ। ସେ ବୁଝିପାରିଲେ ଶରୀରରେ ଏହି ଉପାଦାନ ବ୍ୟତୀତ ଏମିତି ଏକ ସତ୍ତା ଅଛି ଯାହା ବିନା ଶରୀର କାର୍ଯ୍ୟକ୍ଷମ ହୋଇପାରେ ନାହିଁ ଓ ତାକୁ ଜାଣିବା ପାଇଁ ବହି ସଂଗୃହୀତ ଜ୍ଞାନ ଯଥେଷ୍ଟ ନୁହେଁ। ଆତ୍ମା ସମ୍ପର୍କୀୟ ଜ୍ଞାନ ତଥ୍ୟ ତର୍କ ସାପେକ୍ଷ ନୁହେଁ। ଏହା ଅଭିଜ୍ଞତା ସାପେକ୍ଷ। ଏଣୁ ମୁଣ୍ଡକ ଉପନିଷଦରେ କୁହାଯାଇଛି 'ନାୟମାତ୍ମା ପ୍ରବଚନେନ ଲଭ୍ୟଃ, ନ ମେଧୟା ନ ବହୂନା ଶ୍ରୁତେନ।' ଅର୍ଥାତ୍ ପ୍ରବଚନ ଦ୍ୱାରା ବା ମେଧା ଦ୍ୱାରା ବା ବହୁ ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଆତ୍ମା ସମ୍ପର୍କରେ ଜ୍ଞାନ ଅର୍ଜନ କରିହୁଏ ନାହିଁ। ଏହା ହେଉଛି ଅନୁଭବର ବିଷୟ।

ଆମେ ଯେଉଁ ତଥ୍ୟକୁ ଜ୍ଞାନ କହୁଛୁ ତାହା ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ନୁହେଁ। ଜ୍ଞାନ ମଧ୍ୟ ପରିବର୍ତ୍ତନଶୀଳ। ଆଜିର ଜ୍ଞାନ ଆସନ୍ତାକାଲି ଅଜ୍ଞାନ ହୋଇପାରେ। ଦିନ ଥିଲା ଆମେ ଗ୍ରହଣ କରି ନେଇଥିଲୁ ସୂର୍ଯ୍ୟ ଘୂରୁଛି ଓ ପୃଥିବୀ ସ୍ଥିର। ମାତ୍ର ଆଜି ଆମେ ଜାଣୁ ପୃଥିବୀ ଘୂରୁଛି ଓ ସୂର୍ଯ୍ୟ ସ୍ଥିର। ଯୋଗୀ ଅରବିନ୍ଦଙ୍କ ଭାଷାରେ what men call knowledge Is the reasoned acceptance of false appearances ଅର୍ଥାତ୍ ମଣିଷ ଯାହାକୁ ଜ୍ଞାନ ବୋଲି କହେ ତାହା ମିଥ୍ୟା ବାହ୍ୟ ରୂପର ଯୁକ୍ତିସମ୍ମତ ସ୍ୱୀକାର। ଆମେ ବୁଦ୍ଧି, ଯୁକ୍ତି ଓ ଇନ୍ଦ୍ରିୟ ମାଧ୍ୟମରେ ଯେ କୌଣସି ବିଷୟକୁ ଜାଣିବାକୁ ଚେଷ୍ଟା କରୁ। ଅବଶ୍ୟ ଏଗୁଡ଼ିକ ଦ୍ୱାରା ସ୍ଥୂଳ ଜଗତର ଅନେକ କଥା ଜାଣିହୁଏ। ମାତ୍ର ଏହାଦ୍ୱାରା ସୂକ୍ଷ୍ମ ଜଗତର ରହସ୍ୟ ବୁଝିବା ସମ୍ଭବ ନୁହେଁ। ତାହା ଜାଣିହୁଏ ଆତ୍ମଜ୍ଞାନ ଦ୍ୱାରା। ଅରବିନ୍ଦଙ୍କ ଭାଷାରେ what the soul sees and has experienced that It knows ଅର୍ଥାତ୍ ଆତ୍ମା ଯାହା ଦେଖେ ଓ ଅଙ୍ଗେ ନିଭାଏ ତାହା ହିଁ ଜାଣେ। ଆତ୍ମା କ'ଣ ଦେଖେ ମୁଁ ଜାଣିବି କିପରି– ଏହି ପ୍ରଶ୍ନର ଉତ୍ତର ପାଇଛନ୍ତି ବିଶିଷ୍ଟ ଲେଖକ ମନୋଜ ଦାସ ଶ୍ରୀମାଙ୍କଠାରୁ। "ଆତ୍ମା ସମ୍ପର୍କରେ ସଚେତନ ହେବା ଦ୍ୱାରା ବା ଆତ୍ମାକୁ ଜାଣିବା ଦ୍ୱାରା ହିଁ ତାହା ସମ୍ଭବପର ହେବ। ଯେତେବେଳେ ଜଣେ ନିଜ ଆତ୍ମାକୁ ଜାଣେ ବା ଆତ୍ମ ଉପଲବ୍ଧି କରିପାରେ ସେତେବେଳେ ସେ ଆତ୍ମାକୁ ଜାଣିଲା କି ନାହିଁ ସେ ବିଷୟରେ ତା' ମନରେ ଦ୍ୱନ୍ଦ୍ୱ ରହେ ନାହିଁ। ଯିଏ ଆତ୍ମାକୁ ଜାଣେ ସେ ବଳେ ବଳେ ସେ ବିଷୟରେ ନିଶ୍ଚିତ ହୁଏ।"

ବ୍ୟବହାରିକ ଜ୍ଞାନ କଥା ଅଲଗା। ଭୁକିଲା କୁକୁର କାମୁଡ଼େ ନାହିଁ ହେଉଛି ଅଭିଜ୍ଞତା ପ୍ରସୂତ ଜ୍ଞାନ। ମାତ୍ର ଏହା ମଧ୍ୟ ସବୁବେଳେ ସମ୍ପୂର୍ଣ୍ଣ ଠିକ୍ ହୋଇ ନ ପାରେ। ଥରେ ଜଣେ ଭଦ୍ରଲୋକ କୁକୁର ପୋଷିଥିବା ଜଣେ ବନ୍ଧୁଙ୍କୁ ସାକ୍ଷାତ୍ କରିବାକୁ ଯାଇଥାନ୍ତି। ସେ ତାଙ୍କ ଫାଟକରେ ପହଞ୍ଚିବା କ୍ଷଣି ବନ୍ଧୁଙ୍କ କୁକୁର ଭୁକିବା ଆରମ୍ଭ କଲା। ବନ୍ଧୁ ଘର ଭିତରୁ କହିଲେ, ଭିତରକୁ ଚାଲିଆସ। କିଛି ଅସୁବିଧା ହେବ ନାହିଁ। କଥାରେ ଅଛି ପରା ଭୁକିଲା କୁକୁର କାମୁଡ଼େ ନାହିଁ। ମାତ୍ର ବନ୍ଧୁ ଅଟକିଗଲେ ଓ କହିଲେ, 'ଏହି କଥାଟି ତୁମକୁ ଜଣାଅଛି। ମୋତେ ବି ଜଣା ଅଛି। କିନ୍ତୁ କୁକୁରକୁ ଜଣା ଅଛି କି?' ଏହି କଥା କହିବାର ତାତ୍ପର୍ଯ୍ୟ ହେଉଛି କୌଣସି ନିୟମ ସମ୍ପୂର୍ଣ୍ଣ ଅଲଂଘନୀୟ ଭାବରେ ଗ୍ରହଣ କରାଯାଇପାରିବ ନାହିଁ। ବେଳେବେଳେ ଭୁକିଲା କୁକୁର ବି କାମୁଡ଼ିପାରେ। ଜ୍ଞାନ ପୁସ୍ତକ ପ୍ରସୂତ ନୁହେଁ, ଅଭିଜ୍ଞତାପ୍ରସୂତ। ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରିବା ଯେ ଆମେ ଅଜ୍ଞାନ। ଏହିପରି ଉପଲବ୍ଧି ହେଲେ ଆମେ ଜ୍ଞାନର ଅନ୍ୱେଷଣ କରିପାରିବା। ସେହି ଦୃଷ୍ଟିରୁ ଆମେ ଯେତିକି ଜ୍ଞାନ ଅର୍ଜନ କରିଛୁ ତାହା ଆମ ଅଜ୍ଞାନ ଉପଲବ୍ଧିର ଅବଦାନ। ଆମେ ସର୍ବଦା ଅଜ୍ଞାନରୁ ଜ୍ଞାନ ଆହରଣ ଦିଗରେ ଧାବମାନ। ଏଣୁ କୌଣସି ବିଷୟରେ ସାମାନ୍ୟ ଜ୍ଞାନ ହାସଲ କଲେ ଆମେ ଗର୍ବରେ ଅନ୍ଧ ନ ହୋଇ ଆମ ଅଜ୍ଞାନତା ପ୍ରତି କୃତଜ୍ଞ ଅନୁଭବ କରିବା କଥା ଏବଂ ନମ୍ର ହେବା କଥା।

**ପ୍ରାକ୍ତନ୍ ଅଧ୍ୟକ୍ଷ: ଡି.ଏ.ଭି. ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

## ଏଇ ଭାରତରେ

ଜାଳେଣି ଗ୍ୟାସ୍‌ର ଚାହିଦା ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଏହାର ବ୍ୟାପକ ବ୍ୟବହାର ପରିବେଶକୁ କ୍ଷତି ପହଞ୍ଚାଉଛି। ଏଲ୍‌ପିଜି କୁକିଂ ଷ୍ଟୋଭରୁ କାର୍ବନ ମନୋକ୍ସାଇଡ ଓ ନାଇଟ୍ରୋଜେନ ଅକ୍ସାଇଡ ଭଳି ମାରାତ୍ମକ ଗ୍ୟାସ୍ ନିର୍ଗମନ ହେବାଦ୍ୱାରା ବାୟୁ ପ୍ରଦୂଷଣ ବଢୁଛି। ଏହାର  ସମାଧାନ ଲାଗି ଆଇଆଇଟି ଗୁଆହାଟୀର ପ୍ରାଧ୍ୟାପକ ପି. ମୁଥୁ କୁମାର ଓ ତାଙ୍କ ଟିମ୍  ଏକ ଷ୍ଟୋଭ୍ ଡିଜାଇନ କରିଛନ୍ତି, ଯାହା ୫୦% ପର୍ଯ୍ୟନ୍ତ ଇନ୍ଧନ ଓ ୩୦% ସମୟ ବଞ୍ଚାଇପାରୁଛି।  ଏହାର ନାମ ରଖାଯାଇଛି ପୋରସ ରେଡିୟାଣ୍ଟ ବର୍ନର ( ପିଆର୍‌ବିଏସ୍)। ଏହି ବର୍ନର ଉପଯୋଗ କରି ଏଲ୍‌ପିଜି, ବାୟୋଗ୍ୟାସ୍ କିମ୍ବା କିରୋସିନ ଭଳି ଇନ୍ଧନ ୨୫ରୁ ୫୦% ଯାଏ ବଞ୍ଚାଯାଇପାରିବ। ଏହା ୮୦% ଅଧିକ ଶକ୍ତି ଦକ୍ଷ। ପୋରସ ରେଡିୟାଣ୍ଟ ବର୍ନର ଉପଯୋଗ ଦ୍ୱାରା ପୂରା ଦେଶରେ ପ୍ରତିଦିନ ୧୩ ଲକ୍ଷ ଏଲ୍‌ପିଜି ସିଲିଣ୍ଡର ବଞ୍ଚାଯାଇପାରିବ। ଗବେଷକମାନେ  ବେଙ୍ଗାଲୁରୁର ଅଗ୍ନିମୁଖ ଏନର୍ଜି ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡ ଭାଗୀଦାରିରେ ଏହି ଷ୍ଟୋଭ ନିର୍ମାଣ କରିଛନ୍ତି। ଛୋଟ ବର୍ନରରେ ଘରେ ରୋଷେଇ କରାଯିବା ସହ ବଡ଼ ବର୍ନରକୁ ଦାହ ସଂସ୍କାରରେ ବ୍ୟବହାର କରାଯାଇପାରିବ।  ୨୦୦୬ରୁ ଉକ୍ତ ବର୍ନର ନିର୍ମାଣ ଉପରେ ଗବେଷଣା ଆରମ୍ଭ ହୋଇ ଏହାର ଡିଜାଇନ ୨୦୧୮ରେ ଶେଷ ହୋଇଥିଲା ଓ  ଏବେ ବ୍ୟବସାୟିକ ଉଦ୍ଦେଶ୍ୟରେ ଏହାକୁ ବଜାରକୁ ଛଡ଼ାଯିବାର ଯୋଜନା କରାଯାଇଛି।

# ଆଇନ ସଂଶୋଧନ ନେଇ ସନ୍ଦେହ



ଅଲେଖ ଚନ୍ଦ୍ର ସାମଲ

୨୦୧୨ରୁ ପ୍ରତି ବର୍ଷ ଡିସେମ୍ବର ୪ ତାରିଖରେ ପାଳିତ ହେଉଛି ବିଶ୍ୱ ବନ୍ୟ ପ୍ରାଣୀ ସଂରକ୍ଷଣ ଦିବସ। ଏଥିପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ ହିଲାରି କ୍ଲିଣ୍ଟନ। ବହୁ ଉଦ୍ୟମ ସତ୍ତ୍ୱେ ବନ୍ୟ ପ୍ରାଣୀ ଶିକାର ରୋକାଯାଇପାରୁନାହିଁ। ସାରା ବିଶ୍ୱରେ ବନ୍ୟ ପ୍ରାଣୀ ଶିକାରଜନିତ ବେଆଇନ କାରବାରର ପରିମାଣ ବାର୍ଷିକ ସାତ ଶହରୁ ଏକ ହଜାର କୋଟି ଡଲାର। କେବଳ ୨୦୧୧ରେ ଆଫ୍ରିକାରେ ୨୫୦୦ ହାତୀ ଶିକାରୀଙ୍କ ହାତରେ ପ୍ରାଣ ହରାଇଥିଲେ। ଅବୈଧ ଶିକାର ରୋକା ନ ଗଲେ ୨୦୨୫ ସୁଦ୍ଧା କଙ୍ଗୋରୁ ଗରିଲା ଲୋପ ପାଇଯିବ ବୋଲି ନିକଟରେ ଏକ ଆନ୍ତର୍ଜାତିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେଣୁ ଏ ବାବଦରେ ସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ଲକ୍ଷ୍ୟ।

ଦିନକୁ ଦିନ ଓଡ଼ିଶା ସମେତ ଦେଶରେ ବନ୍ୟପ୍ରାଣୀ ଅପରାଧ ବଢ଼ିବାରେ ଲାଗିଛି। ଆଇନରେ ଥିବା ଗଳାବାଟରେ ଅପରାଧୀମାନେ ସହଜରେ ଖସିଯାଉଛନ୍ତି। ତେଣୁ ଆଇନକୁ କିପରି କଡ଼ାକଡ଼ି କରାଯାଇପାରିବ ସେ ନେଇ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିବାବେଳେ ଏବେ କେନ୍ଦ୍ର ସରକାର ସଂସଦରେ ଉପସ୍ଥାପନା କରିବାକୁ ଯାଉଛନ୍ତି ବନ୍ୟଜୀବ (ସଂରକ୍ଷଣ) ସଂଶୋଧନ ଅଧିନିୟମ, ୨୦୨୧ ବିଲ୍ । ସଂସଦର ଉଭୟ ସଦନରେ ସରକାରୀ ଦଳ ଭାଜପା ଓ ଏହାର ସହଯୋଗୀଙ୍କ ସଂଖ୍ୟାକୁ ଦେଖିଲେ ଏହି ବିଲ୍ ଯେ ବିନା ବାଧାବିଘ୍ନରେ ପାରିତ ହୋଇଯିବ ଏଥିରେ କାହାର ସନ୍ଦେହ ନାହିଁ। ହେଲେ ଏହାକୁ ନେଇ ପରିବେଶବିତ ଓ ବନ୍ୟପ୍ରାଣୀପ୍ରେମୀ ସନ୍ଦିହାନ ହୋଇପଡ଼ିଛନ୍ତି। ସାରା ଦେଶରେ ବିଭିନ୍ନ ରାଜ୍ୟରୁ ଏ ନେଇ ପ୍ରତିବାଦର ସ୍ୱର ମଧ୍ୟ ଉଠିଲାଣି। ବିଶେଷଜ୍ଞଙ୍କ କହିବାନୁସାରେ ଗତ ୭ ବର୍ଷ ଭିତରେ କେନ୍ଦ୍ରୀୟ ୱାଇଲ୍‌ଡଲାଇଫ ବୋର୍ଡର ଥରେ ହେଲେ ବି ବୈଠକ ବସିନାହିଁ। ବିନା ବୈଠକରେ ବନ୍ୟପ୍ରାଣୀ ଆଇନର ଉଲ୍ଲଂଘନ କରି ଜଙ୍ଗଲ ଜମି ପ୍ରକଳ୍ପ କାମ ପାଇଁ ପରିବେଶ ମଞ୍ଜୁରୀ କରିନେଉଛନ୍ତି। ସଂଶୋଧନ ଅଧିନିୟମ ବିଲ୍‌ରେ କେଉଁ ସିଡ୍ୟୁଲରେ କ'ଣ ରହିବ ତାହା ପ୍ରଥମେ ସାର୍ବଜନୀନ କରିବାର ଥିଲା ବୋଲି ସେମାନେ କହିଛନ୍ତି।

ରାଜ୍ୟଗୁଡ଼ିକୁ ଦିଆଯାଇଥିବା ଡ୍ରାଫ୍ଟ ଅନୁଯାୟୀ ଏହି ନୂତନ ଅଧିନିୟମରେ ଅନେକ ସଂଶୋଧନ ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ଧାରା ୮ରେ ରାଜ୍ୟ ବନ୍ୟଜୀବ ବୋର୍ଡର ଷ୍ଟାଣ୍ଡିଂ କମିଟି ଗଠନ ପ୍ରସ୍ତାବ ରହିଛି। ପୂର୍ବରୁ ଥିବା ରାଜ୍ୟ ବନ୍ୟଜୀବ ବୋର୍ଡ ସହ ଏକ ନୂଆ ଷ୍ଟାଣ୍ଡିଂ କମିଟି ରହିବ। ଏଥିରେ ଭାଇସ ଚେୟାରମ୍ୟାନ, ମେମ୍ବର, ସେକ୍ରେଟାରୀ ଏବଂ ସର୍ବାଧିକ ଦଶ ଜଣ ସଦସ୍ୟ ରହିବେ। ସେହିପରି ଧାରା  ୩୪କୁ ସଂଶୋଧନ କରାଯାଇ ଅଭୟାରଣ୍ୟର ୧୦ କିମି ପରିସରରେ ରହୁଥିବା ବ୍ୟକ୍ତିଙ୍କ ବନ୍ଧୁକ ଲାଇସେନ୍ସ ଶେଷ ହେବା ପରେ ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକଙ୍କ ବିନା ଅନୁମତିରେ ନବୀକରଣ କରାଯିବ ନାହିଁ। ଧାରା ୪୨-ଏ ଏକ ନୂତନ ଧାରା, ଯେଉଁଥିରେ ୪ଟି ଉପନିୟମ ରହିଛି। ଏଥିରେ ଯେଉଁ ବ୍ୟକ୍ତି ବନ୍ୟପ୍ରାଣୀ ବା ବନ୍ୟପ୍ରାଣୀ ଅଙ୍ଗପ୍ରତ୍ୟଙ୍ଗ ରଖିଥିବେ ସେମାନେ ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକଙ୍କ ନିକଟରେ ସାତ ଦିନର ନୋଟିସ ଦେଇ ତାହାକୁ ସରେଣ୍ଡର କରିପାରିବେ। ତେବେ ଏଥିପାଇଁ କିଛି କ୍ଷତିପୂରଣ ମିଳିବ ନାହିଁ। ସେହିପରି ବନ୍ୟଜୀବମାନଙ୍କର ସିଡ୍ୟୁଲ ତାଲିକାରେ କେନ୍ଦ୍ର ସରକାର ପରିବର୍ତ୍ତନ କରିବାକୁ ଯାଉଥିବା ଜଣାପଡ଼ିଛି।  ଆଗରୁ ମୋଟ ୧ରୁ ୬ ସିଡ୍ୟୁଲରେ ବନ୍ୟପ୍ରାଣୀଙ୍କୁ ବିଭକ୍ତ କରାଯାଇଥିଲା। ୧ରୁ ୪ ସିଡ୍ୟୁଲରେ ତାଲିକାଭୁକ୍ତ ହୋଇଥିବା ପ୍ରାଣୀମାନଙ୍କୁ ଶିକାର କଲେ ଦଣ୍ଡନୀୟ ଥିଲା। ସିଡ୍ୟୁଲ ୫ରେ ମୂଷା, ବାଦୁଡ଼ି, କାଉ ଆଦି ଜୀବଙ୍କୁ ଭରମିନ ତାଲିକାରେ ରଖାଯାଇଥିଲା, ଯାହାଙ୍କୁ ଶିକାର କଲେ ଦଣ୍ଡନୀୟ ନ ଥିଲା। ସେହିପରି ସିଡ୍ୟୁଲ ୬ରେ କିଛି ଉଦ୍ଭିଦଙ୍କୁ ରଖାଯାଇଥିଲା। ନୂତନ ସଂଶୋଧନରେ ମାତ୍ର ୨ଟି ସିଡ୍ୟୁଲରେ ପ୍ରାଣୀମାନଙ୍କୁ ବିଭକ୍ତ କରାଯାଇଛି। ସିଡ୍ୟୁଲ ୩ରେ ଏଥର ଉଦ୍ଭିଦ ମାନଙ୍କୁ ରଖିବା ପାଇଁ ବ୍ୟବସ୍ଥା ହେଉଛି। ସିଡ୍ୟୁଲ ୪ରେ ନୂଆ କରି କନ୍‌ଭେନଶନ ଅନ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନ୍ ଏନ୍‌ଡେଞ୍ଜରଡ଼ ସ୍ପେସିସ୍ ଅନ୍ତର୍ଭୁକ୍ତ ପ୍ରଜାତିମାନଙ୍କୁ ରଖାଯିବ। ଏହି ସିଡ୍ୟୁଲରେ ବିଦେଶୀ ବା ଏକ୍‌ଜୋଟିକ ଜୀବମାନଙ୍କୁ ରଖାଯିବ ବୋଲି ଆପାତତଃ ସ୍ଥିର ହୋଇଛି। କେଉଁ ପ୍ରଜାତିର ଜୀବକୁ କେଉଁ ସିଡ୍ୟୁଲରେ ରଖାଯିବ ଏ ନେଇ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆକୁ ତର୍ଜମା କରି ତାଲିକା ପ୍ରସ୍ତୁତ କରିବା ପାଇଁ ଦିଆଯାଇଛି। ବନ୍ୟପ୍ରାଣୀଙ୍କ ପାଇଁ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେଲେ ଚଳିବ ନାହିଁ।

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**
**ମୋ: ୯୪୩୭୨୫୭୧୨୩**

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ !
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ।
–(ଅଗଣିତ ଆଗୁଆନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଭାରତର ପ୍ରଗତିରେ ବାଧକ

ମହାଶୟ,

ସୁପ୍ରିମ୍‌କୋର୍ଟ କହିଛନ୍ତି, ହିନ୍ଦୁଧର୍ମ ବୋଲି ଯାହାକୁ କୁହାଯାଏ ତାହା ବାସ୍ତବରେ ଏକ ଧର୍ମ ନୁହେଁ ; ଏହା କିଛି ଭାରତୀୟଙ୍କ ଜୀବନଯାପନ ପ୍ରଣାଳୀ। ଅନେକ  ପଣ୍ଡିତ ଧର୍ମାଧୀଶ ଓ ବିଜ୍ଞବ୍ୟକ୍ତି ଏହାକୁ ସନାତନ ଧର୍ମ ବୋଲି କହିଥାନ୍ତି। ମହାତ୍ମା ଗାନ୍ଧୀ ନିଜକୁ ଜଣେ ସନାତନୀ ହିନ୍ଦୁ ବୋଲି ବିଚାର କରନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ମୋର ଏକମାତ୍ର ଅନୁରୋଧ ଯେ ଆପଣମାନେ ଅସ୍ପୃଶ୍ୟତା ରୂପକ ମହାବ୍ୟାଧିକୁ ସମାଜରୁ ଦୂର କରନ୍ତୁ। ହେଲେ ବ୍ରହ୍ମବାଦ ହିନ୍ଦୁ ଦର୍ଶନର କେବଳ ଏକ ତତ୍ତ୍ୱ ହୋଇ ରହିଗଲା। ପରିଣାମ ସ୍ୱରୂପ ଏକ ପକ୍ଷରେ ବ୍ରହ୍ମବାଦ ଭଳି ଏକ ଗଣତାନ୍ତ୍ରିକ ସିଦ୍ଧାନ୍ତ ଏ ଦେଶରେ ବିଦ୍ୟମାନ ଥିବାବେଳେ ଅନ୍ୟପକ୍ଷରେ ଭାରତର ସାମାଜିକ ଜୀବନ ଉଚ୍ଚନୀଚ ଭେଦରେ ଅଂସଖ୍ୟ ଜାତି, ଉପଜାତି, ଅସ୍ପୃଶ୍ୟ ଜାତି ଓ ପ୍ରାଚୀନ ଜନଜାତି ଇତ୍ୟାଦିରେ ଭରପୂର ହୋଇରହିଛି। ଭାରତର ଅଧିକାଂଶ ରାଜ୍ୟରେ ଅସତ୍ୟ, ଅଧର୍ମ, ଅନ୍ୟାୟ, ହିଂସା, ଦ୍ୱେଷ, ରାଗ, ଅଭିମାନ, ଗର୍ବର ମାତ୍ରା ବଢ଼ିଚାଲିଛି। ଏହା ପ୍ରଗତିରେ ବାଧା ଦେଉଛି।   ତୁମେ, ମୁଁ ଓ ଆମେ ସମସ୍ତେ ଈଶ୍ୱରଙ୍କ ଅଂଶବିଶେଷ। ଏଭଳି ଚିନ୍ତାଧାରା ସମାଜର ବ୍ୟକ୍ତିବିଶେଷଙ୍କୁ ଗଣତନ୍ତ୍ର ସମ୍ବନ୍ଧରେ କେବଳ ଶିକ୍ଷା ଦିଏନାହିଁ ବରଂ ସାମାଜିକ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଶାସନ ପଦ୍ଧତି ପ୍ରତି ଅଙ୍ଗୀକାରବଦ୍ଧ କରାଏ। ସାମ୍ପ୍ରତିକ ମଣିଷ ସମାଜ ବାସ୍ତବିକ ତତ୍ତ୍ୱକୁ ଉପଲବ୍ଧ ନ କରି ମାରାଥନ୍ ଦୌଡ଼ରେ ଲାଗିଛନ୍ତି।

**–ଦେବତିକ୍ତ ମିଶ୍ର 'ଦେବଭବନ'**
**ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଦାୟିତ୍ୱହୀନତାର ପରିଚୟ

ରାଜ୍ୟ ମାନବ ଅଧିକାର କମିଶନ କାର୍ଯ୍ୟାଳୟର ଯେଉଁ ଲ୍ୟାଣ୍ଡ ନମ୍ବରଟି ଯୋଗାଯୋଗ କରିବାକୁ ରିସେପ୍‌ସନିଷ୍ଟ ବୁଝାଇଥାନ୍ତି ତାହା କେବେ ବି ରିଙ୍ଗ୍ ହୋଇ ନ ଥାଏ। କର୍ତ୍ତୃପକ୍ଷ ଓ ସର୍ବସାଧାରଣ ସତ୍ୟତା ପାଇଁ ଥରେ ପରୀକ୍ଷା କରି ଦେଖନ୍ତୁ।  ଏଭଳି ଦାୟିତ୍ୱହୀନତା ପ୍ରତି ଉଚ୍ଚାଧିକାରୀ ତୁରନ୍ତ ଦୃଷ୍ଟି ଦିଅନ୍ତୁ ଏବଂ ସାଧାରଣ ପିଟିଶନକାରୀଙ୍କୁ ସାମାନ୍ୟତମ ସମ୍ମାନ ଦିଅନ୍ତୁ।

**–ସିଦ୍ଧେଶ୍ୱର ପରିଡ଼ା, ସାମାଜିକ କର୍ମୀ,**
**ଚାରିବାଟିଆ ଛକ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପତଞ୍ଜଳିର ବିଶ୍ୱକୀର୍ତ୍ତିମାନ ଲକ୍ଷ୍ୟ



ଭୁବନେଶ୍ୱର,୩।୧୨

ଚଳିତ ବର୍ଷ ଭାରତ ସରକାର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ 'ଆଜାଦୀ କି ଅମୃତମହୋତ୍ସବ' ପାଳନ କରୁଛି। ଏହି ଅବସରରେ ପତଞ୍ଜଳୀ ପକ୍ଷରୁ ୭୫ କୋଟି ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ କରି ଏକ ବିଶ୍ୱକୀର୍ତ୍ତିମାନ ହାସଲର ଲକ୍ଷ୍ୟ ରଖିଛି। ବିଶିଷ୍ଟ ଯୋଗଗୁରୁ ବାବା ରାମଦେବ ଏହି କୀର୍ତ୍ତିମାନ ପାଇଁ ସମସ୍ତ ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ଆଚାର୍ଯ୍ୟ ବାଳକୃଷ୍ଣଙ୍କ ପୌରହିତରେ ପତଞ୍ଜଳୀ ଯୋଗପୀଠ ହରିଦ୍ୱାରାରେ ଅବସ୍ଥିତ ପତଞ୍ଜଳୀ ବିଶ୍ୱବିଦ୍ୟାଳୟର ହଜାରରୁ ଉର୍ଦ୍ଧ୍ୱ ଛାତ୍ରଙ୍କ ସହଯୋଗରେ ଏହାର ଶୁଭାରମ୍ଭ କରାଯାଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଏଭଳି ଏକ ମହତ କାର୍ଯ୍ୟ ପତଞ୍ଜଳୀ ପକ୍ଷରୁ ଆୟୋଜନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚୌହାନ କହିଥିଲେ ଯେ ବାବା ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ସହ ସୂର୍ଯ୍ୟ ନମସ୍କାର କରିବା ଏବଂ ଉକ୍ତ କାର୍ଯ୍ୟକ୍ରମ ପ୍ରଥମ ବ୍ୟକ୍ତି ଭାବେ ମୋର ନାମ ପଞ୍ଜିକରଣ ହୋଇଛି। ସେହିଭଳି ଏ ସମ୍ପର୍କରେ ବାବା ରାମଦେବ କହିଥିଲେ ଯେ ସାରା ଦେଶବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଏହି ମହତ କାର୍ଯ୍ୟରେ ଦେଶର ୫ଟି ପ୍ରମୁଖ ସଂସ୍ଥା ସହଯୋଗ ପ୍ରଦାନ କରିବେ।

# ବଜାରରେ 'ୟୁନିବିକ୍'ର ନୂତନ ପ୍ରଡକ୍ଟ



ଭୁବନେଶ୍ୱର,୩।୧୨

ଲୋକପ୍ରିୟ କୁକିଜ୍ ଏବଂ ବିସ୍କୁଟ୍ ବ୍ରାଣ୍ଡ 'ୟୁନିବିକ୍' ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ୨ ଗୋଟି ଭିନ୍ନ ପ୍ରକାର ସ୍ନାପର୍ସ (ପଟାଟୋ ବିସ୍କୁଟ) ର ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ସୁରେଶ ରେଡ୍ଡୀ, ସିନିୟର ମ୍ୟାନେଜର ରବିନାରାୟଣ ଆଚାର୍ଯ୍ୟ, ବିତରକ ସଂସ୍ଥା ସୋନି ଏଣ୍ଟରପ୍ରାଇଜେସ୍‌ର ପରିଚାଳନା ନିର୍ଦ୍ଦେଶିକା ପ୍ରିଲିଭା ମହାନ୍ତି ଏବଂ ଲଳିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏହାର ବଜାର ପ୍ରବେଶ ସହ ପ୍ରଡକ୍ଟର ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ ଗୋଟିଏରେ ଗୋଟିଏ ମାଗଣା ଅଫର ମଧ୍ୟ ଦିଆଯାଉଛି। ପ୍ରଡକ୍ଟ ଉନ୍ମୋଚନ ଅବସରରେ କମ୍ପାନୀର ୬୦ରୁ ଉର୍ଦ୍ଧ୍ୱ ଡିଲର ଯୋଗଦେଇଥିଲେ। କମ୍ପାନୀ ପ୍ରାୟ ୬୦ ଭେରାଇଟିର ପ୍ରଡକ୍ଟ ବଜାରରେ ଉପଲବ୍ଧ କରାଉଛି ବୋଲି ଲଳିତ ପଟ୍ଟନାୟକ କହିଛନ୍ତି।

# 'ଫିନ୍‌ଟେକ୍‌କୁ ବିପ୍ଳବରେ ପରିଣତ କର'

- ୭ ବର୍ଷରେ ୪୩୦ ନିୟୁତ ଜନଧନ ଆକାଉଣ୍ଟ ଖୋଲାଯାଇଛି
- ଏଟିଏମ୍‌ରେ ଅର୍ଥ ଉଠାଣକୁ ମୋବାଇଲ୍ ପୈଠ ଟପିଛି

ନୂଆଦିଲ୍ଲୀ, ୩।୧୨

ଭାରତର ଡିଜିଟାଲ ପବ୍ଲିକ୍ ଭିତ୍ତିଭୂମି ସମାଧାନ ସାରା ବିଶ୍ୱର ଜନସାଧାରଣଙ୍କ ଜୀବନ ଧାରଣରେ ଉନ୍ନତି ଆଣିପାରିବ। ଏବେ ଫିନ୍‌ଟେକ୍ ଉପକ୍ରମକୁ ବିପ୍ଳବରେ ପରିଣତ କରିବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି। ବ୍ଲୁମ୍‌ବର୍ଗ ଏବଂ ଆଇଏଫଏସ୍‌ସିଏ ଦ୍ୱାରା ଆୟୋଜିତ ଇନ୍‌ଫିନିଟି ଫୋରମ୍‌କୁ ଭିଡିଓ ଲିଙ୍କ୍ ଜରିଆରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ଦେଶର ଫିନ୍‌ଟେକ ଶିଳ୍ପ ଜନସାଧାରଣଙ୍କ ଆର୍ଥିକ ଦେଣନେଣ ଓ ଋଣ ବ୍ୟବସ୍ଥାକୁ ସୁଗମ କରିପାରିଛି। ଗତବର୍ଷ ଭାରତରେ ପ୍ରଥମ ଥର ପାଇଁ ଏଟିଏମ୍‌ରେ ଅର୍ଥ ଉଠାଣକୁ ମୋବାଇଲ୍ ପୈଠ ଟପିଯାଇଥିଲା। ୨୦୧୪ରେ ୫୦ ପ୍ରତିଶତରୁ କମ୍ ଲୋକଙ୍କର ବ୍ୟାଙ୍କରେ ଆକାଉଣ୍ଟ ଥିବାବେଳେ ଗତ ୭ ବର୍ଷ ମଧ୍ୟରେ ୪୩୦ ନିୟୁତ ଜନଧନ ଆକାଉଣ୍ଟ ଖୋଲାଯାଇ ସମସ୍ତଙ୍କୁ ବ୍ୟାଙ୍କ ସହ ଯୋଡ଼ାଯାଇପାରିଛି। 'ୟୁପିଆଇ' ଏବଂ 'ରୁପେ' ଭଳି ବ୍ୟବସ୍ଥା ପ୍ରତ୍ୟେକ ଦେଶକୁ ବଡ଼ ସୁଯୋଗ ପ୍ରଦାନ କରିଛି। ବର୍ତ୍ତମାନ ସୁଦ୍ଧା ୬୯୦ ନିୟୁତ ରୁପେ କାର୍ଡ ଇସ୍ୟୁ କରାଯାଇଛି ଓ ଗତବର୍ଷ ଏଥିରେ ୧୩୦ କୋଟି କାରବାର ହୋଇଛି। ଗତ ମାସରେ ୟୁପିଆଇ ପ୍ରକ୍ରିୟାରେ ୪.୨ ବିଲିୟନ କାରବାର ହୋଇଛି। ଆମ ଅଭିଜ୍ଞତା ଓ ଦକ୍ଷତାକୁ ଆମେ ସାରା ବିଶ୍ୱ ସହ ଶେୟାର କରିବା ସହ ସେମାନଙ୍କଠାରୁ ମଧ୍ୟ କିଛି ଶିକ୍ଷା କରିପାରିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଯୁକ୍ତି ଓ ଇନୋଭେଶନ ଆପଣାଇବାରେ ଭାରତ ବିଶ୍ୱରେ ନିଜକୁ ଅଦ୍ୱିତୀୟ ପ୍ରମାଣିତ କରିପାରିଛି। ଜିଏସ୍‌ଟି ପୋର୍ଟାଲରେ ପ୍ରତି ମାସରେ ପ୍ରାୟ ୩୦ କୋଟି ଇନ୍‌ଭଏସ୍ ଅପ୍‌ଲୋଡ୍ ହେବା ସହ ୧୨ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ କାରବାର ହେଉଛି। ମହାମାରୀ ସତ୍ତ୍ୱେ ପ୍ରତିଦିନ ଅନ୍‌ଲାଇନରେ ୧୫ ଲକ୍ଷ ଟ୍ରେନ୍ ଟିକେଟ ବୁକିଂ ହେଉଛି। ଗତବର୍ଷ ଫାଷ୍ଟାଗ୍ ଦ୍ୱାରା ୧୩୦ କୋଟି କାରବାର ପ୍ରକ୍ରିୟା ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଫିନ୍‌ଟେକ୍ ବିପ୍ଳବ ହେଉଛି ଆର୍ଥିକ ସମାବେଶର ଚାଳକ ଶକ୍ତି। ଏହା ୪ଟି ସ୍ତମ୍ଭ ଉପରେ ଆଧାରିତ। ତାହା ହେଲା ଆୟ, ନିବେଶ, ବୀମା ଏବଂ ଆନୁଷ୍ଠାନିକ ଋଣ। ଆୟ ବଢ଼ିଲେ ନିବେଶ ସମ୍ଭବ ହୋଇଥାଏ। ବୀମା କଭରେଜ୍ ଆଶଙ୍କା ରହିଥିବା ବଡ଼ ନିଷ୍ପତ୍ତି ନେବା ଓ ନିବେଶ ଲାଗି ସମର୍ଥ କରାଇଥାଏ। ବ୍ୟବସାୟରେ ବିସ୍ତାର ପାଇଁ ଆନୁଷ୍ଠାନିକ ଋଣ ସାମର୍ଥ୍ୟ ଯୋଗାଇ ଦେଇଥାଏ। ସରକାର ସମସ୍ତ ସ୍ତମ୍ଭ ଉପରେ କାର୍ଯ୍ୟ କରୁଛନ୍ତି। ଫିନ୍‌ଟେକ୍ ଉପକ୍ରମ ଯୋଗୁ ବୃହତ୍ ଭିତ୍ତି ଉପଯୁକ୍ତ ସ୍ପ୍ରିଙ୍ଗ୍‌ବୋର୍ଡରେ ପରିଣତ ହୋଇଛି। ଏହା ଦେଶର ପ୍ରତ୍ୟେକଙ୍କୁ ଅର୍ଥ ଲଗାଣ ଓ ଋଣ ବ୍ୟବସ୍ଥା ସହ ଯୋଡ଼ିବାରେ ସହାୟକ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ନରେନ୍ଦ୍ର ମୋଦି

> ୨୦୧୪ରେ ୫୦%ରୁ କମ୍ ଲୋକଙ୍କ ବ୍ୟାଙ୍କ ଖାତା ଥିବାବେଳେ ଗତ ୭ ବର୍ଷରେ ୪୩୦ ନିୟୁତ ଜନଧନ ଆକାଉଣ୍ଟ ଖୋଲାଯାଇଛି। 'ୟୁପିଆଇ' ଏବଂ 'ରୁପେ' ଭଳି ବ୍ୟବସ୍ଥା ପ୍ରତ୍ୟେକ ଦେଶକୁ ବଡ଼ ସୁଯୋଗ ଦେଇଛି। ବର୍ତ୍ତମାନ ସୁଦ୍ଧା ୬୯୦ ନିୟୁତ ରୁପେ କାର୍ଡ ଇସ୍ୟୁ କରାଯାଇଥିବାବେଳେ ଏଥିରେ ଗତବର୍ଷ ୧୩୦ କୋଟି କାରବାର ହୋଇଛି।
> —ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ନବମ ଜନ୍ମଦିନ ଶୁଭେଚ୍ଛା



ସାଗ୍ନିକ୍ ସୌରଭ ମାଇତି
ବାପା: ସୁକୁମାର
ମାଆ:ଚମ୍ପାବତୀ
ସା: କରଂଜମାଳ, ଧାମରା, ଭଦ୍ରକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
—:ଶୁଭେଚ୍ଛା ସହ:—
ଜେଜେ, ମା' ଓ ପରିବାରବର୍ଗ ।
ଧ-୨୨୩୧୯

# ଉଜ୍ଜ୍ୱଳା ୨.୦ରେ ୭୯ ଲକ୍ଷ ସଂଯୋଗ

ଭୁବନେଶ୍ୱର,୩।୧୨

ଚଳିତ ବର୍ଷ ଅଗଷ୍ଟ ୧୦ରୁ ଆରମ୍ଭ ହୋଇଥିବା ଉଜ୍ଜ୍ୱଳା ଯୋଜନାର ୨.୦ ପର୍ଯ୍ୟାୟର ନଭେମ୍ବର ମାସରେ ପ୍ରାୟ ୭୯ ଲକ୍ଷ (୭୮.୯୮ ଲକ୍ଷ) ନୂଆ ସଂଯୋଗ କରାଯାଇଛି। ଏ ନେଇ ପେଟ୍ରୋଲିୟମ୍ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି ଲୋକସଭାରେ ସୂଚନା ଦେଇଛନ୍ତି। ଉଜ୍ଜ୍ୱଳା ଯୋଜନାରେ ଏଲପିଜି ସଂଯୋଗ ସହିତ ପ୍ରଥମ ରିଫିଲ୍ ଓ ଷ୍ଟୋଭ ମାଗଣାରେ ପ୍ରଦାନ କରାଯାଉଛି। ଏହାର ଦ୍ୱିତୀୟ ପର୍ଯ୍ୟାୟରେ ହିତାଧିକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି କେତେକ ନୂଆ ବ୍ୟବସ୍ଥା ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଇଛି।

# ସ୍କୋଡା ଅଟୋର ୧୦୮% ବିକ୍ରି ଅଭିବୃଦ୍ଧି

ଭୁବନେଶ୍ୱର,୩।୧୨



ଚଳିତ ବର୍ଷ ନଭେମ୍ବରରେ ସ୍କୋଡା ଅଟୋ ଇଣ୍ଡିଆର କାର୍ ବିକ୍ରି କ୍ଷେତ୍ରରେ ସଫଳତା ମିଳିଛି। ଗତବର୍ଷ ଏହି ସମୟ ମଧ୍ୟରେ ବିକ୍ରିଠାରୁ ୧୦୮% ଅଭିବୃଦ୍ଧି ଚଳିତ ନଭେମ୍ବରରେ ହାସଲ କରିବାକୁ ସକ୍ଷମ ହୋଇଛି। କମ୍ପାନୀ ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ୨,୧୯୬ କାର୍ ବିକ୍ରି କରିଥିବା ଜଣାପଡ଼ିଛି। ୨୦୨୦ ନଭେମ୍ବରରେ ଏହି ସଂଖ୍ୟା ୧,୦୫୬ ରହିଥିଲା। ସେହିପରି ୨୦୨୧ ନଭେମ୍ବରରେ କମ୍ପାନୀ ଗ୍ରାହକଙ୍କୁ ୨,୩୦୦ କୁଶାକ୍ ଯୋଗାଇ ଦେଇଛି। ଏହି ଏସ୍‌ୟୁଭି ମଧ୍ୟମ ଆକାରର କାର୍ ଭାରତରେ ଅତୁଳନୀୟ ବ୍ରାଣ୍ଡ୍ ସାବ୍ୟସ୍ତ ହେବା ଆଶା ରହିଛି। ସେହିଭଳି ଗ୍ରାହକଙ୍କ ସୁବିଧା ପାଇଁ କମ୍ପାନୀ ପକ୍ଷରୁ ଦେଶର ୧୦୦ଟି ସ୍ଥାନରେ ୧୭୫ ଟଚ୍ ପଏଣ୍ଟର ସ୍ଥାପନ କରାଯାଇଛି। ଅପରପକ୍ଷରେ ଦେଶର ପ୍ରମୁଖ ସହରରେ ଡିଲରଶିପ୍ ମଧ୍ୟ ସ୍ଥାପନ କରାଯାଇଛି। ଏହାଦ୍ୱାରା ଭାରତରେ କମ୍ପାନୀର ନେଟ୍‌ୱାର୍କ ସୁଦୃଢ଼ ହୋଇପାରିଛି। କୁଶାକ୍‌ର ବଜାର ପ୍ରବେଶ ସହିତ ସ୍କୋଡା ଏହାର ଇଣ୍ଡିଆ ୨.୦ ଷ୍ଟ୍ରାଟେଜି ଗ୍ରହଣ କରିବାର ଯୋଜନା କରିଛି। ସ୍କୋଡା ଅଟୋ ଭାରତରେ ୨୦ ବର୍ଷ ଧରି ଏହାର କାରବାର ଜାରି ରଖିଛି। ଗ୍ରାହକ କେନ୍ଦ୍ରିକ ଯୋଜନା ଆଧାରରେ କାରବାର କରିବା କମ୍ପାନୀର ପ୍ରମୁଖ ଲକ୍ଷ୍ୟ। ଗ୍ରାହକମାନଙ୍କ ପାଇଁ କମ୍ପାନୀର ଡିଲରଶିପ୍‌ରେ ଏକ୍ସକ୍ଲୁସିଭ୍ ସର୍ଭିସ୍ ଅଫର ପ୍ରଦାନ କରାଯାଉଛି।

# ସାମୁଦ୍ରିକ ସୀମା ସୁରକ୍ଷିତ ରଖେ ନୌସେନା



## ଭାରତୀୟ ନୌସେନା ଦିବସ

ଭାରତୀୟ ନୌସେନା ଦିବସ ପ୍ରତିବର୍ଷ ୪ ଡିସେମ୍ବରରେ ପାଳନ କରାଯାଇଥାଏ। ଦେଶର ସାମୁଦ୍ରିକ ସୀମା ସୁରକ୍ଷାରେ ନୌସେନାର ସଫଳତା ଏବଂ ଭୂମିକା ନେଇ ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ୧୯୭୧ ଡିସେମ୍ବର ୪ରେ ଅପରେଶନ ଟ୍ରାଇଡେଣ୍ଟ ସମୟରେ ଭାରତୀୟ ନୌସେନା ପିଏନ୍‌ଏସ୍ ଖାଇବର ସମେତ ଚାରିଟି ପାକିସ୍ତାନୀ ଜାହାଜକୁ ଧ୍ୱଂସ କରିଥିଲା। ଏହି ଘଟଣାରେ ଶହେରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ଏହି ଯୁଦ୍ଧରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ସ୍ମୃତିରେ ଡିସେମ୍ବର ୪ରେ ନୌସେନା ଦିବସ ପାଳନ କରାଯାଇଥାଏ। ଭାରତୀୟ ନୌସେନାରେ ୬୭,୦୦୦ରୁ ଅଧିକ କର୍ମଚାରୀ ଏବଂ ପ୍ରାୟ ୧୫୦ ଜାହାଜ ଏବଂ ବୁଡ଼ାଜାହାଜ ସାମିଲ ଅଛନ୍ତି। ସୂଚନାଯୋଗ୍ୟ, ୨୧ ଅକ୍ଟୋବର ୧୯୪୪ରେ ରୟାଲ ଇଣ୍ଡିଆନ ନେଭି ପକ୍ଷରୁ ପ୍ରଥମ ଥର ପାଇଁ ନୌସେନା ଦିବସ ପାଳନ କରାଯାଇଥିଲା। ନୌସେନା ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ଥିଲା ସାଧାରଣ ଲୋକଙ୍କ ମଧ୍ୟରେ ନୌସେନା ବିଷୟରେ ସଚେତନତା ବୃଦ୍ଧି କରାଯିବା। ୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧ ଡିସେମ୍ବରରେ ନୌସେନା ଦିବସ ପାଳନ କରାଯାଇଥିଲା। ୩୦ ନଭେମ୍ବର ୧୯୪୫ର ରାତିରେ ନୌସେନା ଦିବସ ପାଳନ ଅବସରରେ ଇନ୍‌କିଲାବ ଜିନ୍ଦାବାଦ ସ୍ଲୋଗାନ ଦିଆଯାଇଥିଲା।

## ଫୁର୍‌ସତ୍



ସୁରିଆ

# ଗୋଲ୍ଡେନ ଗ୍ଲୋବ ଆୱାର୍ଡ ପାଇଁ 'ଜୟ ଭୀମ' ମନୋନୀତ

**ମୁମ୍ବାଇ:** ଫିଲ୍ମ 'ଜୟ ଭୀମ' ଅଫିସିଆଲି ଗୋଲ୍ଡେନ ଗ୍ଲୋବ୍ସ ୨୦୨୨ରେ ସର୍ବଶ୍ରେଷ୍ଠ ଅଣ-ଇଂରାଜୀ ଫିଲ୍ମ ବର୍ଗରେ ମନୋନୀତ ହୋଇଛି। ଫିଲ୍ମଟି ରିଲିଜ ହେବା ପରେ ବିବାଦ ମଧ୍ୟରେ ରହିଛି। ଏହା ସତ୍ତ୍ୱେ ଫିଲ୍ମକୁ ଦର୍ଶକ ବେଶ୍ ପସନ୍ଦ କରିବା ସହିତ ପ୍ରଶଂସା ମଧ୍ୟ କରିଛନ୍ତି। ଫିଲ୍ମ ଯୋଗୁ ଅଭିନେତାଙ୍କ ସମେତ ଫିଲ୍ମ ନିର୍ମାତା ଓ ଆମାଜନ ପ୍ରାଇମ୍ ଭିଡିଓକୁ ଧମକ ମିଳିଛି। ସୂରିୟା ଏବଂ ଲିଜୋମୋଲ ଜୋସ୍ ଅଭିନୀତ ଉକ୍ତ ଫିଲ୍ମକୁ ତାମିଲନାଡୁରେ ବିରୋଧ କରାଯାଇଛି। ଏହା ମଧ୍ୟରେ 'ଜୟ ଭୀମ' ଫିଲ୍ମକୁ ୧୦ ରୁ ୯.୬ ରେଟିଙ୍ଗ୍ ମିଳିଛି। ଫିଲ୍ମକୁ ଏକ ଟୁଇଟ୍ ଜରିଆରେ ଗୋଲ୍ଡେନ ଗ୍ଲୋବ୍ସ ଆୱାର୍ଡ ପାଇଁ ଦାଖଲ କରାଯାଇଥିବା ଏହାର ଅଫିସିଆଲ ଟିମ୍ ଘୋଷଣା କରିଛି। ଟିଜେ ଗାନାଭେଲଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମଟି ନଭେମ୍ବରରେ ରିଲିଜ ହୋଇଥିଲା।

# ପ୍ରି-ୱେଡିଂ ଫଟୋ ଶେୟାର କଲେ ଅଙ୍କିତା



**ମୁମ୍ବାଇ:** ଛୋଟ ପରଦାର ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ଏବଂ ଭିକି ଜୈନ ଆସନ୍ତା ସପ୍ତାହରେ ବିବାହ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ସେମାନଙ୍କର ପ୍ରି-ୱେଡିଂ ଫଟୋ ଶୁଟ୍ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅଙ୍କିତା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ କିଛି ଫଟୋ ଶେୟାର କରିଛନ୍ତି। ସେଥିରେ ଅଙ୍କିତା ମେହେନ୍ଦୀ କଲରର ଏକ ସିଲ୍କ ଶାଢ଼ି ପିନ୍ଧିଥିବା ବେଳେ ହାତରେ ସବୁଜ ରଙ୍ଗର ଚୁଡ଼ି ପିନ୍ଧିଛନ୍ତି। ଭିକି ଏକ ହଳଦିଆ ରଙ୍ଗର ଡ୍ରେସ ପିନ୍ଧିଥିବା ନଜର ଆସିଛନ୍ତି। ଫଟୋରେ ଦୁହେଁ ଖୁବ ସୁନ୍ଦର ଦିଶୁଛନ୍ତି। ଏଥିରୁ ଅନୁମାନ କରି ହେଉଛି ଏହି ଯୋଡ଼ି ବିବାହକୁ ନେଇ କେତେ ଖୁସି ଅଛନ୍ତି। ଅନ୍ୟପକ୍ଷରେ ଫଟୋଗୁଡ଼ିକୁ ପ୍ରଶଂସକମାନେ ବି ବେଶ୍ ପସନ୍ଦ କରିଛନ୍ତି। ଅଙ୍କିତା-ଭିକି ଦୀର୍ଘଦିନ ଧରି ରିଲେଶନଶିପ୍‌ରେ ଥିଲେ। ଏବେ ଏହି ସମ୍ପର୍କ ବିବାହରେ ପରିଣତ ହେବାକୁ ଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
1. SALES MANAGER, 2. SALES OFFICER, 3. TECHNICIAN (Ro/Chiminey), 4. ACCOUNTANT 5. OFFICE BOY.
Contact No.: +91 87636 67171/ +91 70771 30935

WANTED
LADY OFFICE EXECUTIVE
ONE PEON
Phulnakhara, Cuttack. Rahiba, Khaiba, Salary within 7500/- & 10,000/-.
7809525452

Urgent Required
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

APPOINTMENT
SP Academy, Bhubaneswar wants MARKETING EXECUTIVE- 2 Nos. OFFICE PERSONNEL- 1 No.
RP-14, Pandav Nagar, 9556101210, 9337505150
Interview Date & Time: 05.12.2021, 2 P.M. to 5 P.M.

See Career Appointment on every Wednesday & Saturday

WALK-IN-INTERVIEW
On 13th to 18th Dec.
• TGT, Math, Computer, Hindi, Science - B.Ed. • PET- 2 Nos. • Accountant- 2 Nos. • DTP Operator- 1 No. • Dance & Music- 1 No. • Driver - 1 No.
Contact: 0674-2394582
email: alokenglishmediumschool@yahoo.in

IMMEDIATE APPOINTMENT
based at Bhubaneswar
A fast growing multi-business entity based at Bhubaneswar requires smart SALES MANAGER (FEMALE) for Tele Sales & CFA operations handling and other related works. Managing office independently.
Qualification: Graduate minimum. Age: 20 years to 30 years. Experience: Minimum 2-3 years. High on integrity and sincerity. Good communication skills in Odia. Salary negotiable. Performance based monthly incentives extra.
Apply in confidence within 3 days of publication.
Mail CV at: octothorp2020@gmail.com
Whatsapp CV at 9938844566

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

କେମିତି ମଦ ଛାଡ଼ିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

LOAN DHAMAKA
AADARSH FINANCE
ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ଲକ୍ଷ ରୁ ୫୦ଲକ୍ଷ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋନ୍ ଯୋଗାଇଦେଉଛି ।
2%Interest, 40% Subsidy
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
ଯୋଗାଯୋଗ: 9432985505
: 9432985505

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁଗୋପୀନାଥ ମହାପାତ୍ର
୨୪୦/୧୪, ଏରୋଡ୍ରମ ଏରିଆ, ଭୁବନେଶ୍ୱର
ଆବିର୍ଭାବ : ୨୫.୦୧.୧୯୩୧
ତିରୋଧାନ : ୨୪.୧୧.୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପତ୍ନୀ: କନକଲତା, ପୁତ୍ର-ପୁତ୍ରବଧୂ : ଅସିତ୍-ମିନୁ, ତୁଷାର-ମିତା, ସମର-ଅନୀତା, ଅରୁଣ-ସୁସ୍ମିତା
କନ୍ୟା-ଜାମାତା: ଅନୁରାଧା-ଶିବପ୍ରସାଦ
ନାତି,ନାତୁଣୀ, ନାତୁଣୀଜ୍ୱାଇଁ, ନାତୁଣୀବୋହୂ : ପୁପୁଲ୍-ଶଙ୍କର, ସୁମନ୍-ପ୍ରଶାନ୍ତି, ପିକୁନ୍-ମନୀଷା, ଶିବ୍‌ଜିତ୍, ଆଦିତ୍ୟ, ଅନିଶ୍, ମନୀଷା, ଶ୍ୱେତା, ସାତ୍ୱିକା
ଅଣନାତି : ଅଦ୍ୱୈତ୍, ଆରବ୍
ଧ-୨୨୪୪୮

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ କଳ୍ପନା କର (ପୂର୍ବତନ ସରପଞ୍ଚ)
ଲେଣ୍ଡୁ ପଞ୍ଚାୟତ, ଲଳିତା ପାଟପୁର
ନିରାକାରପୁର, ଖୋର୍ଦ୍ଧା
ଆବିର୍ଭାବ : ୧୫.୦୭.୧୯୭୨
ତିରୋଧାନ : ୨୫.୧୧.୨୦୨୧
ତୁମର ଅକାଳ ବିୟୋଗରେ ଆମେ ଗଭୀର ମର୍ମାହତ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
-: ଶୋକସନ୍ତପ୍ତ :-
ସ୍ୱାମୀ : ଭଗବାନ କର
ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ସମସ୍ତ କର ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ ।
ଧ-୭୧୪୪୭

DHARITRI

www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଡିସେମ୍ବର ୪/୨୦୨୧ Sambalpur, Saturday, December 4/ 2021

# ମୟଙ୍କଙ୍କ ଶତକ: ଭାରତ ୨୨୧/୪

**ମୁମ୍ବାଇ,୩।୧୨**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଭଲ ଆରମ୍ଭ କରିଥିଲେ ମଧ୍ୟ ୮୦ ରନରେ ଟପ ଅର୍ଡରର ୩ଟି ଉଇକେଟ ହରାଇ ହଠାତ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଓପନର ମୟଙ୍କ ଅଗ୍ରୱାଲ ଚାପର ସଫଳ ମୁକାବିଲା କରି ଧୈର୍ଯ୍ୟର ସହ ବ୍ୟାଟିଂ କରି ଅପରାଜିତ ଶତକ ହାସଲ କରିବା ସହ ସ୍ଥିତି ସମ୍ଭାଳିଥିଲେ। ଫଳରେ ଭାରତ ଏବେ ସମ୍ମାନଜନକ ସ୍କୋର ହାସଲ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମ ଦିବସର ଖେଳ ଶେଷ ବେଳକୁ ଭାରତ ୭୦ ଓଭରରେ ୪ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ୧୨୦ ଓ ଉଇକେଟକିପର ବ୍ୟାଟର ଋଦ୍ଧିମାନ ଶାହା ୨୫ ରନ କରି ଅପରାଜିତ ରହିଛନ୍ତି। ବର୍ଷା ଯୋଗୁ ମ୍ୟାଚ୍ ଲଞ୍ଚ ପରେ ଆରମ୍ଭ ହୋଇଥିଲା।

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରି ଦୁଇ ଓପନର ଶୁବମନ ଗିଲ ଓ ମୟଙ୍କ ଅଗ୍ରୱାଲ ଭଲ ଆରମ୍ଭ କରିଥିଲେ ଓ ପ୍ରଥମ ଉଇକେଟରେ ୮୦ ରନର ଭାଗୀଦାରି ସ୍ଥାପନ କରିଥିଲେ। ତେବେ ଶୁବମନ ୭୧ ବଲରୁ ୭ ଚୌକା ଓ ୧ ଛକା ସହ ୪୪ ରନ କରିଥିବା ବେଳେ ସ୍ପିନର ଏଜାଜ ପଟେଲଙ୍କ ବଲ୍‌ରେ ସ୍ଲିପ୍‌ରେ ରସ ଟେଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।

## ପୂଜାରା, କୋହଲି ଶୂନରେ ଆଉଟ

୩୦ତମ ଓଭରରେ ଏଜାଜ ଦ୍ୱିତୀୟ ଓ ଷଷ୍ଠ ବଲ୍‌ରେ ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କୁ ଆଉଟ କରିଥିଲେ। ଖାତା ଖୋଲିବା ପୂର୍ବରୁ ପୂଜାରା ବୋଲ୍ଡ ହୋଇଥିଲେ। ପୂଜାରା ଦଶମ ଥର ପାଇଁ ଟେଷ୍ଟ କ୍ରିକେଟରେ ଶୂନରେ ଆଉଟ ହୋଇଛନ୍ତି। ୩ ନମ୍ବରରେ ଖେଳି ସେ ଅଷ୍ଟମଥର ପାଇ ଶୂନରେ ପ୍ୟାଭିଲିୟନ ଫେରିଛନ୍ତି। ସେହିପରି କୋହଲି ବିବାଦୀୟ ଢଙ୍ଗରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ ଓ ସେ କୌଣସି ରନ୍ ସଂଗ୍ରହ କରିପାରି ନ ଥିଲେ। ୮୦ ରନରେ ହିଁ ଭାରତ ୩ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହରାଇଥିଲା। ରିଭ୍ୟୁ ନେଇଥିଲେ ମଧ୍ୟ ତାଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ବଲ୍, ବ୍ୟାଟ ଓ ପ୍ୟାଡ ସହ ଏକା ସଙ୍ଗେ ବଲର ସଂଯୋଗ ହୋଇଛି ବୋଲି ତୃତୀୟ ଅମ୍ପାୟର ଯୁକ୍ତି ଦର୍ଶାଇଥିଲେ। ରିପ୍ଲେରେ ବଲ୍ ପ୍ରଥମେ ବ୍ୟାଟ୍‌ରେ ବାଜିଥିବା ଦେଖାଯାଇଥିଲେ ମଧ୍ୟ କୋହଲିଙ୍କୁ ନିରାଶ ହେବାକୁ ପଡିଥିଲା। ଫଳରେ ଅମ୍ପାୟାରଙ୍କ ନିଷ୍ପତ୍ତି ବଜାୟ ରହିଥିଲା। ଅମ୍ପାୟରଙ୍କ ନିଷ୍ପତ୍ତିରେ କୋହଲି ଅସନ୍ତୋଷ ପ୍ରକାଶ କରିଥିଲେ ଓ ପ୍ୟାଭିଲିୟନ ଫେରିବା ବେଳେ ବ୍ୟାଟକୁ ଭୂଇଁରେ ବାଡେଇଥିଲେ। ୮୦ ରନ ସ୍କୋରରେ ଭାରତ ତା'ର ପ୍ରଥମ ୩ଟି ଉଇକେଟ ହରାଇଥିଲା। କୋହଲି ଏଥିସହ ଟେଷ୍ଟରେ ୧୪ଥର, ଅଧିନାୟକ ଭାବେ ୧୦ଥର, ଚଳିତ ବର୍ଷ ଚତୁର୍ଥ ଥର ଓ ଅଧିନାୟକ ଭାବେ ଘରୋଇ ମାଟିରେ ଷଷ୍ଠଥର ପାଇଁ ଶୂନରେ ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟର ହିରୋ ଶ୍ରେୟାସ ଆୟାର ବେଶି ସମୟ ତିଷ୍ଠି ନ ପାରି ମାତ୍ର ୧୮ ରନକରି ଉଇକେଟକିପର ଟମ୍ ବ୍ଲଣ୍ଡେଲଙ୍କୁ କ୍ୟାଚ ଦେଇ ଏଜାଜଙ୍କ ଚତୁର୍ଥ ଶିକାର ହୋଇଥିଲେ। ମୟଙ୍କ ଓ ଆୟାରଙ୍କ ମଧ୍ୟରେ ଚତୁର୍ଥ ଉଇକେଟରେ ୮୦ ରନର ଭାଗୀଦାରି ସ୍ଥାପନ ହୋଇଥିଲା। ଏହାପରେ ଋଦ୍ଧିମାନ ବ୍ୟାଟିଂ କରିବାକୁ ଆସିଥିଲେ। ଋଦ୍ଧିମାନ ଓ ମୟଙ୍କ ୧୩୪ଟି ବଲ୍ ଖେଳି ପଞ୍ଚମ ଉଇକେଟରେ ଅପରାଜିତ ୬୧ ରନ ସଂଗ୍ରହ କରିଥିଲେ।



ଶତକ ହାସଲ ପରେ ମୟଙ୍କ ଅଗ୍ରୱାଲ।

### ଦ୍ୱିତୀୟ ଟେଷ୍ଟ

ମୟଙ୍କ ୨୪୬ଟି ବଲ୍ ଖେଳିବା ସହ ୧୪ ଚୌକା ଓ ୪ ଛକା ସହ ୧୨୦ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି। ସେ ୧୯୬ଟି ବଲ୍ ଖେଳି ଶତକ ପୂରଣ କରିଥିଲେ। ସେ ୧୩ଟି ଇନିଂସ ପରେ କ୍ୟାରିୟରର ୨୪ତମ ଇନିଂସରେ ଚତୁର୍ଥ ଶତକ ହାସଲ କରିଛନ୍ତି। ଭାରତ ମାଟିରେ ମୟଙ୍କ ଚତୁର୍ଥ ଥର ପାଇଁ ୫୦ରୁ ଊର୍ଦ୍ଧ୍ୱ ରନ କରିଛନ୍ତି ଓ ପ୍ରତ୍ୟେକ ଥର ଏହାକୁ ଶତକରେ ରୂପାନ୍ତରିତ କରିବାରେ ସଫଳ ରହିଛନ୍ତି। ସେହିପରି ଋଦ୍ଧିମାନ ୨୫ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ ସବୁ ୪ଟି ଯାକ ଉଇକେଟ ଏଜାଜ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୭୦ ଓଭରରେ ୨୨୧/୪ (ମୟଙ୍କ ଅଗ୍ରୱାଲ– ୧୨୦*, ଶୁବମନ ଗିଲ– ୪୪, ଋଦ୍ଧିମାନ ଶାହା– ୨୫*, ଶ୍ରେୟାସ ଆୟାର– ୧୮, ଏଜାଜ ପଟେଲ– ୪/୭୩)।

## ବିହାରକୁ ହରାଇଲା ଝାଡ଼ଖଣ୍ଡ



ବଲ୍ ପାଇଁ ଦୁଇ ଦଳଙ୍କ ମଧ୍ୟରେ ସଂଘର୍ଷ।

**ଭୁବନେଶ୍ୱର, ୩।୧୨ (ସ୍ପୋର୍ଟ୍ସବ୍ୟୁରୋ):** ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଝାଡଖଣ୍ଡ ୨–୦ ଗୋଲରେ ବିହାରକୁ ପରାସ୍ତ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ସନ୍ତୋଷ ଟ୍ରଫିର ଏହି କ୍ୱାଲିଫାୟର ମ୍ୟାଚ୍‌ରେ ଝାଡଖଣ୍ଡ ତରଫରୁ ନିଖିଳ ବାର୍ଲା ଦୁଇଟି ଯାକ ଗୋଲ ସ୍କୋର କରିଥିଲେ। ସେ ୬୧ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ଏହାପରେ ଇଞ୍ଜୁରି ଟାଇମର ତୃତୀୟ ମିନିଟ୍ ଅର୍ଥାତ ୯୦+୩ ମିନିଟ୍‌ରେ ଦ୍ୱିତୀୟ ଗୋଲ ପ୍ରଦାନ କରିଥିଲେ। ନିଖିଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସମ୍ପାଦକ ରଞ୍ଜିତ ପରିଡା ତାଙ୍କୁ ପୁରସ୍କାର ସ୍ୱରୂପ ୫,୦୦୦ ଟଙ୍କା ପ୍ରଦାନ କରିଥିଲେ।

## ୟୁପି ଯୋଦ୍ଧା ଦଳରେ ଆଫ୍ରିକୀୟ ବଂଶୋଦ୍ଭବ ଖେଳାଳି

**ଗ୍ରେଟର ନଏଡା, ୩।୧୨ (ପି.ଟି.):** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ଫ୍ରାଞ୍ଚାଇଜ୍ ୟୁପି ଯୋଦ୍ଧା ଆସନ୍ତା ସିଜନ ପାଇଁ ପ୍ରଥମଥର ଜଣେ ଦକ୍ଷିଣ ଆଫ୍ରିକୀୟ ବଂଶୋଦ୍ଭବ ଖେଳାଳିଙ୍କୁ ଅନୁବନ୍ଧିତ କରିଛି। ସେ ହେଉଛନ୍ତି କେନିଆର ରେଡର ଜେମ୍ସ ନାମାବା କାମୱେଟି। ପିକେଏଲ୍ ୮ମ ସିଜନ ଡିସେମ୍ବର ୨୨ରୁ ଆରମ୍ଭ ହେବ। ଚଳିତବର୍ଷ ମାର୍ଚ୍ଚରେ ଅନୁଷ୍ଠିତ ବଙ୍ଗବନ୍ଧୁ କପ୍‌ରେ କାମୱେଟି ଶ୍ରେଷ୍ଠ ରେଡର ବିବେଚିତ ହୋଇଥିଲେ।




## ଶ୍ରୀଲଙ୍କା ୨–୦ରେ ଟେଷ୍ଟ ସିରିଜ ଜିତିଲା




ଟ୍ରଫି ସହ ସିରିଜ୍ ବିଜୟୀ ଶ୍ରୀଲଙ୍କା କ୍ରିକେଟ ଦଳ।

**ଗାଲେ, ୩।୧୨:** ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କ୍ରିକେଟ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ୧୬୪ ରନରେ ବିଜୟୀ ହୋଇଛି। ଫଳରେ ଶ୍ରୀଲଙ୍କା ୨–୦ରେ ସିରିଜ ବିଜୟୀ ହୋଇଛି। ଶ୍ରୀଲଙ୍କାର ଧନଞ୍ଜୟ ଡି ସିଲଭା ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସ୍ପିନର ରମେଶ ମେଣ୍ଡିସ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ପ୍ରଥମ ଇନିଂସରେ ୪୯ ରନ ପଛରେ ପଡିଥିବା ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ଆରମ୍ଭ କରି ଶୁକ୍ରବାର ୧୨୧.୪ ଓଭରରେ ୯ ଉଇକେଟ ହରାଇ ୩୪୫ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖୀରେ ୨୯୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଶନିବାର ପଞ୍ଚମ ତଥା ଅନ୍ତିମ ଦିବସରେ ୫୬.୧ ଓଭରରେ ୧୩୨ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଦଳ ତରଫରୁ ଏନ୍‌କ୍ରୁମା ବୋନର ସର୍ବାଧିକ ୪୪, ଜେର୍ମାଇନ୍ ବ୍ଲାକଉଡ ୩୬, ସାଇ ହୋପ୍ ୧୬ ଓ କେମର ରୋଚ ୧୩ ରନ ସଂଗ୍ରହକରି ଆଉଟ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କାର ଦୁଇ ସ୍ପିନର ଲାସିଥ ଏମ୍ବୁଲଡେନିୟା ଓ ରମେଶ ମେଣ୍ଡିସ୍ ୫ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୨୮/୮ରୁ ଶ୍ରୀଲଙ୍କା ଖେଳ ଆରମ୍ଭ କରି ଇନିଂସ ଘୋଷଣା କରିଥିଲା। ଓଭରନାଇଟ ସ୍କୋର ୧୫୩ ରନରୁ ଖେଳ ଆରମ୍ଭ କରି ଧନଞ୍ଜୟ ଡି ସିଲଭା ୧୫୫ ରନକରି ଅପରାଜିତ ରହିଥିଲେ। ସେହିପରି ୨୫ ରନରୁ ଖେଳ ଆରମ୍ଭ କରି ଏମ୍ବୁଲଡେନିୟା ୩୯ ରନକରି ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ତରଫରୁ ବିରାସାମୀ ପରମୈଲ ୩, ରୋଷ୍ଟୋନ ଚେଜ୍ ୨, ଜାସନ ହୋଲ୍ଡର ଓ କ୍ରେଗ ବ୍ରାଥୱେଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଶେଷ ଗ୍ରୁପ୍ ମ୍ୟାଚ ହାରିଲେ ସିନ୍ଧୁ, ଶ୍ରୀକାନ୍ତଙ୍କ ବିଦାୟ

**ବାଲି, ୩।୧୨ (ପି.ଟି.):** ଚଳିତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ସେମିଫାଇନାଲ ସ୍ଥାନ ପକ୍କା କରିସାରିଥିବା ଭାରତର ପି.ଭି ସିନ୍ଧୁ କିନ୍ତୁ ଗ୍ରୁପ୍ ଏ'ରେ ତାଙ୍କ ତୃତୀୟ ତଥା ଶେଷ ମହିଳା ସିଙ୍ଗଲ୍ସ ମ୍ୟାଚ ହାରିଯାଇଛନ୍ତି। ଟପ୍ ସିଡ୍ ଥାଇଲାଣ୍ଡର ପର୍ନପାୱି ଚୋଚୁୱଙ୍ଗଙ୍କଠାରୁ ସେ ୧୨–୨୧, ୨୧–୧୯, ୧୪–୨୧ରେ ହାରିଯାଇଛନ୍ତି। ପୂର୍ବରୁ କିଡାମ୍ବି ଶ୍ରୀକାନ୍ତ ବିଦାୟ ନେଇ ସାରିଛନ୍ତି। ଗ୍ରୁପ୍ 'ବି'ର ତୃତୀୟ ଓ ଅନ୍ତିମ ମ୍ୟାଚରେ ସେ ମାଲେସିଆର ଲି ଜି ଜିଆଙ୍କଠାରୁ ୧୯–୨୧, ୧୪–୨୧ରେ ପରାସ୍ତ ହୋଇଛନ୍ତି।

## ଈଶାନ୍ତ, ଜାଡେଜା, ରାହାନେ ବାଦ୍

**ମୁମ୍ବାଇ,୩।୧୨:** ଇଞ୍ଜୁରି ସମସ୍ୟା କାରଣରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରୁ ଭାରତୀୟ ଉପଅଧିନାୟକ ଅଜିଙ୍କ୍ୟ ରାହାନେ, ରବୀନ୍ଦ୍ର ଜାଡେଜା ଓ ଈଶାନ୍ତ ଶର୍ମା ବାଦ୍ ପଡିଛନ୍ତି। ବର୍ଷା କାରଣରୁ ମ୍ୟାଚ୍ ଆରମ୍ଭରେ ବିଳମ୍ବ ହୋଇଥିଲା। କାନପୁରରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ଅନ୍ତିମ ଦିବସରେ ଫିଲ୍ଡିଂ କରୁଥିବା ବେଳେ ଲେଫ୍ଟ ହାମଷ୍ଟ୍ରିଙ୍ଗ ଇଞ୍ଜୁରିରେ ସମ୍ମୁଖୀନ ହୋଇଥିଲେ। ସେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ନ ଥିବାରୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡିଛନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସେହିପରି ଈଶାନ୍ତଙ୍କ ପ୍ରଥମ ଟେଷ୍ଟର ଅନ୍ତିମ ଦିବସରେ ବାମ କାଣି ଅଙ୍ଗୁଳିରେ ଆଘାତ ପାଇଛନ୍ତି। ସେହିପରି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଡାହାଣହାତର ସମ୍ମୁଖ ଭାଗରେ ଇଞ୍ଜୁରି ଥିବାରୁ ବାଦ୍ ପଡିଛନ୍ତି। ତାଙ୍କ ହାତ ଫୁଲି ଥିବା ସ୍କାନରୁ ଜଣାପଡିଛି।

**ୱିଲିୟମସନ ଆଉଟ୍: ଲାଥମଙ୍କୁ ନ୍ୟୁଜିଲାଣ୍ଡର ନେତୃତ୍ୱ**

କହୁଣିରେ ଆଘାତ ସମସ୍ୟା କାରଣରୁ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ଟମ୍ ଲାଥମଙ୍କୁ ଦଳର ଅଧିନାୟକ ନିଯୁକ୍ତି ଦିଆଯାଇଛି। କାନପୁରରେ ପ୍ରଥମ ଟେଷ୍ଟ ଖେଳିବା ଅବସରରେ ଏହି ଆଘାତ ସମସ୍ୟା ଦେଖା ଦେଇଥିଲା।

## ୱାର୍ଲ୍ଡ ଆଥ୍‌ଲେଟିକ୍ସର ପୂର୍ବତନ ମୁଖ୍ୟଙ୍କ ପରଲୋକ

**ପ୍ୟାରିସ,୩।୧୨(ଏଫି):** ୱାର୍ଲ୍ଡ ଆଥ୍‌ଲେଟିକ୍ସର ପୂର୍ବତନ ସଭାପତି ଲାମିନେ ଡିଆକ୍‌ଙ୍କ ୮୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେନେଗାଲର ବହୁ ରାଜନୈତିକ ପଦ ପଦବୀରେ ରହିବା ପରେ ଡିଆକ୍ ୧୯୯୯ରୁ ୨୦୧୫ ପର୍ଯ୍ୟନ୍ତ ୱାର୍ଲ୍ଡ ଆଥଲେଟିକ୍ସ ଭାବେ ନାମିତ ଆଇଏଏଏଫ୍ (ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ)ର ସଭାପତି ରହିଥିଲେ। ଡୋପିଂ



ମାମଲାରେ ଫସିଯାଇଥିବା ରୁଷୀୟ ଆଥଲେଟମାନଙ୍କ ଦ୍ୱାରା କରାଯାଇଥିବା ଲାଞ୍ଚ କାରବାରକୁ ଘଷ୍ଟ ଘୋଡାଇବା ଓ ସେନେଗୋଲରେ ରୁଷିଆର ରାଜନୈତିକ ଅଭିଯାନରେ ସହାୟତା କରିଥିବା ଅଭିଯୋଗରେ ଡିଆକ୍‌ଙ୍କୁ ୪ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ମେ' ମାସରେ ସେ ସେନେଗାଲକୁ ଫେରିଥିଲେ। ସେଠାରେ ତାଙ୍କୁ ଗୃହବନ୍ଦୀ ରଖାଯାଇଥିଲା।

## ବିସିସିଆଇ ଏଜିଏମ୍‌ରେ ଯୋଗଦେବେ ସଞ୍ଜୟ



**ଭୁବନେଶ୍ୱର,୩।୧୨ (ସ୍ପୋର୍ଟ୍ସବ୍ୟୁରୋ):** ଶନିବାର କୋଲକାତାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ବସିବ। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେବେ। ବିସିସିଆଇର ଏହି ୯୦ତମ ବାର୍ଷିକ ସାଧାରଣ ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଏହି ବୈଠକରେ ଭାରତର ଆଗାମୀ ଦକ୍ଷିଣ ଆଫ୍ରିକା ଗସ୍ତ ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ। ଅମ୍ବୁଡ୍ସମ୍ୟାନ ଓ ଏଥିକ୍ସ ଅଫିସର ନିଯୁକ୍ତି ନେଇ ମଧ୍ୟ ନିଷ୍ପତ୍ତି ନିଆଯିବ। ବୈଠକରେ ୨୪ଟି ବିଷୟ ଉପରେ ଆଲୋଚନା ହେବ ବୋଲି କୁହାଯାଇଛି।

## ଏକ୍ସେଲସେନ ପ୍ଲେୟର ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୩।୧୨ (ପି.ଟି.):** ଅଲିମ୍ପିକ ଚାମ୍ପିୟନ ଭିକ୍ଟର ଏକ୍ସେଲସେନ୍ ଓ ଟୋକିଓ ଗେମ୍ସ ରୌପ୍ୟ ବିଜୟିନୀ ତାଇ ଜୁ ୟିଙ୍ଗ୍ ଯଥାକ୍ରମେ ବିଡବ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡଫେଡେରେଶନ) ପୁରୁଷ ଓ ମହିଳା ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଉଭୟ ଏକ୍ସେଲସେନ ଓ ତାଇଜୁ ହେଉଛନ୍ତି ୨୦୨୦ର ଅଲ୍ ଇଂଲଣ୍ଡ ଚାମ୍ପିୟନ। ଭର୍ଚୁଆଲ ବ୍ରଡକାଷ୍ଟ ଦ୍ୱାରା ବିଡବ୍ଲ୍ୟୁଏଫ୍‌ର ସମସ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏକ୍ସେଲସେନ୍ ୨୦୨୦ ଫେବୃୟାରୀରୁ ବାର୍ସିଲୋନା ସ୍ପେନ ମାଷ୍ଟର୍ସରୁ ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। ଡେନମାର୍କର ଏହି ଖେଳାଳି ତାଙ୍କର ୧୧ବ୍ୟକ୍ତିଗତ ଟୁର୍ନାମେଣ୍ଟ ମଧ୍ୟରୁ ୧୦ଟିରେ ଫାଇନାଲକୁ ଉଠିଛନ୍ତି। ତନ୍ମଧ୍ୟରେ ଟୋକିଓ ଗେମ୍ସରେ ସ୍ୱର୍ଣ୍ଣ ସମେତ ୭ଟିରେ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ଅଲ୍ ଇଂଲଣ୍ଡ ୨୦୨୦ ବ୍ୟତୀତ ତାଇ ଜୁ ଜାନୁୟାରୀ ୨୦୨୧ରେ ଏସିଆନ ଲେଗ୍‌ରେ ତିନୋଟି ଫାଇନାଲକୁ ଉଠିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮

ସମ୍ବଲପୁର, ଶନିବାର, ଡିସେମ୍ବର ୪/୨୦୨୧ (୮+୮=୧୬ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Sambalpur, Saturday, December 4/2021 | ପୃଷ୍ଠା-୧



**ଗୀତା ଗୋପୀନାଥ ଆଇଏମ୍ଏଫ୍‌ର ଏଫ୍‌ଡିଏମ୍‌ଡି**

ଆଇଏମ୍ଏଫ୍‌ର ଭାରତୀୟ ବଂଶୋଦ୍ଭବ ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥଙ୍କୁ ଏହାର ପ୍ରଥମ ଉପପରିଚାଳନା ନିର୍ଦ୍ଦେଶକ (ଏଫ୍‌ଡିଏମ୍‌ଡି) ଭାବେ ପଦୋନ୍ନତି ଦିଆଯାଇଛି। ୦୭

୦୮

**ଡୋମରସୁଇଜେନଙ୍କ ହ୍ୟାଟ୍ରିକ**

ମାଲେସିଆ ବିପକ୍ଷ ଜୁନିୟର ହକି ବିଶ୍ୱକପ୍ ମ୍ୟାଚରେ ହ୍ୟାଟ୍ରିକ କରିଥିବା ନେଦରଲାଣ୍ଡ୍‌ର ଲ୍ୟୁକ ଡୋମରସୁଇଜେନ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।



# ଜର୍ମାନୀ-ଆର୍ଜେଣ୍ଟିନା ଫାଇନାଲ

## ଜୁନିୟର ହକି ବିଶ୍ୱକପ ସେମିଫାଇନାଲ

## ବ୍ରୋଞ୍ଜ ପାଇଁ ଲଢ଼ିବ ଭାରତ

**ଭୁବନେଶ୍ୱର, ୩।୧୨ (କ୍ରୀଡ଼ା ପ୍ରତିନିଧି)**



ଜର୍ମାନୀ ବିପକ୍ଷ ମ୍ୟାଚ୍‌ରେ ପରାଜୟ ପରେ ଭାରତୀୟ ଦଳ।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଜର୍ମାନୀ ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଫଳରେ ୨୦୦୧ ଓ ୨୦୧୬ ଚାମ୍ପିୟନ ଭାରତର ଫାଇନାଲ ପ୍ରବେଶ ଆଶା ଏଥର ଅଧୁରା ରହିଛି। ୫ ତାରିଖରେ ହେବାକୁ ଥିବା ଫାଇନାଲରେ ଜର୍ମାନୀ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହେବ। ସେହିଦିନ ସେମିଫାଇନାଲରେ ପରାଜିତ ଦୁଇ ଦଳ ଅର୍ଥାତ୍ ଗତ ସଂସ୍କରଣର ଚାମ୍ପିୟନ ଭାରତ ଓ ଫ୍ରାନ୍ସ ମଧ୍ୟରେ ବ୍ରୋଞ୍ଜ ପଦକ ପାଇଁ ମୁକାବିଲା ହେବ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆର୍ଜେଣ୍ଟିନା ଶୁଟ୍‌ଆଉଟ ୩-୧ ଗୋଲରେ ଫ୍ରାନ୍ସକୁ ହରାଇ ଫାଇନାଲରେ ପହଞ୍ଚିଛି। ଜର୍ମାନୀ ୧୯୮୨, ୧୯୮୫, ୧୯୮୯, ୧୯୯୩, ୨୦୦୯ ଓ ୨୦୧୩ରେ ସର୍ବାଧିକ ୬ ଥର ଚାମ୍ପିୟନ ହୋଇଥିବାବେଳେ ୧୯୭୯ରେ ରନର୍ସଅପ୍ ହୋଇଥିଲା। ତେଣୁ ଏହାକୁ ମିଶାଇ ଦଳ ୮ମ ଥରପାଇଁ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଶେଷରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ☞ପୃଷ୍ଠା-୬

# ୪୦+ଙ୍କୁ ବୁଷ୍ଟର ଡୋଜ୍ ଦେବାକୁ ସୁପାରିସ

**ନୂଆଦିଲ୍ଲୀ, ୩।୧୨**

ଭାରତରେ ଓମିକ୍ରନ୍ ଭାରିଆଣ୍ଟ ଚିହ୍ନଟ ହେବା ପରେ ଏହାକୁ ନେଇ ଚିନ୍ତା ବଢ଼ିଯାଇଛି। ଏହି ଚିନ୍ତାଜନକ ଭାରିଆଣ୍ଟ ସଂକ୍ରମଣରୁ ରକ୍ଷା ପାଇବା ଲାଗି ୪୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସ(୪୦+)ର ଲୋକଙ୍କୁ ବୁଷ୍ଟର ଡୋଜ୍ ଦେବା ଲାଗି ଜିନୋମ ପରୀକ୍ଷା କରୁଥିବା ୨୮ ଲାବରେଟୋରିର ସଂଘ ପକ୍ଷରୁ ସରକାରଙ୍କୁ ସୁପାରିସ କରାଯାଇଛି। ଟିକା ନେଇ ନ ଥିବା ଲୋକଙ୍କୁ ପ୍ରଥମେ ଟିକା ଦେବା ସହ ୪୦+ ଏବଂ ସଂକ୍ରମଣ ଆଶଙ୍କା ଥିବା ଲୋକମାନଙ୍କୁ ବୁଷ୍ଟର ଡୋଜ୍ ଦେବା ନେଇ ବିଚାର କରାଯାଉ। ବର୍ତ୍ତମାନର ଟିକାରୁ ମିଳୁଥିବା ଆଣ୍ଟିବଡି ସ୍ତର ନିମ୍ନ ହୋଇଥିବାରୁ ଏହା ଓମିକ୍ରନ୍‌କୁ ନିଷ୍କ୍ରିୟ କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ଆଇଏନ୍ଏସ୍ଏସିଓଜି କହିଛି। ଏହି ସଂସ୍ଥା କୋଭିଡ୍-୧୯ର ବିଭିନ୍ନ ଭାରିଆଣ୍ଟ ଯାଞ୍ଚ କରୁଛି। ନୂଆ ଭାରିଆଣ୍ଟ କିଭଳି ସଂକ୍ରମଣ କରୁଛି ଓ ଏଥିରୁ ସୁରକ୍ଷା ପାଇଁ ସମ୍ଭାବ୍ୟ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଏହି ସଂସ୍ଥା ଜଣାଇଥାଏ। ନୂଆ ଭାରିଆଣ୍ଟଗୁଡ଼ିକର ଉପସ୍ଥିତି ଚିହ୍ନ କରିବାକୁ ହେଲେ ଜିନୋମ ସିକ୍ୱେନ୍ସିଂ ଜରୁରୀ।

ଆମେରିକା ଓ ବ୍ରିଟେନରେ ୪୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ବୁଷ୍ଟର ଡୋଜ୍ ଦେବା ପାଇଁ ମଞ୍ଜୁରୀ ମିଳିସାରିଲାଣି। କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିବା ଲୋକଙ୍କୁ ନୂଆ ଭାରିଆଣ୍ଟରୁ ସୁରକ୍ଷା ଦେବାକୁ ହେଲେ ବୁଷ୍ଟର ଦିଆଯିବା ଆବଶ୍ୟକ ବୋଲି ଆମେରିକାର ସଂକ୍ରାମକ ରୋଗ ବିଶେଷଜ୍ଞ ଆଣ୍ଟୋନି ଫୌସି କହିଛନ୍ତି। ଭୂତାଣୁର ମ୍ୟୁଟେଶନ ଯୋଗୁ ଏହାର ଢାଞ୍ଚା ବଦଳିଯାଇଛି। ନୂଆ ଭାରିଆଣ୍ଟ ଦ୍ରୁତ ବେଗରେ ସଂକ୍ରମଣ କରିପାରେ ବୋଲି ପ୍ରାଥମିକ ପ୍ରମାଣ ମିଳିଥିବା ଆଇଏନ୍ଏସ୍ଏସିଓଜି କହିଛି। ଓମିକ୍ରନ୍ ପ୍ରଥମେ ଚିହ୍ନଟ ହୋଇଥିବା ଦକ୍ଷିଣ ଆଫ୍ରିକାରେ ସଂକ୍ରମଣ ଦିନକରେ ଦୁଇଗୁଣା ବଢ଼ିଯାଇଛି।

ଲୋକ ସଭାରେ ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ କହିଛନ୍ତି ବୈଜ୍ଞାନିକ ପରାମର୍ଶ ପରେ ବୟସ୍କମାନଙ୍କୁ ବୁଷ୍ଟର ଡୋଜ୍ ଏବଂ ☞ପୃଷ୍ଠା-୬

# ଅଭୟକାନ୍ତ ପାଠକଙ୍କ ଘରେ ଇଡି

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ଘରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢ଼ାଉ କରିଛି। ଭୁବନେଶ୍ୱର ବିବେକାନନ୍ଦ ମାର୍ଗସ୍ଥିତ ତାଙ୍କ ବାସଭବନରେ ଇଡିର ୩ ଜଣିଆ ଟିମ୍ ସକାଳ ୭ଟାରୁ ଚଢ଼ାଉ କରିଥିଲା। ରାତି ପର୍ଯ୍ୟନ୍ତ ଚାଲିଥିବା ଏହି ଚଢାଉରେ ସେଠାରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ବ୍ୟାଙ୍କ ଦସ୍ତାବିଜ୍ ଇଡି ଜବତ କରିଥିବା ସୂଚନା ମିଳିଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ଏହି ଚଢାଉ ଓ ଯାଞ୍ଚ ଚାଲିଥିଲା। ଏହାପୂର୍ବରୁ ଅକ୍ଟୋବର ୫ରେ ଅଭୟକାନ୍ତଙ୍କୁ ପ୍ରଥମଥର ଇଡି ଜେରା କରିଥିଲା। ନଭେମ୍ବର ୨୫ରେ ସେ ପୁଣିଥରେ ଜେରାର ସମ୍ମୁଖୀନ ହୋଇଥିଲେ। ତେବେ ଜେରାବେଳେ ଅଭୟକାନ୍ତ କିଛି ତଥ୍ୟ ଲୁଚାଇଥିବା ନେଇ ଇଡ଼ିର ସନ୍ଦେହ ହୋଇଥିଲା। ଫଳରେ ଇଡ଼ିର ଟିମ୍ ତାଙ୍କ ଘରେ ଏଭଳି ଅଚାନକ ଚଢ଼ାଉ କରିଥିବା କୁହାଯାଉଛି। ତେବେ ଅଧିକ ତଥ୍ୟ ହାସଲ ପାଇଁ ଚଢାଉବେଳେ ଅଭୟକାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଇଡିର ଅଧିକାରୀମାନେ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତ ପାଠକଙ୍କୁ ୨୦୨୦ ନଭେମ୍ବରରେ ଭିଜିଲାନ୍ସ ଗିରଫ କରିଥିଲା। ପରେ ସେ ଜାମିନ୍‌ରେ ଆସିଥିଲେ। ଅଭୟକାନ୍ତଙ୍କ ସମୁଦାୟ ୯ କୋଟି ୩୫ ଲକ୍ଷ ଟଙ୍କାର ଆୟ ବହିର୍ଭୂତ ☞ପୃଷ୍ଠା-୬

## ବାତ୍ୟା ପାଇଁ କୋଣାର୍କ ଉତ୍ସବ ବାତିଲ

**କୋଣାର୍କ, ୩।୧୨ (ଡି.ଏନ.ଏ.)**

ସାମ୍ଭାବ୍ୟ ବାତ୍ୟା ଜୱାଦ ପୁରୀ ଜିଲାରେ ସ୍ଥଳ ଛୁଇଁବା ନେଇ ଭାରତୀୟ ପାଣିପାଗ ବିଭାଗ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ସତର୍କ କରାଯିବା ପରେ ୫ଦିନିଆ କୋଣାର୍କ ଉତ୍ସବ ଓ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକୁ ବାତିଲ କରାଯାଇଛି। ପ୍ରକାଶ ଯେ, ସାମ୍ଭାବ୍ୟ ବାତ୍ୟା ଶନିବାର ସୁଦ୍ଧା ପୁରୀ ଉପକୂଳକୁ ଛୁଇଁବା ନେଇ ପାଣିପାଗ ବିଭାଗ ଶୁକ୍ରବାର ସୂଚନା ଦେଇଥିଲେ। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶକ୍ରମେ ☞ପୃଷ୍ଠା-୬

# ‘ଓମିକ୍ରନ୍ ପାଇଁ ଭୟ ନୁହେଁ, ସତର୍କ ରୁହ’

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

କରୋନା ସ୍ଥିତିରେ ସୁଧାର ଆସୁଥିବାବେଳେ ଏହାର ନୂଆ ଭାରିଆଣ୍ଟ ‘ଓମିକ୍ରନ୍’ ଏବେ ସମସ୍ତଙ୍କ ଚିନ୍ତା ବଢାଇଲାଣି। ବିଶେଷକରି ବେଙ୍ଗାଲୁରୁରୁ ଦୁଇଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ଦେଶରେ ଭୟର ବାତାବରଣ ଦେଖାଦେଇଛି। ଏଭଳି ସ୍ଥିତିରେ ଭୟ କିମ୍ବା ଆତଙ୍କିତ ନ ହୋଇ ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ସରକାର ଏ ନେଇ ସମସ୍ତ ପଦକ୍ଷେପ ନେଉଛନ୍ତି। ଅନ୍ୟ ଦେଶରୁ ଭାରତକୁ ଆସୁଥିବା ଲୋକଙ୍କ ସୂଚନା କେନ୍ଦ୍ର ସରକାରଙ୍କ ପାଖରୁ ମିଳୁଛି। ରାଜ୍ୟକୁ ଆସିଥିବା ଏଭଳି ଲୋକଙ୍କ କଣ୍ଟାକ୍ଟ ଟ୍ରେସିଂ ଲାଗି ଜିଲାଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ବିଦେଶରୁ ଆସୁଥିବା ସମସ୍ତ ଯାତ୍ରୀଙ୍କର ବିମାନବନ୍ଦରରେ ଟେଷ୍ଟ କରାଯାଉଛି। ଯେଉଁମାନଙ୍କର ରିପୋର୍ଟ ନେଗେଟିଭ୍ ଆସୁଛି ସେମାନଙ୍କୁ ୭ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଉଛି। ଅଷ୍ଟମ ଦିନ ସେମାନଙ୍କର ଆଉଥରେ ଟେଷ୍ଟ କରାଯାଉଛି। ରିପୋର୍ଟ ପଜିଟିଭ୍ ଆସିଲେ ସେମାନଙ୍କ ନମୁନା ଜିନମ ସ୍ୱିକ୍ୱେନ୍ସିଂ ପାଇଁ ପଠାଯିବ। ତଥ୍ୟ ଅନୁଯାୟୀ, ଏହି ଭାରିଆଣ୍ଟର ସଂକ୍ରମଣ କ୍ଷମତା ଅଧିକ। ଏହା କ୍ଷିପ୍ର ଗତିରେ ବ୍ୟାପୁଛି। ତେବେ ଏଥିରେ ଗୁରୁତର ହେବାର ଆଶଙ୍କା କେତେ ଓ ମୃତ୍ୟୁହାର କ’ଣ ସେ ନେଇ କୌଣସି ସୂଚନା ନାହିଁ। ତେଣୁ ସତର୍କତାର ଆବଶ୍ୟକତା ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସେ ଆହୁରି କହିଛନ୍ତି, ଶିକ୍ଷାନୁଷ୍ଠାନ ଲାଗି ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଗାଇଡ୍‌ଲାଇନ ଦେଇଛନ୍ତି। ସ୍କୁଲଗୁଡିକ କୋଭିଡ ଅନୁରୂପ ନିୟମ କେମିତି ମାନୁଛନ୍ତି, ତାହାର ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଛାତ୍ରୀଛାତ୍ରଙ୍କର ଲକ୍ଷଣ ରହୁଛି, ସେମାନଙ୍କୁ ସ୍କୁଲ ନ ଆସିବାକୁ କୁହାଯାଇଛି। ପ୍ରତି ସ୍କୁଲରେ ଗୋଟିଏ ଲେଖାଏ କ୍ୱାରାଣ୍ଟାଇନ୍ ରୁମ୍ କରାଯାଇଛି। ଲକ୍ଷଣ ଥିବା ଛାତ୍ରୀଛାତ୍ରଙ୍କୁ ଏଠାରେ ରହିବାର ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।





## ଶିମିଳିପାଳ ୨ ଦିନ ବନ୍ଦ

**ବାରିପଦା ଅଫିସ, ୩।୧୨**

ସମ୍ଭାବ୍ୟ ବାତ୍ୟା ‘ଜୱାଦ’ ପାଇଁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ୪ ଓ ୫ ତାରିଖ ଦୁଇ ଦିନ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିବ। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ଏମ୍. ଜଗଜୟାନନ୍ଦ ସୂଚନା ଦେଇଛନ୍ତି । ଯଶୀପୁର ରେଞ୍ଜ୍‌ର କାଳିଆଣୀ ଓ ପିଠାବଟା ରେଞ୍ଜ୍‌ର ଲୁଲୁଙ୍ଗ ଫାଟକ ଦେଇ କାହାରିକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ। ପର୍ଯ୍ୟଟକମାନେ ତଦନୁଯାୟୀ ନିଜର କାର୍ଯ୍ୟସୂଚୀ ପରିବର୍ତ୍ତନ କରିବାକୁ କୁହାଯାଇଛି। ବାତ୍ୟା ସମୟରେ ଶିମିଳିପାଳ ଭିତରେ ବିପଦପୂର୍ଣ୍ଣ ପରିସ୍ଥିତିକୁ ଏଡ଼ାଇବାକୁ ଯାଇ ଏଭଳି ନିଷ୍ପତ୍ତି ନିଆଯାଇଛି। ପାଗ ପରିବର୍ତ୍ତନ ହେଲେ ପୂର୍ବବତ ପର୍ଯ୍ୟଟକଙ୍କୁ ଛଡ଼ା ଯିବ ବୋଲି ଜଗଜୟାନନ୍ଦ କହିଛନ୍ତି। ସେହିପରି ଗତ ୨୭ରୁ ଚାଲିଥିବା ସର୍ବଭାରତୀୟ ବାଘ ଗଣନା କାର୍ଯ୍ୟକ୍ରମକୁ ମଧ୍ୟ ଆବଶ୍ୟକ ପଡ଼ିଲେ ସ୍ଥଗିତ ରଖାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି ।

# ତେଜିଲା ଅସନ୍ତୋଷ, ହେବ ଆଉ ଏକ ବିଦ୍ରୋହ

## ‘ପାଇକ ବିଦ୍ରୋହ’କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ନ ମିଳିବା ପ୍ରସଙ୍ଗ

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

- ଚେତାବନୀ ଦେଲା ପାଇକ ମହାସଂଘ
- ଜବାବ ମାଗିଲା ଉତ୍କଳ ସମ୍ମିଳନୀ

ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗୁରୁବାର ରାଜ୍ୟ ସଭାରେ କହିବା ପରେ ଓଡ଼ିଶାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ସାଢେ ୪କୋଟି ଓଡ଼ିଶାବାସୀଙ୍କ ଭାବାବେଗକୁ ଆଘାତ ଦେଇଥିବା ନିଖିଳ ଓଡ଼ିଶା ପାଇକ ମହାସଂଘ କହିବା ସହ ସରକାରଙ୍କ ବିରୋଧରେ ଆଉ ଏକ ପାଇକ ବିଦ୍ରୋହ ହେବ ବୋଲି ଚେତାବନୀ ଦେଇଛନ୍ତି। ଏପଟେ ଉତ୍କଳ ସମ୍ମିଳନୀ ମଧ୍ୟ ତୀବ୍ର ନିନ୍ଦା କରିବା ସହ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛି।

ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଳଟାସିଂହ କ୍ଷୋଭ ପ୍ରକାଶ କରି କହିଛନ୍ତି, ୧୮୧୭ ମସିହାରେ ଇଂରେଜ ସରକାରଙ୍କ ବିରୋଧରେ ନିଜ ମାଟି ମାଆର ସୁରକ୍ଷା ପାଇଁ ଖୋର୍ଦ୍ଧା ମାଟିରୁ ପାଇକମାନେ ବିଦ୍ରୋହ ଆରମ୍ଭ କରିଥିଲେ। ଏହି ଐତିହାସିକ ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ପାଳନ ଅବସରରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଏହାକୁ ଭାରତବର୍ଷର ସର୍ବପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କହିଥିଲେ। ଏପରିକି କେନ୍ଦ୍ର ବଜେଟରେ ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣ ପାଇଁ ବ୍ୟୟବରାଦ କରାଯାଇଥିଲା। ପାଇକ ମହାସଂଘର ଦାବି ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ‘ବକ୍ସି ଜଗବନ୍ଧୁ’ ପାଇକ ଚେୟାର ପ୍ରତିଷ୍ଠା କରାଯାଇ ଏହା ଉପରେ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରାଯାଇଥିଲା। ୨୦୧୯ରେ ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣ ପାଇଁ ବରୁଣେଇ ପାହାଡ଼ ପାଦଦେଶରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଥିଲେ। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆଗମନ ସମୟରେ ପାଇକ ବିଦ୍ରୋହରେ ସାମିଲ ହେବା ସହ ଶହୀଦ ହୋଇଥିବା ପାଇକ ପରିବାରର ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଇତିହାସକୁ ପୁନରୁଦ୍ଧାର କରାଯାଇ ପାଇକ ବିଦ୍ରୋହ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପାଠ୍ୟପୁସ୍ତକରେ ☞ପୃଷ୍ଠା-୬






# ହାଇକୋର୍ଟରେ ଷ୍ଟାଟସ ରିପୋର୍ଟ ଦାଖଲ

## ମମିତା ହତ୍ୟା ମାମଲା



କଟକ ଅଫିସ,୩।୧୨

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ମାମଲାର ଷ୍ଟାଟସ ରିପୋର୍ଟ ରାଜ୍ୟ ସରକାର ଶୁକ୍ରବାର ହାଇକୋର୍ଟରେ ଦାଖଲ କରିଛନ୍ତି। ତଦନ୍ତର ଅଗ୍ରଗତି ନେଇ ଏକ ବନ୍ଦ ଲଫାପାରେ ରହିଥିବା ଏହି ରିପୋର୍ଟ ଜଷ୍ଟିସ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ ମହାନ୍ତି ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାର ତଦନ୍ତରେ ବିଳମ୍ବ ଘଟୁଥିବାରୁ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଉପରେ ମାନସିକ ଚାପ ସୃଷ୍ଟି କରୁଛି। ତେଣୁ ଏହାର ତ୍ୱରିତ ଶୁଣାଣି ଓ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର କରିବା ପାଇଁ ଗତ ୧୬ ତାରିଖରେ ମମିତାଙ୍କ ବାପା ସୁଚନ୍ଦ୍ର ମେହେର ଓ ଭାଇ ବର୍ଣ୍ଣି ମେହେର ହାଇକୋର୍ଟରେ ଆବେଦନ କରିଥିଲେ। ଗତ ୧୮ରେ ହାଇକୋର୍ଟ ଏହାର ଶୁଣାଣି କରି ତଦନ୍ତର ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ରାଜ୍ୟ ଗୃହ ବିଭାଗ ସଚିବ, ପୋଲିସ ମହାନିର୍ଦ୍ଦେଶକ, ବଲାଙ୍ଗୀର ଜିଲାପାଳ, ଏସ୍‌ପି, ସିନ୍ଧେକେଲା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଅନ୍ୟପଟେ, ମମିତା ହତ୍ୟା ମାମଲାର ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ପୂର୍ବରୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏପରି କି ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିବେଦନ କରାଯାଇଥିଲା। ପରେ ପରିଷଦ ପକ୍ଷରୁ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ହାଇକୋର୍ଟରେ ଅନ୍ତରୀଣ ଆବେଦନ କରାଯାଇଥିଲା। ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ପୀଡିତାଙ୍କ ବାପା ଗଣମାଧ୍ୟମରେ ଅଭିଯୋଗ କରିସାରି ଥିବାରୁ ଦିବ୍ୟଶଙ୍କରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ପରିଷଦ ପକ୍ଷରୁ ଆବେଦନରେ ଦର୍ଶାଯାଇଛି। ଏହାସହ ସମ୍ବଲପୁର ଡିଆଇଜି, ବଲାଙ୍ଗୀର ଏସ୍‌ପିଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ତେଣୁ ଏମାନଙ୍କ ପଲିଗ୍ରାଫ ଯାଞ୍ଚ କରାଯିବା ସହ ମମିତାଙ୍କ ଲାପ୍‌ଟପ, ପେନ୍‌ଡ୍ରାଇଭ ଓ ଫୋନ କଲ୍‌କୁ ତଦନ୍ତ ପରିସରଭୁକ୍ତ କରିବାକୁ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଅପିଲ କରିଥିଲେ।




































## ବାତ୍ୟା କଣ୍ଟ୍ରୋଲ ରୁମ୍ କମିଟି ଗଢ଼ିଲା କଂଗ୍ରେସ

ଭୁବନେଶ୍ୱର,(ବ୍ୟୁରୋ): ବାତ୍ୟା 'ଜୱାଦ' ମୁକାବିଲା ଲାଗି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ କମିଟି ଗଠନ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୭ ସଦସ୍ୟଙ୍କୁ ନେଇ ଗଠିତ ଏହି ଟିମ୍ ବାତ୍ୟାଜନିତ ସମସ୍ୟାର ସମାଧାନ ପାଇଁ ଆସନ୍ତା ୬ ତାରିଖ ସୋମବାର ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏଥିସହ ଯୋଗାଯୋଗ ପାଇଁ କଣ୍ଟ୍ରୋଲରୁମ୍ ସଂଯୋଜକ ଓ ସଦସ୍ୟଙ୍କ ମୋବାଇଲ ନମ୍ବର ମଧ ଜାରି କରାଯାଇଛି। କମିଟି ସଂଯୋଜକ ଭାବେ ପିସିସି ମୁଖପାତ୍ର ପଦ୍ମାକର ଗୁରୁ (୬୩୭୦୯୬୫୯୭୮) ରହିଥିବାବେଳେ ସଭ୍ୟ ଭାବେ ସୁବ୍ରତ ମହାପାତ୍ର (୯୧୩୨୭୮୫୬୨୪), ସଂଗ୍ରାମ ଦାସ (୯୩୩୭୦୬୨୮୨୬), ତରୁଣ ମିଶ୍ର (୯୪୩୭୧୯୨୧୬୧), ସଂଜୀବ ମହାନ୍ତି (୮୨୮୦୨୪୩୮୦୯), ପ୍ରମୋଦ ସାହୁ (୭୦୦୮୭୮୮୬୬୭) ଓ ଦେବେନ୍ଦ୍ର ଦାସ (୯୪୩୭୨୦୬୩୨୯) ଅଛନ୍ତି।

# ୫ କୋଟି ଟଙ୍କା କ୍ଷତିପୂରଣ ଜମା କର: ଏନ୍‌ଜିଟି

## ଝିଲି ପାହାଡ଼ ବେଆଇନ ପଥର ଖାଦାନ ମାମଲା

■ ଖାଦାନ ଲିଜ୍‌ଧାରୀ, କ୍ରଶର ମାଲିକ, ଜିଲା ପ୍ରଶାସନକୁ ନିର୍ଦ୍ଦେଶ

ଯାଜପୁର ଅଫିସ,୩।୧୨

ଯାଜପୁର ଜିଲା ସୀମାନ୍ତ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ ଝିଲି ପାହାଡ଼ର ପଥର ଖାଦାନରେ ବେଆଇନ ଖନନ ଓ ପରିବେଶଗତ କ୍ଷତି ପାଇଁ ଜିଲା ପ୍ରଶାସନ ହରଡଘଣାରେ ପଡ଼ିଛି। ସମ୍ପୃକ୍ତ ଖାଦାନ ଲିଜ୍‌ଧାରୀ, କ୍ରଶର ମାଲିକ ଏବଂ ଜିଲା ପ୍ରଶାସନକୁ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ଭାବେ ୫ କୋଟି ଟଙ୍କା ଜମା କରିବାକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗତ ୨୯ ତାରିଖ ଶୁଣାଣିରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ୧ ମାସ ମଧ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପାଖରେ ଜମା କରିବାକୁ ନିର୍ଦ୍ଦେଶରେ ଦର୍ଶାଯାଇଛି। ନିର୍ଦ୍ଦେଶରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ପରିବେଶଗତ କ୍ଷତିର ଭରଣା ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ ଏବଂ ଏକ ୫ ଜଣିଆ ଯୁଗ୍ମ କମିଟି ଏହାର ପରିଚାଳନା କରିବ। ଏହି କମିଟିରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ର ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତା, ଏସ୍‌ପିସିବି, ଷ୍ଟେଟ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ କମିଟି(ସିଆ) ଏବଂ ଜିଲାପାଳ ସଦସ୍ୟ ରହିବେ। ଏସ୍‌ପିସିବି ଏହାର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଯଦି ଏହି ଅର୍ଥ ଅସୁଲି ହୋଇ ନ ପାରିବ ତେବେ ଜିଲାପାଳ ବାଧ୍ୟତାମୂଳକ ଭାବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ । ବେଆଇନ ଖାଦାନ ଯୋଗୁ ରୋଗଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇ ପାରିବ । କମିଟି କ୍ଷତିପୂରଣ ଅର୍ଥକୁ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବ ବୋଲି ଏନ୍‌ଜିଟି ରାୟରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ସେପ୍ଟେମ୍ବର ୨୫ରେ ଝିଲି ପାହାଡ଼ ପଥର ଖାଦାନରେ ପ୍ରଭାବିତ ସୁକାନ୍ତି ପ୍ରଧାନ, ସିପ୍ରା ପ୍ରଧାନ, ଶୈଳା ପ୍ରଧାନ, ପ୍ରେମାନନ୍ଦ ପ୍ରଧାନ, ଶାନ୍ତନୁ କୁମାର ସାହୁ ଓ ଶାନ୍ତନୁ ଭୁକ୍ତା ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଏସ୍‌ପିସିବିର ଅନୁଗୋଳ ଆଞ୍ଚଳିକ ଅଧିକାରୀ ଝିଲି ପଥରକ୍ୱାରିର ଲିଜ୍‌ଧାରୀ ଓ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଉଲ୍ଲଂଘନ କରି ପଥର ଖାଦାନ ଚାଲିଛି। ୧୫ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିଲେ ଆଇନ ଅନୁସାରେ ପଥର ଖାଦାନକୁ ବନ୍ଦ କରିବାକୁ ଏସ୍‌ପିସିବି ପକ୍ଷରୁ ପତ୍ରସଂଖ୍ୟା ୨୨୧୦/୧।୧୦।୨୦୨୦ରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ଅଭିଯୋଗକାରୀମାନେ ଏନ୍‌ଜିଟିରେ ଦେଇଥିବା ଆବେଦନପତ୍ର ସଂଖ୍ୟା ୮୩/୨୦୨୦ରେ ଅଭିଯୋଗ କରିଥିଲେ ଯେ, ଝିଲି ପାହାଡ଼ରେ ପଥର ଖାଦାନ ଏବଂ କ୍ରଶର ପାଇଁ ଚତୁଃପାର୍ଶ୍ୱରେ ମୂଲ୍ୟବାନ ଶାଳ ଗଛ କଟାଯାଇଛି। ଏଥିଯୋଗୁ ଜୈବ ବିବିଧତା ନଷ୍ଟ ହେବା ସହ ପରିବେଶ ଅସମାନତା ଦେଖାଦେଇଛି। ଏପରିକି ୩୧।୩।୨୦୨୦ ପର୍ଯ୍ୟନ୍ତ ରହିଥିବା ପରିବେଶ ମଞ୍ଜୁରୀର ବୈଧତା ଶେଷ ହୋଇସାରିଛି। ତଥାପି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ବ୍ଲାଷ୍ଟିଂ କରି ବେଆଇନ ଭାବେ ପଥର ଉତ୍ତୋଳନ କାର୍ଯ୍ୟ ଜାରି ରହିଛି। ଏଥିଯୋଗୁ ନିକଟସ୍ଥ ଘରଗୁଡ଼ିକରେ ବଡ଼ ବଡ଼ ଫାଟ ସୃଷ୍ଟି ହେଉଛି ବୋଲି ସେମାନେ ଦର୍ଶାଇଛନ୍ତି।

# ବାତ୍ୟା ପାଇଁ ଖାଲିହେଲା ଧାରଣାସ୍ଥଳ

## ସ୍ଥିତି ସ୍ୱାଭାବିକ ହେଲେ ଆନ୍ଦୋଳନକୁ ଫେରିବୁ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଆକଳନ ଅନୁସାରେ ଦକ୍ଷିଣ ଆଣ୍ଡାମାନ ସମୁଦ୍ରରେ ସୃଷ୍ଟ ଲଘୁଚାପ ବାତ୍ୟା 'ଜୱାଦ'ର ରୂପନେଇ ଓଡ଼ିଶା ଉପକୂଳ ଆଡକୁ ମାଡ଼ି ଆସୁଛି। ଏହା ପୁରୀଠାରେ ସ୍ଥଳଭାଗକୁ ଛୁଇଁବ ଓ ଏଥିରେ ଭୁବନେଶ୍ୱର ବି ପ୍ରଭାବିତ ହେବା ସମ୍ଭାବନା ରହିଛି। ବାତ୍ୟାକୁ ଦୃଷ୍ଟିରେ ରଖି ଶୁକ୍ରବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି ଓ ରାଜଭବନ ସମ୍ମୁଖ ଧାରଣାସ୍ଥଳରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଉଠିଯିବାକୁ ନିବେଦନ କରିଥିଲା । ଏହାପରେ ଆନ୍ଦୋଳନକାରୀ ଧାରଣାସ୍ଥଳ ଖାଲି କରି ଦେଇଛନ୍ତି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ସାମୁଦ୍ରିକ ବାତ୍ୟା ଜୱାଦ୍ ସମୟରେ ଯେକୌଣସି ପ୍ରକାରର ଦୁର୍ଘଟଣାରୁ ବର୍ତ୍ତିବା ଲାଗି ଡାକବାଜିଯନ୍ତ୍ର ଯୋଗେ ଧାରଣା ସ୍ଥଳ ଖାଲି କରିବାକୁ କୁହାଯାଇଥିଲା। ରାତି ସୁଦ୍ଧା ସମସ୍ତ ଆନ୍ଦୋଳନକରୀ ଧାରଣାରୁ ଓହରି ଧାରଣାସ୍ଥଳ ଖାଲି କରିଛନ୍ତି। ବାତ୍ୟା ସମୟରେ ଘରେ ରହି ଆବଶ୍ୟକ ସୁରକ୍ଷା ପଦକ୍ଷେପ ପାଳନ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଅପରପକ୍ଷେ, ଆନ୍ଦୋଳନରତ ମହାବିଦ୍ୟାଳୟ ଶିକ୍ଷକ ଏବଂ ଅଣଶିକ୍ଷକ (+୨ଓ +୩) କର୍ମଚାରୀ ସଂଘ ପକ୍ଷରୁ ଯୁଗ୍ମ ସମ୍ପାଦକ କମଳାକାନ୍ତ ଲେଙ୍କା କହିଛନ୍ତି, ବାତ୍ୟାକୁ ଦୃଷ୍ଟିରେ ରଖି ଆନ୍ଦୋଳନରୁ ଉଠିଯାଉଛୁ। ସ୍ଥିତି ସାମାନ୍ୟ ହେଲେ ଆନ୍ଦୋଳନକୁ ଫେରିବୁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ



ସମ୍ବଲପୁର,୩।୧୨(ବ୍ୟୁରୋ): ସମ୍ବଲପୁର ଜିଲା ଜମନକିରା ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଫଣିନ୍ଦ୍ର ସାହୁ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ଭିଜିଲାନ୍ସ ଟିମ୍ ଶୁକ୍ରବାର ଧନୁପାଲି ମହାବିରପଡାସ୍ଥିତ ତାଙ୍କ ଘରେ, ଜମନକିରା ଅଫିସ, ପୈତୃକ ଗାଁ ଏପରି ମୋଟ ୫ ସ୍ଥାନରେ ଚଢାଉ କରିଥିଲା। ମହାବିରପଡା ଘରେ ରେଡ୍ କରିବା ସମୟରେ ତାଙ୍କ ସ୍ତ୍ରୀ ଘରେ ଫଣିନ୍ଦ୍ର ନ ଥିବା କହି ତାଲା ଖୋଲି ନ ଥିଲେ। ପରେ ଭିଜିଲାନ୍ସ ଟିମ୍ ତାଲାଭାଙ୍ଗି ଘରଭିତରେ ପଶି ଯାଞ୍ଚ ଆରମ୍ଭ କରିଥିଲା। ଯାଞ୍ଚ ପରେ ନଗଦ ୨ ଲକ୍ଷ ୩୪ ହଜାର ଟଙ୍କା, ୩୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ବିଭିନ୍ନ ସ୍ଥାନରେ ଜମି, ଘରଡିହ ମୋଟ ୧ କୋଟି ୬୦ ଲକ୍ଷ ୬୮ ହଜାର ୯୬୯ ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଫଣିନ୍ଦ୍ର ପ୍ରାୟ ୩ବର୍ଷ ହେବ ଲ୍ୟାମ୍ପ୍‌ସରେ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଥିଲେ।

### ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗ ପିଅନ

ବାଲେଶ୍ୱର ଅଫିସ, ୩।୧୨: ଠିକାଦାରଙ୍କ ସିକ୍ୟୁରିଟି ଟଙ୍କା ଉଠାଣ ନିମନ୍ତେ କାଗଜପତ୍ର ଠିକ୍ କରିବା ପାଇଁ ୧ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ରେଳଷ୍ଟେଶନ ନିକଟସ୍ଥ ପୂର୍ତ୍ତ ବିଭାଗ-୨ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) ପଦ୍ମନାଭ ସ୍ୱାଇଁ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜକୁ ଇଲେକ୍ଟ୍ରିସାମଗ୍ରୀ ଯୋଗାଉଥିବା କଟକ ଅମ୍ବିକା ଆସୋସିଏଟ୍‌ର ଜଣେ ସହକାରୀ ଠିକାଦାର ରୁଦ୍ର କୁମାର ବେହେରା ସିକ୍ୟୁରିଟି ଟଙ୍କା ଉଠାଣ ନିମନ୍ତେ ବାରମ୍ବାର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇଥିଲେ।



ତାଙ୍କୁ ବିଭାଗୀୟ ଅଧିକାରୀ ଲକ୍ଷାଧିକ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏଥିରେ ଅତିଷ୍ଠ ହୋଇ ବେହେରା ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ଭିଜିଲାନ୍ସ ଯୋଜନା ଅନୁସାରେ ବେହେରା ଟଙ୍କାକୁ ନେଇ ପିଅନ ପଦ୍ମନାଭଙ୍କୁ ଦେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେ ପିଅନ ହୋଇଥିଲେ ମଧ ଜିଲା ପୂର୍ତ୍ତବିଭାଗ ୧ ଓ ୨ର ଠିକାଦାରମାନଙ୍କର ଥିବା ସିକ୍ୟୁରିଟି ଟଙ୍କା ଏକ ବର୍ଷ ପରେ ଫେରସ୍ତ କରିବା ପାଇଁ ସମସ୍ତ କାଗଜପତ୍ରକୁ ଅଡ଼ିଟ୍ କରି ଫାଇଲ୍ ପ୍ରସ୍ତୁତ କରିଥାନ୍ତି। ପରେ ବିଭାଗୀୟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଏହାକୁ ତଦନ୍ତ କରି ମୋଟ୍ କାର୍ଯ୍ୟର ଡିପୋଜିଟ୍ ଥିବା ୫% ସିକ୍ୟୁରିଟି ଟଙ୍କା ଫେରସ୍ତ କରିଥାନ୍ତି। ଏହି କାର୍ଯ୍ୟ ପାଇଁ ପିଅନ ପଦ୍ମନାଭ ଠିକାଦାର ବେହେରାଙ୍କଠାରୁ ଶନିବାର ୧ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। ଅନ୍ୟପକ୍ଷରେ ସୋର ଉତ୍ତରେଶ୍ୱର ଅଞ୍ଚଳସ୍ଥିତ ପଦ୍ମନାଭଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରାଯାଇ ତଦନ୍ତ କରାଯାଉଛି।

### ଦିଅର, ଭାଉଜଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା ଅଫିସ, ୩।୧୨: ଏକ ହତ୍ୟା ମାମଲାର ଶୁଣାଣି କରି ଶୁକ୍ରବାର ମୟୂରଭଞ୍ଜ ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ଚୌଧୁରୀ ପ୍ରବୀର କୁମାର ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଓ ଅନାଦେୟ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଖୁଣ୍ଟା ଥାନା ଡେଙ୍ଗାମ ଗ୍ରାମର ହେମଲତା ଲୋହାରୀ(୩୨) ଓ କାଶୀନାଥ ଲୋହାରୀ(୩୪) । ଉଭୟେ ସମ୍ପର୍କରେ ଭାଉଜ ଓ ଦିଅର ଅଟନ୍ତି । ମାମଲାର ବିବରଣୀ ଅନୁଯାୟୀ, ସ୍ୱାମୀ ହେମଲତାଙ୍କ ପରକୀୟା ପ୍ରୀତିକୁ ନେଇ ସ୍ୱାମୀ ଶିବ ଲୋହାରୀ(୩୭) ସନ୍ଦେହ କରି ଆସୁଥିଲେ। ୨୦୧୪ ଅଗଷ୍ଟ ୨୩ ତାରିଖ ରାତିରେ ହେମଲତାଙ୍କ ସହ ଦିଅର କାଶୀନାଥ ମିଶି ସ୍ୱାମୀ ଶିବଙ୍କୁ ହତ୍ୟା କରିଥିଲେ । ହେମଲତା ଶିବଙ୍କର ଦୁଇ ଗୋଡକୁ ଜାବୁଡି ଧରିଥିବା ବେଳେ କାଶୀନାଥ ପ୍ଲାଷ୍ଟିକ ଦଉଡ଼ିରେ ବେକକୁ ଚାପି ହତ୍ୟା କରିଥିବା ମୃତକଙ୍କ ୮ବର୍ଷର ସନ୍ତାନ ତହିଁ ପରଦିନ ଗ୍ରାମବାସୀଙ୍କ ଆଗରେ ପ୍ରକାଶ କରିଥିଲେ।

# ମନ୍ତ୍ରୀଙ୍କ ଘର ଆଗରେ ବସିଲେ ସମବାୟ ସମିତି କର୍ମଚାରୀ



ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ବାସଭବନ ସମ୍ମୁଖରେ ସମବାୟ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୩।୧୨ (ବ୍ୟୁରୋ)

ସମବାୟ ସମିତିରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନିଯୁକ୍ତି ପ୍ରସ୍ତାବକୁ ରଦ୍ଦ କରିବା ସହ ଓଡ଼ିଶାର ସମସ୍ତ ୨୭୦୮ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଆଦି ୫ ଦଫା ଦାବି ନେଇ ଆନ୍ଦୋଳନ ଚାଲିଛି। ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ଡାକରାରେ ନିଜ ହକ୍ ପାଇଁ ହଜାର ହଜାର କର୍ମଚାରୀ ଗତ ୩୦ ତାରିଖରୁ ବିଧାନସଭା ଆଗରେ ଧାରଣାରେ ବସିଛନ୍ତି। ଏହାସତ୍ତ୍ୱେ ସରକାର କିଛି ପଦକ୍ଷେପ ନ ନେବାରୁ ଶୁକ୍ରବାର ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ବାସଭବନ ଆଗରେ ସେମାନେ ଧାରଣା ଦେଇଥିଲେ। ମହାସଂଘ ପକ୍ଷରୁ କୁହାଯାଇଛି, ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରରେ ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ପାଇଁ ସମବାୟ ସମିତି ଗଠନ କରାଯାଇଛି। କିନ୍ତୁ ବିଭିନ୍ନ କ୍ଷେତ୍ରରେ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ବଦଳରେ ନୂଆ ନିଯୁକ୍ତି କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଅନ୍ୟାୟ ହୋଇଛି। ଏନେଇ ନଭେମ୍ବର ୨ରେ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ସମବାୟ ସଚିବ ଓ ନିବନ୍ଧକଙ୍କ ଉପସ୍ଥିତିରେ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହାର କୌଣସି ନିର୍ଯାସ ନ ବାହାରିବାରୁ ଶୁକ୍ରବାର ସକାଳ ୯ରୁ ୧୧ ପର୍ଯ୍ୟନ୍ତ ମନ୍ତ୍ରୀଙ୍କ ବାସଭବନ ଆଗରେ କର୍ମଚାରୀମାନେ ଧାରଣା ଦେଇ ନାରାବାଜି କରିଥିଲେ।

# ୨୪ରେ ରେଭେନ୍‌ଶା ଇଷ୍ଟ ହଷ୍ଟେଲର ଶତବାର୍ଷିକ ଉତ୍ସବ

କଟକ ଅଫିସ, ୩।୧୨: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲ ଆସନ୍ତା ୨୪ ତାରିଖରେ ଶତବାର୍ଷିକ ଉତ୍ସବ ପାଳନ କରିବ। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଏକ ସ୍ମରଣିକା ପ୍ରକାଶ ପାଇବ। ତେବେ ଏଥିପାଇଁ କେହି ନିଜ ସ୍ମୃତି ସମ୍ବଳିତ ଲେଖା ଦେବାକୁ ଚାହୁଁଥିଲେ ଇମେଲ easthostel2021@gmail.com ଜରିଆରେ ପଠାଇ ପାରିବେ। ଏହି ଲେଖା ଆସନ୍ତା ୧୦ ପୂର୍ବରୁ ପଠାଇବାକୁ ହେବ। ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ମୋବାଇଲ ନମ୍ବର ୭୦୦୮୩୪୬୯୮୬, ୬୩୭୦୧୩୭୨୨୦, ୯୪୩୮୧୮୧୨୭୭, ୯୦୪୦୦୦୩୦୦୫୬ ରେ ଯୋଗାଯୋଗ କରିବାକୁ ପୂର୍ବତନ ଛାତ୍ର ସଂସଦ ପକ୍ଷରୁ କୁହାଯାଇଛି।


GIET UNIVERSITY GUNUPUR is addressed as




PLACEMENT UNIVERSITY
by the people who have been benefitted by our efforts. This year by now
69%
of our final year B.Tech 2022 students are already placed. We are marching fast towards 95% placement for the 2022 batch.
Ph.: 8118053001, 8118053003, 8118053007


# ୧୪ ବରିଷ୍ଠ ପୋଲିସ ଅଧିକାରୀଙ୍କ ପଦୋନ୍ନତି, ବଦଳି

କଟକ ଅଫିସ,୩।୧୨

୧୨ଜଣ ଡିଏସ୍‌ପି ର୍‍ୟାଙ୍କର ପୋଲିସ ଅଧିକାରୀଙ୍କର ଅତିରିକ୍ତ ଏସ୍‌ପି ପଦବୀକୁ ପଦୋନ୍ନତି ହୋଇଛି। ସେହିପରି ୨ଜଣ ଅତିରିକ୍ତ ଏସ୍‌ପିଙ୍କର ବଦଳି ହୋଇଛି। ରାଉରକେଲା ପିସିଆର୍ ସେଲ୍‌ର ଡିଏସ୍‌ପି ଅସୀମ କୁମାର ପଣ୍ଡାଙ୍କର ପଦୋନ୍ନତି ହୋଇଛି। ପରେ ତାଙ୍କୁ ବ୍ରହ୍ମପୁର ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଅନୁଗୋଳ ପିଟିସିର ଡିଏସ୍‌ପି ଦୁଃଖବନ୍ଧୁ ନାୟକଙ୍କୁ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ଅତିରିକ୍ତ ଏସ୍‌ପି, ଗୋଇନ୍ଦା ଡିଏସ୍‌ପି ମହେଶ୍ୱର ସେଠୀଙ୍କୁ ଭିଜିଲାନ୍ସର ଅତିରିକ୍ତ ଏସ୍‌ପି, ରାଉରକେଲା ମୁଖ୍ୟାଳୟର ଡିଏସ୍‌ପି ସିରିଲ ସୋରେଙ୍ଗଙ୍କୁ ବରଗଡ ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି, ଭିଜିଲାନ୍ସ ଡିଏସ୍‌ପି ସରୋଜ କୁମାର ସାମଲଙ୍କୁ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି, କେନ୍ଦୁଝର ମୁଖ୍ୟାଳୟର ଡିଏସ୍‌ପି ଲଳିତ କୁମାର ପଟ୍ଟନାୟକଙ୍କୁ ଗୁଣପୁରର ଅତିରିକ୍ତ ଏସ୍‌ପିଭାବେ ନିଯୁକ୍ତି ମିଳିଛି। ସେହିପରି ପୁରୀ ମୁଖ୍ୟାଳୟ ଡିଏସ୍‌ପି ସୁନୀଲ କୁମାର ନନ୍ଦଙ୍କୁ ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସ୍‌ପି, ସ୍ପେଶାଲ ବ୍ରାଞ୍ଚର ଡିସିପି ଯଶୋବନ୍ତ ସାମଲଙ୍କୁ ସ୍ପେଶାଲ ବ୍ରାଞ୍ଚ ଅତିରିକ୍ତ ଏସ୍‌ପି, ଅନୁଗୋଳ ଆଇୟୁସିଏଡବ୍ଲ୍ୟୁ ଡିସିପି ରବୀନ୍ଦ୍ର କୁମାର ଶତପଥୀଙ୍କୁ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରେ ଅତିରିକ୍ତ ଏସ୍‌ପି, କମିଶନରେଟ୍ ପୋଲିସର ଏସିପି ପ୍ରକାଶ ଚନ୍ଦ୍ର ପାଲଙ୍କୁ ଅତିରିକ୍ତ ଡିସିପି, ଏସିପି ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଭୁବନେଶ୍ୱର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି, କଳାହାଣ୍ଡି ମୁଖ୍ୟାଳୟର ଡିଏସ୍‌ପି ନାରାୟଣ ନାୟକଙ୍କୁ ସମ୍ବଲପୁର ଡିଆଇଜି କାର୍ଯ୍ୟାଳୟର ଅତିରିକ୍ତ ଏସ୍‌ପିଭାବେ ନିଯୁକ୍ତି ଦିଆଯାଇଛି।

ଅନ୍ୟପକ୍ଷରେ ବ୍ରହ୍ମପୁର ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ରଙ୍କୁ ସ୍ପେଶାଲ ବ୍ରାଞ୍ଚ ଅତିରିକ୍ତ ଏସ୍‌ପି ଓ ଗଞ୍ଜାମ ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀଙ୍କୁ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି ବୋଲି ଶୁକ୍ରବାର କଟକ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ନିଶା ବେପାରୀ ଟକ୍‌ଲୁ ରାଜାଙ୍କ ୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଗିରଫ ହୋଇ ଜେଲରେ ଥିବା ବାଲେଶ୍ୱରର ବ୍ରାଉନସୁଗାର ବେପାରୀ ସେକ୍ ସମିର୍‌ଉଦ୍ଦିନ ଓରଫ ଟକ୍‌ଲୁ ରାଜାଙ୍କ ୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। ଏନେଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶୁକ୍ରବାର ସୂଚନା ଦେଇଛି। ବାଜ୍ୟାପ୍ତି ସମ୍ପତ୍ତିରେ ୧୧ଟି ପ୍ଲଟ ଓ ବ୍ୟାଙ୍କ ଜମା ରାଶି ରହିଛି। ଜବତ ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖା ଅନୁମତି ପ୍ରଦାନ କରିବା ପରେ ଏସ୍‌ଟିଏଫ୍ ଏହାକୁ କାର୍ଯ୍ୟକାରୀ କରିଛି।



ଟକ୍‌ଲୁ ରାଜା

ସୂଚନା ଅନୁଯାୟୀ, ଅଭିଯୁକ୍ତ ଟକ୍‌ଲୁ ରାଜା ରାଜ୍ୟ ବାହାରୁ ବ୍ରାଉନସୁଗାର ଆଣି ଓଡିଶାର ଭୁବନେଶ୍ୱର, ଭଦ୍ରକ, ପୁରୀ ଆଦି ବିଭିନ୍ନ ସହରରେ ଥିବା ଏଜେଣ୍ଟଙ୍କୁ ବିକ୍ରି କରୁଥିଲେ। ଧରା ନ ପଡ଼ିବା ପାଇଁ ସେ ୫୦ରୁ ଅଧିକ ସିମ୍ ବ୍ୟବହାର କରିବା ସହ ପାସ୍‌ପୋର୍ଟ କରି ବିଦେଶ ବୁଲୁଥିଲେ। ୨୦୨୦ ଫେବୃୟାରୀ ୨୩ରେ ବାଲେଶ୍ୱରର ସଞ୍ଜୀବ କୁମାର ଦେହୁରୀ ଓ ସେକ୍ ଆରୁଖ୍ ତାଙ୍କଠୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ବିକ୍ରି କରିବାକୁ ଆସିଥିଲେ। ବରମୁଣ୍ଡାସ୍ଥିତ ପେଟ୍ରୋଲ ଟାଙ୍କି ନିକଟରେ ଏସ୍‌ଟିଏଫ୍ ସେମାନଙ୍କୁ ଗିରଫ କରିବା ସହ ୪୦ ଲକ୍ଷ ଟଙ୍କାର ୪୦୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ପଚରାଉଚରା ପରେ ଏହି ର୍‍ୟାକେଟରେ ଟକ୍‌ଲୁ ରାଜାଙ୍କ ଲିଙ୍କ୍ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏସ୍‌ଟିଏଫ୍ ମାମଲା (ନଂ.୧୪ /୨୦) ରୁଜୁ କରି ତାଙ୍କୁ ଖୋଜୁଥିବା ଜାଣିବା ପରେ ଟକ୍‌ଲୁ ରାଜା ଫେରାର ହୋଇଯାଇଥିଲେ। ଶେଷରେ ଗତ ମାର୍ଚ୍ଚ ୩୦ରେ ବାଲେଶ୍ୱର ଜିଲା କୋର୍ଟରେ ସେ ଆତ୍ମ ସମର୍ପଣ କରିଥିଲେ। ତେବେ ଏହି ମାମଲାର ତଦନ୍ତବେଳେ ସେ ବେଆଇନ ବ୍ରାଉନସୁଗାର କାରବାରରୁ ବିପୁଳ ସମ୍ପତ୍ତି କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ତଦନ୍ତ ପରେ ସମ୍ପତ୍ତି ବାଜ୍ୟାପ୍ତି ପାଇଁ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖାକୁ ଚିଠି ଲେଖିଥିଲା।

# ୧୯ ବର୍ଷରୁ କମ୍ ଷ୍ଟେଟ୍ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଉଦ୍‌ଘାଟିତ

## ରାମେଶ୍ୱର ଇନଡୋର ଷ୍ଟାଡିୟମରେ ୫ ଦିନ ଚାଲିବ ଟୁର୍ନାମେଣ୍ଟ

ସୋନପୁର,୩।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ୧୯ ବର୍ଷରୁ କମ୍ ଷ୍ଟେଟ୍ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ରାମେଶ୍ୱରସ୍ଥିତ ଇନଡୋର ଷ୍ଟାଡିୟମ ପରିସରରେ ଏହି ଟୁର୍ନାମେଣ୍ଟ ୫ ଦିନ ଧରି ଚାଲିବ। ଏହି ଟୁର୍ନାମେଣ୍ଟରେ ଓଡିଶାର ବିଭିନ୍ନ ଅଞ୍ଚଳରୁ ୯୬ ଜଣ ଖେଳାଳି ଅଂଶଗ୍ରହଣ କରିବା ପାଇଁ ପଞ୍ଜୀକୃତ କରିଛନ୍ତି। ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବାଳିକା ସିଙ୍ଗଲ୍ସ, ବାଳିକା ଡବଲ୍ସ, ବାଳକ ସିଙ୍ଗଲ୍ସ, ବାଳକ ଡବଲ୍ସ ଓ ମିକ୍ସଡ ଡବଲ୍ସ ପାଇଁ ପ୍ରତିଯୋଗିତା ହେବ। ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ତଥା ଟୁର୍ନାମେଣ୍ଟର ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟ ଛାତ୍ରୀଛାତ୍ର ଓ ଯୁବ ବର୍ଗଙ୍କୁ ବ୍ୟାଡମିଣ୍ଟନ ଖେଳ ପ୍ରତି ଆକର୍ଷିତ କରିବା ସହିତ କ୍ୟାରିୟର ଗଠନ ପାଇଁ ସହାୟକ ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ କୋଭିଡ ସମୟରେ ଉତ୍ସର୍ଗୀକୃତ କାମ କରିଥିବା ସମ୍ବଲପୁର କୋଭିଡ ହସ୍ପିଟାଲର ମହାପ୍ରୟାଣ ଗାଡି ଡ୍ରାଇଭର ରିଙ୍କୁ ପୃଷେଠ୍, ପ୍ରସୂତି ଓ ସ୍ତ୍ରୀ ବିଭାଗରେ କାର୍ଯ୍ୟରତ ଷ୍ଟାଫ ନର୍ସ ଅନ୍ନପୂର୍ଣ୍ଣା ମହାପାତ୍ର ଓ ଶିଶୁ ବିଭାଗରେ କାର୍ଯ୍ୟରତ ଷ୍ଟାଫ୍‌ନର୍ସ ନିରୁପମା ସ୍ୱାଇଁ ଯୋଗଦାନ କରିଥିଲେ । ୩ କୋଭିଡ୍ ଯୋଦ୍ଧାଙ୍କୁ ଏହି ଅବସରରେ ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ସମ୍ମାନିତ କରା ଯାଇଥିଲା । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ନଳିନୀ କୁମାର, ଟୁର୍ନାମେଣ୍ଟ ପରିଦର୍ଶକ ମନୋରଞ୍ଜନ ଦାଶ, ଜୋନାଲ ହେଡ ସୁରୁଲାଲ ମଟାରି, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଆଭାସ ବାବୁ, ଜୟକୃଷ୍ଣ ସା ଓ ଜିଲା ବ୍ୟାଡମିଣ୍ଟନ ସଂଘର ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଉପସ୍ଥିତ ଥିଲେ। ଜିଲା ସଂଘର କାର୍ଯ୍ୟକାରୀ ସଭାପତି ବିଶ୍ୱରଞ୍ଜନ ଦଳାଇ, କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ମେହେର, ଯୁଗ୍ମ ସମ୍ପାଦକ ଭକ୍ତିରଞ୍ଜନ ଦଳାଇ, କାର୍ଯ୍ୟକାରିଣୀ ସଭ୍ୟ ଜୟନାରାୟଣ ମେଣ୍ଡିଲି, ରାଜୀବ ବିଶ୍ୱାଳ ଓ ପ୍ରକାଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# 'ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ପ୍ରଚଳନ ଲକ୍ଷ୍ୟ'

ଭୁବନେଶ୍ୱର, ୩।୧୨(ବ୍ୟୁରୋ)



ଡିଏଆର୍‌ପିଜି ସଚିବ ସଞ୍ଜୟ ସିଂ।

ପ୍ରଶାସନିକ କ୍ଷେତ୍ରରେ ଅଭିଜ୍ଞତା ଓ ଅଭିନବ ବିଚାର ବିନିମୟ ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି 'ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ' ସମ୍ପର୍କିତ ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀ। ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ (ଡିଏଆର୍‌ପିଜି) ବିଭାଗ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ଡିଏଆର୍‌ପିଜି ସଚିବ ସଞ୍ଜୟ ସିଂ ଯୋଗଦେଇ କହିଲେ, ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରଚଳନ କ୍ଷେତ୍ରରେ ଏହି ସମ୍ମିଳନୀ ସକାରାତ୍ମକ ଭୂମିକା ନିର୍ବାହ କରିବ। କେନ୍ଦ୍ର, ରାଜ୍ୟ, ଜିଲା ଏବଂ ପଞ୍ଚାୟତସ୍ତରରେ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ପ୍ରତିଫଳନ ହେବା ଫଳରେ ଏହା ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ସାକାର ରୂପ ଦେବାରେ ସହାୟକ ହେବ। ସର୍ବାଧିକ ପ୍ରଶାସନ ଏବଂ ସର୍ବନିମ୍ନ ସରକାର ସଂକଳ୍ପକୁ ବାସ୍ତବ ରୂପ ଦେବା, ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗର ପ୍ରୟାସକୁ କାର୍ଯ୍ୟକାରୀ କରିବା, ପ୍ରଶାସନିକ କାର୍ଯ୍ୟକ୍ରମର ଦସ୍ତାବିଜ ପ୍ରସ୍ତୁତ ଏବଂ ଏହାର ପ୍ରଚାରପ୍ରସାର କରିବା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ପେସାଦାରମାନେ ଯେଭଳି ଶ୍ରେଷ୍ଠ ପ୍ରଶାସନିକ ଉପାୟଗୁଡ଼ିକୁ ନେଇ ରେକର୍ଡ ଦସ୍ତାବିଜ୍ ପ୍ରସ୍ତୁତ କରିପାରିବେ, ସେ ନେଇ ବିଚାର ବିନିମୟ ଲାଗି ସମ୍ମିଳନୀ ସାଙ୍ଗକୁ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଯୋଜନା କରାଯାଉଛି। ଅଭିନବ ପ୍ରୟାସକୁ ସଫଳ କରାଇବା ଲାଗି ବିଭିନ୍ନ ଉପାୟ, ରଣନୀତି ଏବଂ ଜ୍ଞାନକୌଶଳ ଅବଲମ୍ବନ କରାଯାଉଛି ବୋଲି ସଚିବ ସିଂ ମତ ରଖିଥିଲେ।

ଡିଏଆର୍‌ପିଜିର ସ୍ୱତନ୍ତ୍ର ସଚିବ ଭି. ଶ୍ରୀନିବାସ ଉଦ୍‌ଘାଟନୀ ଅଭିଭାଷଣରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରତିନିଧିମାନଙ୍କୁ ଅଭିବାଦନ ଜଣାଇବା ସହିତ ସମ୍ମିଳନୀର ବିଷୟବସ୍ତୁ ତଥା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଅଭିନବ କୌଶଳ ଆପଣାଇବାରେ ଦେଶର ଜିଲା ପ୍ରଶାସନଗୁଡ଼ିକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଦୁଇଦିନିଆ ସମ୍ମିଳନୀରୁ ଯେଉଁ ଶିକ୍ଷଣୀୟ ବିଷୟରେ ଜ୍ଞାନମିଳିବ ତାହାକୁ ଆବଶ୍ୟକସ୍ଥଳେ ପ୍ରୟୋଗ କରିବା ସୁବିଧା ହେବ ବୋଲି ସେ ମତ ରଖିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୪ ଡିସେମ୍ବର, ୨୦୨୧



## ଗାୟତ୍ରୀ କଲେଜରେ ବକ୍ତୃତା ପ୍ରତିଯୋଗିତା

**ସମ୍ବଲପୁର,(ବ୍ୟୁରୋ):** ଆକାଶବାଣୀ ସମ୍ବଲପୁର ପକ୍ଷରୁ ମୋ ସ୍ୱପ୍ନର ଭାରତ, ଆତ୍ମ ନିର୍ଭର ଭାରତ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଜମାଦାରାପାଲିସ୍ଥିତ ଗାୟତ୍ରୀ ଫାର୍ମାସୀ କଲେଜ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସ୍ୱସ୍ତିକ ଦାଶ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। କଲେଜ ସମ୍ପାଦକ ଡ. ଶିବନାରାୟଣ ଶତପଥି, ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥି, ନିଯୁକ୍ତି ଅଧିକାରୀ ଅତିଶ କୁମାର ଶତପଥି, ଆକାଶବାଣୀ ଯୁବବାଣୀ କାର୍ଯ୍ୟକ୍ରମ ପ୍ରମୁଖ ମନୋଜ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୈବର୍ତ୍ତ ସାହୁ, ଅଞ୍ଜନା ମିଶ୍ର ଓ ଡ. ସୋମଜିତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଅଧକ୍ଷ ଡ. ସୂର୍ଯ୍ୟନାରାୟଣ ଦାଶ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଝୁମ୍ ସମ୍ବଲପୁର ଝୁମ୍ ପ୍ରସ୍ତୁତି ବୈଠକ, ଭାଲୁବାଲି ନିକଟ ରୟାଲ ରିଟ୍ରିଟ, ମଧାହ୍ନ ସାଢ଼େ ୧୨ଟା।

## ସଂକ୍ଷେପରେ

### ହୀରାକୁଦ ଜଳଭଣ୍ଡାରରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୩।୧୨:** ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ହୀରାକୁଦ ଜଳଭଣ୍ଡାରରୁ ଶୁକ୍ରବାର ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଭଅଁରାଚକା ଗ୍ରାମର ଭାସ୍କର ପ୍ରଧାନ(୩୭)। ରେଙ୍ଗାଲି ପୋଲିସ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ପଠାଇଛି। ଏ ନେଇ ମୃତକଙ୍କ କକା ଗୋସାଇଁ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୩୦/୨୧) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ସକାଳେ ଭାସ୍କର ଡଙ୍ଗାଧରି ମାଛ ମାରିବା ପାଇଁ ହୀରାକୁଦ ଜଳଭଣ୍ଡାରକୁ ଯାଇଥିଲେ। ଗାଁକୁ ଫେରି ବ୍ୟବସାୟୀଙ୍କୁ ମାଛ ବିକ୍ରିକରିବା ପରେ ପୁଣି ସେ ଜଳଭଣ୍ଡାରକୁ ଯାଇଥିଲେ। ହେଲେ ଡଙ୍ଗା ଜଳଭଣ୍ଡାରରେ ଭାସୁଥିବାବେଳେ ସେଥିରେ ସେ ନ ଥିବା ସାଥୀ ମତ୍ସ୍ୟଜୀବୀ ଦେଖି ତାଙ୍କ କକାଙ୍କୁ ଜଣାଇଥିଲେ। କକା ଗୋସାଇଁଙ୍କ ସହିତ ଗ୍ରାମର ଅନ୍ୟମାନେ ଯାଇ ଦେଖିଲାବେଳକୁ ଭାସ୍କର ପାଣିରେ ଭାସୁଛନ୍ତି। ତାଙ୍କୁ ପାଣିରୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଗଞ୍ଜେଇ ଜବତ ଘଟଣାରେ ୨ ଗିରଫ

**ରେଢ଼ାଖୋଲ,୩।୧୨(ଡି.ଏନ.ଏ.):** ଗତ ୨୫ ତାରିଖ ସନ୍ଧ୍ୟାରେ ରେଢ଼ାଖୋଲ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ପୁରୁଣାଗଡ଼-ତ୍ରିବଣପୁର ରାସ୍ତାର ଫରେଷ୍ଟ ନର୍ସରୀ ନିକଟରେ ଥିବା ଏକ ଇଣ୍ଡିଗୋ କାର୍‌ରୁ ୨୧କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏ ଘଟଣାରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା କଳାପଡା ଗ୍ରାମର କାର ମାଲିକ ଟୁନା ଦିଗଲ (୩୨) ଓ ଭୁଙ୍ଗଜିଯୋଡି ଗ୍ରାମର ଗଞ୍ଜେଇ ଯୋଗାଉଥିବା ରାମସିଂ କହଁର (୪୨)। ରେଢ଼ାଖୋଲ ଥାନାରେ ରୁଜୁ ହୋଇଥିବା ମାମଲା (ନଂ୨୨୭/୨୧)ରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସାବଧାନତା ଅବଲମ୍ବନ ପାଇଁ ପରାମର୍ଶ

**କୁଚିଣ୍ଡା,୩।୧୨(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଜୁନିୟର କଲେଜରେ ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ବୁଧବାର ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜର ଯୁବ ରେଡକ୍ରସ ବିଭାଗ ଦାୟିତ୍ୱରେ ଥିବା ଅଧାପକ ସତ୍ୟନାରାୟଣ ପଟେଲ ଅତିଥି ପରିଚୟ ଦେଇଥିଲେ। ବରିଷ୍ଠ ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ଓ ଅଧାପିକା ଭାବନା ପାଣ୍ଡେ ଏଡ୍‌ସ ରୋଗ ନେଇ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ଲାଇବ୍ରେରିଆନ ଦେବାନନ୍ଦ ମହାପାତ୍ର, ଡିଇଓ ସମିନ ରଞ୍ଜନ ନାଏକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କଟ୍‌ନୀଛଟ୍‌ନୀ ନେଇ ଚାଷୀଙ୍କ କ୍ଷୋଭ

**ସମ୍ବଲପୁର,୩।୧୨(ବ୍ୟୁରୋ)**

■ପ୍ରତିଶ୍ରୁତି ନ ଦେଲେ ଧାନ ଫେରାଇନେବାକୁ କହିଲେ

■ଯୋଗାଣ ବିଭାଗ, ଚାଷୀ, ମିଲର୍ସଙ୍କ ଆଲୋଚନା

ଧାନ ସଂଗ୍ରହ ନୀତିରେ ମିଲର୍ସମାନଙ୍କୁ ଅଧିକ ଲାଭ ହେଉଛି। ମାର୍କେଟକୁ ସେମାନେ କିମ୍ବା ତାଙ୍କ ପ୍ରତିନିଧି ଆସୁନାହାନ୍ତି। ସମବାୟ ସମିତି ଓ ଆର୍‌ଏମ୍‌ସି କର୍ମକର୍ତ୍ତା ଉପସ୍ଥିତ ରହି ଧାନ ସଂଗ୍ରହ କରୁଛନ୍ତି। ଚାଷୀ ମିଲକୁ ଧାନ ନେଇ ଗଲେ ମିଲର୍ସମାନଙ୍କ ଜୁଲମ ବଢ଼ିଯାଉଛି। ମନଇଚ୍ଛା କଟ୍‌ନୀଛଟ୍‌ନୀ କରୁଛନ୍ତି। ଚାଷୀ ବିରୋଧ କଲେ ଧାନ ଫେରାଇନେବାକୁ ଧମକ ଦେଉଛନ୍ତି। ତେଣୁ ମାର୍କେଟକୁ ମିଲର୍ସମାନେ ଆସନ୍ତୁ। ଏଠି ଧାନର ମାନ ପରୀକ୍ଷା କରାଯାଉ। ତା'ପରେ ଧାନ ମିଲକୁ ଯିବ। ଯଦି ଏଭଳି ନ ହେବ ତା'ହେଲେ ଧାନ ଫେରାଇନେବୁ ବୋଲି ସମ୍ବଲପୁର ରାଶନପୁର ମାର୍କେଟରେ ଶୁକ୍ରବାର ଚାଷୀମାନେ କ୍ଷୋଭର ସହ କହିଥିଲେ।

ସକାଳେ ଧାନ ଆସିଥିଲେ ମଧ ସଂଗ୍ରହ ହୋଇ ନ ଥିଲା। ଚାଷୀମାନେ ଧାନ ମଣ୍ଡିରେ ଅନ୍‌ଲୋଡ କରିବାକୁ କହିଥିଲେ। ପରେ ଯୋଗାଣ ନିରୀକ୍ଷକ ବିଷ୍ଣୁଚରଣ ପ୍ରଧାନ ପହଞ୍ଚିଥିଲେ। ମାନଧାତା ବାବା କୃଷକ ସଙ୍ଗଠନ ସଭାପତି ହରିଶଙ୍କର ପୁରୋହିତଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ମିଲ ମାଲିକ ଓ କେତେଜଣ ମିଲର ପ୍ରତିନିଧି ଯୋଗଦେଇଥିଲେ। କଟ୍‌ନୀଛଟ୍‌ନୀ, ଧାନର ମାନ, ବିକ୍ରି ବ୍ୟବସ୍ଥା, ଗାଡି ଭଡା ସବୁ ଦିଗରେ ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତି କ୍ରମେ ମିଲ ମାଲିକ କଟ୍‌ନୀଛଟ୍‌ନୀ କରିବେ ନାହିଁ ବୋଲି କହିଥିଲେ। ଧାନର ଅଦ୍ରତା ୧୮ ପ୍ରତିଶତ ଥିଲେ କଟ୍‌ନୀଛଟ୍‌ନୀ ହେବ କିମ୍ବା ତା'ଠାରୁ ଅଧିକ ଆଦ୍ରତା ଥିଲେ ଉକ୍ତ ଧାନ ସଂଗ୍ରହ ହେବ ନାହିଁ। ଚାଷୀମାନେ ଧାନ ଶୁଖାଇ ଭଲ ଭାବେ ସଫା କରି ମାର୍କେଟକୁ ଆଣିବେ ବୋଲି ରାଜି ହୋଇଥିଲେ। ଚାଷୀ ମିଲକୁ ନେଇଥିବା ଧାନର ମାନ ଠିକ ନ ଥିଲେ ଚାଷୀ କମିଟି ଓ ଯୋଗାଣ ବିଭାଗ ଅଧିକାରୀ ଉପସ୍ଥିତ ରହି ମାନ ପରୀକ୍ଷା କରି ନିଷ୍ପତ୍ତି ନେବେ ବୋଲି ମତ ପ୍ରକାଶ ପାଇଥିଲା। ପରେ ଅପରାହ୍ଣ ୧ଟାରେ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଜି ଶ୍ରୀନିବାସ, ସୁଶିଲ ବେହେରା, ଗୋପବନ୍ଧୁ ପାଢୀ, ସୁଧିର ପାଢୀ, ସନ୍ତୋଷ ପାଢୀ, ସମିର ନାଥ, ବିଦ୍ୟାଧର ପ୍ରଧାନ, ଗୋବର୍ଦ୍ଧନ ମହାପାତ୍ର, ଅଭିମନ୍ୟୁ ବେହେରା, ଆଶୋକ ବଡପଣ୍ଡା, କୃଷ୍ଣ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ମାନେଶ୍ୱର ସମବାୟ ସମିତି ଓ ନକ୍ସାପାଲି ଏସ୍‌ଏଚ୍‌ଜି ଗ୍ରୁପର ସଦସ୍ୟମାନେ ଉପସ୍ଥିତ ଥିଲେ।


ରାଶନପୁର ମାର୍କେଟରେ ଚାଷୀ, ପ୍ରଶାସନ, ମିଲର୍ସଙ୍କ ଆଲୋଚନା।

## ଆନ୍ତଃ ରାଜ୍ୟ ନକ୍‌ଆଉଟ କ୍ରିକେଟ

**ବ୍ରଜରାଜନଗର,୩।୧୨ (ଡି.ଏନ.ଏ.)**

ସ୍ଥାନୀୟ ଆମ୍ବିସନ କ୍ଲବ କ୍ରିକେଟ ପଡ଼ିଆରେ ପ୍ରଥମ ଆନ୍ତଃ ରାଜ୍ୟ ସନତ ପାଢଯୋଶୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଓରିଏଣ୍ଟ କ୍ଷେତ୍ର ମହାପ୍ରବନ୍ଧକ ବି ଏମ୍‌ଡି ମିଆଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଷେତ୍ର ପ୍ରବନ୍ଧକ ଗଙ୍ଗାଧର ମହାତୋ, ଶ୍ରମିକ ନେତା ବ୍ରିଜେଶ ଶର୍ମା, ଆଲୋକ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଦେଓଗଡ଼ ଓ ବ୍ରଜରାଜନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦେଓଗଡ଼ ଦଳ ପ୍ରଥମେ ବ୍ୟାଟିଂକରି ୩୦ ଓଭରରେ ୧୮୦ ରନ କରିଥିଲା। ଜବାବରେ ବ୍ରଜରାଜନଗର ଦଳ ୨ଉଇକେଟ ହରାଇ ୪ ଓଭର ବାକି ଥାଇ ବିଜୟୀ ହୋଇଥିଲା। ରୋଶନ ପ୍ରସାଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପି. ଅଶୋକ ଓ ବିନୟ ପସାଦ ମ୍ୟାଚ ପରିଚାଳନ କରିଥିଲେ।

## ପିଇଓଙ୍କ ନାମରେ ହୋଇଥିବା ଅଭିଯୋଗର ତଦନ୍ତ


ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି କମିଟି ସଦସ୍ୟ।

**କୁଚିଣ୍ଡା,୩।୧୨(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଚନ୍ଦନିମାଲ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଶେଷଦେବ ପାଣଗ୍ରାହୀଙ୍କ ବିରୋଧରେ ସମ୍ବଲପୁର ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗର ତଦନ୍ତ ଗୁରୁବାର ଏକ ତିନିଜଣିଆ କମିଟି ଦ୍ୱାରା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ପିଇଓ ପାଣିଗ୍ରାହୀଙ୍କ ନାମରେ ପଞ୍ଚାୟତର କେତେଜଣ ବ୍ୟକ୍ତି ଗତମାସ ୧୩ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ ପାଇଁ କୁଚିଣ୍ଡା ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଏଥିପାଇଁ ସହକାରୀ ଜିଲାପାଳ ହେମେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲେ। କମିଟିରେ କୁଚିଣ୍ଡା ବ୍ଲକର ଆକାଉଣ୍ଟ ଅଫିସର ଅଜୟ ବାଗେ, ସହକାରୀ ପ୍ରୋଗ୍ରାମ ଅଫିସର (ଏପିଓ) ପ୍ରଜ୍ଞା ସାମଲ ଓ ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି ସାମିଲ ଥିଲେ। କମିଟି ସଦସ୍ୟ ଚନ୍ଦନିମାଳ ପଞ୍ଚାୟତର ତିହାଡ଼ିପାଲି ଗ୍ରାମଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ରାସ୍ତା କାମର ଅନୁଧ୍ୟାନ କରିବା ସହ ମଷ୍ଟରରୋଲ ଯାଞ୍ଚ କରିଥିଲେ। ତଦନ୍ତ ସମୟରେ ପଞ୍ଚାୟତର ସରପଞ୍ଚ ସୁନୀଲ ପ୍ରଧାନ, ପିଇଓ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରିୟମ୍ବଦା କୁଲଦୀପ ଓ ଅଭିଯୋଗକାରୀ ଉପେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସହକାରୀ ଜିଲାପାଳଙ୍କୁ ପଚାରିବାରୁ ତଦନ୍ତ ସରିଛି, କାଗଜପତ୍ର ଯାଞ୍ଚ କରି ଯନ୍ତ୍ରୀ ବିଭାଗକୁ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୩।୧୨(ବ୍ୟୁରୋ)**

ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ପୋଷ୍ୟ ସନ୍ତାନ ସଚେତନତା କାର୍ଯ୍ୟକ୍ରମ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକଙ୍କ ପରିଚାଳନାରେ ସଭା ହୋଇଥିଲା। ଅତିରିକ୍ତ ଜିଲାପାଳ ଏ. ମହାନ୍ତି ମୁଖ୍ୟଅତିଥି, ଡିଏସ୍‌ଡବ୍ଲ୍ୟୁଓ ଗୀତାଞ୍ଜଳି ମହାପାତ୍ର, ପୋଲିସ ଅଧିକାରୀ ଶ୍ରୀକାନ୍ତ କାନୁନଗୋ, ସିଡବ୍ଲ୍ୟୁସି ଅଧକ୍ଷ ବ୍ରଜେନ୍ଦ୍ର କିଶୋର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଣେ ବ୍ୟକ୍ତି ଆଇନଗତ ଭାବେ କିଭଳି ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ ଓ ଏ ନେଇ ବିଭିନ୍ନ ନିୟମାବଳୀ ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦୁଇଟି ଦମ୍ପତିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡିପିଓଙ୍କ ସମେତ ଚାଇଲ୍ଡ ଲାଇନ, ସଖି, ସ୍ୱଧାର କର୍ମକର୍ତ୍ତା ଯୋଗଦେଇଥିଲେ।

## କରାଟେ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୩।୧୨(ବ୍ୟୁରୋ)**

ସମ୍ବଲପୁର ଉତ୍କଳ କରାଟେ ସ୍କୁଲର ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଇଣ୍ଡିଆନ ଓପନ ଚାମ୍ପିୟନଶିପ ପ୍ରତିଯୋଗିତାରେ ଖେଳାଳିମାନେ ଭାଗ ନେଇଥିଲେ। ୯ ଜଣଙ୍କ ମଧ୍ୟରୁ ୮ ଜଣ ବିଭିନ୍ନ ବର୍ଗରେ ବିଜୟୀ ହୋଇ ପଦକ ପାଇଥିଲେ। ରୋହିତ ପାତ୍ର (ସ୍ୱର୍ଣ୍ଣ), ନେହା ମିତ୍ତଲ, ଅନୁଭବ ଅଗ୍ରୱାଲ (ରୋପ୍ୟ), ଶ୍ରୀ କୁମାର, ହିମାଂଶୁ ଶର୍ମା, ସର୍ବେସ ଅଗ୍ରୱାଲ, ଭବାନୀ ଶଙ୍କର ପଣ୍ଡା ( କାଂସ୍ୟ ପଦକ) ବିଜେତା ହୋଇଥିଲେ। ସମ୍ବର୍ଦ୍ଧନା ସଭାରେ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ପୂର୍ବତନ ନଗରପାଳ ସିଦ୍ଧାର୍ଥ ଶାହା ଯୋଗଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଏମ୍‌ସିଏଲ୍‌ରେ ନଗର ରାଜଭାଷା ସମିତି ବୈଠକ

**ସମ୍ବଲପୁର,୩।୧୨(ବ୍ୟୁରୋ)**

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ବିହାର ମୁଖ୍ୟାଳୟସ୍ଥିତ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରବନ୍ଧକ ଅନୁପ ଶ୍ରୀବାସ୍ତବଙ୍କ ପରିଚାଳନାରେ ସଭା ହୋଇଥିଲା। ପୂର୍ବକ୍ଷେତ୍ର ପ୍ରଭାରୀ ତଥା ଉପନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ମୁଖ୍ୟଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷାକୁ ଦେଶର ପ୍ରତ୍ୟେକ ଜନସାଧାରଣ ସହଜରେ କହିବା ସହ ବୁଝିପାରନ୍ତି। ସେଥିପାଇଁ ହିନ୍ଦୀ ରାଜଭାଷା ବୋଲି କହିଥିଲେ। ରାଜଭାଷା ମହାପ୍ରବନ୍ଧକ ସନ୍ତୋଷ ଘୋଷ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ବିଆଇ ବିଭାଗୀୟ ମୁଖ୍ୟ ଅଜିତ କୁମାର, ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ମନିଷ ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ପୂର୍ବତନ ବିଧାୟିକାଙ୍କ ନାମରେ ଟ୍ରଷ୍ଟ ଗଠନ

**ସମ୍ବଲପୁର,୩।୧୨(ବ୍ୟୁରୋ)**

ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ନାମରେ ୱେଲଫେୟାର ଟ୍ରଷ୍ଟ ଗଠନ ହୋଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅସହାୟଙ୍କୁ ସହଯୋଗ କରିବା ଏହାର ଲକ୍ଷ୍ୟ ବୋଲି ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି କହିଥିଲେ। ଟ୍ରଷ୍ଟ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସାହଯ୍ୟ ଦେଇ ଉଚ୍ଚ ଶିକ୍ଷାପାଇଁ ପ୍ରୋତ୍ସାହନ କରିବା, କୌଣସି ସରକାରୀ ମେଡିକାଲରେ ଚିକିତ୍ସିତ ରୋଗୀଙ୍କୁ ଆର୍ଥିକ ସହାୟତା, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା ଭଳି କାର୍ଯ୍ୟ କରିବ। ଟ୍ରଷ୍ଟ ପରିଚାଳନା ପାଇଁ ଏକ କମିଟି ସଦସ୍ୟ ରହିଛନ୍ତି। ଆଗକୁ ଟ୍ରଷ୍ଟ ନାମରେ ଏକ ୱେବ୍‌ସାଇଟ ଖୋଲାଯିବ। ଯେଉଁମାନେ ଚାହିଁବେ ଆବେଦନ କରିପାରିବେ। ସହାୟତା ଦେବା ଲାଗି ଚୟନ କରିବାକୁ ନିୟମାବଳି କରାଯାଇଛି। ପ୍ରଥମେ ପୂର୍ବତନ ବିଧାୟିକା ପାଣିଗ୍ରାହୀ ୧୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ତାଙ୍କର ଯାହା ମାସିକ ପେନ୍‌ସନ୍ ମିଳିବ ତାହା ମଧ ଟ୍ରଷ୍ଟକୁ ଦିଆଯିବ ବୋଲି ଘୋଷଣା କରିଥିଲେ। ଟ୍ରଷ୍ଟରେ ସମ୍ପାଦକ ସୁବାସ ପାଣିଗ୍ରାହୀ, କୋଷାଧକ୍ଷ ସ୍ୱରୁପ କୁମାର ପୁରୋହିତ, ସୁଧୀର ପୂଜାରୀ, ଦେବାଶିଷ ନନ୍ଦ, ବିକାଶ ରଞ୍ଜନ ହୋତା, ବିପିନ ବିହାରୀ ପଣ୍ଡା, ଶିବଶଙ୍କର ନନ୍ଦ, ଡ. ନୀରୁପମା ବଡପଣ୍ଡା ସଦସ୍ୟ ରହିଛନ୍ତି ।


ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ ସଦସ୍ୟ ସୂଚନା ଦେଉଛନ୍ତି ।

## କଲେଜ ଛାତ୍ରଙ୍କ ମୃତ୍ୟୁ ଘଟଣା

# ଯୋଜନାବଦ୍ଧ ହତ୍ୟା ଅଭିଯୋଗ

**ଝାରସୁଗୁଡ଼ା ଅଫିସ,୩।୧୨**

ଗତ ୧୪ତାରିଖରେ କୋଇଲିଘୋଘର ପର୍ଯ୍ୟଟନ ସ୍ଥଳୀକୁ ସୁନ୍ଦରଗଡ଼ କଳାୟତନ ଆର୍ଟ କ୍ରାଫ୍ଟ କଲେଜର ଛାତ୍ରୀଛାତ୍ର ବଣଭୋଜି ପାଇଁ ଆସିଥିବାବେଳେ ଜଣେ ଛାତ୍ର ଝରଣା ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ମୃତକ ହେଲେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର କରଣ ପଟ୍ଟନାୟକ (୧୮)। ସ୍ଥାନୀୟ ରେଙ୍ଗାଲି ଥାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୯/୨୧) ରୁଜୁ ହୋଇଛି। ମୃତକଙ୍କ ମା'ବାପା ତାଙ୍କ ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଶୁକ୍ରବାର ଝାରସୁଗୁଡ଼ା ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଏସ୍‌ପି ବିକାଶ ଚନ୍ଦ୍ର ଦାସ ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ସୁନ୍ଦରଗଡ଼ ଯାଇ ସମ୍ପୃକ୍ତ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ଜେରା କରିବ ବୋଲି ଏସ୍‌ଡିପିଓ ଦାସ ପରିବାରକୁ କହିଛନ୍ତି।

ଏସ୍‌ପିଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଛାତ୍ର କରଣ ଓ ତାଙ୍କ ପରିବାର ବଣଭୋଜି ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ। ସହଯୋଗୀ ଛାତ୍ରୀଛାତ୍ର ଓ କଲେଜ ଅଧ୍ୟକ୍ଷ ବାଧ୍ୟ କଲାପରେ ସେ ବଣଭୋଜିକୁ ଆସିଥିଲେ। ପିଲାଙ୍କ ସହ କଲେଜ ଅଧ୍ୟକ୍ଷ ଯାଇ ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଧ୍ୟକ୍ଷ ନ ଯାଇ ଅଧ୍ୟାପକ ଓ କେତେଜଣ କର୍ମଚାରୀଙ୍କୁ ଛାଡିଥିଲେ। ଛାତ୍ରଙ୍କ ମୃତ୍ୟୁ ପରେ କଲେଜ ତରଫରୁ ତାଙ୍କ ପରିବାରକୁ ଜଣାଯାଇ ନ ଥିଲା। ସେଦିନ ଏକ ଅଜଣା ଫୋନ୍‌ରୁ କରଣଙ୍କ ମା'ଙ୍କ ନିକଟକୁ ଫୋନ୍ ଯାଇଥିଲା। ତୁମ ପୁଅ ପାଣିରେ ବୁଡି ମୃତ୍ୟୁବରଣ କରିଛି। ତାଙ୍କୁ ଲଖନପୁର ହସ୍ପିଟାଲ୍‌ରେ ରଖାଯାଇଛି। ତଦନ୍ତ ପରେ ଏହା କଲେଜର ଜଣେ ଛାତ୍ରୀଙ୍କ ଫୋନ୍‌କଲ ବୋଲି ଜଣାପଡିଛି। ପୂର୍ବରୁ କଲେଜର ସିନିଅର ଛାତ୍ର ଓ ସହଯୋଗୀ ଛାତ୍ରଙ୍କ ସହିତ କରଣର କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏ ସମ୍ପର୍କରେ କରଣ ଘରେ କହିବା ପରେ ତାଙ୍କ ମା'ବାପା କେତେଜଣ ଛାତ୍ରୀଛାତ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ମୃତ ଛାତ୍ରଙ୍କ ପରିବାର ତରଫରୁ ସନ୍ଧ୍ୟାରେ ଝାରସୁଗୁଡାର ଏକ ହୋଟେଲରେ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ କୁହାଯାଇଥିଲା ଝରଣା କମ ପାଣିରେ ଜଣେ ୧୮ବର୍ଷର ଛାତ୍ର କେମିତି ବୁଡିକରି ମୃତ୍ୟୁବରଣ କଲା। ତାଙ୍କୁ ଉଦ୍ଧାର କଲାପରେ କେମିତି ନାକରୁ ରକ୍ତ ଓ ପାଟିରୁ ଗରଳ ବାହାରୁଥିଲା। ସେ ପିନ୍ଧିଥିବା ଡ୍ରେସ୍ ଶୁଖିଲା ଥିଲା । ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ପୋଲିସ ଉପରେ ନ୍ୟାୟ ପାଇବାର ଭରସା ରହିଛି ବୋଲି ପରିବାର ଲୋକେ କହିଛନ୍ତି। ନଚେତ ସେମାନେ ଉଚ୍ଚପଦସ୍ଥ ଅଧିକାରୀ ଓ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି। ଏଥିରେ ମା'ଜାନକୀ ପଟ୍ଟନାୟକ, ବାପା ଦୀପକ ପଟ୍ଟନାୟକ, ବଲାଙ୍ଗୀରର ଆଇନଜୀବୀ ରତନ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ମୃତ ଛାତ୍ରଙ୍କ ମା'ବାପା ଓ ଆଇନଜୀବୀ।

## ଜିଲା ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ଦିବସ

**ସମ୍ବଲପୁର,୩।୧୨(ବ୍ୟୁରୋ):** ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସମ୍ବଲପୁର ବାଲିବନ୍ଧାସ୍ଥିତ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରଠାରେ ଡିଡିଆର୍‌ସି ରବୀନ୍ଦ୍ରନାଥ ଶତପଥିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଡିଏସ୍‌ଏସ୍‌ଓ ସନ୍ତୋଷ ନାୟକ, ଡେପୁଟି କଲେକ୍ଟର ବ୍ରଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ, ହ୍ୱିଲ ଚେୟାର, ସିପି ଚେୟାର, ପିଏସି ଆଦି ଉପକରଣ ପ୍ରଦାନ କରିଥିଲେ।

GOVERNMENT OF ODISHA No. C-1452

**OFFICE OF THE PURI MUNICIPALITY, PURI**

Email: purim.hud@nic.in

**NATIONAL COMPETITIVE BIDDING THROUGH e-Procurement**

Identification No. P.M. 07/2021-22

Notice No. 7987 Dated: 01.12.21

| | | |
|---|---|---|
| 1. | Type of Work | Civil Work |
| 2. | Total No. of works | 45 Nos. of Individual works |
| 3. | Estimate Cost | Rs.97230/- to Rs.1785608/- |
| 4. | Period of Completion | 30 Days |
| 5. | Date & time of availability of bid document in the portal | From 03 P.M. of 01.12.2021 to 05 P.M. of 09.12.2021 |
| 6. | Last date/time for receipt of bid in the portal | Upto 05 P.M. of 09.12.2021 |
| 7. | Date of opening of Bid | 11 A.M. of Dtd.10.12.2021 |
| 8. | Name & address of the Officer Inviting Bid | Executive Officer, Puri Municipality, Puri |

Further detail can be seen from the e-procurement portal www.tendersorissa.gov.in.

Sd./- Executive Officer
Puri Municipality, Puri

OIPR-13159/11/0016/2122

**ODISHA PUBLIC SERVICE COMMISSION, CUTTACK**

**NOTICE**

No. 8765/PSC Dt.02.12.2021
(1R-80-21-22) (DR-V)

No. D-216: It is for information of all concerned that, document verification of candidates having PPSAN mentioned below for the post of **Associate Professor in Vyakarana** pursuant to Advertisement No. 06 of 2021-22 shall be held on **18.12.2021** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 18.12.2021 | 10.30 A.M. | 00109927 & 00109076 = **02 Candidates** |

The candidates are required to submit the following documents at the time of verification.

1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form"**, (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experinece.
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Confrence.

Besides :
   i. Copies of the 1st Pages of each Research Publication/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate strictly advised to adhere to the **COVID Guidelines** as notified by the Government from time to time.

OIPR-12002/11/0152/2122 Sd./- Secretary

**ODISHA PUBLIC SERVICE COMMISSION, CUTTACK**

**NOTICE**

No. 8782/PSC Dt.02.12.2021
(1R-81-21-22) (DR-V)

No. D-220: It is for information of all concerned that, document verification of candidates having PPSAN mentioned below for the post of **Associate Professor in Veda** pursuant to Advertisement No. 06 of 2021-22 shall be held on **15.12.2021** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 15.12.2021 | 2.30 P.M. | 00110514, 00089839 & 00087719 = **3 Candidates** |

The candidates are required to submit the following documents at the time of verification.

1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form"**, (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experinece.
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Conference.

Besides :
   i. Copies of the 1st Pages of each Research Publications/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID Guidelines** as notified by the Government from time to time.

OIPR-12002/11/0156/2122 Sd./- Secretary



ମୁଁ ଜାଣେ, କୋଭିଡ୍-୧୯ ଅତ୍ୟନ୍ତ ବିଭାଜନକାରୀ। ଆମେରିକାରେ ଏହା ଏକ ରାଜନୈତିକ ପ୍ରସଙ୍ଗ ପାଲଟିଯାଇଛି। ଏହା ଦୁଃଖର କଥା। ଏପରି ହେବା କଥା ନୁହେଁ, କିନ୍ତୁ ହେଉଛି। ଆମକୁ ଏକାଠି ହୋଇ କାମ କରିବାକୁ ପଡ଼ିବ।

-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି

## ସଂକ୍ଷେପରେ

### ପାକିସ୍ତାନରେ ଶ୍ରୀଲଙ୍କା ନାଗରିକଙ୍କୁ ପିଟି ହତ୍ୟା

**ଲାହୋର, ୩।୧୨(ପି.ଟି.):** ଆଲ୍ଲାଙ୍କୁ ନିନ୍ଦା ଅଭିଯୋଗରେ ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଜଣେ ଶ୍ରୀଲଙ୍କା ନାଗରିକଙ୍କୁ ଉତ୍ୟକ୍ତ ଲୋକେ ଶୁକ୍ରବାର ପିଟି ପିଟି ମାରିଦେଇଛନ୍ତି। ପ୍ରୟନ୍ଥ କୁମାର (୪୦) ନାମକ ଏହି ବ୍ୟକ୍ତି ସିଆଲକୋଟ ଜିଲାର ଏକ ଫ୍ୟାକ୍ଟ୍ରିରେ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେ କଠୋରପନ୍ଥୀ ତେହରିକ୍-ଇ-ଲାବାଇକ୍ ପାକିସ୍ତାନ (ଟିଏଲ୍‌ପି)ର ଏକ ପୋଷ୍ଟରକୁ ଚିରି ଡଷ୍ଟବିନ୍‌ରେ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି। କୋରାନ୍‌ର ପଙ୍କ୍ତି ଲେଖାଥିବା ଉକ୍ତ ପୋଷ୍ଟର ପ୍ରୟନ୍ଥଙ୍କ ଅଫିସ୍ ପାଖ କାନ୍ଥରେ ଲଗାଯାଇଥିଲା। ସେ ଏହାକୁ ଚିରୁଥିବାବେଳେ ଫ୍ୟାକ୍ଟ୍ରିର ୨ ଜଣ କର୍ମଚାରୀ ତାହା ଦେଖି ଅନ୍ୟମାନଙ୍କୁ ଜଣାଇ ଦେଇଥିଲେ। ଆଲ୍ଲା ନିନ୍ଦା ଅଭିଯୋଗ କରି ଶହ ଶହ ଟିଏଲ୍‌ପି କର୍ମୀ ଓ ସମର୍ଥକ ଫ୍ୟାକ୍ଟ୍ରି ନିକଟରେ ପହଞ୍ଚି ପ୍ରୟନ୍ଥଙ୍କୁ ଅଫିସ୍‌ରୁ ଘୋଷାଡ଼ି ନେଇ ପିଟି ପିଟି ମାରିଦେଇଥିଲେ। ପୋଲିସ ପହଞ୍ଚିବା ପୂର୍ବରୁ ସେମାନେ ମୃତଦେହକୁ ଜାଳିଦେଇଥିବା ଜଣେ ଅଧିକାରୀ କହିଛନ୍ତି।

### ମିରେଜ୍ ଯୁଦ୍ଧବିମାନ ଟାୟାର ଚୋରି

**ଲକ୍ଷ୍ନୌ, ୩।୧୨:** ମିରେଜ୍-୨୦୦୦ ଯୁଦ୍ଧବିମାନର ଟାୟାର ଚୋରି ହେବା ଭଳି ଆଶ୍ଚର୍ଯ୍ୟ ଘଟଣା ଘଟିଛି ଉତ୍ତରପ୍ରଦେଶର ଲକ୍ଷ୍ନୌ ଅନ୍ତର୍ଗତ ଆଶିଆନା ଥାନା ଅଞ୍ଚଳରେ। ଯୁଦ୍ଧବିମାନରେ ଲାଗିବା ପାଇଁ ନୂଆ ଟାୟାର ଟ୍ରକ୍ ଯୋଗେ ରାଜସ୍ଥାନର ଯୋଧପୁର ନିଆଯାଉଥିବାବେଳେ ଶହୀଦ ପାଥ୍ ନିକଟରେ କେହି ଏହାକୁ ଚୋରି କରି ନେଇଯାଇଛନ୍ତି। ଆଶିଆନା ଥାନାରେ ଏତଲା ଦାଏର ପରେ ପୋଲିସ ଟ୍ରକ୍ ଡ୍ରାଇଭରକୁ ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁଯାୟୀ ଏକ ସ୍କର୍ପିଓରେ ପିଛା କରୁଥିବା ଦୁର୍ବୃତ୍ତମାନେ ଚଳନ୍ତା ଟ୍ରକ୍‌ର ଦଉଡ଼ି କାଟି ଟାୟାର ନେଇଯାଇଛନ୍ତି।

### ସଂସଦ ପରିସରରେ ଭାଜପା-ବିରୋଧୀ ମୁହାଁମୁହିଁ

**ନୂଆଦିଲ୍ଲୀ, ୩।୧୨(ପି.ଟି.):** ରାଜ୍ୟସଭାରୁ ନିଲମ୍ବିତ ହୋଇଥିବା ୧୨ ସଦସ୍ୟ ଗୃହ ଅଧକ୍ଷଙ୍କ କାର୍ଯ୍ୟାନୁଷ୍ଠାନ ବିରୋଧରେ ପାର୍ଲାମେଣ୍ଟ ପରିସରରେ ଧାରଣାରେ ବସିଥିବାବେଳେ ଶୁକ୍ରବାର ଭାଜପା ପକ୍ଷରୁ ଏହାର ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା। ଗୃହ ମଧ୍ୟରେ ସଦସ୍ୟମାନଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିରୋଧ କରି ଭାଜପା ସଦସ୍ୟମାନେ ପ୍ଲାକାର୍ଡ ଧରି ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଧାରଣାରେ ବସିଥିବା ବିରୋଧୀ ଏମ୍‌ପିମାନଙ୍କ ପାଖକୁ ଚାଲିଆସିବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା। ବିରୋଧୀ ଦଳଗୁଡ଼ିକର ଦୋମୁହାଁ ନୀତିକୁ ପଦାରେ ପକାଇବାକୁ ଆମେ ଏଠାକୁ ଆସିଛୁ ବୋଲି ଭାଜପା ସଦସ୍ୟ ଜି.ଭି.ଏଲ୍. ନରସିଂହ ରାଓ କହିଥିଲେ। ଭାଜପା ଏମ୍‌ପିମାନେ ସେମାନଙ୍କୁ ଗାନ୍ଧୀ ମୂର୍ତ୍ତି ନିକଟରୁ ତଡ଼ିବା ଯୋଜନା କରୁଛନ୍ତି ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ଗାନ୍ଧୀ ମୂର୍ତ୍ତି ନିକଟରେ ବିକ୍ଷୋଭ କରିବା ଅଧିକାର ଭାଜପା ସଦସ୍ୟମାନଙ୍କର ରହିଛି ବୋଲି ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ। ଗଣତନ୍ତ୍ର ସୁରକ୍ଷା ଦାବିରେ ଭାଜପା ଏମ୍‌ପିମାନେ ଗାନ୍ଧୀ ମୂର୍ତ୍ତି ନିକଟରୁ ବାବା ସାହେବ ଆମ୍ବେଡ୍‌କର ମୂର୍ତ୍ତି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ।



ଆକାଶମାର୍ଗରୁ ମେକ୍ସିକୋ ସୀମାରେ ଅପେକ୍ଷାରତ ଶରଣାର୍ଥୀଙ୍କ ଅସ୍ଥାୟୀ ଶିବିରର ଦୃଶ୍ୟ।

ଆମେରିକାର ବାଇଡେନ ପ୍ରଶାସନ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଅମଳର ବିବାଦୀୟ ସୀମା କାର୍ଯ୍ୟକ୍ରମ ପୁଣି ଆରମ୍ଭ କରିବାକୁ ଯାଉଛି। ରାଷ୍ଟ୍ରପତି ଜୋ ବାଇଡେନ୍ 'ରିମେନ୍ ଇନ୍ ମେକ୍ସିକୋ' ନୀତିକୁ ପୂର୍ବରୁ ଅମାନୀୟ ବୋଲି କହିଥିଲେ। କିନ୍ତୁ ତାଙ୍କ ସଦ୍ୟ ନିଷ୍ପତ୍ତି ଅନୁସାରେ ଆମେରିକାର ଆଶ୍ରୟ ଲୋଡ଼ିଥିବା ଲକ୍ଷାଧିକ ଶରଣାର୍ଥୀ ଫେରିଯିବାକୁ ବାଧହେବେ।

## କଙ୍ଗନାଙ୍କୁ ପଞ୍ଜାବରେ ଘେରିଲେ ଚାଷୀ

**ଅମୃତସର,୩।୧୨**

ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କୁ ପଞ୍ଜାବର ଚାଷୀମାନେ ଶୁକ୍ରବାର ଘେରିଛନ୍ତି। କଙ୍ଗନା କାର୍‌ରେ ଯାଉଥିବାବେଳେ କୃଷକମାନେ କିରଟପୁର ସାହିବରେ କଳାପତାକା ଦେଖାଇ ତାଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ତାଙ୍କୁ ଅଟକାଇ କ୍ଷମା ମାଗିବାକୁ କହିଥିଲେ। ଏନେଇ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି କଙ୍ଗନା କହିଛନ୍ତି, ସେ ଭିଡ଼ ଭିତରେ ଘେରିହୋଇ ରହିଛନ୍ତି। ସେମାନେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ହତ୍ୟା ଧମକ ଦେଉଛନ୍ତି। ପ୍ରକାଶ ଯେ, କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ହଜାର ହଜାର କୃଷକ ଦିଲ୍ଲୀ ସୀମାରେ ଆନ୍ଦୋଳନ କରୁଥିବା ସମୟରେ ଭାଜପା ସମର୍ଥକ କଙ୍ଗନା ସେମାନଙ୍କୁ 'ଖଲିସ୍ତାନୀ ଓ ଅସାମାଜିକ ତତ୍ତ୍ୱ' ବୋଲି କହିଥିଲେ।





# ୧୨ ଦକ୍ଷିଣ ଆଫ୍ରିକୀୟଙ୍କ ପତ୍ତା ମିଳୁନି

## ଚିନ୍ତାରେ କର୍ନାଟକ ସରକାର

**ବେଙ୍ଗାଲୁରୁ, ୩।୧୨(ଆଇଏଏନ୍‌ଏସ୍)**



କର୍ନାଟକରେ ଦେଶର ପ୍ରଥମ ୨ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ବେଙ୍ଗାଲୁରୁ ଆସିଥିବା ୧୨ ଜଣ ଦକ୍ଷିଣ ଆଫ୍ରିକା ନାଗରିକଙ୍କ ପତ୍ତା ମିଳୁନାହିଁ। ଏହାକୁ ନେଇ କର୍ନାଟକ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଯାଇଛି। ନଭେମ୍ବର ୧୨ରୁ ୨୨ ମଧ୍ୟରେ ଦକ୍ଷିଣ ଆଫ୍ରିକୀୟମାନେ ବେଙ୍ଗାଲୁରୁରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣକଠାରେ ଓମିକ୍ରନ୍ ଚିହ୍ନଟ ହେବା ପରେ ଅନ୍ୟମାନଙ୍କୁ ଖୋଜି ବାହାର କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେମାନଙ୍କର ପରୀକ୍ଷା କରାଇବା ଜରୁରୀ ହୋଇଥିବାବେଳେ ସେମାନେ କେଉଁଠି ଅଛନ୍ତି ଜଣାପଡୁନାହିଁ। ସେମାନେ ବିମାନବନ୍ଦରରେ ଯେଉଁ ଠିକଣା ଦେଇଥିଲେ ସେଠାରେ ସେମାନେ ନାହାନ୍ତି। ଏହା ବ୍ୟତୀତ ସେମାନଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ରହିଛି। ଓମିକ୍ରନ୍ ବିପଦ ଥିବା ଦେଶରୁ ୫୭ ଜଣ କର୍ନାଟକ ଆସିଥିବା ଜଣାପଡ଼ିଛି। ଆଫ୍ରିକୀୟ ନାଗରିକଙ୍କୁ ଖୋଜି ବାହାର କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପୋଲିସ ସହାୟତା ନେଇଛି। ସମସ୍ତ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଇବାକୁ ବିଭାଗ ଚାହୁଁଛି।

ଅନ୍ୟପକ୍ଷରେ କର୍ନାଟକରେ ପ୍ରଥମ ଓମିକ୍ରନ୍ ଭାରିଆଣ୍ଟ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଏହାର ସଂକ୍ରମଣ ରୋକିବା ଲାଗି ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଉଚ୍ଚସ୍ତରୀୟ ବୈଠକ ବସି କଟକଣା କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନିଆଯାଇଛି। ଉଭୟ ଡୋଜ୍ କୋଭିଡ୍ ଟିକା ନେଇ ନ ଥିଲେ ମଲ୍ ଏବଂ ସିନେମା ହଲ୍‌ରେ ପ୍ରବେଶ ଅନୁମତି ମିଳିବ ନାହିଁ। ମାଆବାପା ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇ ନ ଥିଲେ, ପିଲାଙ୍କୁ ସ୍କୁଲ୍ ମନା। ସେହିପରି ଶିକ୍ଷାନୁଷ୍ଠାନଗୁଡ଼ିକରେ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆସନ୍ତାବର୍ଷ ଜାନୁୟାରୀ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ କୁହାଯାଇଛି। ଏହା ବ୍ୟତୀତ ରାଜ୍ୟ ବିମାନବନ୍ଦରଗୁଡ଼ିକରେ ପହଞ୍ଚୁଥିବା ସମସ୍ତଙ୍କର କୋଭିଡ୍ ପରୀକ୍ଷା କରାଯିବ ଏବଂ ରିପୋର୍ଟ ଆସିବା ପରେ ସେମାନଙ୍କୁ ଛଡ଼ାଯିବ ବୋଲି ରାଜସ୍ୱ ସଚିବ ଆର୍. ଅଶୋକ କହିଛନ୍ତି।

## ଦକ୍ଷିଣ ଆଫ୍ରିକାରେ ଡବ୍ଲ୍ୟୁଏଚ୍‌ଓ ବିଶେଷଜ୍ଞ ଟିମ୍

**ଜୋହାନ୍ସବର୍ଗ, ୩।୧୨(ପି.ଟି.)**

କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ପ୍ରଥମେ ଚିହ୍ନଟ ହୋଇଥିବା ଦକ୍ଷିଣ ଆଫ୍ରିକାର ଗୌଟେଙ୍ଗ୍ ପ୍ରଦେଶକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ବିଶେଷଜ୍ଞ ଟିମ୍ ପଠାଇଛି। ଉକ୍ତ ରାଜ୍ୟ ଓମିକ୍ରନ୍‌ର କେନ୍ଦ୍ରସ୍ଥଳ ପାଲଟିଥିବାବେଳେ ଉକ୍ତ ଟିମ୍ ସେଠାର ସର୍ଭିଲାନ୍ସ ଓ କଣ୍ଟାକ୍ଟ ଟ୍ରେସିଂ ବ୍ୟବସ୍ଥାର ଅନୁଧ୍ୟାନ କରିବ। ସପ୍ତାହେ ପୂର୍ବରୁ ଓମିକ୍ରନ ଭାରିଆଣ୍ଟ ଠାବ ହୋଇଥିବାବେଳେ ଏବେ ଏହା ଭାରତ ସମେତ ୩୦ ଦେଶକୁ ବ୍ୟାପିସାରିଲାଣି। ଦକ୍ଷିଣ ଆଫ୍ରିକାରେ ଗୋଟିଏ ଟିମ୍ ଜିନୋମ୍ ସିକ୍ୱେନ୍ସିଂ କାର୍ଯ୍ୟ କରୁଛି। ଗତ ସପ୍ତାହେ ମଧ୍ୟରେ ସେଠାରେ ଯେତିକି କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ତାହାର ୮୦ ପ୍ରତିଶତ କେବଳ ଗୌଟେଙ୍ଗ୍ ପ୍ରଦେଶରେ ଦେଖାଦେଇଛି। ବୁଧବାର ସେଠାରେ ୮,୫୦୦ ସଂକ୍ରମିତ ହୋଇଥିବାବେଳେ ଗୁରୁବାର ୧୧,୫୦୦ ନୂଆ ମାମଲା ଚିହ୍ନଟ ହୋଇଛି। ନଭେମ୍ବରରେ ହାରାହାରି ଦୈନିକ ସଂକ୍ରମଣ ୨୦୦ରୁ ୩୦୦ ମଧ୍ୟରେ ରହିଥିଲା। ନୂଆ ଭାରିଆଣ୍ଟ ଯୋଗୁ ସଂକ୍ରମଣ ହାର ୭୫ ପ୍ରତିଶତକୁ ବଢ଼ିଥିବା ଜାତୀୟ ସଂକ୍ରାମକ ରୋଗ ସଂସ୍ଥାନ (ଏନ୍‌ଆଇସିଡି) ପକ୍ଷରୁ କୁହାଯାଇଛି।

## ଏଲ୍‌ଏନ୍‌ଜେପି ହସ୍ପିଟାଲରେ ୧୨ ସନ୍ଦିଗ୍ଧ ଓମିକ୍ରନ୍ ମାମଲା

**ନୂଆଦିଲ୍ଲୀ, ୩।୧୨**

ଦିଲ୍ଲୀର ଲୋକ ନାୟକ ଜୟପ୍ରକାଶ ନାରାୟଣ ହସ୍ପିଟାଲ (ଏଲ୍‌ଏନ୍‌ଜେପି)ରେ ୧୨ ଜଣ ବିଦେଶୀ ଯାତ୍ରୀଙ୍କୁ ଭର୍ତ୍ତି କରାଯାଇଛି। ସେମାନେ ଓମିକ୍ରନ୍ ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି। ୧୨ ଜଣଙ୍କ ମଧ୍ୟରୁ ୧୦ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ଅନ୍ୟ ଦୁଇଜଣଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଯାଇଛି। ଗୁରୁବାର ଉକ୍ତ ୱାର୍ଡରେ ୮ ରୋଗୀ ଥିବାବେଳେ ଶୁକ୍ରବାର ଆଉ ୪ ଜଣ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ବ୍ରିଟେନ୍‌ରୁ ଆସିଥିବାବେଳ ଜଣେ ଫ୍ରାନ୍ସ ଓ ଅନ୍ୟ ଜଣେ ନେଦରଲାଣ୍ଡସ୍‌ରୁ ଆସିଛନ୍ତି। ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିବା ସମସ୍ତ ଅନ୍ତର୍ଜାତୀୟ ଯାତ୍ରୀଙ୍କର ଜିନୋମ ସିକ୍ୱେନ୍ସିଂ କରାଯିବ। ଓମିକ୍ରନ ଭାରିଆଣ୍ଟ ଚିହ୍ନଟ ହେଲେ ସେମାନଙ୍କୁ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇ ଚିକିତ୍ସା କରାଯିବ। ଗୁରୁବାର କର୍ନାଟକରେ ଦୁଇଜଣଙ୍କଠାରେ ଓମିକ୍ରନ୍ ଭାରିଆଣ୍ଟ ଚିହ୍ନଟ ହୋଇଥିଲା।

## ଅନ୍‌ଲାଇନ ହିଂସା ରୋକିବାକୁ 'ବଡିରାଇଟ୍' ଅଭିଯାନ



**ଜାତିସଂଘ,୩।୧୨**

ଇଣ୍ଟରନେଟ୍‌ରେ ବଢ଼ିଚାଲିଥିବା ଲିଙ୍ଗଗତ ହିଂସା ବିରୋଧରେ ଜାତିସଂଘ ପକ୍ଷରୁ ଗୁରୁବାର 'ବଡିରାଇଟ୍' ଅଭିଯାନ ଆରମ୍ଭ କରାଯାଇଛି। ଏହି ଅବସରରେ 'ବଡିରାଇଟ୍'ର ଏକ ସଙ୍କେତ ମଧ୍ୟ ଲଞ୍ଚ କରାଯାଇଛି, ଯହିଁରେ ଏକ ବୃତ୍ତ ମଧ୍ୟରେ ଇଂଲିଶ ଭାଷା ଛୋଟ ଅକ୍ଷରରେ 'ବି' ଲେଖାଯାଇଛି। ଏହାକୁ ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକରେ ସଂଲଗ୍ନ କରାଯାଇପାରିବ। ଜାତିସଂଘ ଜନସଂଖ୍ୟା ପାଣ୍ଠି ସଂସ୍ଥା (ୟୁଏନ୍‌ପିଏଫ୍‌ଏ)ର 'ବଡିରାଇଟ୍' କ୍ୟାମ୍ପେନ୍ ଅନୁସାରେ ମହିଳା ଓ ସ୍ୱଳ୍ପବୟସ୍କ, ବର୍ଣ୍ଣଗତ ସଂଖ୍ୟାଲଘୁ ଏବଂ ଏଲ୍‌ଜିବିଟି ସମୁଦାୟଙ୍କୁ ଅନ୍‌ଲାଇନ୍ ହିଂସାରୁ ସୁରକ୍ଷା ମିଳିବ। ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ସମସ୍ତଙ୍କ ଭୟ ଓ ହିଂସା ମୁକ୍ତ ଜୀବନ ଜୀଇଁବା ଅଧିକାର ରହିଛି। ଏବେ ଟେକ୍ନୋଲୋଜି କମ୍ପାନୀ ଓ ନୀତିପ୍ରଣେତାମାନେ ଡିଜିଟାଲ ହିଂସାକୁ ଗମ୍ଭୀରତା ସହ ନେବାର ସମୟ ଉପନୀତ ବୋଲି ୟୁଏନ୍‌ପିଏଫ୍‌ଏ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ନାଟାଲିଆ କନେମ୍ କହିଛନ୍ତି। ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ବିଶ୍ୱର ୩୫% ମହିଳା ଡିଜିଟାଲ ହିଂସାର ଶିକାର ହୋଇଥାଆନ୍ତି। ସାଇବର ଷ୍ଟକିଂ, ଘୃଣା ମନ୍ତବ୍ୟ, ଜଣଙ୍କ ସମ୍ପର୍କରେ ଗୋପନୀୟ ତଥ୍ୟ ପ୍ରକାଶ ଏବଂ ବିନା ସହମତିରେ ଫଟୋ ତଥା ଭିଡିଓ ପ୍ରକାଶ କରିବା ଭଳି ଅପରାଧକୁ ଏହି ଅଭିଯାନରେ ରୋକାଯାଇପାରିବ ବୋଲି ୟୁଏନ୍‌ପିଏଫ୍‌ଏ ପକ୍ଷରୁ କୁହାଯାଇଛି।

## ଆଇଏମ୍‌ଏଫ୍‌ର ଏଫ୍‌ଡିଏମ୍‌ଡି ହେଲେ ଗୀତା ଗୋପୀନାଥ

**ୱାଶିଂଟନ, ୩।୧୨(ପି.ଟି.)**



ଅନ୍ତର୍ଜାତୀୟମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍)ର ଭାରତୀୟ ବଂଶୋଦ୍ଭବ ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥଙ୍କୁ ଏହାର ପ୍ରଥମ ଉପପରିଚାଳନା ନିର୍ଦ୍ଦେଶକ (ଏଫ୍‌ଡିଏମ୍‌ଡି) ଭାବେ ପଦୋନ୍ନତି ପ୍ରଦାନ କରାଯାଇଛି। ଗୀତା ତାଙ୍କର ଅସାଧାରଣ ବୌଦ୍ଧିକ ନେତୃତ୍ୱ ବଳରେ ମୁଦ୍ରା ପାଣ୍ଠି କୋଭିଡ୍ ଜନିତ ଆର୍ଥିକ ସଙ୍କଟକୁ ନୂଆ ମୋଡ଼ ଦେବାରେ ସହାୟକ ହୋଇପାରିଛି। ଜିଓଫ୍ରେ ଓକାମୋଟୋ ସ୍ଥାନରେ ଗୋପୀନାଥ ଏଫ୍‌ଡିଏମ୍‌ଡି ଭାବେ ଯୋଗଦେବେ ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଏଭା ଘୋଷଣା କରିଛନ୍ତି। ୪୯ ବର୍ଷୀୟ ଗୋପୀନାଥ ୨୦୨୨ରେ ଆଇଏମ୍‌ଏଫ୍ ଛାଡ଼ି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କାର୍ଯ୍ୟକୁ ଫେରିଯିବେ ବୋଲି ପୂର୍ବରୁ ଯୋଜନା କରିଥିଲେ। ଏବେ ସେ ଆଇଏମ୍‌ଏଫ୍‌ରେ ରହିବା ଲାଗି ନିଷ୍ପତ୍ତି ନେଇଛନ୍ତି।

## ଦରମା ଦେଉନାହାନ୍ତି ଇମ୍ରାନ୍ ଖାନ୍

### ସର୍ବିଆରେ ପାକ୍ ଦୂତାବାସର ବିଦ୍ରୂପାତ୍ମକ ଟୁଇଟ୍

**ଇସ୍‌ଲାମାବାଦ,୩।୧୨**



ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାଇଁ ଲଜ୍ଜାଜନକ କଥା। ଇମ୍ରାନ୍ ସରକାରଙ୍କ ନୀତିଗୁଡ଼ିକୁ ସମାଲୋଚନା କରି ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ଏହାକୁ ସର୍ବିଆସ୍ଥିତ ପାକିସ୍ତାନ ଦୂତାବାସ ପକ୍ଷରୁ ଟୁଇଟ୍ କରାଯାଇଛି। ଉକ୍ତ ପୋଷ୍ଟରେ ଲେଖାଯାଇଛି, ପାକିସ୍ତାନରେ ଦରଦାମ୍ ସବୁ ରେକର୍ଡ ଭାଙ୍ଗିବାରେ ଲାଗିଥିବାବେଳେ ଆମେ ୩ମାସ ହେଲା ବିନା ଦରମାରେ କାମ କରୁଛୁ। ସ୍ଥିତି ଏମିତି ଯେ, ଆମ ପିଲାମାନେ ସ୍କୁଲ ଫିଜ୍ ଦେଇ ନ ପାରି ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏକ ଭିଡିଓରେ ଇମ୍ରାନ୍ ଖାନ୍‌ଙ୍କୁ ବିଦ୍ରୂପ କରି ଏକ ଗୀତ ବାଜୁଛି। ସେଥିରେ ଶୁଣିବାକୁ ମିଳୁଛି ଆପଣ ଘାବରାଇଯାଆନ୍ତୁ ନାହିଁ। ଦେଶ ଦାରିଦ୍ର୍ୟ, କ୍ଷୁଧା ଓ ଅସୁବିଧା ଭୋଗୁଥିବାବେଳେ ଲୋକଙ୍କୁ ସରକାର କହୁଛନ୍ତି, କିଛି ଚିନ୍ତା କରନାହିଁ। ଲମ୍ବାଧାଡ଼ିଧାରୀ ଜଣେ ବ୍ୟକ୍ତି ଏହି ଗୀତ ଗାଉଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ଟୁଇଟ୍‌ରେ ଲେଖାଯାଇଛି, ଆଇ ଆମ୍ ସରି ଇମ୍ରାନ୍ ଖାନ୍। ଅନ୍ୟ କିଛି ବିକଳ୍ପ ନ ଥିଲା। ପରେ ଉକ୍ତ ଟୁଇଟ୍‌କୁ ଡିଲିଟ୍ କରିଦିଆଯାଇଛି। ଏନେଇ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ତତ୍କାଳ ସଫେଇ ଦେଇ କହିଛି, ସର୍ବିଆରେ ଥିବା ଦୂତାବାସର ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକ ହ୍ୟାକ୍ ହୋଇଯାଇଛି। ଟୁଇଟର୍, ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡଲରୁ ପୋଷ୍ଟ କରାଯାଉଥିବା ମେସେଜ୍‌ଗୁଡ଼ିକ ପାକିସ୍ତାନ ଦୂତାବାସର ନୁହେଁ।

## ବର୍ବରତାରେ ବ୍ରିଟିଶ୍ ସରକାରକୁ ଟପିଛି ଭାଜପା: ଅଖିଳେଶ

**ଝାନ୍ସି,୩।୧୨**

ଭାଜପା ଶାସନରେ ସମାଜର ସବୁ ବର୍ଗର ଲୋକେ ଆତଙ୍କିତ। କାରଣ ଏହି ଦଳର ନୀତି ହେଉଛି 'ମାର ଓ ଶାସନ କର'। ଲୋକଙ୍କ ପ୍ରତି ବର୍ବରତାରେ ଭାଜପା ବ୍ରିଟିଶ୍ ସରକାରକୁ ମଧ୍ୟ ପଛରେ ପକାଇଦେଇଛି ବୋଲି ଶୁକ୍ରବାର ସମାଜବାଦୀ ପାର୍ଟି(ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ସମାଲୋଚନା କରିଛନ୍ତି। ଝାନ୍ସିରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଅଖିଳେଶ କହିଥିଲେ, ଏହି ସରକାର ବ୍ରିଟିଶ୍ ଅମଳର ଅତ୍ୟାଚାରକୁ ପଛରେ ପକାଇଦେଇଛି, ଯାହାକି ଲଖିମପୁର ଖେରିରେ ଦେଖିବାକୁ ମିଳିଛି। ଅଭିଯୁକ୍ତଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ମାର ଓ ଶାସନ କର ନୀତି ଆପଣାଯାଉଛି। ଯୋଗୀ ସରକାର ଅମଳରେ ଫେକ୍ ଏନ୍‌କାଉଣ୍ଟର ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିଲାଗି ସରକାରଙ୍କୁ ମାନବାଧିକାର କମିଶନଙ୍କ ପକ୍ଷରୁ ସର୍ବାଧିକ ନୋଟିସ୍ ପଠାଯାଇଛି। ଯେଉଁ ମୁଖ୍ୟମନ୍ତ୍ରୀ ନିଜ ଉପରୁ ମାମଲା ପ୍ରତ୍ୟାହାର କରିପାରନ୍ତି ତାଙ୍କଠାରୁ ଆମେ କ'ଣ ଆଶା କରିବା ବୋଲି ଅଖିଳେଶ ପ୍ରଶ୍ନ କରିଛନ୍ତି।



ଗୁରୁଗ୍ରାମର ସେକ୍ଟର ୩୭ରେ ଥିବା ଏକ ଖୋଲାସ୍ଥାନରେ ମୁସଲମାନ ସମୁଦାୟର ଲୋକେ ଶୁକ୍ରବାର ନମାଜପାଠ କରିବାରୁ ଏହାର ପ୍ରତିବାଦରେ ସ୍ଥାନୀୟ ହିନ୍ଦୁ ସଙ୍ଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ବାୟୁ ମାନ ପରିଚାଳନା କମିଟି ନିର୍ଦ୍ଦେଶ କାର୍ଯ୍ୟକାରୀ କର

**ନୂଆଦିଲ୍ଲୀ, ୩।୧୨(ପି.ଟି.)**



### କେନ୍ଦ୍ର, ଏନ୍‌ସିଆର୍ ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ପ୍ରଦୂଷଣ ରୋକିବା ଲାଗି ବାୟୁ ମାନ ପରିଚାଳନା କମିଟି ଦେଇଥିବା ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ନିମନ୍ତେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ଏବଂ ଜାତୀୟ ରାଜଧାନୀ ଅଞ୍ଚଳ ଅନ୍ତର୍ଗତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ରାଜଧାନୀ ଅଞ୍ଚଳ ଓ ଏହାର ପାର୍ଶ୍ୱବର୍ତ୍ତୀ ରାଜ୍ୟରେ ବାୟୁ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ନେବାକୁ ବାୟୁ ମାନ ପରିଚାଳନା କମିଶନ ଗୁରୁବାର ପ୍ରସ୍ତାବ ଦେଇଥିଲେ। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏହାକୁ ଅନୁଧ୍ୟାନ କରିବା ପରେ କେନ୍ଦ୍ର, ଦିଲ୍ଲୀ ଏବଂ ଏନ୍‌ସିଆର ଅନ୍ତର୍ଗତ ରାଜ୍ୟକୁ ଉକ୍ତ ନିର୍ଦ୍ଦେଶାବଳୀ ପାଳନ କରିବାକୁ କହିଛନ୍ତି।

କମିଶନ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ଦିଲ୍ଲୀ ଏବଂ ଏନ୍‌ସିଆର୍‌ର ବାୟୁ ପ୍ରଦୂଷଣ ରୋକିବା ଲାଗି ୫ ଜଣିଆ ଟାସ୍କଫୋର୍ସ ଗଠନ କରାଯାଇଥିଲା। ଏଭଳି ୪୦ଟି ସ୍କ୍ୱାଡ୍ ପ୍ରଦୂଷଣ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପର ଅନୁଧ୍ୟାନ କରିବେ। ସେହିପରି ୧୭ଟି ଫ୍ଲାଇଂ ସ୍କ୍ୱାଡ୍ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପଦକ୍ଷେପର ଅନୁଧ୍ୟାନ କରି ରିପୋର୍ଟ ଦେବ। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଓ ସ୍ୱଚ୍ଛ ଇନ୍ଧନରେ ଚାଲୁଥିବା ଟ୍ରକ୍ ବ୍ୟତୀତ ଅନ୍ୟଗୁଡ଼ିକର ପ୍ରବେଶ ଉପରେ ନିଷେଧାଦେଶ ଜାରି ରହିଛି। ଦିଲ୍ଲୀରେ ସ୍କୁଲ୍ ବନ୍ଦକୁ ନେଇ କେତେକ ଗଣମାଧ୍ୟମ ରିପୋର୍ଟରେ ଉଦ୍ଦେଶ୍ୟମୂଳକ ଭାବେ ହେଉ କିମ୍ବା ଉଦ୍ଦେଶ୍ୟ ବିହୀନ ଭାବେ କୋର୍ଟକୁ ଦାୟୀ କରାଯାଇଛି ବୋଲି ଖଣ୍ଡପୀଠ କହିଥିଲେ। ସର୍ବୋଚ୍ଚ ଅଦାଲତ ପ୍ରଶାସନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଏକ ଇଂଲିଶ ଖବରକାଗଜରେ ପ୍ରକାଶ ପାଇଛି ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଆଇନଜୀବୀ ଏମ୍.ଏ. ସିଙ୍ଘଭି କହିଥିଲେ। ଆମେ ପ୍ରଶାସନ କାର୍ଯ୍ୟ ହାତକୁ ନେବା କଥା କେତେବେଳେ କହିଲୁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଆମେ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିପାରିବୁ ନାହିଁ। ରାଜନୈତିକ ଦଳ ଖବରଦାତା ସମ୍ମିଳନୀ କରିପାରିବେ, ଆମେ ତାହା କରିପାରିବୁ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

ପ୍ରଦୂଷିତ ବାୟୁ ମୁଖ୍ୟତଃ ପାକିସ୍ତାନରୁ ଆସୁଛି ବୋଲି ଶୁଣାଣିବେଳେ ଉତ୍ତରପ୍ରଦେଶ ସରକାର କହିଥିଲେ। ଉତ୍ତରପ୍ରଦେଶ ପବନ ବିପରୀତ ଦିଗରେ ବହୁଛି। ଦିଲ୍ଲୀକୁ ମୁଖ୍ୟତଃ ପାକିସ୍ତାନରୁ ଦୂଷିତ ପବନ ଆସୁଛି। ତେଣୁ ଦିଲ୍ଲୀ ବାୟୁ ପ୍ରଦୂଷଣ ପାଇଁ ଉତ୍ତରପ୍ରଦେଶ ଦାୟୀ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ ରଞ୍ଜିତ କୁମାର କହିଥିଲେ। ତାହେଲେ ତୁମେ ପାକିସ୍ତାନର ଶିଳ୍ପସଂସ୍ଥାଗୁଡ଼ିକୁ ବନ୍ଦ କରିବାକୁ ଚାହୁଁଛ କି ବୋଲି ପ୍ରଧାନ ବିଚାରପତି ପ୍ରଶ୍ନ କରିବାରୁ ୟୁପି ସରକାରଙ୍କ ଓକିଲ କିଛି କହିପାରି ନ ଥିଲେ। ୟୁପିର ଚିନିକଳ ଓ ଦୁଗ୍ଧ ଶିଳ୍ପ ଉପରେ କଟକଣା ନ ଲଗାଇବା ପାଇଁ ରଞ୍ଜିତ ଅନୁରୋଧ କରିବାରୁ ଏ ସମ୍ପର୍କରେ ବାୟୁ ମାନ ପରିଚାଳନା କମିଶନଙ୍କ ସହ ଆଲୋଚନା କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।




www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଡିସେମ୍ବର ୪/୨୦୨୧ Sambalpur, Saturday, December 4/ 2021

# ଶୁଟ୍ ଆଉଟରେ ଫ୍ରାନ୍ସ ହାରିଲା



ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଭୁବନେଶ୍ୱର, ୩।୧୨ (କ୍ରୀଡ଼ା ପ୍ରତିନିଧି)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି ପୂର୍ବତନ ଚାମ୍ପିୟନ ଆର୍ଜେଣ୍ଟିନା। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ଦଳ ଶୁଟ୍‌ଆଉଟ ୩-୧ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛି। ପୂର୍ବରୁ ଆର୍ଜେଣ୍ଟିନା ୨ ଥର ଜୁନିୟର ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିଲା। ୨୦୦୫ରେ ଦଳ ଚାମ୍ପିୟନ ଏବଂ ୨୦୦୧ରେ ରନର୍ସଅପ୍ ହୋଇଥିଲା। ୨୦୧୩ରେ ରନର୍ସଅପ୍ ହୋଇଥିବା ଫ୍ରାନ୍ସ ଆସନ୍ତା ୫ ତାରିଖରେ ବ୍ରୋଞ୍ଜ ପଦକ ପାଇଁ ଖେଳିବ।

ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି ନକ୍‌ଆଉଟରେ ପ୍ରବେଶ କରିଥିବା ଫ୍ରାନ୍ସ ସେମିଫାଇନାଲରେ ମଧ୍ୟ ଭଲ ଖେଳିଥିଲା। ଫଳରେ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୧୮ତମ ମିନିଟରେ ଆର୍ଜେଣ୍ଟିନା ଓ ୪୦ତମ ମିନିଟରେ ଫ୍ରାନ୍ସ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ସେଥିରୁ ଫାଇଦା ନେଇ ପାରି ନ ଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଆର୍ଜେଣ୍ଟିନା ପକ୍ଷରୁ ଫ୍ରାଙ୍କୋ ଅଗଷ୍ଟିନି, ଲୁସିଓ ମେଣ୍ଡେଜ ଓ ବୌଟିଷ୍ଟା କାପୁରୋ ଗୋଲ ଦେଇଥିବାବେଳେ ଅଧିନାୟକ ଫାକୁଣ୍ଡୋ ଜରାଟେ ମିସ୍ କରିଥିଲେ। ଫ୍ରାନ୍ସ ପକ୍ଷରୁ କେବଳ ଅଧିନାୟକ ଟିମୋଥି କ୍ଲିମେଣ୍ଟ ଗୋଲ ଦେଇଥିଲେ। ଲୁକାସ ମୋଣ୍ଟେକଟ, ସେରେଣ୍ଟିନ ସେଲର ଓ ଆଣ୍ଟୋନିନ୍ ଇଗାଉ ଗୋଲ ମିସ୍ କରିଥିଲେ। ଫଳରେ ଟାଇଟଲ ଆଶାୟୀ ଫ୍ରାନ୍ସ ନିରାଶ ହୋଇଥିଲା।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ଶେଷରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ଖେଳାଳି ମୁହାଁମୁହିଁ।

# ଆର୍ଜେଣ୍ଟିନା-ଫ୍ରାନ୍ସ ଖେଳାଳି ମୁହାଁମୁହିଁ

**ଭୁବନେଶ୍ୱର, ୩।୧୨ (କ୍ରୀଡ଼ା ପ୍ରତିନିଧି)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପରେ ଶୁକ୍ରବାର ଆର୍ଜେଣ୍ଟିନା-ଫ୍ରାନ୍ସ ପ୍ରଥମ ସେମିଫାଇନାଲ ମ୍ୟାଚ ଶୁଟ୍ ଆଉଟରେ ନିର୍ଣ୍ଣୟ ହୋଇଥିଲା। ଏଥିରେ ଆର୍ଜେଣ୍ଟିନା ୩-୧ ଗୋଲରେ ବିଜୟୀ ହୋଇଥିଲା। ତେବେ ଫ୍ରାନ୍ସ ପକ୍ଷରୁ ଶେଷରେ ବଲ୍ ଶୁଟ୍ କରିବା ପାଇଁ ଆସିଥିବା ଲୁକାସ ମଣ୍ଟେକଟ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ବଲ୍ ଗୋଲପୋଷ୍ଟ ବାର୍‌ରେ ବାଜି ଫେରି ଆସୁଥିବାବେଳେ ମଣ୍ଟେକଟ ପୁଣି ବଲ୍‌କୁ ପୋଷ୍ଟ ଆଡ଼କୁ ମାରିଥିଲେ। ମାତ୍ର ସେତେବେଳକୁ ଟାଇମ ଆଉଟ ହୋଇ ଯାଇଥିଲା। ଆର୍ଜେଣ୍ଟିନା ଖେଳାଳିମାନେ ଖୁସିରେ ପଡ଼ିଆ ମଧ୍ୟକୁ ଦୌଡ଼ିଥିଲେ। ଏହି ସମୟରେ ମଣ୍ଟେକଟ୍‌ଙ୍କ ସହ ଆର୍ଜେଣ୍ଟିନାର ଟାଡେଓ ମର୍କୁକି ଧକ୍କା ଖାଇଥିଲେ। ଫଳରେ ଅନ୍ୟ ଫ୍ରାନ୍ସ ଖେଳାଳିମାନେ ଘଟଣାସ୍ଥଳରେ ପହଞ୍ଚିବାପରେ ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଠେଲାପେଲା ଲାଗିଥିଲା। ପରିସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ଅମ୍ପାୟରମାନେ ଉଭୟ ଦଳର ଖେଳାଳିଙ୍କୁ ଅଲଗା କରିଥିଲେ। କିଛି ସମୟ ଉତ୍ତେଜନା ପରିସ୍ଥିତି ଲାଗି ରହିଥିଲା। ଝିପିଝିପି ବର୍ଷା ଲାଗି ରହିବା ସତ୍ତ୍ୱେ ପଡ଼ିଆରେ ଖେଳାଳିଙ୍କ ଉତ୍ତେଜନା ଜନିତ ଉଷ୍ମତା ବେଶ୍ ବାରି ହୋଇ ପଡୁଥିଲା। ଆର୍ଜେଣ୍ଟିନା ଖେଳାଳି ଜାଣିଶୁଣି ଧକ୍କା ମାରିଥିବା ଫ୍ରାନ୍ସ ଖେଳାଳିମାନେ ଅଭିଯୋଗ କରିଥିଲେ। ମାତ୍ର ଆର୍ଜେଣ୍ଟିନା ଖେଳାଳିମାନେ ତା'କୁ ଅସ୍ୱିକାର କରିଥିଲେ। ପରମ୍ପରା ଦୃଷ୍ଟିରୁ ମ୍ୟାଚ ପରେ ଉଭୟ ଦଳର ଖେଳାଳିମାନେ ହାତ ମିଳାଇବା ସମୟରେ ମଧ୍ୟ ଫ୍ରାନ୍ସ ଖେଳାଳିଙ୍କ ଅସନ୍ତୋଷ ପ୍ରତିଫଳିତ ହୋଇଥିଲା। ତେବେ ୩ ଜଣ ଯାକ ଅମ୍ପାୟର ଉପସ୍ଥିତ ରହି ଏହି ଔପଚାରିକତାକୁ ଶୃଙ୍ଖଳାର ସହ ଶେଷ କରିଥିଲେ। ରିଭ୍ୟୁ ହେବାପରେ ଯଦି କୌଣସି ଖେଳାଳି ଜାଣିଶୁଣି ବିଶୃଙ୍ଖଳିତ ଆଚରଣ କରିଥିବା ଜଣା ପଡ଼ିବ ତେବେ ଏଫ୍‌ଆଇଏଚ୍‌ର ଶୃଙ୍ଖଳା କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭାବନା ରହିଛି। ମ୍ୟାଚପରେ ଏଫ୍‌ଆଇଏଚ୍ ୱେବ୍‌ସାଇଟ୍ କିଛି ସମୟ ଅଚଳ ହୋଇ ଯାଇଥିଲା। ଫଳରେ ତଥ୍ୟ ସଂଗ୍ରହରେ ଅସୁବିଧା ହୋଇଥିଲା।





ଜର୍ମାନୀର ମାସି ପଫଣ୍ଡଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ବିଜୟୋଲ୍ଲସିତ ଜର୍ମାନୀ ଦଳ।

# ଜୁନିୟର ହକି ବିଶ୍ୱକପ୍‌ରେ ପ୍ରଥମ କରୋନା ପଜିଟିଭ

**ଭୁବନେଶ୍ୱର, ୩।୧୨ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଛି ଜୁନିୟର ହକି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ। ପ୍ରତିଯୋଗିତାକୁ ସଫଳ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ କରାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଟେଷ୍ଟିଂ ଏବଂ ଟ୍ରାକିଂକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେବେ ହକି ବିଶ୍ୱକପ୍‌ରେ ପ୍ରଥମ ପଜିଟିଭ କେସ୍ ଶୁକ୍ରବାର ସାମ୍ନାକୁ ଆସିଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସୋସିଆଲ ମିଡିଆ ଟିମ୍‌ର ଜଣେ ସଦସ୍ୟ ପଜିଟିଭ୍ ହୋଇଥିବା ହକି ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ସଂକ୍ରମିତ ବ୍ୟକ୍ତି ଜଣକ କାହା ସହିତ ମିଶିଥିଲେ ତାହାକୁ ନେଇ କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ଏହା ବ୍ୟତୀତ ମିଡିଆ ସେଣ୍ଟରରେ କାର୍ଯ୍ୟ କରୁଥିବା ସମସ୍ତ ବ୍ୟକ୍ତିଙ୍କର ଶୁକ୍ରବାର ବାଧ୍ୟତାମୂଳକ ଆର୍‌ଟି-ପିସିଆର୍ ଟେଷ୍ଟ କରାଯାଇଛି। ମିଡିଆ ସେଣ୍ଟର ଓ ଲିଫ୍ଟକୁ ସାନିଟାଇଜ୍ କରାଯାଇଛି।

କରୋନା ମହାମାରୀ ସଂକ୍ରମଣ ଆରମ୍ଭ ହେବା ପରେ ଓଡ଼ିଶାରେ ଏହା ହେଉଛି ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଏହାକୁ ଦୃଷ୍ଟିରେ ରଖି ପ୍ରତିଦିନ ପାଖାପାଖି ୫୦୦ ଟେଷ୍ଟ କରାଯାଉଛି ଏବଂ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ସେହିଦିନ ରିପୋର୍ଟ ଉପଲବ୍ଧ କରାଯାଉଛି। ବିଶ୍ୱକପ୍ ସହ ସମ୍ପୃକ୍ତ ଥିବା ପ୍ରତି ଖେଳାଳି, ଅଫିସିଆଲ, ହୋଟେଲ କର୍ମଚାରୀ ଏବଂ ସହଯୋଗୀମାନଙ୍କର ପ୍ରତି ୭୨ ଘଣ୍ଟାରେ କୋଭିଡ୍-୧୯ ଟେଷ୍ଟ କରାଯାଉଛି। ଏହା ବ୍ୟତୀତ ସମସ୍ତ ଗଣମାଧ୍ୟମ କର୍ମଚାରୀଙ୍କର ପ୍ରତି ୪୮ ଘଣ୍ଟାରେ ଟେଷ୍ଟ ହେଉଛି। ସମସ୍ତଙ୍କର ଯେପରି କୋଭିଡ୍ ଟେଷ୍ଟ ହୋଇପାରିବ ତା' ଉପରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ତେବେ ଟୁର୍ନାମେଣ୍ଟ ନଭେମ୍ବର ୨୪ ତାରିଖରୁ ଆରମ୍ଭ ହୋଇଥିଲେ ହେଁ ଶୁକ୍ରବାର ପ୍ରଥମ ପଜିଟିଭ୍ କେସ୍ ସାମ୍ନାକୁ ଆସିଛି। ପ୍ରକାଶ ଯୋଗ୍ୟ ଯେ, ନିୟମ କଡ଼ାକଡ଼ି ପାଳନ ହେଉ ନ ଥିବାରୁ ୱେଷ୍ଟ ଷ୍ଟାଣ୍ଡରେ ଅନେକ ସମୟରେ ମ୍ୟାଚ ଉପଭୋଗ କରୁଥିବା ବ୍ୟକ୍ତିମାନେ ସାମାଜିକ ଦୂରତ୍ୱ ରଖୁନାହାନ୍ତି। ଅନ୍ୟ ସେବାରେ ନିୟୋଜିତ ବ୍ୟକ୍ତିଙ୍କୁ ମଧ୍ୟ ମିଡିଆ ସେଣ୍ଟରରେ ଦେଖିବାକୁ ମିଳୁଛି। ଫଳରେ ଏବେ ଟୁର୍ନାମେଣ୍ଟ କଭର କରୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।

# ମାଲେସିଆକୁ ହରାଇଲା ନେଦରଲାଣ୍ଡ୍ସ

**ଭୁବନେଶ୍ୱର, ୩।୧୨ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ କ୍ଲାସିଫିକେଶନ/କ୍ରସ୍ ଓଭର ମ୍ୟାଚରେ ନେଦରଲାଣ୍ଡ୍ସ ଲ୍ୟୁକ ଡୋମରସୁଇଜେନ ଓ ମାଇଲ୍ସ ବୁକେନ୍ସଙ୍କ ହ୍ୟାଟ୍ରିକ ସହାୟତାରେ ୯-୩ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ଉନ୍ନତ ପ୍ରଦର୍ଶନ ପାଇଁ ଡୋମରସୁଇଜେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପୂର୍ବତନ ମହିଳା ହକ ତାରକା ସୁନୀତା ଲାକ୍ରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ନେଦରଲାଣ୍ଡ୍ସ ୫-୬ ସ୍ଥାନ ପାଇଁ ବେଲଜିୟମ ଏବଂ ପରାଜିତ ମାଲେସିଆ ୭-୮ ସ୍ଥାନ ପାଇଁ ସ୍ପେନ ସହ ଖେଳିବ। ଏହି ମ୍ୟାଚ ୨ଟି ୫ ତାରିଖରେ ଅନୁଷ୍ଠିତ ହେବ।



ପୁରସ୍କାର ପ୍ରଦାନ ଉତ୍ସବରେ ଲ୍ୟୁକ ଡୋମରସୁଇଜେନଙ୍କ ସହ ସୁନୀତା ଲାକ୍ରା।

ମାଲେସିଆ ବିପକ୍ଷରେ ନେଦରଲାଣ୍ଡ୍ସ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଆକ୍ରମଣାତ୍ମକ ହେଉ କିମ୍ବା ରକ୍ଷଣାତ୍ମକ କେଉଁ ବିଭାଗରେ ମଧ୍ୟ ମାଲେସିଆ ପ୍ରତିପକ୍ଷ ଦଳର ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ମିଳିଥିବା ପେନାଲ୍ଟି କର୍ନରର ମଧ୍ୟ ସଦୁପଯୋଗ କରିପାରି ନ ଥିଲା। ମ୍ୟାଚର ୩ୟ ମିନିଟରେ ମାଇଲ୍ସ ବୁକେନ୍ସ ନେଦରଲାଣ୍ଡ୍ସ ପାଇଁ ଗୋଲ ସ୍କୋରିଂ ଅଭିଯାନ ଆରମ୍ଭ କରିଥିଲେ। ପରେ ୪ର୍ଥ, ୧୪ ଓ ୩୪ତମ ମିନିଟରେ ଲ୍ୟୁକ ଡୋମରସୁଇଜେନ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୩ଟି ଯାକ ଗୋଲ ସେ ପେନାଲ୍ଟି କର୍ନରରୁ ସ୍କୋର କରିଥିଲେ। ୩୭ତମ ମିନିଟରେ ମ୍ୟାକ୍ସ ଡି ବାଇ ଏବଂ ୩୮ତମ ମିନିଟରେ ମାଇଲ୍ସ ବୁକେନ୍ସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବୁକେନ୍ସଙ୍କର ଏହା ଦ୍ୱିତୀୟ ଗୋଲ ଥିଲା। ୪୧ତମ ମିନିଟରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ମହମ୍ମଦ ଖଲିଦ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ୫୧ତମ ଓ ୫୭ ମିନିଟରେ ନେଦରଲାଣ୍ଡର ଡେଭିଡ ହୁସେନ ୨ଟି ଗୋଲ ସ୍କୋର କରିଥିଲେ। ସେ ପ୍ରଥମଟି ପେନାଲ୍ଟି କର୍ନରରୁ ଏବଂ ଦ୍ୱିତୀୟଟି ଫିଲ୍ଡ ଗୋଲ ଦେଇଥିଲେ। ଶେଷ ପର୍ଯ୍ୟାୟରେ ୨ଟି ଗୋଲ ହୋଇଥିଲା। ୫୯ତମ ମିନିଟରେ ମାଲେସିଆ ଅଧିନାୟକ ଅନୁଆର ଅଖିମୁଲ୍ଲା ଗୋଟିଏ ଗୋଲ ପରିଶୋଧ କରିଥିଲେ ହେଁ ୬୦ତମ ମିନିଟରେ ନେଦରଲାଣ୍ଡ୍ସର ବୁକେନ୍ସ ପେନାଲ୍ଟି କର୍ନରରୁ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ନେଦରଲାଣ୍ଡ୍ସ ୩-୦ ଗୋଲରେ ଅଗ୍ରଣୀ ରହିଥିଲା।

# ବର୍ଷା ଉରାଇଲା

**ଭୁବନେଶ୍ୱର, ୩।୧୨ (କ୍ରୀଡ଼ା ପ୍ରତିନିଧି):** ପ୍ରଥମ ସେମିଫାଇନାଲ ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଶୁକ୍ରବାର ଅପରାହ୍ନ ୪ଟା ୩୦ରୁ ଆରମ୍ଭ ହୋଇଥିଲା। ମାତ୍ର ବାତ୍ୟା ଜୱାଦ ପ୍ରଭାବରେ ମ୍ୟାଚର ପ୍ରଥମ କ୍ୱାର୍ଟରରୁ ହିଁ ଝିପିଝିପି ବର୍ଷା ଆରମ୍ଭ ହୋଇ ଯାଇଥିଲା। ପ୍ରଥମ ସେମିଫାଇନାଲର ପୂରା ମ୍ୟାଚ ଝିପିଝିପି ବର୍ଷା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବର୍ଷା ଲାଗି ରହିବା ସତ୍ତ୍ୱେ କିଛି ଦର୍ଶକ ରେନ୍‌କୋଟ ପିନ୍ଧି ଓ ଆଉ କିଛି ଛତା ଧରି ମ୍ୟାଚ ଉପଭୋଗ କରୁଥିବା ଦେଖା ଯାଇଥିଲା।




# ଶୁଟ୍‌ଆଉଟରେ ଜିତିଲା ବେଲ୍‌ଜିୟମ

**ଭୁବନେଶ୍ୱର, ୩।୧୨ (କ୍ରୀଡ଼ା ପ୍ରତିନିଧି)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ କ୍ଲାସିଫିକେଶନ କ୍ରସ୍ ଓଭର ମ୍ୟାଚରେ ବେଲଜିୟମ ଶୁଟ୍‌ଆଉଟ ୪-୩ ଗୋଲରେ ସ୍ପେନକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିଥିଲା। ବିଜୟୀ ବେଲଜିୟମ ୫-୬ ସ୍ଥାନ ଏବଂ ସ୍ପେନ ୭-୮ ସ୍ଥାନ ପାଇଁ ମ୍ୟାଚ ଖେଳିବ।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ସ୍ପେନ ଏକଦା ୨-୦ରେ ଅଗ୍ରଣୀଲାଭ କରିଥିଲେ ହେଁ ତା'ର ଫାଇଦା ନେଇପାରି ନ ଥିଲା। ମ୍ୟାଚର ୪ର୍ଥ ଏବଂ ୨୪ତମ ମିନିଟରେ ପାଉ କୁନିଲ ୨ଟି ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ସ୍ପେନକୁ ୨-୦ରେ ଅଗ୍ରଣୀ କରାଇଥିଲେ। କୁନିଲ ପ୍ରଥମ ଗୋଲକୁ ପେନାଲ୍ଟି କର୍ନର ଏବଂ ଦ୍ୱିତୀୟ ଗୋଲ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଦେଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ବେଲଜିୟମ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୩୩ତମ ମିନିଟରେ ବେଲଜିୟମର ଜେରେମି ୱିଲବର୍ସ ଏକ ଫିଲ୍ଡ ଗୋଲ ଦେଇ ସ୍ପେନର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ। ତୃତୀୟ କ୍ୱାର୍ଟରର ଅବଶିଷ୍ଟ ୧୨ ମିନିଟ ଏବଂ ଅନ୍ତିମ କ୍ୱାର୍ଟରର ପ୍ରାରମ୍ଭରେ ଖେଳ ବେଶ୍ ରୋମାଞ୍ଚକ ହୋଇଥିଲା। ତେବେ ଖେଳ ଶେଷ ହେବାର ୨ ମିନିଟ ପୂର୍ବରୁ ଅର୍ଥାତ୍ ୫୬ତମ ମିନିଟରେ ଥିବେଉ ଷ୍ଟକ୍‌ବ୍ରୋକ୍ସ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଅବଶିଷ୍ଟ ୨ ମିନିଟରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ଜୋରଦାର ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନ ଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ବେଲଜିୟମର ରୋମାନ ଡୁଭେକଟ, ଥିବେଉ ଷ୍ଟକ୍‌ବ୍ରୋକ୍ସ, ଟୋବାଇସ ବିକେନ୍ସ ଓ ଜେରେମି ୱିଲବର୍ସ ଗୋଲ ଦେଇଥିବାବେଳେ ସ୍ପେନ ପକ୍ଷରୁ ରାଫାଲ ଭିଲାଲୋଙ୍ଗା ଓ ଇଗ୍ନାସିଓ ଆବାଜୋ ଗୋଲ ଦେଇଥିଲେ ଏବଂ ମାନୁଏଲ ରୋଡ୍ରିଗ୍ୱେଜ ଓ ବୋର୍ଜା ଲାକାଲେ ମିସ୍ କରିଥିଲେ। ବିଜୟୀ ଦଳର ଡବଲ ଗୋଲ ସ୍କୋରର ଷ୍ଟକ୍‌ବ୍ରୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ସ୍ପେନ-ବେଲଜିୟମ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୪ ଡିସେମ୍ବର, ୨୦୨୧



## ଖପ୍ରାଖୋଲ ଠାରେ ଧାନ ମଣ୍ଡି ଉଦ୍‌ଘାଟିତ

ଖପ୍ରାଖୋଲ,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ସଦର ମହକୁମା ପ୍ରାଥମିକ କୃଷି ସମବାୟ ସମିତି ତରଫରୁ ଧାନଖଳା ଠାରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ବ୍ଲକ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପାଟଣାଗଡ଼ କୃଷି ଜିଲା ଅଧିକାରୀ ଗୁରୁମିତ ସିଂ, ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ସମ୍ପାଦକ ଶ୍ରୀପତି ଭୋଇ, ଡିଇଓ ରାଜୀ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ନେତା ତାପସ ରଞ୍ଜନ ବେହେରା, ଜେନାମଣି ସାହୁ, ଗୁଣମଣି ଭୋଇ,ଉମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାମାନ୍ୟ ବଚସାରୁ ଏସିଡ୍ ମାଡ, ୩ ଆହତ

ବିନିକା,୩।୧୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗ୍ରାପ ଗୁଲୁଣ୍ଡା ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। କାମକୁ ନେଇ ୩ ଜଣ ସାଙ୍ଗଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଏସିଡ୍ ଫିଙ୍ଗା ଯାଏ କଥା ଯାଇଛି। ଏସିଡ୍ ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ଜଣକ ଅବସ୍ଥା ଗୁରୁତର ରହିଛି। ପ୍ରକାଶ ଯେ, ଗତକାଲି ରାତିରେ ଗୁଲୁଣ୍ଡା ଗ୍ରାମର ବୃନ୍ଦାବନ ଛତ୍ରିଆ ଘର ପାଖ ଚିରମୁନୀ ଛକକୁ ଅଣ୍ଡା କିଣିବା ପାଇଁ ଯାଇଥିଲେ। ବୃନ୍ଦାବନ ଶ୍ରମିକ ଭାବେ କାମ କରନ୍ତି। ସେ ଅଣ୍ଡା କିଣିବାକୁ ଯାଇଥିବା ସମୟରେ ତାଙ୍କର ଆଉ ଦୁଇ ଜଣ ଶ୍ରମିକ ସାଥୀ ବିକ୍ରମ ହରିପାଳ ଓରଫ ପୁପୁଲ ଓ ରାଜ ମଲ୍ଲିକ ସେଠାରେ ଉପସ୍ଥିତ ଥିଲେ। ତିନି ସାଙ୍ଗ ଭେଟାଭେଟି ହେବା ପରେ ପୂର୍ବରୁ ସେମାନେ ମିଶିକି କରିଥିବା ଏକ ସେଣ୍ଟ୍ରିଂ କାମ ନେଇ କଥା ହୋଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଗୋଟିଏ ପଟେ ବୃନ୍ଦାବନ ଓ ଅନ୍ୟପଟେ ବିକ୍ରମ ଏବଂ ରାଜ ମିଳିତ ହୋଇ ପାଟିତୁଣ୍ଡ ଜୋରରେ କରିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଉତ୍ତ୍ୟକ୍ତ ହୋଇ ବୃନ୍ଦାବନଙ୍କ ଉପରକୁ ଏସିଡ୍ ଫିଙ୍ଗି ଥିଲେ। ବୃନ୍ଦାବନ ଏସିଡ ବୋତଲ ଛଡାଇବା ଉଦ୍ୟମ କରିବା ବେଳେ ପୁପୁଲ ଓ ରାଜ୍‌ଙ୍କ ହାତରେ ଏସିଡ ଛିଟିକି ପଡିଥିଲା। ବୃନ୍ଦାବନଙ୍କ ମୁହଁ ଓ ଆଖିରେ ଏସିଡ୍ ପଡିଥିବା ଯୋଗୁ ଗୁରତର ଆହତ ହୋଇଛନ୍ତି। ଅନ୍ୟ ୨ ଜଣ ମଧ ଆହତ ହୋଇଛନ୍ତି। ବିନିକା ପୋଲିସ ପହଞ୍ଚି ଆହତ ତିନି ଜଣଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।ପରେ ସେମାନଙ୍କୁ ବୁର୍ଲା ମେଡିକାଲ ପଠାଯାଇଛି। ଶୁକ୍ରବାର ଆହତ ବୃନ୍ଦାବନଙ୍କ ଭିଣୋଇ ବିନିକା ଥାନାରେ ଏ ନେଇ ଏତଲା ଦେଇଛନ୍ତି। ଅଭିଯୋଗକ୍ରମେ ଥାନାରେ ୨୩୬/୨୧ ନଂରେ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ସୁଦ୍ଧା ପୋଲିସ କାହାକୁ ଗିରଫ କରିନାହିଁ।

### ଭାରତୀୟ ମଜଦୁର ସଂଘ ପକ୍ଷରୁ ଦାବିପତ୍ର

ଗୋଲାମୁଣ୍ଡା,୩।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ଶ୍ରମିକମାନଙ୍କ ୪ଦଫା ଦାବିପତ୍ର ନେଇ ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘ ଜିଲା ଉପସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ଗୋଲାମୁଣ୍ଡା ଭଣ୍ଡାର ଘରଣୀ ମନ୍ଦିରଠାରୁ ବାହାରି ବିଭିନ୍ନ ନାରାବାଜି ଦେଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଖିଳ ଭାରତୀୟ ସଂଘ ଉପଦେଷ୍ଟା ବିରଞ୍ଚି ପଣ୍ଡା, ଭାରତୀୟ ମଜଦୁର ସଂଘ ଜିଲା ସଭାପତି ବିଶ୍ୱରଞ୍ଜନ ସା, ସମ୍ପାଦକ ସୁରେନ୍ଦ୍ର ମୋହନ କର, ବ୍ଲକ ସଭାପତି ମୋହନ ରାଉତ, ମହିଳା ସେଲ ସଭାନେତ୍ରୀ ଚେତନା ମାଝି, ପ୍ରିୟଙ୍କା ସାହୁଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟରତ ଶ୍ରମିକ, କୃଷି ଶ୍ରମିକ, ନିର୍ମାଣ ଶ୍ରମିକ, ଅଙ୍ଗନୱାଡି, ଆଶା, ଘରୋଇ ସେବିକା, ମୋଟର ଚାଳକ, ଠିକା କର୍ମଚାରୀ ଓ ଅନ୍ୟାନ୍ୟ ଅସଙ୍ଗଠିତ କ୍ଷେତ୍ରରେ ଲକ୍ଷ ଲକ୍ଷ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିବା ବେଳେ ଏହାର ସମାଧାନ ନିମନ୍ତେ ନିର୍ମାଣ ଶ୍ରମିକମାନଙ୍କ ଭଳି ଅଣସଙ୍ଗଠିତ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ ସକାଶେ ଦାବି ଉପସ୍ଥାପନା କରାଯାଇଥିଲା।

# ପୌର ଅଫିସ, କଲଟରୀ ସମ୍ମୁଖରେ ଧାରଣା

**ଜବରଦଖଲ ଉଚ୍ଛେଦକୁ ପ୍ରତିବାଦ**
- ମ୍ୟୁନିସିପାଲଟି ଅଫିସକୁ ଧସେଇ ପଶିଲେ ମହିଳା, ପୁରୁଷ।
- ଏଡିଏମ୍, ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା।

ବଲାଙ୍ଗୀର ଅଫିସ, ୩।୧୨

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ସରକାରୀ ଜମିରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ଏହି ଉଚ୍ଛେଦ ଅଭିଯାନରେ ଶତାଧିକ ପରିବାର ପ୍ରଭାବିତ ହେଉଛନ୍ତି। ବଲାଙ୍ଗୀର ସହର ଇନ୍ଦିରାନଗର, ଇଚ୍ଛାପଡା, ହାତୀଶାଳପଡାରେ ସରକାରୀ ଜମି ଜବରଦଖଲ କରି ଘର କରିଥିବା ଲୋକଙ୍କୁ ଉଚ୍ଛେଦ କରାଯିବ ବୋଲି ପ୍ରଚାରିତ ହେବା ପରେ ଶୁକ୍ରବାର ବିଭିନ୍ନ ପଡାର ଶତାଧିକ ମହିଳା ଓ ପୁରୁଷ ରାଲିରେ ସହର ପରିକ୍ରମା କରି ପ୍ରଥମେ ପୌର ପରିଷଦ ଅଫିସ ଓ ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମ୍ୟୁନିସିପାଲିଟି ଅଫିସ ନିକଟରେ ନାରାବାଜି କରିଥିଲେ। ଇନ୍ଦିରାନଗର, ଇଚ୍ଛାପଡା ସହ ସହରର ଅନ୍ୟ ଅଞ୍ଚଳରେ ରହୁଥିବା ଗରିବ ଜନସାଧାରଣଙ୍କୁ ଉଚ୍ଛେଦ କରା ନ ଯାଇ ସେମାନେ ରହୁଥିବା ଅଞ୍ଚଳରେ ଥଇଥାନ କରାଯାଉ ବୋଲି ଦାବି କରିଥିଲେ। ରାଜ୍ୟ ସରକାର ବସ୍ତି ଅଞ୍ଚଳରେ କଂକ୍ରିଟ ରାସ୍ତା, ପିଇବା ପାଇଁ ପାଣି, ବିଜୁଳି, ଟେଲିଫୋନ୍, ସ୍କୁଲ, କ୍ଲବ୍, ମନ୍ଦିର, ଅନୁଦାନ, ଅଙ୍ଗନୱାଡି କେନ୍ଦ୍ର, ଆଧାର କାର୍ଡ, ଭୋଟର କାର୍ଡ, ରାସନ କାର୍ଡ, ବ୍ୟାଙ୍କଖାତା, ବ୍ୟାଙ୍କରଣ ସୁବିଧା ଯୋଗାଇଲା ପରେ କାହିଁକି ଏବେ ଉଚ୍ଛେଦ କଥା ଉଠାଯାଉଛି ବୋଲି କହିଥିଲେ। ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ଅଫିସ ସମ୍ମୁଖକୁ ଡାକିଥିଲେ। ସେଠାରେ ପୋଲିସ ଉପସ୍ଥିତିରେ ହୋହଲ୍ଲା, ଯୁକ୍ତିତର୍କ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ନିର୍ବାହୀ ଅଧିକାରୀ ଦୀପ ଅଫିସ ଭିତରକୁ ଯିବାବେଳେ ତାଙ୍କ ସହ ବହୁ ମହିଳା ଓ ପୁରୁଷ ଅଫିସ ଭିତରକୁ ଧସେଇ ପଶିଥିଲେ। ଦୀର୍ଘ ସମୟ ଧରି ସେଠାରେ ଆଲୋଚନା ହେବା ପରେ ନିର୍ବାହୀ ଅଧିକାରୀ ଦାବିପତ୍ର ଗ୍ରହଣ କରିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଦାବି ସମ୍ପର୍କରେ ଜଣାଇବେ ବୋଲି କହିଥିଲେ। ଏହାପରେ ରାଲିରେ ଆସିଥିବା ମହିଳା ଓ ପୁରୁଷ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ସେଠାରେ କଚେରି ଛକରେ ରାସ୍ତାରୋକୋ କରିଥିଲେ। ଏକ ପ୍ରତିନିଧି ମଣ୍ଡଳୀଙ୍କୁ ଆଲୋଚନା ପାଇଁ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ଡାକିଥିଲେ। ବିକ୍ଷୋଭକାରୀଙ୍କ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ତରଫରୁ ଏପର୍ଯ୍ୟନ୍ତ ଇନ୍ଦିରାନଗର ଅଞ୍ଚଳରେ ଉଚ୍ଛେଦ ନୋଟିସ ଦିଆଯାଇନାହିଁ। ଏବେ ସେଠାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ ବୋଲି କହିଥିଲେ। ଏହାପରେ ପ୍ରତିନିଧି ଦଳ ସେଠାରୁ ଫେରି ଆସିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ଏଡିଏମ୍‌ଓ ଲାଗୁରୀଙ୍କୁ ପଚାରିବାରୁ ପ୍ରଶାସନ ତରଫରୁ ଇନ୍ଦିରାନଗର ଅଞ୍ଚଳରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇନାହିଁ କି ନୋଟିସ ଦିଆଯାଇନାହିଁ ବୋଲି କହିଥିଲେ। ଇନ୍ଦିରାନଗରରେ ଯେଉଁ ନୋଟିସ ଛପାଯାଇଛି ତାହା କ'ଣ ବୋଲି ପଚାରିବାରୁ ଯେଉଁମାନଙ୍କ ବାର୍ଷିକ ଆୟ ୬୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ରହିଛି, ସରକାରୀ ଚାକିରିଆ କିମ୍ବା ପେନସନ୍‌ଭୋଗୀ ରହିଛନ୍ତି, ସେମାନେ ସର୍ଭେ ସମୟରେ ଯେଉଁ ସରକାରୀ ଜମି ପ୍ରମାଣପତ୍ର ତାଲିକାଭୁକ୍ତ ହୋଇଥିଲେ ତାକୁ ଖାରଜ୍ କରାଯାଇଛି ବୋଲି ସୂଚନା ଦେଇଥିଲେ। ସଦର ଏଡିପିଓ ତୋଫାନ୍ ବାଗ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତ୍‌ରାୟ ଓ ପୋଲିସ ବାହିନୀ ଉପସ୍ଥିତ ଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

**ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀଙ୍କ ଚେତାବନୀ**

ବରଗଡ଼ ଅଫିସ୍,୩।୧୨

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀମାନେ ୩ଦଫା ଦାବିରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀମାନଙ୍କ ନିୟମିତ ଅବସରକାଳୀନ ଭତ୍ତା ପ୍ରଦାନ ସହିତ ସେବା ସର୍ତ୍ତାବଳୀ, ଛୁଟି ନିୟମ, କ୍ୟାଡ଼ର ରୁଲ୍ ପ୍ରଚଳନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ମଞ୍ଜୁର ଏବଂ ଅର୍ଥ ବିଭାଗ ଦ୍ୱାରା ଅନୁମୋଦନ ଲାଭ କରିଥିବା ସୁବିଧା ସୁଯୋଗ ପ୍ରଦାନ, କର୍ମଚାରୀଙ୍କ ବେତନ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲ ମାଧ୍ୟମରେ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଆସନ୍ତା ୧୨ତାରିଖ ସୁଦ୍ଧା ଦାବି ସମୂହ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ୧୩ରୁ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ଶିବ ପ୍ରସାଦ ପଟେଲ, ସୁଧୀର କୁମାର ଦେବତା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଆନ୍ତଃ କଲେଜ ଫୁଟବଲ: ମାଁ ଝାଡ଼େଶ୍ୱରୀ କଲେଜ ଚାମ୍ପିୟନ



ମୁଖ୍ୟଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

ଅତାବିରା,୩।୧୨(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜ ପଡ଼ିଆରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃ କଲେଜ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗ୍ରୁପ-ଏ ବିଜେତା ତୋରା କଲେଜ ଏବଂ ଗ୍ରୁପ-ବି ବିଜେତା ମାଁ ଝାଡ଼େଶ୍ୱରୀ କଲେଜ, ଧମା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ଏଥିରେ ଧମାର ମାଁ ଝାଡ଼େଶ୍ୱରୀ କଲେଜ ଚାମ୍ପିୟନ ହୋଇଥିଲା। କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ରମଣୀ ରଞ୍ଜନ ସାହୁ, କଲେଜ ପରିଚାଳନା କମିଟି ସଭାପତି ରବି ନାରାୟଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅଶ୍ୱିନୀ କୁମାର ପ୍ରଧାନ, ଲରମ୍ଭା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୟ କୁମାର ନାୟକ, ଚିତ୍ତରଞ୍ଜନ ଛନ୍ଦ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। କଲେଜର ଶାରୀରିକ ଶିକ୍ଷା ଅଧ୍ୟାପକ ହରିଶ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିବୃନ୍ଦ କୃତୀ ଦଳ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସୁରେଶ ଦାଶ, ଶୁଭମ ପାତ୍ର, ଶଶିକାନ୍ତ ଦାସିଆ, ଲିଙ୍ଗରାଜ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ନିରଞ୍ଜନ ମହାକୁର, ପଞ୍ଚାନନ ପାତ୍ର ଖେଳ ପରିଚାଳନା କରିଥିଲେ।

## ସହାୟିକା ଚୟନରେ ପାତରଅନ୍ତର

**ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ମହିଳା**

ନୂଆପଡ଼ା ଅଫିସ,୩।୧୨

ନୂଆପଡା ସଦର ବ୍ଲକ କେନ୍ଦୁବାହାରା ପଞ୍ଚାୟତ ଜାମୁର ସାଲେଭଟା ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଚୟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ରକରି ଶୁକ୍ରବାର ଗ୍ରାମର ମହିଳାମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଜାମୁର ସାଲେଭଟା ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁସାରେ ୨ ତାରିଖ (ଗୁରୁବାର)ରେ ଏହି ପଦବୀ ପୂରଣ ପାଇଁ ବୈଠକ ଡକାଯାଇଥିଲା । ତେବେ ଏହି ପଦବୀ ନିୟମ ଅନୁଯାୟୀ ଜଣେ ମହିଳା କେନ୍ଦ୍ର ପରିସରଭୁକ୍ତ ବାସିନ୍ଦା ହୋଇଥିବା ଆବଶ୍ୟକ, ମହିଳାଙ୍କ ବୟସ ୨୦୨୧ ଜାନୁୟାରୀ ୧ ତାରିଖ ସୁଦ୍ଧା ୧୮ରୁ ଊର୍ଦ୍ଧ୍ୱ ବର୍ଷ କିମ୍ବା ୪୨ ବର୍ଷରୁ କମ ହୋଇଥିବା ଆବଶ୍ୟକ। ସେ ଓଡିଆ ଭାଷା ଲେଖି ପଢି ଜାଣିଥିବେ। ପ୍ରାର୍ଥୀନି ବିଧବା କିମ୍ବା ସ୍ୱାମୀଙ୍କଠାରୁ ଛାଡପତ୍ର ପାଇଥିବା ଅବା ୩୫ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତ ରହିଥିବେ। ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ। ସହାୟିକା ପଦବୀ ପାଇଁ ଜାମୁର ସାଲେଭଟାର ୩ଜଣ ମହିଳା ଏବଂ କେନ୍ଦୁବାହାରା ଗ୍ରାମର ଜଣେ ମହିଳା ଆବେଦନ କରିଥିବା ବେଳେ କେନ୍ଦୁବାହାରା ଗ୍ରାମର ମହିଳାଙ୍କୁ ମନୋନୀତ କରିବା ନେଇ ଗ୍ରାମର ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ଗ୍ରାମର ମହିଳାମାନେ କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଏ ନେଇ ନୂଆପଡା ସମ୍ମନିତ ଶିଶୁ ବିକାଶ ପ୍ରକଳ୍ପ ନିର୍ଦ୍ଦେଶିକା ଶାନ୍ତା ବାରିକଙ୍କୁ ପଚାରିବାରୁ ଏହା ସମ୍ପୂର୍ଣ୍ଣ ନିୟମରେ ହୋଇଛି। ବୈଠକରେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଆବେଦନ ୪ଜଣ ମହିଳାଙ୍କ ମଧ୍ୟରୁ ଜଣେ ୪୪ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଅନ୍ୟ ୨ଜଣ ବିଭିନ୍ନ ନିୟମରେ କଟି ଯାଇଥିଲେ। କେନ୍ଦୁବାହାରା ଗ୍ରାମର ଅବିବାହିତା ଝିଅ ଉର୍ମିଳା ମିର୍ଦ୍ଧାଙ୍କ ସପକ୍ଷରେ ସମସ୍ତେ ମତ ପ୍ରକାଶ କରିଥିଲେ। ଏଥିରେ ଉପସ୍ଥିତ ମହିଳା ଓ ପଞ୍ଚାୟତିରାଜ ଅଧିକାରୀମାନେ ନିଜର ସହମତି ପ୍ରକାଶ କରିଥିଲେ ବୋଲି ସେ କହିଥିଲେ।

## ପ୍ରଥମ ଦିବସରେ ଦେଓଗାଁ ଓ ନାଇକେନସିରା ବିଜୟୀ

**ରୟାଲ ଷ୍ଟାର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଦେଓଗାଁ, ୩।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ଖେଳପଡିଆରେ ସିଲେଟକାନୀ ଫୁଟବଲ ଟିମ୍ ତରଫରୁ ଶୁକ୍ରବାର ୧୨ତମ ରୟାଲ ଷ୍ଟାର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଦିବସରେ ନାଇକେନସିରା ଓ ଧଣ୍ଡାମାଲ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।ଏଥିରେ ନାଇକେନସିରା ଦଳ ବିଜୟୀ ହୋଇଥିବା ବେଳେ ଦେଓଗାଁ ଓ ଉଲବା ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଓଗାଁ ଦଳ ବିଜୟୀ ହୋଇଥିଲେ। ରାଜୁ ବେହେରା ଓ ଶେଷଦେବ ବେହେରା ଖେଳ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ରାକେଶ ଗଡତ୍ୟା ଓ ଜିତୁ ବଗର୍ତ୍ତି ଦାୟିତ୍ୱ ନିର୍ବାହ କରିଥିଲେ । ଶେଷଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଶୁଶିଳ କୁମାର ଚାନ୍ଦ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ସରପଞ୍ଚ ଧୃବଲେ ରାଉତ , ଡା. ଶଶୀଭୂଷଣ ସାହୁ ଯୋଗ ଦେଇଥିଲେ । ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ସିଲେଟକାନୀ ଫୁଟବଲ ଟିମର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି ।

## ମଣ୍ଡି ପରିଦର୍ଶନ କଲେ ଜିଲାପାଳ

ବରଗଡ଼ ଅଫିସ୍,୩।୧୨

ଚଳିତ ଖରିଫ ଋତୁରେ ବରଗଡ଼ ଜିଲାରେ ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇଥିବା ଧାନ ସଂଗ୍ରହ ପ୍ରକ୍ରିୟାକୁ ତଦାରଖ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଜିଲାପାଳ ମୋନିଷା ବାନାର୍ଜୀ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ବିଭିନ୍ନ ମଣ୍ଡି ପରିଦର୍ଶନ କରିଥିଲେ। ଜିଲାପାଳ ପ୍ରଥମେ ଗୁଡ଼େଶିରା ମଣ୍ଡି ପରିଦର୍ଶନ ବେଳେ କାଗଜାତ୍ ଓ ଗୋଦାମ ଗୃହରେ ଗଚ୍ଛିତ ଧାନ ଦେଖିଥିଲେ ଏବଂ ତୁରନ୍ତ ସେହି ଧାନ ଉଠାଇବା ପାଇଁ ମିଲର୍ସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବେହେରା ମଣ୍ଡି ପରିଦର୍ଶନ କରି ଧାନ କିଭଳି ସୁରୁଖୁରୁରେ ବିକ୍ରି ହୋଇପାରିବ, ସେ ଦିଗରେ କାର୍ଯ୍ୟ ସମ୍ପାଦନ ପାଇଁ ପ୍ୟାକ୍ସ, ଆରଏମ୍‌ସି କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସେଠାରେ ଉପସ୍ଥିତ ଚାଷୀ, ଉପସ୍ଥିତ ଲୋକଙ୍କ ସହିତ ବଜାର ବ୍ୟବସ୍ଥା, ଉପଲବ୍ଧ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ପରେ ଜିଲାପାଳ ବରପାଲି ମଣ୍ଡି ଏବଂ ରେମତା କ୍ରୟକେନ୍ଦ୍ର ପରିଦର୍ଶନ କରିଥିଲେ। ମାଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ରେମତା ଧାନ କ୍ରୟକେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଚାଷୀ ଯେଭଳି ସୁବିଧାରେ ଧାନ ବିକ୍ରିକରିପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ଏସ୍‌ଏଚ୍‌ଜି ମହିଳାଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ସମୟରେ ବରଗଡ଼ ଆରଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ, ସହକାରୀ ଯୋଗାଣ ଅଧିକାରୀ ସଞ୍ଜୁଲତା ପ୍ରଧାନ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ତରବୋଡ଼ ଅଞ୍ଚଳକୁ ମରୁଡ଼ି ଘୋଷଣା ଦାବି



ଚାଷୀମାନେ ଦାବିପତ୍ର ଦେବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆସିଛନ୍ତି।

ନୂଆପଡ଼ା ଅଫିସ,୩।୧୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଅଞ୍ଚଳରେ କ୍ରମାଗତ ମରୁଡି ଲାଗି ରହିଥିବାରୁ ଚଳିତ ଖରିଫ ଋତୁ ୨୦୨୧-୨୨ ଧାନ କିଣା ପାଇଁ ତରବୋଡଠାରେ ଖୋଲିଥିବା ମଣ୍ଡିକୁ ବନ୍ଦ କରି ଅଞ୍ଚଳକୁ ମରୁଡି ଘୋଷଣା କରିବା ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ତରବୋଡ ଅଞ୍ଚଳ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨୦୧୪ଠାରୁ ୨୦୨୧ ପର୍ଯ୍ୟନ୍ତ କ୍ରମାଗତ ୭ ବର୍ଷ ହେଲା ତରବୋଡ ଅଞ୍ଚଳର ତରବୋଡ, ଜଟଗଡ, ସିଲଭା, ଲଖନା, ସମରସିଂ, କୁରୁମପୁରି, ସିଆଲଲଟି, ଦର୍ଲିପଡା, ଠିକପାଲି, ଗଣ୍ଡାମେର, ନୂଆଗାଁ, କାଣ୍ଡେତରା, ମାନିଗୁଡା ଆଦି ପଞ୍ଚାୟତରେ ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ରୁଆ, ବେଉଷଣ କାର୍ଯ୍ୟ ହୋଇପାରିନାହିଁ। ଅଞ୍ଚଳର ଜମିବାଡିରେ କୌଣସି ଫସଲ ହୋଇନାହିଁ। ଅଞ୍ଚଳରେ ଚାଷ ହୋଇ ନାହିଁ। ଚାଷୀ କେଉଁଠୁ ଧାନ ଆଣି ମଣ୍ଡିରେ ବିକ୍ରି କରିବେ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ପୂର୍ବ ମରୁଡିରେ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ ମଧ୍ୟ ଏଯାଏଁ କ୍ଷତିପୂରଣ ପାଇନାହାନ୍ତି। କ୍ରମାଗତ ମରୁଡି ସାଙ୍ଗକୁ କରୋନା ମହାମାରୀ ଯୋଗୁ ଚାଷୀ ସ୍ୱର୍ବସ୍ୱାନ୍ତ ହୋଇଛନ୍ତି। ଏହି ଆର୍ଥିକ ଅନାଟନ ଦୃଷ୍ଟିରୁ ଚଳିତବର୍ଷ ଚାଷୀମାନେ ଫସଲ ବୀମା ମଧ୍ୟ କରି ପାରିନାହାନ୍ତି। ଏଭଳି ପରିସ୍ଥିତିରେ ତରବୋଡରେ ଧାନ ମଣ୍ଡି ଖୋଲାଯାଇ ଦଲାଲଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଚାଷୀମାନେ ଫୋନରେ ଯୋଗାଯୋଗ କରିବାରୁ ଶନିବାର ମୁଁ ନିଜେ ଯାଇ ତଦନ୍ତ କରିବି ବୋଲି କହିଥିଲେ। ତରବୋଡ ମଣ୍ଡି ଶୀଘ୍ର ବନ୍ଦ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଓ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ତରବୋଡ ସରପଞ୍ଚ ମାୟା ସୁନାନୀ, ବ୍ରହ୍ମାନନ୍ଦ ସୁନାନୀ, ବିରଚନ ବନଛୋର, ମନ ରଞ୍ଜନ ବଘେଲ, ମନିଶ ଦୁବେ, ମେସରୁ ସେଠି, ଚନ୍ଦ୍ର ଶେଖର ଅହିର, ପର୍ଶୁ ମହରା, କାର୍ତ୍ତିକ ମହରା, ହେମନ୍ତ ପୋଡ, ମାୟଙ୍କ ଦୁବେ, ରତନ ଦୁବେ ପ୍ରମୁଖ ଦାବି କରିଛନ୍ତି ।

## କାଠ ଡିପୋ ଖୋଲିବା ନେଇ ଡିଏଫଓଙ୍କୁ ଦାବିପତ୍ର

ଲାଠୋର,୩।୧୨(ଡି.ଏନ.ଏ.): ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଲାଠୋରରେ ଏକ କାଠ ଡିପୋ ଖୋଲିବା ପାଇଁ ରେଞ୍ଜର ପ୍ରଭାତୀ ସେଠଙ୍କ ଜରିଆରେ ବଲାଙ୍ଗୀର ଡିଏଫଓଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି। ଲାଠୋର ବନାଞ୍ଚଳରେ ଶବ ଦାହ ପାଇଁ କାଠର ଅଭାବ ରହିଛି। ଏଠାରେ ସରକାରୀ ଭାବେ କୌଣସି ଡିପୋ ନାହିଁ। ଫଳରେ ଲୋକେ ଜଙ୍ଗଲରୁ କାଠ ଆଣି ଅଦାଲତର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଲାଠୋରରେ ଏକ କାଠ ଡିପୋ ଆବଶ୍ୟକତା ରହିଛି। ବନ ବିଭାଗ ଦାବିକୁ ଗୁରୁତ୍ୱର ସହ ନେଇ ଏକ କର୍ପୋରେଶନ ଡିପୋ ଖୋଲିବାକୁ ଦାବି କରାଯାଇଛି।

GOVERNMENT OF ODISHA No. C-1452

OFFICE OF THE PURI MUNICIPALITY, PURI

Email: purim.hud@nic.in

NATIONAL COMPETITIVE BIDDING THROUGH e-Procurement

Identification No. P.M. 07/2021-22
Notice No. 7987 Dated: 01.12.21

| | | |
|---|---|---|
| 1. | Type of Work | Civil Work |
| 2. | Total No. of works | 45 Nos. of Individual works |
| 3. | Estimate Cost | Rs.97230/- to Rs.1785608/- |
| 4. | Period of Completion | 30 Days |
| 5. | Date & time of availability of bid document in the portal | From 03 P.M. of 01.12.2021 to 05 P.M. of 09.12.2021 |
| 6. | Last date/time for receipt of bid in the portal | Upto 05 P.M. of 09.12.2021 |
| 7. | Date of opening of Bid | 11 A.M. of Dtd.10.12.2021 |
| 8. | Name & address of the Officer Inviting Bid | Executive Officer, Puri Municipality, Puri |

Further detail can be seen from the e-procurement portal www.tendersorissa.gov.in.

Sd./- Executive Officer
Puri Municipality, Puri

OIPR-13159/11/0016/2122

ODISHA PUBLIC SERVICE COMMISSION, CUTTACK

NOTICE

No. 8765/PSC Dt.02.12.2021
(1R-80-21-22) (DR-V)

No. D-216: It is for information of all concerned that, document verification of candidates having PPSAN mentioned below for the post of **Associate Professor in Vyakarana** pursuant to Advertisement No. 06 of 2021-22 shall be held on **18.12.2021** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 18.12.2021 | 10.30 A.M. | 00109927 & 00109076 = **02 Candidates** |

The candidates are required to submit the following documents at the time of verification.
1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form",** (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experinece.
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Confrence.

Besides :
   i. Copies of the 1st Pages of each Research Publication/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate strictly advised to adhere to the **COVID Guidelines** as notified by the Government from time to time.

OIPR-12002/11/0152/2122 Sd./- Secretary

ODISHA PUBLIC SERVICE COMMISSION, CUTTACK

NOTICE

No. 8782/PSC Dt.02.12.2021
(1R-81-21-22) (DR-V)

No. D-220: It is for information of all concerned that, document verification of candidates having PPSAN mentioned below for the post of **Associate Professor in Veda** pursuant to Advertisement No. 06 of 2021-22 shall be held on **15.12.2021** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 15.12.2021 | 2.30 P.M. | 00110514, 00089839 & 00087719 = **3 Candidates** |

The candidates are required to submit the following documents at the time of verification.
1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form",** (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experinece.
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Conference.

Besides :
   i. Copies of the 1st Pages of each Research Publications/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID Guidelines** as notified by the Government from time to time.

OIPR-12002/11/0156/2122 Sd./- Secretary

**ଭାଜପା ଆଦିବାସୀ ମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ**

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା ଭାଜପା ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଟାଉନହଲଠାରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଆଦିବାସୀ ମୋର୍ଚ୍ଚାର ସଭାପତି ଡମ୍ବରୁଧର କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଆଦିବାସୀ କଲ୍ୟାଣ ଯୋଜନାର ସୁଫଳ ଯେପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେନେଇ କାର୍ଯ୍ୟ କରିବାକୁ କୁହାଯାଇଥିଲା। ବୈଠକରେ ଭାଜପା ଜିଲା ସଭାପତି ବିପ୍ରଚରଣ ମହାନ୍ତି, ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସୁଶାନ୍ତ କୁମାର ପ୍ରଧାନ.ବସନ୍ତ କୁମାର ପ୍ରଧାନ, ତାପସ କୁମାର ପଟ୍ଟନାୟକ, ମାଗୁଣୀ ଗାଇଗୌରିଆ, ପ୍ରେମାନନ୍ଦ ମିଶ୍ର, ସୁଶାନ୍ତ ବାଘ, ଅଟଳ କୁମାର ପ୍ରଧାନ, ସତ୍ୟାନନ୍ଦ ପାଣ୍ଡେ, ଯୀଶୁ ପ୍ରଧାନଙ୍କ ସମେତ ଆଦିବାସୀ ମୋର୍ଚ୍ଚାର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସାଧାରଣ ଲୋକଙ୍କଠୁ ଭିନ୍ନ ନୁହନ୍ତି ଦିବ୍ୟାଙ୍ଗ

**ବରଗଡ଼ ଅଫିସ୍/ସରଣ୍ଡା/ବରପାଲି,୩।୧୨**

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟଅତିଥି, ଡଃ ଜୟଦେବ ସାହୁ, ଅନ୍ତର୍ଯାମୀ ସାହୁ, ଅନୁରଞ୍ଜନ, ମଞ୍ଜୁଲତା ଦାଶ, ଅଶୋକ ଅଗ୍ରୱାଲ, ପ୍ରଧାନଶିକ୍ଷକ କିଶୋର ସାହୁ, ମେଘନାଦ ସାହୁ, ଅଭୟ ପ୍ରଧାନ, ଶୁକଦେବ ଦାଶ, ଭକ୍ତଚରଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ସାଧାରଣ ଲୋକଙ୍କଠାରୁ ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜମୁର୍ଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନୀଳିମା ପଣ୍ଡା, ଶିକ୍ଷକ ମେଘନାଦ ସାହୁ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ସହାୟତା, ଯୋଜନା ଉପରେ ଆଲୋକପାତ କରିଥିଲେ। ସରପଞ୍ଚ ବାସନ୍ତୀ ଭୁଏ ଉପସ୍ଥିତ ଥିଲେ। ଅତାବିରା ବିଇଓ ଅଫିସ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏବିଇଓ କାର୍ତ୍ତିକ ବାଗ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଡ଼ିଓ ବିଶ୍ୱନାଥ ସାହୁ ମୁଖ୍ୟଅତିଥି, ପ୍ରଧାନଶିକ୍ଷକ ପଞ୍ଚାନନ ନାଥ, ଏବିଇଓ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବ୍ଲକସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ବିଆରସିସି ଦିଲୀପ କୁମାର ଦାଶ, ଏବିଇଓ ରତ୍ନ କୁମାର ଭୋଇ, ଦୁର୍ଯ୍ୟୋଧନ ସିଂହ, ବିଆଇଟି ମୁକୁନ୍ଦ ମେହେର, ତୁଳାରାମ ସାହୁ, ସିଆରସିସି ରାଜୀବ ଲୋଚନ ସାହୁ ଅତିଥି ଭାବେ ଯୋଗଦାନ କରିଥିଲେ।



ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନୁଷ୍ଠିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ।



ସୋନପୁରରେ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଅତିଥିବୃନ୍ଦ।

**ସୋନପୁର,(ନି.ପ୍ର.):** ସୋନପୁର ବ୍ଲକ କଳାପଥରସ୍ଥିତ ଜିଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଜିଲା ନିୟୋଜନ କାର୍ଯ୍ୟାଳୟ ଓ ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ଜିଲା ନିୟୋଜନ ସଂଯୋଜକ ବିଜୟାନନ୍ଦ ମହାନ୍ତି ଓ ନିବେଦିତା ମଲ୍ଲିକ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଭିନ୍ନକ୍ଷମ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ, ସ୍ୱତନ୍ତ୍ର ଶିକ୍ଷିକା ଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ଭିନ୍ନକ୍ଷମମାନଙ୍କ ଅଧିକାର ଓ ଥଇଥାନ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ଉପରେ ଆଲୋକପାତ କରି ସଚେତନତା ସୃଷ୍ଟି କରିଥିଲେ। ବିଦ୍ୟାଳୟର ସମ୍ପାଦକ ଉତ୍ତମ ଚରଣ ଦେହୁରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ । କିରଟି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

**ଭବାନୀପାଟଣା,(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାରେ ଶୁକ୍ରବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସାଇଟସେଭର୍ସ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ୫୦ଜଣ ଭିନ୍ନକ୍ଷମ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଓ ନେତୃତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଭିନ୍ନକ୍ଷମମାନଙ୍କ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ରେଜିଷ୍ଟର ଓ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନ ଜିତ ହୋତା, ଡାକ୍ତର ଏସ ମହାନ୍ତି, ଡିଡିଆରଓ କୁମୁଦିନୀ ମିଶ୍ର, ସିଡବ୍ଲୁସି ସଦସ୍ୟ ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଇଟସେଭର୍ସର ଅଶୋକ ଶବର, ବି ପ୍ରିତମ କୁମାର ଓ ପ୍ରିୟବ୍ରତ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବୋଡେନ,(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକର ସ୍ଥାନୀୟ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ କରାଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି ଭାବେ ଏବିଇଓ ତଥା ବିଆରସିସି ପ୍ରେମାନନ୍ଦ ନାଏକ, ଏବିଇଓ ଦକ୍ଷରାଜ ମହାପାତ୍ର, ଏବିଇଓ ଦିଲୀପ କୁମାର ଦାସ,ସିଆଲଟି ସିଆରସିସି ବୈଷ୍ଣବ ଦୁରିଆ, ନରେନ୍ଦ୍ର ନାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଆରଟି କେଶବ ମେହେର ଓ ଅଜୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରୀମାନଙ୍କୁ ନେଇ ଗୀତ, ବାସକେଲ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ। ସର୍ବଶିକ୍ଷା ଅଭିଯାନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

**ବାଉଁଶୁଣୀ,୩।୧୨(ଡି.ଏନ.ଏ.):** ବୌଦ୍ଧ ବ୍ଲକସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ଆଞ୍ଚଳିକ ସାଧନ କେନ୍ଦ୍ର ତେଲିବନ୍ଧଠାରେ ପାଳିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ବୌଦ୍ଧ ଆନୁକୂଲ୍ୟରେ ହୋଇଥିଲା। ଶାରୀରିକ ଭିନ୍ନକ୍ଷମ, ମାନସିକ ଅନଗ୍ରସର, ଚଳନ ବାଧିତ, ଶ୍ରବଣ ବାଧିତ, ସ୍ୱଳ୍ପ ଦୃଷ୍ଟି ବାଧିତ, ଦୃଷ୍ଟି ବାଧିତ, ମସ୍ତିଷ୍କ ପକ୍ଷାଘାତ ବର୍ଗର ୯୭ ଜଣ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ଶୋଭାଯାତ୍ରା ପରେ ମ୍ୟୁଜିକ ଚେୟାର, ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗିତା କରାଯାଇଥିଲା। ଅନୁଷ୍ଠିତ ସଭାରେ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ଓ ତେଲିବନ୍ଧ ସି ଆର ସି ସି ରାଜକୁମାର ପ୍ରଧାନ ଯୋଗ ଦେଇଥିଲେ। ଅରୁଣ କୁମାର ମେହେର ଓ ଭାଗ୍ୟବତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଭିନ୍ନକ୍ଷମ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଏବିଓ ବ୍ୟାସଦେବ ରାୟ, ରଶ୍ମିମତି ତ୍ରିପାଠୀ, ଟଙ୍କର ଭୋଇ ଅତିଥି ଭାବେ ଯୋଗଦାନ କରିଥିଲେ। ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଥରକ୍ୱାରି, କ୍ରଶର ବନ୍ଦ ଦାବିରେ ଗଣ କନ୍‌ଭେନ୍‌ଶନ

**ବୌଦ୍ଧ,୩।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଛତରଙ୍ଗ ପଞ୍ଚାୟତର ଖରଭୁଇଁ ଠାରେ ଦୀର୍ଘ ଦିନ ଧରି ଚାଲିଥିବା କ୍ରଶର ଓ ପଥରକ୍ୱାରୀ ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ ଖରଭୁଇଁ ଠାରେ ଶୁକ୍ରବାର ଦିନ ଏକ ଗଣ କନଭେନସନ ଗ୍ରାମ୍ୟ କମିଟି ସଭାପତି ଅକ୍ଷୟ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ପୋସ୍କ ପ୍ରତିରୋଧ ସଂଗ୍ରାମ ସମିତି ଅଧକ୍ଷ ଅଭୟ ସାହୁ, ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ଏସ୍‌ଏଚ୍‌ଜି ସଭାନେତ୍ରୀ ସଂଯୁକ୍ତା ଭୋଇ, ଗ୍ରାମ୍ୟ କମିଟି ସଂପାଦକ ହୃଦାନନ୍ଦ ଦେହୁରୀ ଯୋଗ ଦେଇଥିଲେ।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD23G9747
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1711000.00

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତି"ରେ ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**
ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791

# ଦକ୍ଷତା ବୃଦ୍ଧି ତାଲିମ ଶିବିର

**ପଲମ/ନର୍ଲା,୩।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ବେହେରାପାଟିସ୍ଥିତ ସନ୍ଧାନ ଅନୁଷ୍ଠାନ କାର୍ଯ୍ୟାଳୟରେ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଲମ, ଗିଗିନା, ଟକର୍ଲା, ରୁପ୍ରାରୋଡ, ରୁପ୍ରା, ମୁସ୍କୁଟି ଆଦି ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ୪୦ଜଣ ମହିଳାଙ୍କୁ ନାବାର୍ଡର ଇ-ଶକ୍ତି କାର୍ଯ୍ୟକ୍ରମରେ ତାଲିମ ପ୍ରଦାନ କରାଯାଇଛି। ତାଲିମ ଶିବିରରେ ବିଶେଷ ଭାବେ ନିୟମିତ ସଞ୍ଚୟ, ନିୟମିତ ଋଣ ପ୍ରଦାନ, ଋଣ ପରିଶୋଧ, ଖାତାପତ୍ର ଲିଖନ ସହିତ ଶିକ୍ଷା ଏବଂ ସରକାରୀ ଯୋଜନାରୁ ଲାଭ ଓ ଦୀର୍ଘସ୍ଥାୟୀ ଜିବିକା ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଜିବିକା ନିର୍ବାହ ପ୍ରକଳ୍ପ ଯୋଜନାରେ ନାବାର୍ଡ ସହାୟତାରେ ସମସ୍ତଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି ସନ୍ଧାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପାଦକ ଅଶ୍ୱିନି ସା ସୂଚନା ଦେଇଛନ୍ତି। ତାଲିମଦାତା ଭାବେ ଇ-ଶକ୍ତିର କାର୍ଯ୍ୟକ୍ରମ ପରିଚାଳକ ସତ୍ୟନାରାୟଣ ଦାସ, ଶାନ୍ତପୁର ପୂର୍ବତନ ସରପଞ୍ଚ ଲୋକନାଥ ସା, ଚିନ୍ତାମଣି ନାଏକ, ମିଶନଶକ୍ତିର ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ରୋହିତ ବିଶ୍ୱାଳ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଦକ୍ଷତା ବୃଦ୍ଧି ତାଲିମ ଶିବିର କାର୍ଯ୍ୟକ୍ରମ ସନ୍ଧାନ ସଭାପତି ପ୍ରମୋଦ ବାଗ ଓ ସମ୍ପାଦକ ଅଶ୍ୱିନି ସା ପରିଚାଳନା କରିଥିଲେ।

# ଆଗଲପୁର ବ୍ଲକ: ଜିଓ ଟ୍ୟାଗ୍ ସଂଘ ପକ୍ଷରୁ ୫ ଦଫା ଦାବିପତ୍ର

**ଲୋଇସିଂହା,୩।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଜିଓ ଟ୍ୟାଗ ୟୁଥ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ଶଙ୍କର କେରକେଟାଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ୨୦୧୭ ମସିହାରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ ସେମାନେ କାର୍ଯ୍ୟ କରୁଛନ୍ତି । ଏହାବାଦ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କୋଭିଡ ମହାମାରୀ ସମୟରେ ଟିଏମସିରେ ନିୟୋଜିତ ରହି ସମସ୍ତ ପ୍ରକାର କାର୍ଯ୍ୟ ତୁଲାଇଥିଲେ। କିନ୍ତୁ ସେମାନଙ୍କ ଦାବି ପୂରଣ କରାଯାଉନାହିଁ। ସଂଘ ସଭାପତି ଆଶିଷ କୁମାର ,ଭରତ କୁମାର ସାହୁ, ସଦାନନ୍ଦ ମହାଲିଙ୍ଗ, ଅଶ୍ୱିନୀ ବିଶ୍ୱାଳ, ଦୁଷ୍ମନ୍ତ ପଧାନ, ସତ୍ୟବ୍ରତ ବନଛୋର, ଦେବାଶିଷ ପୁରୋହିତ, ନିରଞ୍ଜନ ବାରିକ ପ୍ରମୁଖ ବିଡିଓ କେରକେଟା ଏବଂ ବ୍ଲକ ଉପାଧକ୍ଷ ମନମୋହନ ପଟେଲଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ। ଜିଓ ଟ୍ୟାଗଙ୍କ ଦାବି ଯଥାର୍ଥ ଏବଂ ମୁଖ୍ୟମନ୍ତ୍ରୀ ଦାବି ଉପରେ ବିଚାର କରିବା ଆବଶ୍ୟକ ବୋଲି ଉପାଧକ୍ଷ ପଟେଲ କହିଛନ୍ତି।

# ମୋଟେର ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ

**କୋକସରା,୩।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ମଣ୍ଡିରେ ଶୁକ୍ରବାରଠାରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ପ୍ରଥମ ଦିନ ମୋଟେର ମଣ୍ଡିରୁ ୬ଜଣ ଚାଷୀଙ୍କ ୩୨୩.୮୪ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ମୋଟେର ପ୍ୟାକ୍ସ ପରଚେଚ ଅଫିସର ମୋହିତ ବେହେରା ସୂଚନା ଦେଇଛନ୍ତି। ମଣ୍ଡି ଉଦ୍‌ଘାଟନ ଅବସରରେ ମୁଖିଗୁଡା ନିୟନ୍ତ୍ରିତ ବଜାର କମିଟି ଧର୍ମଗଡ଼ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଉପଖଣ୍ଡ ଯୋଗାଣ ଅଧିକାରୀ ଖଗେଶ୍ୱର ପଣ୍ଡା, ଏଆରସିଏସ ଭିକାରି ଚରଣ ସେଠ, ଚାଷୀ ନେତା ଦେବେନ୍ଦ୍ର ପାଢଯୋଷୀ, ଚାଷୀ ଲିଙ୍ଗରାଜ ବେହେରା, ସୁଦର୍ଶନ ବେହେରା, ଲବକାନ୍ତ ନାଏକ, ତପନ ମୁଣ୍ଡଙ୍କ ସହିତ ଆର୍‌ଏମସି କର୍ମଚାରୀ ରିତେଶ ବାଗ, ମୋହନ ନାଏକ, ମାଧବ ଧଙ୍ଗଡାମାଝି, ଚାରବାହାଲ ପ୍ୟାକ୍ସ ସମ୍ପାଦକ ଜ୍ଞାନ ରଞ୍ଜନ ପଣ୍ଡା, ଡିଇଓ ବୈଷ୍ଣବ ଗୋପାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଚାଷୀମାନେ ମୋଟେର ମଣ୍ଡିର ଭିତ୍ତିଭୂମି ସଜା ଓ ଏକ ହାଇମାକ୍ସ ଲାଇଟ ଦେବା ସହ ବଡ଼ଟେମରି ମଣ୍ଡି ସ୍ଥାନାନ୍ତର କରିବାକୁ ଦାବି କରିଥିଲେ। ଉପଜିଲାପାଳ ଆସନ୍ତା ରବି ଧାନ ସଂଗ୍ରହ ସୁଦ୍ଧା ବଡ଼ଟେମରି ମଣ୍ଡିକୁ ତାଙ୍କ ନିଜସ୍ୱ ମଣ୍ଡିକୁ ସ୍ଥାନାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**ROURKELA (R&B) DIVISION, UDITNAGAR, ROURKELA**
No.B-710:- E-Mail Id- eepwdrkl@gmail.com

**Government of Orissa 'e' Procurement Notice**
**Bid Identification No.: 39/2021-2022 Dated: 24.11.2021**

| | | | |
|---|---|---|---|
| 1. | Number of works | : | 4 (Four) number of works |
| 2. | Estimated cost | : | Rs.57.37 lakhs to 98.39 lakhs |
| 3. | Period of completion | : | 3 (Three) to 6 (Six) calendar months |
| 4. | Date & time of availability of bid document in the portal | : | Dt.06.12.2021 at 11.00 A.M. |
| 5. | Last date / time for receipt of bids in the portal | : | Dt.16.12.2021 upto 05.00 P.M. |
| 6. | Date of opening of bid | : | Dt.17.12.2021 at 11.30 A.M. |
| 7. | Name and address of the officer inviting bid | : | Superintending Engineer, (R&B) Division, Rourkela, Udit Nagar. |

Further details can be seen from the e-procurement portal http// tendersorissa.gov.in.
Sd./- Superintending Engineer, R&B Division, Rourkela
OIPR-34068/11/0018/2122

**ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ**
**କରୋନା ମୁକ୍ତ ଢେଙ୍କାନାଳ ସହର ପାଇଁ ନିବେଦନ**

୧. ସର୍ବଦା ମାସ୍କ ପିନ୍ଧନ୍ତୁ କିମ୍ବା ପାଟି ଓ ନାକକୁ ରୁମାଲ / ଗାମୁଛା ଦ୍ୱାରା ଘୋଡାଇ ରଖନ୍ତୁ । ୨. ପ୍ରତ୍ୟେକ ବ୍ୟକ୍ତିଠାରୁ ୨ (ଦୁଇ) ମିଟର ସାମାଜିକ ଦୂରତା ରକ୍ଷାକରନ୍ତୁ । ୩. ଜରୁରୀ ଆବଶ୍ୟକ ସ୍ଥଳେ ୨ (ଦୁଇ) ମିଟର ଦୂରରୁ କଥାବାର୍ତ୍ତା କରନ୍ତୁ । ୪. ଆବଶ୍ୟକ ସ୍ଥଳେ ହାତକୁ ସାବୁନ୍ ଦ୍ୱାରା ସଫା କରନ୍ତୁ । ୫. ନିଜକୁ ଦିଆଯାଇଥିବା ପାଇଖାନାକୁ ବ୍ୟବହାର କରନ୍ତୁ ଏବଂ ପାଇଖାନା ବ୍ୟବହାର କରିବା ପୂର୍ବରୁ ଏବଂ ପରେ ଭଲଭାବେ ସଫା ରଖନ୍ତୁ । ୬. ଯେ କୌଣସି ପ୍ରକାରର ଶାରୀରିକ ଅସୁସ୍ଥତା ଅନୁଭବ କଲେ ନିକଟସ୍ଥ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାନ୍ତୁ । ୭. ନିଜକୁ ସୁସ୍ଥ ରଖିବା ପାଇଁ ଯୋଗ, ଧ୍ୟାନ ଏବଂ ପ୍ରାର୍ଥନା ଇତ୍ୟାଦି ନିୟମିତ କରନ୍ତୁ । ୮. ବାହାରେ ଏଣେତେଣେ ଛେପ ଓ ଖଙ୍କାର ପକାନ୍ତୁ ନାହିଁ। ୯. ନିଜର ଆଖି, କାନ, ନାକ ଏବଂ ପାଟିକୁ ଅଯଥାରେ ଛୁଅନ୍ତୁ ନାହିଁ । ୧୦. ଯଦି ନିହାତି ଆବଶ୍ୟକ ତାହାଲେ ହାତକୁ ସାବୁନ୍‌ରେ ସଫାକରି ଛୁଇଁ ପାରିବେ । ୧୧. ମିଳାମିଶା କରି କଥାବାର୍ତ୍ତା ହୁଅନ୍ତୁ ନାହିଁ । ୧୨. ନିଜର ଚପଲ ଓ ନିଜର ବ୍ୟବହାର ପୋଷାକପତ୍ର ଓ ମାସ୍କ ଅନ୍ୟକୁ ଦିଅନ୍ତୁ ନାହିଁ କିମ୍ବା ଅନ୍ୟର ବ୍ୟବହାର କରନ୍ତୁ ନାହିଁ। ୧୩. ସର୍ବସାଧାରଣ ରାସ୍ତା ଓ ଡ୍ରେନ୍‌ରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ୧୪. ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ । ୧୫. ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନ ଛାଡି ପୌରପାଳିକାର ସେସ୍‌ପୁଲ୍ ମେସିନ୍ ମାଧ୍ୟମରେ ନିଷ୍କାସିତ କରନ୍ତୁ । ୧୬. ରାଜ୍ୟ ସରକାରଙ୍କ ଜାଗା ମିଶନ ଅନ୍ତର୍ଗତ ପୌରାଞ୍ଚଳ ମଧ୍ୟରେ ଥିବା ବସ୍ତି ବାସିନ୍ଦାମାନେ ଯଦି, ସରକାରଙ୍କ ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ମଧ୍ୟରେ ଆସୁଥିବେ, ସେମାନେ ପୌର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ବସ୍ତି ଅଞ୍ଚଳରେ ଥିବା ନିଜ ଜମିର ଅଧିକାରପ୍ରାପ୍ତ ହୁଅନ୍ତୁ । ୧୭. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, ୨୦୧୬ ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଗୃହରେ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ୍ ପୃଥକ୍ ଭାବରେ (ସବୁଜ-ଓଦା ବର୍ଜ୍ୟବସ୍ତୁ ଓ ନୀଳ-ଶୁଖିଲା ବର୍ଜ୍ୟବସ୍ତୁ) ଦୁଇଗୋଟି ଡଷ୍ଟବିନ୍ ରଖି ପ୍ରତିଦିନ ନିଜ ନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟବିନ୍‌ରେ ରଖି ପୌରସଂସ୍ଥାକୁ ହସ୍ତାନ୍ତର କରନ୍ତୁ ଏବଂ ଏଥି ସହିତ ଢେଙ୍କାନାଳ ସହରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢିତୋଳିବାରେ ସହଯୋଗ କରନ୍ତୁ ।

"ଆସନ୍ତୁ, ଢେଙ୍କାନାଳ ସହରକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖି ସହରକୁ ସବୁଜ, ସୁନ୍ଦର କରି ଗଢିତୋଳିବା ସହ ମହାମାରୀ କରୋନା ବିରୁଦ୍ଧରେ ବିଜୟୀ ହେବା ।"

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା ।

ଶ୍ରୀଯୁକ୍ତ ଅତନୁ କୁମାର ସାମନ୍ତ, ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
ଶ୍ରୀଯୁକ୍ତ ସରୋଜ କୁମାର ସେଠୀ, ଓ.ପ୍ର.ସେ. (ଏସ୍.ଏସ୍.), ଜିଲ୍ଲାପାଳ, ଢେଙ୍କାନାଳ ତଥା ପ୍ରଶାସକ, ଢେଙ୍କାନାଳ ପୌରପାଳିକା

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWSS DIVISION, KORAPUT**
e-mail-eerwss_kpt@rediffmail.com
Ph.No.06852-250281 (Off), Ph.No. 06852-250680 (Res), Fax No.: 06852-251098
National Competitive Bidding Through E-Procurement
**Tender Identification No. 06/EE/RWSS/KPT/2021-22/22.11.2021**

No.O-1140:- The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted online in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work | Design, Construction, testing & commissining of 50 KL RCC OGR & its compound wall, construction of 4.80 mtr dia 13.50 mtr depth RR Stone massonary percolation well with M.S. Cover, Construction of Pump house & compound wall, laying of Rising main & distribution pipeline with individual House hold connection (FHTC), Installation of pumping unit & internal electrification of pump house & five years operation & maintenance etc. complete in connection with PWS to Nilampadu GP,Gangarajpur under Pottangi Block in the Dist. of Koraput (2nd village, Shifted to JJM). |
| 2 | Estimated cost | Rs.50.11 lakhs |
| 3 | No. of works | 1 No. |
| 4 | Tender cost | Rs.10000 |
| 5 | Class of contractor | 'B' & 'A' |
| 6 | Time period for completion | Six months |
| 7 | Availability of bid document in the website | Dt.04.12.2021, 17 hours to 10.12.2021, 17 hours |
| 8 | Date of seeking clarification | During the office hours of 04.12.2021 to 09.12.2021 |
| 9 | Date of opening of bid | Dt.13.12.2021 at 11 hours |

Further details can be seen in the bidding documents which is available in the e-procurement portal https/www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- Superintending Engineer, RWS&S Division, Koraput
OIPR-25034/11/0012/2122

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**ADMISSION(SUIIT) : 2021-22**
Sambalpur University Institute of Information Technology
A Constituent and Autonomous Unit of Sambalpur University
Advt. No.: 1244/ SUIIT Date: 02 /12 / 2021

**SPOT ADMISSION**

| | |
|---|---|
| • B. Tech Regular (CSE/ECE/EEE) | 09.12.2021 |
| • B. Tech Lateral Entry (CSE/ECE/EEE) | 09.12.2021 |

**INSTRUCTIONS**
Candidates interested for Spot Admission in B. Tech (Regular) and Lateral Entry (CSE/ECE/EEE) must report to the Administrative Officer, SUIIT during 10AM to 01:00 PM on the dates as mentioned above. Selection will be done on the same day based on JEE MAIN/OJEE Rank, as per admission guidelines.
For any queries.: Dr. K. Das -9938983624 (CSE), Mr. P. Mishra - 9438312045 (ECE),Dr. A. Panda- 9337347538 (EEE).
EMAIL: admin.office@suiit.ac.in
Sd./- Director, SUIIT

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
No. CAD-2139
**TENDER ALERT**
**01) E-Tender Notice No.CPC-33/2021-22:** Supply, erection, testing and commissioning of 1Cx630 $mm^2$ , U/G copper cable (02 Main & 01 spare) and it's accessories from location no 43 to RTSS Charbatia Gantry for construction of 132kV SC line from 132/33kV Grid S/S, Choudwar to RTSS Charbatia (Route length:1600 Meter) including associated civil works.
For details please visit: **www.optcl.co.in & www.tenderwizard.com/OPTCL.**
HIPR-32/2021-22 OIPR-04011/11/0104/2122 Sd/- CGM (CPC)

**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, NUAPADA**
No.CAD-2117 e-mail I.D - eeolicnpd@gmail.com
**Notice Inviting Request for Proposal For Selection of Facility Management Agency for providing services of Assistant Accountant (Com.) on outsourcing basis.**
No. 05 Dt.01.12.2021
Lift Irrigation Division, Nuapada invites sealed proposals from eligible Bidders (Firms/ Agencies) interested to provide "Facility management Services of Assistant Accountant (Com.)" on outsourcing basis vide a service contract to be engaged at Lift Irrigation Division, Nuapada at Nuapada
Interested Bidders can Purchase the RFP documents containing detailed terms & conditions, scope and eligible criteria from L.I. Division, Nuapada from 06.12.2021 (10.00 A.M.) to 14.12.2021 (5.00 P.M.). The last date & time for submission of RFP is on 18.12.2021 upto 5.00 P.M. by Speed Post/Registered Post/Courier only. The technical bid will be opened on 20.12.2021 at 11.00 A.M. in presence of the bidder or their authorized representatives if any.
The undersigned reserves the right to accept or reject any or all the tenders without assigning any reason thereof.
OIPR-32310/11/0005/2122 Sd./- EXECUTIVE ENGINEER, L.I. DIVISION, NUAPADA

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ
**DISTRICT PROJECT OFFICE**
**SAMAGRA SHIKSHA, ANGUL**
Phone: 06764-232412, Fax: 06764-233808
E-mail: dpcangulssa.opepa@nic.in, ssaangul@rediffmail.com
Letter No. 3740/IE
File No. VI/IE/08/2021-22 Date: 03.12.2021

**QUOTATION CALL NOTICE**
Sealed quotations are invited from the reputed local Printers/ Press owners having GST Registration Number for printing and supply of 2000 copies (Approximately) of Inclusive Education Newsletter **"THE SAMARTHYA"** as per following specification.

| Sl. No. | Item to be Printed | No. of Copies | Size | Paper Quality | Specification |
|---|---|---|---|---|---|
| 1 | News letter on Inclusive Education | 2000 | A4 | Art Paper Inner 170 GSM and Cover 300 GSM | Multi-Colour 40 Pages |

Interested local printers/press owners may submit their quotations in the sealed box of this office on or before 11.12.2021 upto 1.30 P.M. and to be opened on the same day at 3.00 P.M. Each quotation will accompany with a Demand Draft of Rs.500/- (Non-refundable) of any Nationalized Bank as Processing Fees and Rs.2000/- (Rupees two thousand) only as Earnest Money Deposit (EMD) in favour of the District Project Coordinator, Samagra Shiksha, Angul payable at Angul. Quotations received beyond the above stipulated date and time will be summarily rejected.
The undersigned reserves the right to accept or reject any or all quotations without assigning any reason thereto.
Sd./- DEO-cum-DPC
Samagra Shiksha, Angul

**OFFICE OF THE DIRECTORATE OF DISTANCE & CONTINUING EDUCATION**
**FAKIR MOHAN UNIVERSITY**
VYASA VIHAR, BALASORE-756019
No. DDCE-ACA-25/2021. 1386/FMU Date:03.12.2021
**CORRIGENDUM**
The advertisement No.DDCE-ACA-25/2021. 1384 / FMU dated 01.12.2021 for admission into four different P.G. Diploma Courses under DDCE is withdrawn and the admission process for the time being is postponed until further order.
Sd./- REGISTRAR

**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର**
**ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା (NTSE)**
No. KK-162: ଆସନ୍ତା ୧୬।୦୧।୨୦୨୨ରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା ୨୦୨୧-୨୦୨୨ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଚଳିତ ଶିକ୍ଷାବର୍ଷରେ (୨୦୨୧-୨୦୨୨) ଦଶମ ଶ୍ରେଣୀରେ ପଢୁଥିବା ସମସ୍ତ ଉଦ୍ଦିଷ୍ଟ ଯୋଗ୍ୟତା ପୂରଣ କରୁଥିବା ଛାତ୍ରଛାତ୍ରୀମାନେ ଜାତୀୟ ମେଧାବୃତ୍ତି ପରୀକ୍ଷା (NTS) ନିମନ୍ତେ ଆବେଦନ କରିପାରିବେ।
ଏଥିପାଇଁ ଛାତ୍ରଛାତ୍ରୀମାନେ ତା୧୮।୧୨।୨୦୨୧ରିଖ ସୁଦ୍ଧା ଅନଲାଇନ (Online) ଆବେଦନ କରିପାରିବେ। ବିଜ୍ଞାପନ ଓ ସବିଶେଷ ବିବରଣୀ TE & SCERT ୱେବସାଇଟ **www.ntse.scertodisha.nic.in**ରେ ଉପଲବ୍ଧ ହୋଇଅଛି।
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
OIPR-27006/11/0002/2122

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At:- Ambapua, Po:- Engineering School, Near Income Tax Office, Berhampur-760011,
E-Mail:- serwbpr2004@yahoo.com; Tel/Fax:- 0680-2404287
**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. Online Tender/25-2021-22/PMGSY/BPR**
**No.O-1196:- The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids** in electronic tendering system for construciton of Roads & Bridges under Pradhan Mantri Gram Sadak Yojana in the districts of **Ganjam for 01 (One) number** of packages with estimated cost totalling to **Rs. 1.93 Cr (Approximate)** including their maintenance for five years from the eligible contractors registered with **State PWD/ CPWD/MES/Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of invitation for Bids through e-procurement. **Dtd. 04.12.2021**
**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and (c) original affidavit regarding correctness of information furnished with bid document as per provisions of Clause 4 .4 B (a) (ii) of ITB with **Chief Construction Engineer, Rural Works Circle, Berhampur // Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand**, failing which the bids shall be declared non-responsive.
**Last Date/Time for receipt of bids through e-procurement: 20.12.2021 upto 3.00 P.M.**
For further details and corrigendum (if any) please log on to **www.pmgsytenders.gov.in**
Sd./- Chief Construction Engineer, R.W. Circle, Berhampur
OIPR-25071/11/0027/2122

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଡିସେମ୍ବର ୪/୨୦୨୧ Sambalpur, Saturday, December 4/ 2021

# ମୟଙ୍କଙ୍କ ଶତକ: ଭାରତ ୨୨୧/୪

**ମୁମ୍ବାଇ,୩।୧୨**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଭଲ ଆରମ୍ଭ କରିଥିଲେ ମଧ୍ୟ ୮୦ ରନରେ ଟପ ଅର୍ଡରର ୩ଟି ଉଇକେଟ ହରାଇ ହଠାତ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଓପନର ମୟଙ୍କ ଅଗ୍ରୱାଲ ଚାପର ସଫଳ ମୁକାବିଲା କରି ଧୈର୍ଯ୍ୟର ସହ ବ୍ୟାଟିଂ କରି ଅପରାଜିତ ଶତକ ହାସଲ କରିବା ସହ ସ୍ଥିତି ସମ୍ଭାଳିଥିଲେ। ଫଳରେ ଭାରତ ଏବେ ସମ୍ମାନଜନକ ସ୍କୋର ହାସଲ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମ ଦିବସର ଖେଳ ଶେଷ ବେଳକୁ ଭାରତ ୭୦ ଓଭରରେ ୪ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ୧୨୦ ଓ ଉଇକେଟକିପର ବ୍ୟାଟର ଋଦ୍ଧିମାନ ଶାହା ୨୫ ରନ କରି ଅପରାଜିତ ରହିଛନ୍ତି। ବର୍ଷା ଯୋଗୁ ମ୍ୟାଚ୍ ଲଞ୍ଚ ପରେ ଆରମ୍ଭ ହୋଇଥିଲା।

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରି ଦୁଇ ଓପନର ଶୁବମନ ଗିଲ ଓ ମୟଙ୍କ ଅଗ୍ରୱାଲ ଭଲ ଆରମ୍ଭ କରିଥିଲେ ଓ ପ୍ରଥମ ଉଇକେଟରେ ୮୦ ରନର ଭାଗୀଦାରି ସ୍ଥାପନ କରିଥିଲେ। ତେବେ ଶୁବମନ ୭୧ ବଲରୁ ୭ ଚୌକା ଓ ୧ ଛକା ସହ ୪୪ ରନ କରିଥିବା ବେଳେ ସ୍ପିନର ଏଜାଜ ପଟେଲଙ୍କ ବଲ୍‌ରେ ସ୍ଲିପ୍‌ରେ ରସ ଟେଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।

## ପୂଜାରା, କୋହଲି ଶୂନରେ ଆଉଟ

୩୦ତମ ଓଭରରେ ଏଜାଜ ଦ୍ୱିତୀୟ ଓ ଷଷ୍ଠ ବଲ୍‌ରେ ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କୁ ଆଉଟ କରିଥିଲେ। ଖାତା ଖୋଲିବା ପୂର୍ବରୁ ପୂଜାରା ବୋଲ୍ଡ ହୋଇଥିଲେ। ପୂଜାରା ଦଶମ ଥର ପାଇଁ ଟେଷ୍ଟ କ୍ରିକେଟରେ ଶୂନରେ ଆଉଟ ହୋଇଛନ୍ତି। ୩ ନମ୍ବରରେ ଖେଳି ସେ ଅଷ୍ଟମଥର ପାଇ ଶୂନରେ ପ୍ୟାଭିଲିୟନ ଫେରିଛନ୍ତି। ସେହିପରି କୋହଲି ବିବାଦୀୟ ଢଙ୍ଗରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ ଓ ସେ କୌଣସି ରନ୍ ସଂଗ୍ରହ କରିପାରି ନ ଥିଲେ। ୮୦ ରନରେ ହିଁ ଭାରତ ୩ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହରାଇଥିଲା। ରିଭ୍ୟୁ ନେଇଥିଲେ ମଧ୍ୟ ତାଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ବଲ୍, ବ୍ୟାଟ ଓ ପ୍ୟାଡ ସହ ଏକା ସଙ୍ଗେ ବଲର ସଂଯୋଗ ହୋଇଛି ବୋଲି ତୃତୀୟ ଅମ୍ପାୟର ଯୁକ୍ତି ଦର୍ଶାଇଥିଲେ। ରିପ୍ଲେରେ ବଲ୍ ପ୍ରଥମେ ବ୍ୟାଟ୍‌ରେ ବାଜିଥିବା ଦେଖାଯାଇଥିଲେ ମଧ୍ୟ କୋହଲିଙ୍କୁ ନିରାଶ ହେବାକୁ ପଡିଥିଲା। ଫଳରେ ଅମ୍ପାୟାରଙ୍କ ନିଷ୍ପତ୍ତି ବଜାୟ ରହିଥିଲା। ଅମ୍ପାୟରଙ୍କ ନିଷ୍ପତ୍ତିରେ କୋହଲି ଅସନ୍ତୋଷ ପ୍ରକାଶ କରିଥିଲେ ଓ ପ୍ୟାଭିଲିୟନ ଫେରିବା ବେଳେ ବ୍ୟାଟକୁ ଭୂଇଁରେ ବାଡେଇଥିଲେ। ୮୦ ରନ ସ୍କୋରରେ ଭାରତ ତା'ର ପ୍ରଥମ ୩ଟି ଉଇକେଟ ହରାଇଥିଲା। କୋହଲି ଏଥିସହ ଟେଷ୍ଟରେ ୧୪ଥର, ଅଧିନାୟକ ଭାବେ ୧୦ଥର, ଚଳିତ ବର୍ଷ ଚତୁର୍ଥ ଥର ଓ ଅଧିନାୟକ ଭାବେ ଘରୋଇ ମାଟିରେ ଷଷ୍ଠଥର ପାଇଁ ଶୂନରେ ଆଉଟ ହୋଇଛନ୍ତି। ପ୍ରଥମ ଟେଷ୍ଟର ହିରୋ ଶ୍ରେୟାସ ଆୟାର ବେଶି ସମୟ ତିଷ୍ଠି ନ ପାରି ମାତ୍ର ୧୮ ରନକରି ଉଇକେଟକିପର ଟମ୍ ବ୍ଲଣ୍ଡେଲଙ୍କୁ କ୍ୟାଚ ଦେଇ ଏଜାଜଙ୍କ ଚତୁର୍ଥ ଶିକାର ହୋଇଥିଲେ। ମୟଙ୍କ ଓ ଆୟାରଙ୍କ ମଧ୍ୟରେ ଚତୁର୍ଥ ଉଇକେଟରେ ୮୦ ରନର ଭାଗୀଦାରି ସ୍ଥାପନ ହୋଇଥିଲା। ଏହାପରେ ଋଦ୍ଧିମାନ ବ୍ୟାଟିଂ କରିବାକୁ ଆସିଥିଲେ। ଋଦ୍ଧିମାନ ଓ ମୟଙ୍କ ୧୩୪ଟି ବଲ୍ ଖେଳି ପଞ୍ଚମ ଉଇକେଟରେ ଅପରାଜିତ ୬୧ ରନ ସଂଗ୍ରହ କରିଥିଲେ।


ଶତକ ହାସଲ ପରେ ମୟଙ୍କ ଅଗ୍ରୱାଲ।

**ଦ୍ୱିତୀୟ ଟେଷ୍ଟ**

ମୟଙ୍କ ୨୪୬ଟି ବଲ୍ ଖେଳିବା ସହ ୧୪ ଚୌକା ଓ ୪ ଛକା ସହ ୧୨୦ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି। ସେ ୧୯୬ଟି ବଲ୍ ଖେଳି ଶତକ ପୂରଣ କରିଥିଲେ। ସେ ୧୩ଟି ଇନିଂସ ପରେ କ୍ୟାରିୟରର ୨୪ତମ ଇନିଂସରେ ଚତୁର୍ଥ ଶତକ ହାସଲ କରିଛନ୍ତି। ଭାରତ ମାଟିରେ ମୟଙ୍କ ଚତୁର୍ଥ ଥର ପାଇଁ ୫୦ରୁ ଊର୍ଦ୍ଧ୍ୱ ରନ କରିଛନ୍ତି ଓ ପ୍ରତ୍ୟେକ ଥର ଏହାକୁ ଶତକରେ ରୂପାନ୍ତରିତ କରିବାରେ ସଫଳ ରହିଛନ୍ତି। ସେହିପରି ଋଦ୍ଧିମାନ ୨୫ ରନ କରି ଅପରାଜିତ ରହିଛନ୍ତି। ବୋଲିଂରେ ସବୁ ୪ଟି ଯାକ ଉଇକେଟ ଏଜାଜ ହାସଲ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୭୦ ଓଭରରେ ୨୨୧/୪ (ମୟଙ୍କ ଅଗ୍ରୱାଲ- ୧୨୦*, ଶୁବମନ ଗିଲ- ୪୪, ଋଦ୍ଧିମାନ ଶାହା- ୨୫*, ଶ୍ରେୟାସ ଆୟାର- ୧୮, ଏଜାଜ ପଟେଲ- ୪/୭୩)।

# ବିହାରକୁ ହରାଇଲା ଝାଡ଼ଖଣ୍ଡ


ବଲ୍ ପାଇଁ ଦୁଇ ଦଳଙ୍କ ମଧ୍ୟରେ ସଂଘର୍ଷ।

**ଭୁବନେଶ୍ୱର, ୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଝାଡଖଣ୍ଡ ୨-୦ ଗୋଲରେ ବିହାରକୁ ପରାସ୍ତ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ସନ୍ତୋଷ ଟ୍ରଫିର ଏହି କ୍ୱାଲିଫାୟର ମ୍ୟାଚ୍‌ରେ ଝାଡଖଣ୍ଡ ତରଫରୁ ନିଖିଳ ବାର୍ଲା ଦୁଇଟି ଯାକ ଗୋଲ ସ୍କୋର କରିଥିଲେ। ସେ ୬୧ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିଲେ। ଏହାପରେ ଇଞ୍ଜୁରି ଟାଇମର ତୃତୀୟ ମିନିଟ୍ ଅର୍ଥାତ ୯୦+୩ ମିନିଟ୍‌ରେ ଦ୍ୱିତୀୟ ଗୋଲ ପ୍ରଦାନ କରିଥିଲେ। ନିଖିଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସମ୍ପାଦକ ରଞ୍ଜିତ ପରିଡା ତାଙ୍କୁ ପୁରସ୍କାର ସ୍ୱରୂପ ୫,୦୦୦ ଟଙ୍କା ପ୍ରଦାନ କରିଥିଲେ।

## ୟୁପି ଯୋଦ୍ଧା ଦଳରେ ଆଫ୍ରିକୀୟ ବଂଶୋଦ୍ଭବ ଖେଳାଳି

**ଗ୍ରେଟର ନଏଡା, ୩।୧୨ (ପି.ଟି.):** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ଫ୍ରାଞ୍ଚାଇଜ୍ ୟୁପି ଯୋଦ୍ଧା ଆସନ୍ତା ସିଜନ ପାଇଁ ପ୍ରଥମଥର ଜଣେ ଦକ୍ଷିଣ ଆଫ୍ରିକୀୟ ବଂଶୋଦ୍ଭବ ଖେଳାଳିଙ୍କୁ ଅନୁବନ୍ଧିତ କରିଛି। ସେ ହେଉଛନ୍ତି କେନିଆର ରେଡର ଜେମ୍ସ ନାମାବା କାମୱେଟି। ପିକେଏଲ୍ ୮ମ ସିଜନ ଡିସେମ୍ବର ୨୨ରୁ ଆରମ୍ଭ ହେବ। ଚଳିତବର୍ଷ ମାର୍ଚ୍ଚରେ ଅନୁଷ୍ଠିତ ବଙ୍ଗବନ୍ଧୁ କପ୍‌ରେ କାମୱେଟି ଶ୍ରେଷ୍ଠ ରେଡର ବିବେଚିତ ହୋଇଥିଲେ।

# ଶ୍ରୀଲଙ୍କା ୨-୦ରେ ଟେଷ୍ଟ ସିରିଜ ଜିତିଲା



ଟ୍ରଫି ସହ ସିରିଜ୍ ବିଜୟୀ ଶ୍ରୀଲଙ୍କା କ୍ରିକେଟ ଦଳ।

**ଗାଲେ, ୩।୧୨:** ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କ୍ରିକେଟ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ୧୬୪ ରନରେ ବିଜୟୀ ହୋଇଛି। ଫଳରେ ଶ୍ରୀଲଙ୍କା ୨-୦ରେ ସିରିଜ ବିଜୟୀ ହୋଇଛି। ଶ୍ରୀଲଙ୍କାର ଧନଞ୍ଜୟ ଡି ସିଲଭା ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସ୍ପିନର ରମେଶ ମେଣ୍ଡିସ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ପ୍ରଥମ ଇନିଂସରେ ୪୯ ରନ ପଛରେ ପଡିଥିବା ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ ଆରମ୍ଭ କରି ଶୁକ୍ରବାର ୧୨୧.୪ ଓଭରରେ ୯ ଉଇକେଟ ହରାଇ ୩୪୫ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖୀରେ ୨୯୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଶନିବାର ପଞ୍ଚମ ତଥା ଅନ୍ତିମ ଦିବସରେ ୫୬.୧ ଓଭରରେ ୧୩୨ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଦଳ ତରଫରୁ ଏନ୍‌କ୍ରୁମା ବୋନର ସର୍ବାଧିକ ୪୪, ଜେର୍ମାଇନ୍ ବ୍ଲାକଉଡ ୩୬, ସାଇ ହୋପ୍ ୧୬ ଓ କେମର ରୋଚ ୧୩ ରନ ସଂଗ୍ରହକରି ଆଉଟ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କାର ଦୁଇ ସ୍ପିନର ଲାସିଥ ଏମ୍ବୁଲଡେନିୟା ଓ ରମେଶ ମେଣ୍ଡିସ୍ ୫ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୨୮/୮ରୁ ଶ୍ରୀଲଙ୍କା ଖେଳ ଆରମ୍ଭ କରି ଇନିଂସ ଘୋଷଣା କରିଥିଲା। ଓଭରନାଇଟ ସ୍କୋର ୧୫୩ ରନରୁ ଖେଳ ଆରମ୍ଭ କରି ଧନଞ୍ଜୟ ଡି ସିଲଭା ୧୫୫ ରନକରି ଅପରାଜିତ ରହିଥିଲେ। ସେହିପରି ୨୫ ରନରୁ ଖେଳ ଆରମ୍ଭ କରି ଏମ୍ବୁଲଡେନିୟା ୩୯ ରନକରି ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ତରଫରୁ ବିରାସାମୀ ପରମଲ ୩, ରୋଷ୍ଟୋନ ଚେଜ୍ ୨, ଜାସନ ହୋଲ୍ଡର ଓ କ୍ରେଗ ବ୍ରାଥୱେଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଶେଷ ଗ୍ରୁପ୍ ମ୍ୟାଚ ହାରିଲେ ସିନ୍ଧୁ, ଶ୍ରୀକାନ୍ତଙ୍କ ବିଦାୟ

**ବାଲି, ୩।୧୨ (ପି.ଟି.):** ଚଳିତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ସେମିଫାଇନାଲ ସ୍ଥାନ ପକ୍କା କରିସାରିଥିବା ଭାରତର ପି.ଭି ସିନ୍ଧୁ କିନ୍ତୁ ଗ୍ରୁପ୍ ଏ'ରେ ତାଙ୍କ ତୃତୀୟ ତଥା ଶେଷ ମହିଳା ସିଙ୍ଗଲ୍ସ ମ୍ୟାଚ ହାରିଯାଇଛନ୍ତି। ଟପ୍ ସିଡ୍ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କଠାରୁ ସେ ୧୨-୨୧, ୨୧-୧୯, ୧୪-୨୧ରେ ହାରିଯାଇଛନ୍ତି। ପୂର୍ବରୁ କିଦାମ୍ବି ଶ୍ରୀକାନ୍ତ ବିଦାୟ ନେଇ ସାରିଛନ୍ତି। ଗ୍ରୁପ୍ 'ବି'ର ତୃତୀୟ ଓ ଅନ୍ତିମ ମ୍ୟାଚରେ ସେ ମାଲେସିଆର ଲି ଜି ଜିଆଙ୍କଠାରୁ ୧୯-୨୧, ୧୪-୨୧ରେ ପରାସ୍ତ ହୋଇଛନ୍ତି।

## ଈଶାନ୍ତ, ଜାଡେଜା, ରାହାନେ ବାଦ୍

**ମୁମ୍ବାଇ,୩।୧୨:** ଇଞ୍ଜୁରି ସମସ୍ୟା କାରଣରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରୁ ଭାରତୀୟ ଉପଅଧିନାୟକ ଅଜିଙ୍କ୍ୟ ରାହାନେ, ରବୀନ୍ଦ୍ର ଜାଡେଜା ଓ ଈଶାନ୍ତ ଶର୍ମା ବାଦ୍ ପଡିଛନ୍ତି। ବର୍ଷା କାରଣରୁ ମ୍ୟାଚ୍ ଆରମ୍ଭରେ ବିଳମ୍ବ ହୋଇଥିଲା। କାନପୁରରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ଅନ୍ତିମ ଦିବସରେ ଫିଲ୍ଡିଂ କରୁଥିବା ବେଳେ ଲେଫ୍ଟ ହାମଷ୍ଟ୍ରିଙ୍ଗ ଇଞ୍ଜୁରିର ସମ୍ମୁଖୀନ ହୋଇଥିଲେ। ସେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇ ନ ଥିବାରୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡିଛନ୍ତି ବୋଲି ଭାରତୀୟ କ୍ରିକେଟ କେଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସେହିପରି ଈଶାନ୍ତଙ୍କ ପ୍ରଥମ ଟେଷ୍ଟର ଅନ୍ତିମ ଦିବସରେ ବାମ କାଣି ଅଙ୍ଗୁଳିରେ ଆଘାତ ପାଇଛନ୍ତି। ସେହିପରି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଡାହାଣହାତର ସମ୍ମୁଖ ଭାଗରେ ଇଞ୍ଜୁରି ଥିବାରୁ ବାଦ୍ ପଡିଛନ୍ତି। ତାଙ୍କ ହାତ ଫୁଲି ଥିବା ସ୍କାନରୁ ଜଣାପଡିଛି।

**ୱିଲିୟମସନ ଆଉଟ୍: ଲାଥମଙ୍କୁ ନ୍ୟୁଜିଲାଣ୍ଡର ନେତୃତ୍ୱ**

କହୁଣିରେ ଆଘାତ ସମସ୍ୟା କାରଣରୁ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ଟମ୍ ଲାଥମଙ୍କୁ ଦଳର ଅଧିନାୟକ ନିଯୁକ୍ତି ଦିଆଯାଇଛି। କାନପୁରରେ ପ୍ରଥମ ଟେଷ୍ଟ ଖେଳିବା ଅବସରରେ ଏହି ଆଘାତ ସମସ୍ୟା ଦେଖା ଦେଇଥିଲା।




## ୱାର୍ଲ୍ଡ ଆଥ୍‌ଲେଟିକ୍ସର ପୂର୍ବତନ ମୁଖ୍ୟଙ୍କ ପରଲୋକ

**ପ୍ୟାରିସ,୩।୧୨(ଏପି):** ୱାର୍ଲ୍ଡ ଆଥ୍‌ଲେଟିକ୍ସର ପୂର୍ବତନ ସଭାପତି ଲାମିନେ ଡିଆକ୍‌ଙ୍କ ୮୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେନେଗାଲର ବହୁ ରାଜନୈତିକ ପଦ ପଦବୀରେ ରହିବା ପରେ ଡିଆକ୍ ୧୯୯୯ରୁ ୨୦୧୫ ପର୍ଯ୍ୟନ୍ତ ୱାର୍ଲ୍ଡ ଆଥଲେଟିକ୍ସ ଭାବେ ନାମିତ ଆଇଏଏଏଫ୍ (ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ)ର ସଭାପତି ରହିଥିଲେ। ଡୋପିଂ



ମାମଲାରେ ଫସିଯାଇଥିବା ରୁଷୀୟ ଆଥଲେଟମାନଙ୍କ ଦ୍ୱାରା କରାଯାଇଥିବା ଲାଞ୍ଚ କାରବାରକୁ ଘଣ୍ଟ ଘୋଡାଇବା ଓ ସେନେଗୋଲରେ ରୁଷିଆର ରାଜନୈତିକ ଅଭିଯାନରେ ସହାୟତା କରିଥିବା ଅଭିଯୋଗରେ ଡିଆକ୍‌ଙ୍କୁ ୪ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ମେ' ମାସରେ ସେ ସେନେଗାଲକୁ ଫେରିଥିଲେ। ସେଠାରେ ତାଙ୍କୁ ଗୃହବନ୍ଦୀ ରଖାଯାଇଥିଲା।

# ବିସିସିଆଇ ଏଜିଏମ୍‌ରେ ଯୋଗଦେବେ ସଞ୍ଜୟ



**ଭୁବନେଶ୍ୱର,୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଶନିବାର କୋଲକାତାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ବସିବ। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେବେ। ବିସିସିଆଇର ଏହି ୯୦ତମ ବାର୍ଷିକ ସାଧାରଣ ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଏହି ବୈଠକରେ ଭାରତର ଆଗାମୀ ଦକ୍ଷିଣ ଆଫ୍ରିକା ଗସ୍ତ ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ। ଅମ୍ବୁଡ୍ସମ୍ୟାନ ଓ ଏଥିକ୍ସ ଅଫିସର ନିଯୁକ୍ତି ନେଇ ମଧ୍ୟ ନିଷ୍ପତ୍ତି ନିଆଯିବ। ବୈଠକରେ ୨୪ଟି ବିଷୟ ଉପରେ ଆଲୋଚନା ହେବ ବୋଲି କୁହାଯାଇଛି।

## ଏକ୍ସେଲସେନ ପ୍ଲେୟର ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୩।୧୨ (ପି.ଟି.):** ଅଲିମ୍ପିକ ଚାମ୍ପିୟନ ଭିକ୍ଟର ଏକ୍ସେଲସେନ୍ ଓ ଟୋକିଓ ଗେମ୍ସ ରୌପ୍ୟ ବିଜୟିନୀ ତାଇ ଜୁ ୟିଙ୍ଗ୍ ଯଥାକ୍ରମେ ବିଡବ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ପୁରୁଷ ଓ ମହିଳା ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଉଭୟ ଏକ୍ସେଲସେନ ଓ ତାଇଜୁ ହେଉଛନ୍ତି ୨୦୨୦ର ଅଲ୍ ଇଂଲଣ୍ଡ ଚାମ୍ପିୟନ। ଭର୍ଚୁଆଲ ବ୍ରଡକାଷ୍ଟ ଦ୍ୱାରା ବିଡବ୍ଲ୍ୟୁଏଫ୍‌ର ସମସ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏକ୍ସେଲସେନ୍ ୨୦୨୦ ଫେବୃୟାରୀରୁ ବାର୍ସିଲୋନା ସ୍ପେନ ମାଷ୍ଟର୍ସରୁ ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। ଡେନମାର୍କର ଏହି ଖେଳାଳି ତାଙ୍କର ୧୧ବ୍ୟକ୍ତିଗତ ଟୁର୍ନାମେଣ୍ଟ ମଧ୍ୟରୁ ୧୦ଟିରେ ଫାଇନାଲକୁ ଉଠିଛନ୍ତି। ତନ୍ମଧ୍ୟରେ ଟୋକିଓ ଗେମ୍ସରେ ସ୍ୱର୍ଣ୍ଣ ସମେତ ୭ଟିରେ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ଅଲ୍ ଇଂଲଣ୍ଡ ୨୦୨୦ ବ୍ୟତୀତ ତାଇ ଜୁ ଜାନୁୟାରୀ ୨୦୨୧ରେ ଏସିଆନ ଲେଗ୍‌ରେ ତିନୋଟି ଫାଇନାଲକୁ ଉଠିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ